# ଧରିତ୍ରୀ
DHARITRI

ବ୍ରହ୍ମପୁର, ଗୁରୁବାର, ସେପ୍ଟେମ୍ବର ୩/୨୦୨୦ (୧୨ ପୃଷ୍ଠା) | Berhampur, Thursday, September 3/2020 | ★★★

୧୬ଶ ଭାଗ ୧୩୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-


# ବିଶ୍ୱବିଦ୍ୟାଳୟ ପାଇଁ ଗୋଟିଏ ଆଇନ

**କ୍ୟାବିନେଟ୍ ନିଷ୍ପତ୍ତି**
- କୁଳପତିଙ୍କ କାର୍ଯ୍ୟକାଳ ହେବ ୪ ବର୍ଷ
- ଉଚ୍ଛେଦ ହେଲା ସିନେଟ୍
- ଓପିଏସ୍‌ସି କରିବ ଶିକ୍ଷକ ନିଯୁକ୍ତି

**ଭୁବନେଶ୍ୱର,୨।୯(ବ୍ୟୁରୋ)**

ରାଜ୍ୟରେ ସମସ୍ତ ବିଶ୍ୱବିଦ୍ୟାଳୟ ପାଇଁ ଗୋଟିଏ ଆଇନ ହେବ। ପୂର୍ବରୁ ପ୍ରଚଳିତ ଓଡ଼ିଶା ବିଶ୍ୱବିଦ୍ୟାଳୟ ଆଇନ-୧୯୮୯କୁ ସଂଶୋଧନ କରାଯିବ। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି।

ବୁଧବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଭିଡିଓ କନ୍‌ଫରେନ୍ସ ଜରିଆରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ୭ଟି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ବୈଠକ ଶେଷରେ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ ସୂଚନା ଦେଇ କହିଛନ୍ତି ଯେ, ବିଶ୍ୱବିଦ୍ୟାଳୟର ସିନେଟ୍‌କୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯିବ। ସିଣ୍ଡିକେଟ୍ କର୍ତ୍ତୃପକ୍ଷର ପୁନର୍ଗଠନ କରାଯିବ। ଏହାଦ୍ୱାରା ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟର ଶିକ୍ଷାଗତ ଓ ପ୍ରଶାସନିକ କାର୍ଯ୍ୟକାରିତା ସୁଚାରୁରୂପେ ସମ୍ପାଦନ ହୋଇପାରିବ। କୁଳପତି ଚୟନ କମିଟିର ପୁନର୍ଗଠନ କରାଯିବ। ଉକ୍ତ କମିଟିରେ ସିଣ୍ଡିକେଟର ଏକ ଚୟନ ସଭ୍ୟ ପରିବର୍ତ୍ତେ ରାଜ୍ୟ ସରକାରଙ୍କର ଏକ ପ୍ରତିନିଧିଙ୍କୁ ସାମିଲ


ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହାଦ୍ୱାରା ବିଶ୍ୱବିଦ୍ୟାଳୟ କୁଳପତି ଚୟନରେ ରାଜ୍ୟ ସରକାରଙ୍କର ଭୂମିକା ରହିବ। ଏଥିସହିତ କୁଳପତିଙ୍କ କାର୍ଯ୍ୟକାଳ ଅବଧିକୁ ୪ ବର୍ଷ କିମ୍ବା ସର୍ବୋଚ୍ଚ ବୟସ ସୀମା ୬୫ରୁ ୬୭ ବର୍ଷକୁ ବୃଦ୍ଧି କରାଯାଇଛି। ବିଶ୍ୱବିଦ୍ୟାଳୟର ପଞ୍ଜୀକୃତ ଶିକ୍ଷକ ଓ ସ୍ନାତକ ବ୍ୟବସ୍ଥାକୁ ବନ୍ଦ କରିବାକୁ ନିଷ୍ପତ୍ତି ହୋଇଛି। ଏଣିକି ବିଶ୍ୱବିଦ୍ୟାଳୟର ଶିକ୍ଷକ ଓ ଅଣଶିକ୍ଷକମାନଙ୍କର ନିଯୁକ୍ତି ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି)ଏବଂ ସିଲେକ୍ସନ ବୋର୍ଡ ଜରିଆରେ କରାଯିବ। ଏଥିସହିତ ବିଶ୍ୱବିଦ୍ୟାଳୟଗୁଡ଼ିକର ଅଡିଟ୍ ରିପୋର୍ଟ ବିଧାନସଭାରେ ଉପସ୍ଥାପନ କରାଯିବ ନାହିଁ। ଉକ୍ତ ରିପୋର୍ଟକୁ ଜନସାଧାରଣଙ୍କ ଅବଗତି ନିମନ୍ତେ ବିଶ୍ୱବିଦ୍ୟାଳୟଗୁଡିକର ୱେବ୍‌ସାଇଟରେ ୩ ବର୍ଷ ପାଇଁ ଉପଲବ୍ଧ ରହିବ। ଏଥିସହିତ ରେଭେନ୍ସା ବିଶ୍ୱବିଦ୍ୟାଳୟ ☞ପୃଷ୍ଠା-୪

## ବଳରାମ ଯୋଜନାରେ ଭାଗଚାଷୀଙ୍କୁ ଋଣ

**ଭୁବନେଶ୍ୱର,୨।୯(ବ୍ୟୁରୋ)**

ଚଳିତ ବର୍ଷ ଭଲ ବର୍ଷା ହୋଇଛି। ଭଲ ଅମଳ ମଧ୍ୟ ହେବ । ଯଦିଓ କିଛି ଜାଗାରେ ବର୍ଷା ପାଣି ଯୋଗୁ ସମସ୍ୟା ହୋଇଛି ତେବେ ରାଜ୍ୟର ସମସ୍ତ ଜିଲାରେ ଭଲ ବର୍ଷା ହୋଇଥିବାରୁ ଶସ୍ୟ ଉତ୍ପାଦନ ବଢିବ ବୋଲି ରାଜ୍ୟ ସରକାର ଆଶା କରିଛନ୍ତି। କେବଳ ଧାନ ନୁହେଁ, ଅଣଧାନ ଫସଲ ଉପରେ ଗୁରୁତ୍ୱ ଦେଇଛନ୍ତି। ଚାଷୀଙ୍କ ଆୟ ବଢ଼ାଇବା ପାଇଁ ତୈଳବୀଜ, ଡାଲିଜାତୀୟ ଓ ଅନ୍ୟାନ୍ୟ ଫସଲ ଚାଷକୁ ଅଧିକ ପ୍ରାଧାନ୍ୟ ଦେବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ବୁଧବାର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରାଜ୍ୟ କୃଷି କ୍ୟାବିନେଟର ଭର୍ଚ୍ଚୁଆଲ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଚାଷୀମାନଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା।

କୃଷିମନ୍ତ୍ରୀଙ୍କ ଅନୁପସ୍ଥିତିରେ ବୈଠକ ଶେଷରେ ଗଣମାଧ୍ୟମକୁ ସୂଚନା ଦେଇ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ସଚିବ ସୌରଭ ଗର୍ଗ କହିଛନ୍ତି ଯେ, ଚାଷୀମାନଙ୍କ ସୁବିଧା ଅସୁବିଧା ବିଷୟ କ୍ୟାବିନେଟ୍‌କୁ ଅବଗତ କରାଯାଇଛି। ଚଳିତ ବର୍ଷ ରାଜ୍ୟରେ ୬୧.୬୧ ଲକ୍ଷ ☞ପୃଷ୍ଠା-୪

## କେନ୍ଦ୍ରୀୟ କର୍ମଚାରୀଙ୍କୁ ଆଗୁଆ ଅବସର ଦିଆଯାଇପାରିବ

**ନୂଆଦିଲ୍ଲୀ,୨।୯**

ଜନସ୍ୱାର୍ଥ ପାଇଁ କେନ୍ଦ୍ର ସରକାର ଚାହିଁଲେ କେନ୍ଦ୍ରୀୟ କର୍ମଚାରୀମାନଙ୍କୁ ଆଗୁଆ ଅବସର ଦେଇପାରିବେ ବୋଲି ବୁଧବାର ସ୍ପଷ୍ଟ କରିଦେଇଛନ୍ତି। କର୍ମଚାରୀଙ୍କୁ ୫୦/୫୫ ବର୍ଷ ହେଲେ କିମ୍ବା ସେ ଚାକିରିରେ ୩୦ ବର୍ଷ ପୂରଣ କରିଥିଲେ, ସେମାନଙ୍କୁ ଅବସର ଦିଆଯାଇପାରିବ। ଏଥିପାଇଁ ସେମାନଙ୍କ ପ୍ରଦର୍ଶନର ସମୀକ୍ଷା କରାଯିବ ନାହିଁ, ଯାହା କି ପେନ୍‌ସନ ନିୟମ ପାଇଁ ଜରୁରୀ। ତେବେ ଏଫ୍‌ଆର୍ ୫୬(ଜେ) ଏବଂ ସିସିଏସ୍ (ପେନ୍‌ସନ)ନିୟମାବଳୀ, ୧୯୭୨ର ରୁଲ୍ ୪୮ ଅନୁଯାୟୀ ଯେଉଁ ସରକାରୀ କର୍ମଚାରୀମାନେ ଚାକିରିରେ ରହିବାକୁ ଯୋଗ୍ୟବିବେଚିତ ହେବେ, ସେମାନଙ୍କୁ ଅବଶିଷ୍ଟ ଚାକିରିର ଯେକୌଣସି ସମୟରେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଜୀବେ ଦୟା**

## ପବ୍‌ଜି ସହ ୧୧୮ ଚାଇନା ଆପ୍ ବ୍ୟାନ୍

**ନୂଆଦିଲ୍ଲୀ,୨।୯**

ଭାରତ ଏବଂ ଚାଇନା ସୀମାରେ ଉତ୍ତେଜନା ଲାଗି ରହିଛି। ପୂର୍ବ ଲଦାଖର ଗଲୱାନ ଉପତ୍ୟକାରେ ଚାଇନା ସେନା ଆକ୍ରମଣରେ ୨୦ ଭାରତୀୟ ଯବାନ ଶହୀଦ ହେବା ପରେ କେନ୍ଦ୍ର ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ଶତାଧିକ ଚାଇନା ଆପ୍ ଉପରେ କଟକଣା ଜାରି କରିବା ପରେ ସରକାର ବୁଧବାର ପୁଣି ମୋଟ ୧୧୮ ମୋବାଇଲ




ଆପ୍‌କୁ ବ୍ୟାନ କରିଦେଇଛନ୍ତି। ଏହା ମଧ୍ୟରେ ଲୋକପ୍ରିୟ ଗେମିଂ ଆପ୍ଲିକେଶନ ପବ୍‌ଜି (ପ୍ଲେୟର ଅନ୍‌ନୋନ୍ସ ବ୍ୟାଟେଲ ଗ୍ରାଉଣ୍ଡ୍‌ସ) ଏବଂ ଅନ୍ୟାନ୍ୟ ଆପ୍ ସାମିଲ ରହିଥିବା ଜଣାପଡିଛି। ଦେଶର ସାର୍ବଭୌମତ୍ୱ ଏବଂ ପ୍ରତିରକ୍ଷାକୁ ନଜରରେ ରଖି ସରକାର ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା କହିଛନ୍ତି। ସୂଚନା ଏବଂ ପ୍ରଯୁକ୍ତିବିଦ୍ୟା ଆଇନ ଧାରା ୬୯ଏ ଅନୁସାରେ ଆପ୍ଲିକେଶନଗୁଡିକୁ ବ୍ୟାନ କରାଯାଇଥିବା ଇଲେକଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। କେନ୍ଦ୍ରର ଏହି ପଦକ୍ଷେପକୁ ଡିଜିଟାଲ ଷ୍ଟ୍ରାଇକ୍ କୁହାଯାଉଛି।

ବ୍ୟାନ ଆପ୍‌ଗୁଡିକ ମଧ୍ୟରେ ଆପସ୍ ଲଞ୍ଚର ପ୍ରୋ- ଥିମ, ଲାଇଭ ୱାଲ ପେପର ଏବଂ ସ୍ମାର୍ଟ, ଆପସ୍ ଲଞ୍ଚର- ଥିମ୍, କଲ୍ ଶୋ, ୱାଲ୍‌ପେପର, ହାଇଡ୍ ଆପ୍, ଆପସ୍ ସିକ୍ୟୁରିଟି- ଆଣ୍ଟି ଭାଇରସ, ଫୋନ ସିକ୍ୟୁରିଟି, କ୍ଲିନର, ଆପସ୍ ଟର୍ବୋ କ୍ଲିନର ୨୦୨୦- ଜଙ୍କ କ୍ଲିନର, ଆଣ୍ଟି ଭାଇରସ, ଆପସ୍ ଫ୍ଲାସ ଲାଇଟ- ଫ୍ରି ଆଣ୍ଡ ବ୍ରାଇଟ, କଟ୍ କଟ୍- କଟ୍ ଆଉଟ ଏବଂ ଫଟୋ ବ୍ୟାକ୍‌ଗ୍ରାଉଣ୍ଡ ଏଡିଟର, ବାଇଡୁ, ବାଇଡୁ ଏକ୍ସପ୍ରେସ ଏଡିଶନ, ଫେସ୍‌ୟୁ- ଇନସ୍ପାୟାର ୟୋର ବିୟୁଟି, ଶେୟାର ସେଭ୍ ବାଏ ସାଓମି- ଲାଟେଷ୍ଟ ଗ୍ୟାଜେଟ, ଆମାଜିଙ୍ଗ ଡିଲ୍ ସାମିଲ ରହିଛି। ଦେଶର ସାଇବର କ୍ଷେତ୍ର ଏବଂ ସଂହତିକୁ କ୍ଷତି ପହଞ୍ଚାଇଲା ଭଳି କାର୍ଯ୍ୟ ଏହି ଆପ୍‌ଗୁଡିକ କରୁଥିବା ଅଭିଯୋଗ ସରକାରଙ୍କ ହସ୍ତଗତ ହୋଇଛି। ☞ପୃଷ୍ଠା-୪

## ପୁରୀ ବେଳାଭୂମିକୁ 'ବ୍ଲୁ ଫ୍ଲାଗ୍' ମାନ୍ୟତା ସୁପାରିସ କଲା କେନ୍ଦ୍ର




**ପୁରୀ ଅଫିସ,୨।୯**

ପର୍ଯ୍ୟଟକଙ୍କ ପାଇଁ ଖୁସି ଖବର। ବେଳାଭୂମି ପରିବେଶ ଏବଂ ସୌନ୍ଦର୍ଯ୍ୟ ପରିଚାଳନା ସେବା (ବିମ୍‌ସ) କାର୍ଯ୍ୟକ୍ରମ ଅଧୀନରେ 'ବ୍ଲୁ ଫ୍ଲାଗ୍' ମାନ୍ୟତା ପାଇବା ଲାଗି ଅନ୍ତର୍ଜାତୀୟ ଜୁରୀ (ଡେନ୍‌ମାର୍କ)କୁ ଦେଶର ୮ଟି ବେଳାଭୂମିର ନାଁ ସୁପାରିସ କରାଯାଇଛି। ଭାରତ ସରକାରଙ୍କ ପକ୍ଷରୁ ସୁପାରିସ ହୋଇଥିବା ☞ପୃଷ୍ଠା-୪

**ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ଧର୍ମେନ୍ଦ୍ର**

### ବ୍ଲ୍ୟୁ ଫ୍ଲାଗ୍ ପ୍ରମାଣନ କ'ଣ

ପରିବେଶ ଆଧାରରେ ବେଳାଭୂମି, ବନ୍ଦର ଅଞ୍ଚଳ କିମ୍ବା ବୋଟିଂ ଟୁରିଜିମ୍ ଅପରେଟରମାନଙ୍କୁ ବ୍ଲ୍ୟୁ ଫ୍ଲାଗ୍ ସାର୍ଟିଫିକେଟ ମିଳିଥାଏ। ଏହି ପ୍ରମାଣନ ଡେନମାର୍କର ଫାଉଣ୍ଡେଶନ ଫର୍ ଏନଭାଇରନ୍‌ମେଣ୍ଟାଲ ଏଜୁକେଶନ (ଏଫ୍‌ଇଇ) ପକ୍ଷରୁ ପ୍ରଦାନ କରାଯାଉଛି। ଏଥିପାଇଁ ସଂସ୍ଥା ଆବେଦନକାରୀଙ୍କ ନିମନ୍ତେ ପରିବେଶଗତ, ଶିକ୍ଷାଗତ, ସୁରକ୍ଷା ସମ୍ପର୍କିତ ମାନଦଣ୍ଡ ରଖିଛି। ☞ପୃଷ୍ଠା-୪

**ଅବସର ନେଲେ ଜଷ୍ଟିସ୍ ଅରୁଣ ମିଶ୍ର**

ସୁପ୍ରିମକୋର୍ଟର ବରିଷ୍ଠ ବିଚାରପତି ଜଷ୍ଟିସ୍ ଅରୁଣ ମିଶ୍ର ବୁଧବାର ଅବସର ଗ୍ରହଣ କରିଛନ୍ତି। ସର୍ବୋଚ୍ଚ ଅଦାଲତରେ ୬ ବର୍ଷ କାର୍ଯ୍ୟ କରିବା ଭିତରେ ସେ ଅନେକ ଗୁରୁତ୍ୱପୂର୍ଣ୍ଣ ଓ ରାଜନୈତିକ ଦୃଷ୍ଟିରୁ ସମ୍ବେଦନଶୀଳ ମାମଲାର ଶୁଣାଣି କରିଥିଲେ। ନିକଟରେ ଆଇନଜୀବୀ ପ୍ରଶାନ୍ତଭୂଷଣଙ୍କ ମାମଲାରେ ସେ ରାୟ ପ୍ରଦାନ କରିଥିଲେ।

# କର୍ମଯୋଗୀ ଯୋଜନାକୁ କ୍ୟାବିନେଟ ମଞ୍ଜୁରୀ

ନୂଆଦିଲ୍ଲୀ,୨।୯


ପ୍ରକାଶ ଜାଭଡେକର

ସରକାରୀ କର୍ମଚାରୀମାନଙ୍କ ଦକ୍ଷତା ନିର୍ମାଣ କାର୍ଯ୍ୟକ୍ରମ ମିଶନ କର୍ମଯୋଗୀକୁ ବୁଧବାର କେନ୍ଦ୍ର କ୍ୟାବିନେଟ ଅନୁମୋଦନ କରିଛି। ଏହା ସେମାନଙ୍କ ପାଇଁ ଭବିଷ୍ୟତରେ ସହାୟକ ହେବ। ସରକାରଙ୍କର ଏହା ସର୍ବବୃହତ୍ ମାନବ ସମ୍ବଳ ବିକାଶ ସଂସ୍କାର ବୋଲି କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକର କହିଛନ୍ତି। କର୍ମଯୋଗୀ ମିଶନର ଶୀର୍ଷରେ ଏକ ଏଚ୍ଆର୍ କାଉନସିଲ ରହିବ। ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କାଉନ୍ସିଲରେ କେତେଜଣ କେନ୍ଦ୍ରମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀମାନେ ରହିବେ। ଏହାବ୍ୟତୀତ ବିଶିଷ୍ଟ ଚିନ୍ତାନାୟକ, ସାହିତ୍ୟିକ ଏବଂ ସିଭିଲ୍ ସର୍ଭିସ ନେତୃତ୍ୱ ମଧ୍ୟ ଏଥିରେ ସଦସ୍ୟ ରହିବେ। ବର୍ତ୍ତମାନର ପ୍ରଶାସନିକ ଅଧିକାରୀମାନେ ଯେପରି ବିଶ୍ୱ ଚ୍ୟାଲେଞ୍ଜକୁ ସମ୍ମୁଖୀନ ହୋଇପାରିବେ, ସେଥିପାଇଁ ସେମାନଙ୍କୁ ସ୍ୱପ୍ନଦ୍ରଷ୍ଟା, ଇନୋଭେଟିଭ୍ ହେବା ସହ କର୍ତ୍ତବ୍ୟନିଷ୍ଠ, ବିନମ୍ର, ପେସାଦାରି ଏବଂ ପ୍ରଗତିଶୀଳ, ଉଦ୍ୟମୀ, ସ୍ୱଚ୍ଛ, ବୈଷୟିକ ଦୃଷ୍ଟିରୁ ସମର୍ଥ, ଗଠନମୂଳକ ଏବଂ ସୃଜନାତ୍ମକ ହେବାକୁ ପଡିବ ବୋଲି କାର୍ମିକ ଓ ପ୍ରଶିକ୍ଷଣ ବିଭାଗ ସଚିବ ସି. ଚନ୍ଦ୍ରମୌଳି କହିଛନ୍ତି। ମନ୍ତ୍ରୀ ଜାଭଡେକରଙ୍କ ସହ ସେ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ। କର୍ମଚାରୀମାନଙ୍କ ବ୍ୟକ୍ତିଗତ ଓ ଆନୁଷ୍ଠାନିକ ସାମର୍ଥ୍ୟ ବୃଦ୍ଧି କରିବା ମିଶନ କର୍ମଯୋଗୀର ଲକ୍ଷ୍ୟ ବୋଲି ସେ କହିଛନ୍ତି। ସେକ୍ସନ ଅଫିସରଙ୍କଠାରୁ ସଚିବ ପର୍ଯ୍ୟନ୍ତ ସମସ୍ତେ ଏହି ଯୋଜନାରେ ସାମିଲ ହେବେ।

## କଶ୍ମୀରୀ, ଡୋଗ୍ରୀ, ହିନ୍ଦୀ ହେବ ଜମ୍ମୁ-କଶ୍ମୀର ସରକାରୀ ଭାଷା

ବର୍ତ୍ତମାନର ଉର୍ଦ୍ଦୁ ଓ ଇଂଲିଶ ବ୍ୟତୀତ କଶ୍ମୀରୀ, ଡୋଗ୍ରୀ ଓ ହିନ୍ଦୀକୁ ଜମ୍ମୁ-କଶ୍ମୀରର ସରକାରୀ ଭାଷା ଭାବେ ବ୍ୟବହାର କରାଯାଇପାରିବ। ଏ ସମ୍ପର୍କିତ ଏକ ବିଲ୍‌କୁ ବୁଧବାର କେନ୍ଦ୍ର କ୍ୟାବିନେଟ ଅନୁମୋଦନ କରିଛି। ପାର୍ଲାମେଣ୍ଟର ଆଗାମୀ ମୌସୁମୀ ଅଧିବେଶନରେ ଜମ୍ମୁ-କଶ୍ମୀର ସରକାରୀ ଭାଷା ବିଲ୍, ୨୦୨୦ ଉପସ୍ଥାପନ କରାଯିବ ବୋଲି ବୈଠକ ଶେଷରେ ଗଣମାଧ୍ୟମକୁ ସୂଚନା ଦେଇ କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକର କହିଛନ୍ତି।

## ସୀମାକୁ ଅଧିକ ସୈନ୍ୟ ପଠାଇଲା ଭାରତ

ଗୁଆହାଟୀ,୨।୯: ଜୁନ୍‌ରେ ଭାରତ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ସଂଘର୍ଷ ପରେ ନୂଆଦିଲ୍ଲୀ ପୂର୍ବାଞ୍ଚଳ ଷ୍ଟ୍ରେଚ୍‌କୁ ଅଧିକ ଯବାନ ପଠାଇଛି। ପିପୁଲ୍‌ସ ଲିବରେଶନ ଆର୍ମିର ଅନ୍ୟ ଏକ ଅନୁପ୍ରବେଶ ଉଦ୍ୟମକୁ ଭାରତୀୟ ସେନା ପଣ୍ଡ କରିଛି। ଉତ୍ତେଜନାକୁ ଦୃଷ୍ଟିରେ ରଖି ଅରୁଣାଚଳପ୍ରଦେଶର ଅନଜ ଜିଲାକୁ ଅଧିକ ସୈନ୍ୟ ପଠାଯାଇଛି।



## ପୋଲିସ ଗୁଳିରେ କୃଷ୍ଣକାୟ ହତ୍ୟା ଘଟଣା
# ଲସ୍ ଏଞ୍ଜେଲସ୍‌ରେ ବିକ୍ଷୋଭ

ଲସ୍ ଏଞ୍ଜେଲସ୍,୨।୯

ପୋଲିସ ଗୁଳିରେ କୃଷ୍ଣକାୟଙ୍କ ମୃତ୍ୟୁ ଘଟଣାରେ ଲସ୍ ଏଞ୍ଜେଲସ୍‌ରେ ବିକ୍ଷୋଭ ଜୋର୍‌ଦାର ହୋଇଛି। ମଙ୍ଗଳବାର ବିକ୍ଷୋଭକାରୀ ଦକ୍ଷିଣ ଲସ୍ ଏଞ୍ଜେଲସ୍‌ରେ ଏକତ୍ର ହୋଇ ପୋଲିସ ଗୁଳିରେ ମୃତ୍ୟୁ ଘଟଣା ଉପରେ ଉତ୍ତର ଦାବି କରିଥିଲେ। ସୋମବାର କୃଷ୍ଣକାୟ ଯୁବକ ଡିଜନ କିଜି (୨୯) ସାଇକେଲ ଚଢ଼ି ଯାଉଥିଲାବେଳେ ନିୟମ ଉଲ୍ଲଂଘନ ଅଭିଯୋଗରେ ପୋଲିସ ତାଙ୍କୁ ଅଟକାଇଥିଲା। ଏହାକୁ ନେଇ ଶେରିଫ୍‌ର ଡେପୁଟିମାନଙ୍କ ସହ ତାଙ୍କର ଯୁକ୍ତିତର୍କ ହୋଇଥିଲା। କିଜି ଖସିପଳାଇବାକୁ ଚାହୁଁଥିବାବେଳେ ପୋଲିସ ତାଙ୍କୁ ଧରିନେଇଥିଲା। ସେ ଜଣେ ପୋଲିସଙ୍କୁ ମୁଥ ମାରିଥିଲେ। ଏହି ସମୟରେ ସେ ନେଇଯାଉଥିବା ପୋଷାକର ଏକ ବଣ୍ଡଲ ଖସିପଡ଼ିଥିଲା। ଉକ୍ତ ବଣ୍ଡଲରେ ସେମି ଅଟୋମେଟିକ୍ ହ୍ୟାଣ୍ଡଗନ୍ ଥିବା ପୋଲିସ ଦେଖିବାକୁ ପାଇଥିଲା। ଫଳରେ ପୋଲିସ ତାଙ୍କ ଉପରକୁ ଗୁଳି ଚଳାଇଥିଲା ବୋଲି ଲସ୍ ଏଞ୍ଜେଲସ୍ କାଉଣ୍ଟି ଶେରିଫ୍ ବିଭାଗ ପକ୍ଷରୁ କୁହାଯାଇଛି। ତେବେ କିଜି କେଉଁ ନିୟମ ଉଲ୍ଲଂଘନ କରିଥିଲେ ତାହା ଜଣାପଡ଼ିନାହିଁ। ମଙ୍ଗଳବାର ସନ୍ଧ୍ୟାରେ ଶତାଧିକ ବିକ୍ଷୋଭକାରୀ ଗୁଳିକାଣ୍ଡ ସ୍ଥଳରେ ଏକାଠି ହୋଇ ପୋଲିସ ଠାରୁ ଜବାବ ଚାହିଁଛନ୍ତି।

# ଅଧିବେଶନରୁ ପ୍ରଶ୍ନକାଳ ବାଦ୍‌କୁ ସମାଲୋଚନା

ନୂଆଦିଲ୍ଲୀ,୨।୯(ପି.ଟି.)



ଆଗାମୀ ମୌସୁମୀ ଅଧିବେଶନରୁ ପ୍ରଶ୍ନୋତ୍ତର କାଳକୁ ବାଦ୍ ଦିଆଯାଇଥିବାରୁ ଏହାକୁ ଅଧିକାଂଶ ବିରୋଧୀ ଦଳ ନେତା ସମାଲୋଚନା କରିଛନ୍ତି। ତେବେ ବିତର୍କରୁ ଓହରିଯିବା ଉଦ୍ଦେଶ୍ୟ ନୁହେଁ ବୋଲି ବୁଧବାର ସରକାରଙ୍କ ପକ୍ଷରୁ କୁହାଯାଇଛି। ସମସ୍ତ ଅଣତାରକା ପ୍ରଶ୍ନର ଉତ୍ତର ଦେବାକୁ ସରକାର ପ୍ରସ୍ତୁତ ଅଛନ୍ତି। ଏଥିପାଇଁ ସୁଯୋଗ ସୃଷ୍ଟି କରିବାକୁ ଉଭୟ ଗୃହର ପ୍ରିଜାଇଡିଂ ଅଫିସରଙ୍କୁ ଅନୁରୋଧ କରାଯାଇଥିବା ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ କହିଛନ୍ତି। କରୋନା ମହାମାରୀ ଯୋଗୁ ଏଥର ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ଅଭୂତପୂର୍ବ ସ୍ଥିତିରେ ଅନୁଷ୍ଠିତ ହେବାକୁ ଯାଉଛି। ପ୍ରଶ୍ନୋତ୍ତର କାଳ ହେଲେ ମନ୍ତ୍ରଣାଳୟର ଅଧିକାରୀମାନଙ୍କୁ ପାର୍ଲାମେଣ୍ଟକୁ ଆସିବାକୁ ପଡ଼ିବ। ଫଳରେ ପାର୍ଲାମେଣ୍ଟ ପରିସର ଗହଳି ହେବ। ଏମ୍‌ପିମାନଙ୍କ ସୁରକ୍ଷା ପାଇଁ ପ୍ରଶ୍ନୋତ୍ତର କାଳ ରଖାଯାଇ ନ ଥିବା ଜୋଷୀ କହିଛନ୍ତି। ବିଜ୍ଞପ୍ତି ପ୍ରକାଶ ପୂର୍ବରୁ ସରକାର ସମସ୍ତ ବିରୋଧୀ ଦଳଙ୍କୁ ଏ ସମ୍ପର୍କରେ ଜଣାଇଥିଲେ ଓ ଅଧିକାଂଶ ଦଳ ପ୍ରଶ୍ନୋତ୍ତର କାଳ ନ କରିବା ପାଇଁ ରାଜି ହୋଇଥିଲେ। କଂଗ୍ରେସ, ତୃଣମୂଳ କଂଗ୍ରେସ ଏବଂ ସିପିଆଇ ପକ୍ଷରୁ ଏହାକୁ ବିରୋଧ କରାଯାଇଛି। ସରକାର କରୋନା ନାଁରେ ଗଣତନ୍ତ୍ରର ହତ୍ୟା କରିବାକୁ ଉଦ୍ୟମ କରୁଛନ୍ତି ଏବଂ ପାର୍ଲାମେଣ୍ଟକୁ ଏକ ନୋଟିସ୍ ବୋର୍ଡରେ ପରିଣତ କରିବାକୁ ଚାହାନ୍ତି ବୋଲି କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ଓ ଆନନ୍ଦ ଶର୍ମା କହିଛନ୍ତି।

# ପିଏମ୍ କେୟାର୍ସକୁ ପ୍ରଥମ ୫ ଦିନରେ ମିଳିଥିଲା ୩,୦୭୬ କୋଟି

ନୂଆଦିଲ୍ଲୀ,୨।୯


ପି. ଚିଦାମ୍ବରମ

ପିଏମ୍ କେୟାର୍ସ ପାଣ୍ଠି ଗଠନ ହେବାର ପ୍ରଥମ ୫ ଦିନରେ ୩,୦୭୬ କୋଟି ଟଙ୍କା ଗ୍ରହଣ କରିଥିଲା ବୋଲି ସରକାରଙ୍କ ପକ୍ଷରୁ ଏକ ଅଡିଟ୍ ବିବୃତି ସର୍ବସାଧାରଣରେ ପ୍ରକାଶ ପାଇଛି। ମାର୍ଚ୍ଚ ୨୭ରେ ପିଏମ୍-କେୟାର୍ସ ଗଠନ ହୋଇଥିଲା ଏବଂ ୩୧ ତାରିଖ ମଧ୍ୟରେ ଉପରୋକ୍ତ ରାଶି ସଂଗୃହୀତ ହୋଇଥିଲା। ସେଥିରୁ ୩,୦୭୫.୮୫ କୋଟି ଟଙ୍କା ଘରୋଇ ସ୍ୱେଚ୍ଛାସେବୀମାନେ ଦାନ କରିଥିବାବେଳେ ୩୯.୬୭ ଲକ୍ଷ ଟଙ୍କା ବିଦେଶୀ ଅନୁଦାନ ଥିଲା। ପିଏମ୍ କେୟାର୍ସର ପ୍ରାରମ୍ଭିକ ରାଶି ୨.୨୫ ଲକ୍ଷ ଟଙ୍କା ଥିଲା ଓ ପାଖାପାଖି ୩୫ ଲକ୍ଷ ଟଙ୍କା ସୁଧ ମିଳିଛି। ଏହି ଅଡିଟ୍ ବିବୃତି ପିଏମ୍ କେୟାର୍ସ ପାଣ୍ଠି ୱେବ୍‌ସାଇଟରେ ପ୍ରକାଶ ପାଇଛି। ତେବେ କେଉଁ ଘରୋଇ ଓ ବିଦେଶୀ ଦାତା ଉକ୍ତ ପାଣ୍ଠିକୁ ଦାନ କରିଛନ୍ତି, ତାହା ଉଲ୍ଲେଖ କରାଯାଇନାହିଁ। ଏହାକୁ ନେଇ ପୂର୍ବତନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମ ପ୍ରଶ୍ନ କରିଛନ୍ତି। ଦାତାଙ୍କ ନାମ ଜଣାଅଛି। ଟ୍ରଷ୍ଟିମାନେ କ'ଣ ପାଇଁ ସେମାନଙ୍କ ନାଁ ପ୍ରକାଶ କରିବାକୁ ଭୟ କରୁଛନ୍ତି ବୋଲି ଚିଦାମ୍ବରମ୍ ଟୁଇଟ୍ କରିଛନ୍ତି।

କରୋନା ମହାମାରୀ ପାଇଁ ପିଏମ୍ କେୟାର୍ସ ପାଣ୍ଠିରେ ସଂଗୃହୀତ ଅର୍ଥକୁ ଜାତୀୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି (ଏନ୍‌ଡିଆର୍‌ଏଫ୍)କୁ ସ୍ଥାନାନ୍ତର କରାଯିବାର ଆବଶ୍ୟକତା ନାହିଁ ବୋଲି ଗତମାସରେ ସୁପ୍ରିମକୋର୍ଟ କହିଥିଲେ। ପିଏମ୍ କେୟାର୍ସ ପାଣ୍ଠି ଏକ ଦାତବ୍ୟ ଟ୍ରଷ୍ଟ ହୋଇଥିବାରୁ ଏହା ସମ୍ପୂର୍ଣ୍ଣ ଭିନ୍ନ। ତେବେ ସରକାର ଯଦି ଠିକ୍ ଅନୁଭବ କରନ୍ତି ତେବେ ବିପର୍ଯ୍ୟୟ ପ୍ରଶମନ ପାଣ୍ଠିକୁ ଅର୍ଥ ହସ୍ତାନ୍ତର କରିପାରିବେ ବୋଲି ସର୍ବୋଚ୍ଚ ଅଦାଲତ କହିଥିଲେ।

# ଏନ୍‌ଡିଏରେ ଯୋଗଦେଲେ ମାନ୍‌ଝି

ନୂଆଦିଲ୍ଲୀ,୨।୯(ପି.ଟି.)


ଜିତନ ରାମ ମାନ୍‌ଝି

ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ଜିତନ ରାମ ମାନ୍‌ଝି ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ରେ ସାମିଲ ହୋଇଛନ୍ତି। ତାଙ୍କର ଆଗମନକୁ ଏନ୍‌ଡିଏର ଅନ୍ୟତମ ସହଯୋଗୀ ଲୋକ ଜନଶକ୍ତି ପାର୍ଟି (ଏଲ୍‌ଜେପି)କୁ ଅସନ୍ତୁଷ୍ଟ କରିଛି। ଏହି ଦଳ ଆସନ୍ତା ସପ୍ତାହରେ ଏହାର ରାଜ୍ୟ ସଂସଦୀୟ ବୋର୍ଡ ବୈଠକ ଡାକିଛି। ସୂଚନା ଅନୁଯାୟୀ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ସଂଯୁକ୍ତ ଜନତା ଦଳ (ଜେଡିୟୁ) ସହ ଏଲ୍‌ଜେପିର ସମ୍ପର୍କ ବିଗିଡିବାରେ ଲାଗିଛି। ୭ ତାରିଖରେ ବସିଥିବା ବୋର୍ଡ ସଦସ୍ୟଙ୍କ ବୈଠକରେ ଜେଡିୟୁ ବିରୋଧରେ ପ୍ରାର୍ଥୀ ଦେବା ସମ୍ପର୍କରେ ଏଲ୍‌ଜେପି ନିଷ୍ପତ୍ତି ନେଇପାରେ ବୋଲି ଜଣାପଡ଼ିଛି। ଚିରାଗ ପାଶ୍ୱାନଙ୍କ ନେତୃତ୍ୱାଧୀନ ଦଳ ଭାଜପା ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱକୁ ପ୍ରଶଂସା କରୁଥିବାବେଳେ ନୀତୀଶଙ୍କ ବିରୋଧ କରିଆସୁଛି।

## Business

# ଜରିମାନା ଲଗାଇ ପାରିବେନି ବ୍ୟାଙ୍କ

ନୂଆଦିଲ୍ଲୀ,୨।୯

### ମୋରାଟୋରିୟମ ମାମଲାରେ ସୁପ୍ରିମକୋର୍ଟଙ୍କ ରାୟ



କରୋନା ସମୟରେ ଋଣ କିସ୍ତି ପଇଠ କରିବାକୁ ଲୋକମାନେ ଅସୁବିଧା ସାମ୍ନା କରୁଛନ୍ତି। ସମସ୍ୟା ସମାଧାନ କରିବାକୁ ସରକାର ମୋରାଟୋରିୟମ ସୁବିଧା ଦେଇଛନ୍ତି। ହେଲେ ଏହା ଲୋକଙ୍କର ଠିକ୍ ଉପକାରରେ ଆସିପାରୁନାହିଁ। ଏ ସଂକ୍ରାନ୍ତ ଆବେଦନର ଶୁଣାଣି ସୁପ୍ରିମକୋର୍ଟ କରୁଛନ୍ତି। ବୁଧବାର ଏହି ମାମଲା ଉପରେ ଶୁଣାଣି କରି ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି ଯେ, ଋଣ ପୁନର୍ଗଠନ କରିବା ଲାଗି ବ୍ୟାଙ୍କଗୁଡିକ ନିକଟରେ ସ୍ୱାଧୀନତା ରହିଛି। ହେଲେ କୋଭିଡ୍-୧୯ ପାଇଁ ଘୋଷଣା କରାଯାଇଥିବା ମୋରାଟୋରିୟମ ଯୋଜନାରେ ବିଳମ୍ବ କିସ୍ତି ଦେୟ କ୍ଷେତ୍ରରେ ବ୍ୟାଙ୍କଗୁଡିକ ସୁଧ ଲାଗୁ କରିପାରିବେ ନାହିଁ। ସୁଧ ଉପରେ ପୁଣି ସୁଧ ଲାଗୁ କରିବା ପ୍ରସଙ୍ଗରେ ସୁପ୍ରିମକୋର୍ଟରେ ହୋଇଥିବା ବିଭିନ୍ନ ଆବେଦନ ଉପରେ ଜଷ୍ଟିସ ଅଶୋକ ଭୂଷଣଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ବୁଧବାର ବୃତାନ୍ତ ଶୁଣାଣି କରି ଏଭଳି ରାୟ ଦେଇଛନ୍ତି।

ଆବେଦନକାରୀ ଗଜେନ୍ଦ୍ର ଶର୍ମାଙ୍କ ଆବେଦନ ପକ୍ଷ ରଖି ବରିଷ୍ଠ ଆଇନଜୀବୀ ରାଜୀବ ଦତ୍ତ ବ୍ୟାଙ୍କଗୁଡିକର ମନମୁଖୀ କାର୍ଯ୍ୟ ସମ୍ପର୍କରେ ସର୍ବୋଚ୍ଚ ନ୍ୟାୟାଳୟଙ୍କୁ ଅବଗତ କରାଇଥିଲେ। ରିଜର୍ଭ ବ୍ୟାଙ୍କ ପକ୍ଷରୁ ଯେତେବେଳେ ମୋରାଟୋରିୟମ ସୁବିଧା ଘୋଷଣା କରାଗଲା ଲୋକମାନେ ଭାବିଥିଲେ ଏହା ଦ୍ୱାରା ଫାଇଦା ହେବ। ୬ ମାସ ଯାଏ ଋଣ କିସ୍ତି ଶୁଝିବାକୁ ପଡିବ ନାହିଁ। ମାତ୍ର ବ୍ୟାଙ୍କଗୁଡିକ ଯେତେବେଳେ ଲୋକଙ୍କଠାରୁ ସୁଧ ଉପରେ ସୁଧ ନେବା ଆରମ୍ଭ କଲେ ସେତେବେଳ ଏହା ଗ୍ରାହକଙ୍କୁ ଅସହ୍ୟ ହେଲା ବୋଲି ଶର୍ମା ନ୍ୟାୟାଳୟଙ୍କୁ କହିଛନ୍ତି। ଆବେଦନକାରୀ ଋଣ କିସ୍ତି ପଇଠ କରିବାରେ କେବେ ହେଳା କରିନାହାନ୍ତି। ମାତ୍ର ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିବା ମୋରାଟୋରିୟମ ସୁବିଧା ନେଲେ ବ୍ୟାଙ୍କଗୁଡିକ କାହିଁକି ସୁଧ ଉପରେ ସୁଧ ଲାଗୁ କରିବେ ବୋଲି ସେ ଯୁକ୍ତି ବାଢ଼ିଥିଲେ। ଦତ୍ତ ପୁଣି କହିଛନ୍ତି ଯେ, ରିଜର୍ଭ ବ୍ୟାଙ୍କ ଏକ ନିୟାମକ। ବ୍ୟାଙ୍କଗୁଡିକର ଏଜେଣ୍ଟ ନୁହେଁ। କୋଭିଡ୍ ସମୟରେ କାହିଁକି ଋଣ ଗ୍ରହିତାଙ୍କୁ ବ୍ୟାଙ୍କଗୁଡିକ ଜରିମାନା ଲାଗୁ କରୁଛନ୍ତି। ବର୍ତ୍ତମାନ ସରକାର କହୁଛନ୍ତି ଋଣ ପୁନର୍ଗଠନ କରାଯାଉଛି। ଋଣ ପୁନର୍ଗଠନ କରାଯାଉ ମାତ୍ର ସଚ୍ଚୋଟ ଋଣ ଗ୍ରହିତାଙ୍କୁ କାହିଁକି ଜରିମାନା ଲାଗୁ କରାଯାଉଛି ବୋଲି ସେ ପ୍ରଶ୍ନ ଉଠାଇଛନ୍ତି।

କନ୍‌ଫେଡେରେଶନ ଅଫ୍ ରିୟଲ ଇଷ୍ଟେଟ ଡେଭଲପର୍ସ ଆସୋସିଏଶନ (କ୍ରେଡାଇ)ର ପକ୍ଷ ରଖି ବରିଷ୍ଠ ଆଇନଜୀବୀ ସି.ଏ.ସୁନ୍ଦରମ ଖଣ୍ଡପୀଠଙ୍କୁ କହିଛନ୍ତି ଯେ, ମୋରାଟୋରିୟମ ଅନ୍ତତଃ ପକ୍ଷେ ୬ ମାସ ବୃଦ୍ଧି ହେବା ଆବଶ୍ୟକ। ଏହି ମାମଲାର ପକ୍ଷ ରଖି ମଙ୍ଗଳବାର ସରକାର କହିଥିଲେ ଯେ, ମୋରାଟୋରିୟମ ଅବଧିକୁ ୨ ବର୍ଷ ପର୍ଯ୍ୟନ୍ତ ବଢାଯାଇ ପାରିବ। ରିଜର୍ଭ ବ୍ୟାଙ୍କ ଋଣ ମୋରାଟୋରିମକୁ ୨ ବର୍ଷ ପର୍ଯ୍ୟନ୍ତ ବଢାଇବା ଦିଗରେ ପଦକ୍ଷେପ ନେବ ବୋଲି ସଲିସିଟର ଜେନେରାଲ ତୁଷାର ମେହେଟା ନ୍ୟାୟାଳୟଙ୍କୁ କହିଥିଲେ। ମୋରାଟୋରିୟମ ସମୟରେ ସୁଧ ନେବା ଏବଂ ସୁଧ ଉପରେ ସୁଧ ପ୍ରସଙ୍ଗକୁ ନେଇ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୁପ୍ରିମକୋର୍ଟରେ ଏକ ସତ୍ୟପାଠ ଦାଖଲ କରାଯାଇଛି।

# ହୋଣ୍ଡା ଟୁ-ହ୍ୱିଲର୍ସର ଅଗଷ୍ଟ ବିକ୍ରି ୪ଲକ୍ଷ ଟପିଲା

ନୂଆଦିଲ୍ଲୀ,୨।୯

ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ପକ୍ଷରୁ ୨୦୨୦ ଅଗଷ୍ଟ ମାସର ବିକ୍ରି ସମ୍ପର୍କରେ ଘୋଷଣା କରାଯାଇଛି। କମ୍ପାନୀ ଏହି ମାସରେ ମୋଟ ୪,୪୩,୯୬୯ ୟୁନିଟ ଗାଡି ବିକ୍ରି କରିଛି। ସେଥି ମଧ୍ୟରୁ ଦେଶ ଭିତରେ ୪,୨୮,୨୩୧ ୟୁନିଟ ଗାଡି ବିକ୍ରି ହୋଇଥିବା ବେଳେ ବିଦେଶକୁ ୧୫,୭୩୮ ଟି ଗାଡି ରପ୍ତାନି କରାଯାଇଛି। ପ୍ରଥମ ଥର ପାଇଁ ୨୦୨୦-୨୧ ଆର୍ଥିକ ବର୍ଷର ନିର୍ଦ୍ଦିଷ୍ଟ ସମୟରେ କମ୍ପାନୀର ବିକ୍ରି ୪ଲକ୍ଷ ୟୁନିଟରୁ ଅଧିକ ରହିଛି। କମ୍ପାନୀ ବିକ୍ରିରେ ୧% ଅଭିବୃଦ୍ଧି ହାସଲ କରୁଥିବା ସୂଚନା ମିଳିଛି। ସମସ୍ତ ଅଂଶୀଦାରଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ ଏହାର ଉତ୍ପାଦନକୁ ବିଭିନ୍ନ ପାହାଚରେ ବୃଦ୍ଧି ଘଟାଇ ପାରିଛି। ସେହିଭଳି ହୋଣ୍ଡାର ବିକ୍ରି ୨୦୨୦ ଜୁଲାଇ ତୁଳନାରେ ଅଗଷ୍ଟ ମାସରେ ପ୍ରାୟ ୩୮% ବୃଦ୍ଧି ପାଇଛି। କମ୍ପାନୀ କ୍ରମାଗତ ଭାବରେ ୩ୟ ମାସ ପାଇଁ ଦେଶ ଭିତରେ ୧ଲକ୍ଷରୁ ଉର୍ଦ୍ଧ୍ୱ ୟୁନିଟ ବିକ୍ରି କରିପାରିଛି। ୨୦୨୦ ଜୁନରେ ୨.୦୨ ଲକ୍ଷ, ଜୁଲାଇରେ ୩.୦୯ ଲକ୍ଷ ଏବଂ ଅଗଷ୍ଟରେ ୪.୨୮ ଲକ୍ଷ ୟୁନିଟ ଗାଡି ବିକ୍ରି ହୋଇପାରିଛି। ଏ ସମ୍ପର୍କରେ ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡର ବିକ୍ରି-ମାର୍କେଟିଂ ନିର୍ଦ୍ଦେଶକ ୟଦବିନ୍ଦର ସିଂହ ଗୁଲେରିଆ କହିଛନ୍ତି ଯେ, ଅଗଷ୍ଟରେ କମ୍ପାନୀର ୯୦% ନେଟୱର୍କ ଅଂଶୀଦାର କାରବାରକୁ ଫେରିଛନ୍ତି। ଫଳରେ ପ୍ରଥମ ଥର ପାଇଁ ହୋଣ୍ଡାର ଘରୋଇ କ୍ଷେତ୍ରର ବିକ୍ରି ୪ଲକ୍ଷରୁ ଉର୍ଦ୍ଧ୍ୱ ରହିଛି। ଯାହା କମ୍ପାନୀର ସବୁ ବର୍ଗ ପାଇଁ ଏହା ବେଶ ଉତ୍ସାହ ସୃଷ୍ଟି କରିବ ବୋଲି ସେ ମତ ଦେଇଛନ୍ତି।

# ରିଲାଏନ୍ସ ଡିଜିଟାଲରେ ମିଳିବ ସାମ୍‌ସଙ୍ଗ ଏସ୍୭ ୱାଇଫାଇ

ମୁମ୍ବାଇ,୨।୯

ସାମ୍‌ସଙ୍ଗର ବହୁ ପ୍ରତୀକ୍ଷିତ ସାମ୍‌ସଙ୍ଗ ଗ୍ୟାଲାକ୍ସି ଟ୍ୟାବ୍ ଏସ୍୭ ଏବଂ ଏସ୍ ୭+ ଭାରତ ବଜାର ପ୍ରବେଶ ରିଲାଏନ୍ସ ଡିଜିଟାଲ ଶୋ'ରୁମ୍‌ରେ କରାଯିବ। କମ୍ପାନୀର ଏହି ଏସ୍ ସିରିଜ ଫୋନ୍‌ଗୁଡିକ ଭାରତର ପ୍ରମୁଖ ରିଟେଲ ଷ୍ଟୋର ରିଲାଏନ୍ସ ଡିଜିଟାଲରେ ଉପଲବ୍ଧ ବୋଲି ସୂଚନା ମିଳିଛି। ରିଲାଏନ୍ସ ଡିଜିଟାଲ ଓ ମାଇଁ ଜିଓ ଷ୍ଟୋରରେ ଏହି ଫୋନଗୁଡିକ ଆକର୍ଷଣୀୟ ଦରରେ ଗ୍ରାହକମାନଙ୍କୁ ମିଳିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଏହି ନୂଆ ସାମ୍‌ସଙ୍ଗ ଗ୍ୟାଲାକ୍ସିର ଏସ୍ ସିରିଜ ମଡେଲରେ ବିଭିନ୍ନ ସୁବିଧା ସହ ୧୨୦ ଏଚ୍‌ଜେଡ୍ ଡିସପ୍ଲେ ସହ ପାୱାର ଫୁଲ ସ୍ନାପ୍‌ଡ୍ରାଗନ ୮୬୫ ପ୍ରୋସେସର, ଡଲବୀ ଆଟମ୍ସ, କ୍ୱାଡ ସ୍ପିକର, ଅଲ୍‌ଟ୍ରା ଲୋ ଲାଟେନ୍ସି ପେନ୍ ସହ ଅନେକ କିଛି ସୁବିଧା ରହିଛି। ସେହିଭଳି ଏହି ଏସ୍ ସିରିଜର ବିଭିନ୍ନ ମଡେଲ ମୂଲ୍ୟ ୫୫,୯୯୯ ଟଙ୍କାରୁ ୭୯,୯୯୯ ଟଙ୍କା ପର୍ଯ୍ୟନ୍ତ ରହିଛି।

# ସୋନି ବ୍ରାଭିଆ ଏକ୍ସ ୯୦୦୦ ଏଚ୍ ସିରିଜ

ନୂଆଦିଲ୍ଲୀ,୨।୯

ସୋନି ଇଣ୍ଡିଆ ପକ୍ଷରୁ ୪କେ ଏଚ୍‌ଡିଆର ଫୁଲ୍ ଆରେ ଏଲ୍‌ଇଡି ଡିସପ୍ଲେ ସହିତ ନୂତନ ବ୍ରାଭିଆ ଏକ୍ସ ୯୦୦୦ ଏଚ୍ ଟେଲିଭିଜନ ସିରିଜର ଶୁଭାରମ୍ଭ କରାଯାଇଛି। ସୋନିର ନୂତନ ୪କେ ଏଚ୍‌ଡିଆର ୯୦୦୦ ଏଚ୍ ଟିଭି ସିରିଜର ୧୬୫ ସିଏମ୍ (୬୫) ଏବଂ ୧୪୦ ସିଏମ୍ (୫୫) ରେ ଉପଲବ୍ଧ ହେଉଛି। ଏଥିରେ ପ୍ରତ୍ୟେକ ଦୃଶ୍ୟରେ ଅଧିକ ନିଖୁଣତା ଦେଖିବା ପାଇଁ ଏକ୍ସ୧ଟିଏମ୍ ୪କେ ଏଚ୍‌ଡିଆର୍ ପିକ୍‌ଚର ପ୍ରୋସେସର ରହିଛି। ଏକ୍ସ-ଟେଣ୍ଡେଡ ଡାଇନାମିକ ରେଞ୍ଜ ଦ୍ୱାରା ଚାଳିତ ନୂତନ ଏକ୍ସ ୯୦୦୦ଏଚ୍ ଅଧିକ ବାସ୍ତବ ଫରକ ଦେଇଥାଏ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଏକ୍ସ ୯୦୦୦ଏଚ୍ ଅତି ନିମ୍ନ ୭.୨ଏମ୍‌ଏସ୍ ଇନ୍‌ପୁଟ ଲାଗ୍‌ରେ ୧୨୦ ଏଫ୍‌ପିଏସରେ ୪କେ ରିଜୋଲ୍ୟୁସନ ପର୍ଯ୍ୟନ୍ତ ଗେମ୍ ପ୍ଲେ ଇମେଜ୍ ଡିସପ୍ଲେ କରି ଏକ ଅତ୍ୟନ୍ତ ସୁଗମ ଗେମିଂ ଅଭିଜ୍ଞତା ପ୍ରଦାନ କରିଛି। ଏହି ରେଡି ଫର୍ ପ୍ଲେ ଷ୍ଟେସନ ଟିଭି ମଡେଲରେ ମଧ୍ୟ ବ୍ରାଭିଆ ଗେମ୍ ମୋଡ୍‌ର ସୁବିଧା ଦେଇଛି। ଯାହାକି ଉପଭୋକ୍ତାଙ୍କୁ ନିମ୍ନ ଲାଟେନ୍ସିରେ ପିଏସ୍୫ କନ୍‌ସୋଲରେ ସ୍ୱୟଂଚାଳିତ ଭାବରେ ଗେମ୍ ଖେଳିବାକୁ ଅନୁମତି ଦେଇଥାଏ।

# କ୍ଷୁଦ୍ର ବ୍ୟବସାୟୀଙ୍କୁ ସଶକ୍ତ କରିବ ଫୋନ୍‌ପେ

ନୂଆଦିଲ୍ଲୀ,୨।୯

ପ୍ରମୁଖ ଡିଜିଟାଲ ପେମେଣ୍ଟ ପ୍ଲାଟଫର୍ମ ଫୋନ୍‌ପେ ପକ୍ଷରୁ ଆସନ୍ତା ୧ବର୍ଷ ମଧ୍ୟରେ ଦେଶର ପ୍ରାୟ ୨୫ନିୟୁତରୁ ଉର୍ଦ୍ଧ୍ୱ କ୍ଷୁଦ୍ର ବ୍ୟବସାୟୀଙ୍କ ପାଇଁ ଡିଜିଟାଲ ପେମେଣ୍ଟକୁ ସଶକ୍ତ କରାଇବା ଲାଗି କମ୍ପାନୀ ପକ୍ଷରୁ ଘୋଷଣା କରାଯାଇଛି। କମ୍ପାନୀ ଏହି ସବୁ କିରାନା ଦୋକାନଗୁଡିକୁ ନିଜର ଫୋନ୍‌ପେ ଫର ବିଜ୍‌ନେସ ଆପ୍‌ରେ ଅର୍ନ୍ତଭୁକ୍ତ କରିବାକୁ ଯୋଜନା କରିଛି। ବ୍ୟବସାୟୀଙ୍କୁ ତତ୍‌କ୍ଷଣାତ ପେମେଣ୍ଟ ସୁନିଶ୍ଚିତତା ସହ ରସିଦ ଏବଂ ସମନ୍ୱୟ ପ୍ରଦାନ କରାଯିବ।

# ସହରାଞ୍ଚଳ ପାଇଁ ଆସିପାରେ କର୍ମନିଯୁକ୍ତି ଯୋଜନା

ନୂଆଦିଲ୍ଲୀ,୨।୯


ସରକାର ସହରାଞ୍ଚଳଗୁଡିକ ପାଇଁ ନୂଆ କର୍ମନିଯୁକ୍ତି ଯୋଜନା ହାତକୁ ନେଇ ପାରନ୍ତି। ମହାମାରୀ ଯୋଗୁ ନିଯୁକ୍ତି ହରାଇଥିବା ସହରାଞ୍ଚଳର ଶ୍ରମିକଙ୍କ ଲାଗି ଗ୍ରାମାଞ୍ଚଳରେ ଲାଗୁ ହେଉଥିବା ପ୍ରମୁଖ ନିଯୁକ୍ତି ଯୋଜନା ଭଳି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବା ଲାଗି ସରକାର ବିଚାର କରୁଥିବା ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଛୋଟ ଛୋଟ ସହରଗୁଡିକ ଲାଗି ଏହି ଯୋଜନା ଆସିବ। ପ୍ରସ୍ତାବକୁ ବୃତାନ୍ତ ମଞ୍ଜୁରୀ ମିଳିଲେ ଏଥି ଲାଗି ପ୍ରାୟ ୩୫ ହଜାର କୋଟି ଟଙ୍କା ପୁଞ୍ଜି ବିନିଯୋଗ କରାଯିବାକୁ ଲକ୍ଷ୍ୟ ରହିଛି ବୋଲି ବାସଗୃହ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟର ଯୁଗ୍ମ ସଚିବ ସଞ୍ଜୟ କୁମାର ସୂଚନା ଦେଇଛନ୍ତି।

ଗତ ବର୍ଷ ଠାରୁ ଏହି ଯୋଜନା ସମ୍ପର୍କରେ ସରକାର ବିଚାର ବିମର୍ଶ କରୁଛନ୍ତି। ମହାମାରୀ ଯୋଗୁ ସ୍ଥିତି ବିଗିଡିଥିବାରୁ ସରକାର ଏ ନେଇ ବେଶି ଯତ୍ନଶୀଳ ହୋଇ ପଡିଛନ୍ତି। ସରକାର ବର୍ତ୍ତମାନ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ୧ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଏହା ଦ୍ୱାରା ଲୋକଙ୍କୁ ୧୦୦ ଦିନର କାମ ମିଳୁଛି। ଏଥି ଲାଗି ୨୦୨ ଟଙ୍କାର ଦୈନିକ ମଜୁରୀ ଧାର୍ଯ୍ୟ ହୋଇଛି। ସହରାଞ୍ଚଳ ପାଇଁ ଏହି ଯୋଜନା କାର୍ଯ୍ୟକାରୀ ହେଲେ କିଛି ଲୋକ ଲାଭବାନ ହେବେ ବୋଲି ସରକାର ବିଚାର କରୁଛନ୍ତି। ଗ୍ରାମାଞ୍ଚଳରେ ଲାଗୁ ହେଉଥିବା ଯୋଜନାର ଲାଭ ପ୍ରାୟ ୨୭୦ ନିୟୁତ ଲୋକ ଉଠାଉଛନ୍ତି। ସହରରୁ ଫେରିଥିବା ଶ୍ରମିକମାନେ ଏହି ଯୋଜନା ଦ୍ୱାରା କାମ ପାଉଛନ୍ତି।



## ମିଶନ କର୍ମଯୋଗୀ ଶୁଭାରମ୍ଭକୁ ଧର୍ମେନ୍ଦ୍ରଙ୍କ ସ୍ୱାଗତ

**ଭୁବନେଶ୍ୱର(ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବୁଧବାର ବସିଥିବା କ୍ୟାବିନେଟ୍ ବୈଠକରେ 'ମିଶନ କର୍ମଯୋଗୀ' ଶୁଭାରମ୍ଭ କରାଯିବା ଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସ୍ୱାଗତ କରିଛନ୍ତି। ଏହି ନିଷ୍ପତ୍ତି ପାଇଁ ସେ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି। ଏହା ସହ 'ମିଶନ କର୍ମଯୋଗୀ'ର ଶୁଭାରମ୍ଭ ତଥା ପ୍ରଶାସନିକ ସେବାରେ ସଂସ୍କାର ଭବିଷ୍ୟତରେ ପ୍ରଶାସନିକ ଅଧିକାରୀଙ୍କୁ ଅଧିକ ଗଠନମୂଳକ, ଅଭିନବ ଓ ପ୍ରଗତିଶୀଳ ହୋଇ ଜନସେବା କରିବା ପାଇଁ ଉତ୍ସାହ ଦେବ ଏବଂ ସହଯୋଗ କରିବ। ତୃଣମୂଳ ସ୍ତରରେ ଜନକଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ ହେବ, ସରକାରୀ ଅନୁଷ୍ଠାନକୁ ମଜବୁତ୍ କରିବ।



ଭାରତରେ ବ୍ୟାନ୍ ହେଲା ପବ୍‌ଜି ଗେମ୍

# ୭ ପ୍ରକଳ୍ପ ଲାଗି ଖର୍ଚ୍ଚ ହେବ ୩୨୦୫.୬୭ କୋଟି

**ଭୁବନେଶ୍ୱର,୨।୯(ବ୍ୟୁରୋ):** ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀଙ୍କ ଅଧକ୍ଷତାରେ ବୁଧବାର ଅନୁଷ୍ଠିତ ଷ୍ଟେଟ ଲେବେଲ ସିଙ୍ଗିଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି(ଏସ୍ଏଲ୍ଏସଡବ୍ଲ୍ୟୁସିଏ)ବୈଠକରେ ୭ ପୁଞ୍ଜି ବିନିଯୋଗ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଏଗୁଡ଼ିକର ମୋଟ ମୂଲ୍ୟ ୩୨୦୫.୬୭ କୋଟି ଟଙ୍କା। ଏହାଦ୍ୱାରା ୨୪୯୪ଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଆଶା କରାଯାଉଛି। ଡିଜିଟାଲ୍ ପ୍ଲାଟଫର୍ମରେ ଅନୁଷ୍ଠିତ

**ଏସ୍ଏଲ୍ଏସଡବ୍ଲ୍ୟୁସିଏ ବୈଠକ**

ବୈଠକରେ ଶିଳ୍ପ ବିଭାଗ ମୁଖ୍ୟ ସଚିବ ହେମନ୍ତ ଶର୍ମା ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକ ସମ୍ପର୍କରେ ସୂଚନା ଦେଇଥିଲେ। ଢେଙ୍କାନାଳ ଜିଲା ନିମଧାସ୍ଥିତ ଏମ୍‌ଜିଏମ୍ ମିନେରାଲ୍ସ ଲିମିଟେଡ୍‌ର ସମ୍ପ୍ରସାରଣ ସମ୍ପର୍କିତ ପ୍ରକଳ୍ପ ରହିଛି। ଏହି ପ୍ରକଳ୍ପ ପାଇଁ ମୋଟ ୮୦୧.୮୯ କୋଟି ଟଙ୍କା ଖର୍ଚ୍ଚ ହେବାସହ ୧୨୧୫ ଜଣଙ୍କ ପାଇଁ ନିଯୁକ୍ତି ସୃଷ୍ଟି ହେବ। ଢେଙ୍କାନାଳ ଜିଏମ୍ ଆଇରନ୍ ଆଣ୍ଡ ଷ୍ଟିଲ୍ କମ୍ପାନୀ ଲିମିଟେଡ୍‌ର ସମ୍ପ୍ରସାରଣକୁ ଅନୁମୋଦନ ମିଳିଛି।

## କରୋନା ସଂକ୍ରମଣ ସ୍ଥିତି

ବୁଧବାର ରାତି ୯ଟା ସୁଦ୍ଧା

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୬,୦୦୬,୦୦୦ | ୮,୬୩,୦୭୯ | ୧୮,୨୭୭,୦୫୬ |
| ଭାରତ | ୩,୮୨୩,୪୪୯ | ୬୭,୧୫୫ | ୨୯,୪୬,୯୨୦ |
| ଓଡ଼ିଶା | ୧,୦୯,୭୮୦ | ୫୧୫(+୫୩) | ୮୪,୦୭୩ |

(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଖୋର୍ଦ୍ଧା ସ୍ଥିତି ଗମ୍ଭୀର

- ସଂକ୍ରମଣରେ ଗଞ୍ଜାମକୁ ଟପିଯିବ
- ରାଜ୍ୟରେ ଆଉ ୩,୨୧୯ ଚିହ୍ନଟ, ୧୧ ମୃତ, ୩୩୦୩ ସୁସ୍ଥ

**ଭୁବନେଶ୍ୱର, ୨।୯(ବ୍ୟୁରୋ):** ରାଜ୍ୟରେ ଏବେ କିଛିଦିନ ହେବ ସଂକ୍ରମଣ ୩ହଜାର ଉପରେ ରହୁଛି। ଗଞ୍ଜାମ ନିୟନ୍ତ୍ରଣକୁ ଆସିବାବେଳକୁ ଖୋର୍ଦ୍ଧା ଜିଲା ସ୍ଥିତି ଗମ୍ଭୀର ହେବାରେ ଲାଗିଛି। ରାଜ୍ୟର ଅନ୍ୟ ଜିଲା ଓ ସହରରେ ସଂକ୍ରମଣ ବଢ଼ୁଥିଲା ସେତେବେଳେ ଭୁବନେଶ୍ୱର ସମେତ ସାରା ଜିଲାରେ କମ୍ ସଂଖ୍ୟାରେ ଆକ୍ରାନ୍ତ ବାହାରୁଥିଲେ। ହେଲେ କଟକଣା କୋହଳ ହେବାପରଠାରୁ ସବୁଯେମିତି କୋହଳ ହୋଇଗଲା, ଯାହା କରୋନା ସଂକ୍ରମଣ ପାଇଁ ସୁଯୋଗ ପାଲଟିଲା। ଏବେ ସ୍ଥିତି ଏପରି ହେଲା ସଂକ୍ରମଣରେ ଖୋର୍ଦ୍ଧା ଶୀର୍ଷକୁ ଚାଲି ଆସିଥିବାବେଳେ କେବଳ ଗତ ୫ଦିନରେ ଏହି ଜିଲାରୁ ୩,୪୫୯ ଆକ୍ରାନ୍ତ ହୋଇଛନ୍ତି। ଶେଷ ୨୪ ଘଣ୍ଟାରେ ରାଜ୍ୟରେ ୩,୨୧୯ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ଖୋର୍ଦ୍ଧାରୁ ସର୍ବାଧିକ ୭୩୧ଜଣ ରହିଛନ୍ତି। ସେହିପରି କଟକରୁ ୪୦୦, ପୁରୀ ୨୧୭, ବାଲେଶ୍ୱର ୧୯୪, ବରଗଡ଼ ୧୮୫, ଗଞ୍ଜାମ ୧୬୯, ମୟୂରଭଞ୍ଜ ୧୩୭, ଯାଜପୁର ୧୧୭, କେନ୍ଦୁଝର ୧୦୨, କୋରାପୁଟ ୯୦, ଭଦ୍ରକ ୮୭, ସମ୍ବଲପୁର ୭୮, ଅନୁଗୋଳ ୬୬, ନୟାଗଡ଼ ୬୨, ଜଗତ୍‌ସିଂହପୁର, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ରୁ ୬୦ଜଣ ଲେଖାଏ, କେନ୍ଦ୍ରାପଡ଼ା ୫୭, ନବରଙ୍ଗପୁର ୫୫, ନୂଆପଡ଼ା ୪୯, ଢେଙ୍କାନାଳ ଓ କଳାହାଣ୍ଡିରୁ ୩୭ଜଣ ଲେଖାଏ, ବୌଦ୍ଧ ୩୬, କନ୍ଧମାଳ ୩୨, ଗଜପତି ୨୭, ସୋନପୁର ୨୬, ରାୟଗଡ଼ା ୨୫, ମାଲକାନଗିରି ୧୩ ଓ ବଲାଙ୍ଗୀରରୁ ୧୦ଜଣ ନୂଆ ଆକ୍ରାନ୍ତ ବାହାରିଛନ୍ତି। ଫଳରେ ରାଜ୍ୟରେ ଏବେ ମୋଟ ସଂକ୍ରମିତ ସଂଖ୍ୟା ୧,୦୯,୭୮୦ରେ ପହଞ୍ଚିବାବେଳେ ଗଞ୍ଜାମରେ ୧୮,୨୩୮, ଖୋର୍ଦ୍ଧାରେ ୧୮,୧୫୫ ଓ ତୃତୀୟ ସ୍ଥାନରେ ଥିବା କଟକରେ ସଂକ୍ରମଣ ୮,୯୯୪ ଛୁଇଁଛି। ତେବେ ଖୋର୍ଦ୍ଧାରେ ଏପରି ସ୍ଥିତି ଜାରି ରହିଲେ ଆକ୍ରାନ୍ତଙ୍କ ସଂଖ୍ୟାରେ ଗଞ୍ଜାମକୁ ଟପିଯିବାକୁ ଆଉ ବେଶି ଡେରି ହେବନି।

# 'ଆୟକର ପ୍ରଶାସନକୁ ପାରଦର୍ଶୀ କରିବ ନୂଆ ବ୍ୟବସ୍ଥା'

ଭୁବନେଶ୍ୱର,୨।୯

**ପିଆଇବି ପକ୍ଷରୁ 'ଟିକସରେ ସ୍ୱଚ୍ଛତା ଓ ସଚ୍ଚୋଟଙ୍କୁ ସମ୍ମାନ' ଶୀର୍ଷକ ୱେବିନାର**

ଲୋକ ଚରିତ୍ର ମହାନ୍ ହେଲେ ପ୍ରଶାସନିକ କଟକଣା ଓ ଆଇନର ଛାଟ ଅନାବଶ୍ୟକ। ଟିକସ ପଇଠ କରିବାକୁ ସକ୍ଷମ ବ୍ୟକ୍ତିବିଶେଷ ସ୍ୱେଚ୍ଛାକୃତ ଭାବେ ଆଗେଇ ଆସିବାର ଆବଶ୍ୟକତା ରହିଛି। ନୂଆ ବ୍ୟବସ୍ଥା ଆୟକର ପ୍ରଶାସନକୁ ସ୍ୱଚ୍ଛ ଏବଂ ପାରଦର୍ଶୀ କରିବା ସହ କରଦାତାଙ୍କ ସଂଖ୍ୟା ବୃଦ୍ଧି ଦିଗରେ ସହାୟକ ହେବ। ପତ୍ର ସୂଚନା କାର୍ଯ୍ୟାଳୟ(ପିଆଇବି) ଭୁବନେଶ୍ୱର ପକ୍ଷରୁ 'ଟିକସରେ ସ୍ୱଚ୍ଛତା ଓ ସଚ୍ଚୋଟଙ୍କୁ ସମ୍ମାନ' ଶୀର୍ଷକ ୱେବିନାରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ଏମ୍ଏସ୍ଏମ୍ଇ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଏହା କହିଛନ୍ତି।

ଷଡ଼ଙ୍ଗୀ କହିଛନ୍ତି ଯେ, ବିଜ୍ଞାନସମ୍ମତ ଡିଜିଟାଲ ବ୍ୟବସ୍ଥା କୌଣସି ବ୍ୟକ୍ତିଙ୍କୁ ସଚ୍ଚୋଟ କରିପାରିବ ନାହିଁ। ସ୍ୱେଚ୍ଛାକୃତ ଭାବେ ଟିକସ ପଇଠ କରି ଜଣେ ନିଜକୁ ଦାୟିତ୍ୱବାନ୍ ନାଗରିକ ଭାବେ ଗଢି ତୋଳିବା ସହ ଦେଶର ଅଭିବୃଦ୍ଧିରେ ନିଜର ଯୋଗଦାନ ରଖିପାରିବ। କାର୍ଯ୍ୟକ୍ରମରେ ରାଜ୍ୟ ପ୍ରଧାନ ମୁଖ୍ୟ ଆୟକର ଆୟୁକ୍ତ ପ୍ରଣବ କୁମାର ଦାସ କହିଛନ୍ତି, କଳାଧନକୁ ରୋକିବାରେ ଆୟକର ବିଭାଗ ବିଭିନ୍ନ କାର୍ଯ୍ୟପନ୍ଥା ହାତକୁ ନେଉଛି। ଡିଜିଟାଲ କର ନିର୍ଦ୍ଧାରଣ ସିଷ୍ଟମ ଯୋଗୁ ସମସ୍ତ ବ୍ୟବସ୍ଥା ସ୍ୱୟଂକ୍ରିୟ ହୋଇ ପାରିବ। ଏଭଳି ପଦକ୍ଷେପ ଟିକସ ପ୍ରଶାସନ ଏବଂ ଟିକସଦାତାଙ୍କ ମଧ୍ୟରେ ସହଯୋଗକୁ ଅଧିକ ଦୃଢ କରିବାରେ ସହାୟକ ହେବ।


ୱେବିନାରରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ।

ଏଭଳି ପରିସ୍ଥିତିରେ ନୂତନ ଟିକସ ବ୍ୟବସ୍ଥା କରଦାତାଙ୍କୁ ବିଶେଷ ସହାୟକ ହେବ ବୋଲି ଭୁବନେଶ୍ୱର ପତ୍ର ସୂଚନା କାର୍ଯ୍ୟାଳୟର ଅତିରିକ୍ତ ମହାନିର୍ଦ୍ଦେଶକ ଶୈଳେଶ କୁମାର ମାଲବ୍ୟ କହିଛନ୍ତି। ଆୟ ନ ଲୁଚାଇ ସଚ୍ଚୋଟ ନାଗରିକ ଭାବେ କର୍ତ୍ତବ୍ୟ ପାଳନ ପୂର୍ବକ ଆବଶ୍ୟକ ଟିକସ ପଇଠ କରିବାକୁ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଅରୁଣ କୁମାର ସାବତ ଏଥିରେ ମତ ରଖିଛନ୍ତି। ନୂଆ ଟିକସ ବ୍ୟବସ୍ଥା ଇଜ୍ ଅଫ୍ ଡୁଇଁ ବିଜ୍‌ନେସ କ୍ଷେତ୍ରରେ ଯୋଗଦାନ ରଖିବ ବୋଲି ଉତ୍କଳ ଶିଳ୍ପ ବାଣିଜ୍ୟ ମହାସଂଘର ଉପାଧ୍ୟକ୍ଷ ଅଶୋକ କୁମାର ଶାରଦା ମତ ରଖିଥିଲେ। ଭୁବନେଶ୍ୱର ପିଆଇବିର ଗଣଯୋଗାଯୋଗ ଅଧିକାରୀ ପ୍ରଦୀପ କୁମାର ଚୌଧୁରୀ ୱେବିନାର ପରିଚାଳନା କରିଥିଲେ।


**STATE INSTITUTE OF HOTEL MANAGEMENT, BALANGIR**
Titilagarh Road, Balangir - 767001 (Odisha)
(ESTABLISHED BY MINISTRY OF TOURISM, GOVT. OF INDIA & DEPT. OF TOURISM, GOVT. OF ODISHA) NCHMCT

**ONLINE ADMISSION OPEN**
**FOR HOTEL MANAGEMENT COURSES**

| COURSES | DURATION | QUALIFICATION | AGE LIMIT |
|---|---|---|---|
| 1. B.Sc In Hospitality & Hotel Administration | 03 Years | 10+2 pass or equivalent with English as one of the subjects (Minimum 50% marks) | 25 Years as on 1st July 2020 for General/ OBC candidates & 28 Years for SC/ST candidates |
| 2. Diploma In Front Office Operation | 1½ Year | 10+2 pass or equivalent | |
| 3. Diploma In Food & Beverage Service | 1½ Year | 10+2 pass or equivalent | |
| 4. Diploma In Food Production | 1½ Year | 10+2 pass or equivalent | |
| 5. Diploma In Housekeeping Operation | 1½ Year | 10+2 pass or equivalent | |
| 6. Craftsmanship Certificate Course In Food & Beverage Service | 06 Months | 10th pass | |
| 7. Craftsmanship Certificate Course In Food Production | 1½ Year | 10th pass | |

LAST DATE OF ADMISSION: 15.09.2020
FOR FURTHER DETAILS
Visit our website - www.sihmbalangir.org, e-mail: admissions@sihmbalangir.org
Contact No.9348849484, 6370180040, 9437140772, 9437030720


## ଚଳିତ ଆର୍ଥିକବର୍ଷ ଶେଷ ପର୍ଯ୍ୟନ୍ତ ବଢିବନି ଜମିଜମାର ବଜାର ମୂଲ୍ୟ

ଭୁବନେଶ୍ୱର,୨।୯(ବ୍ୟୁରୋ): ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଆସନ୍ତା ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ କୌଣସି ଜମିର ବଜାର ମୂଲ୍ୟ ନ ବଢାଇବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ବୁଧବାର ଏ ସମ୍ପର୍କିତ ଏକ ଚିଠି ରାଜସ୍ୱ ବିଭାଗ ଅତିରିକ୍ତ ସଚିବ ସୁଷମାରାଣୀ ଦେବୀ ସବୁ ଜିଲାର ଜିଲାପାଳ ଏବଂ ଜିଲା ମୂଲ୍ୟାୟନ କମିଟି ଅଧକ୍ଷଙ୍କୁ ସୂଚନା ଦେଇଛନ୍ତି ଯେ, ସ୍ଥାନାନ୍ତରିତ ହୋଇପାରି ନ ଥିବା ଜମିଗୁଡିକର ମୂଲ୍ୟରେ ଏବେ କୌଣସି ପ୍ରକାର ପରିବର୍ତ୍ତନ ହେବ ନାହିଁ। ଜମିଗୁଡିକର ମୂଲ୍ୟ ଏବେ ଯାହା ରହିଛି ସେମିତି ଚାଲିବ। ଚଳିତ ଆର୍ଥିକ ବର୍ଷର ଶେଷ ପର୍ଯ୍ୟନ୍ତ ଏହା ଲାଗୁ ରହିବ। ବର୍ତ୍ତମାନ ସମୟର କରୋନା ଯୋଗୁ ଦେଖାଦେଇଥିବା ଅର୍ଥନୈତିକ ମାନ୍ଦାବସ୍ଥା ସମୟରେ ଲୋକମାନଙ୍କୁ ଜମି ପଞ୍ଜୀକରଣ ପ୍ରକ୍ରିୟାରେ ରିଲିଫ ଦେବା ଲାଗି ଏହି ନିଷ୍ପତ୍ତି ହୋଇଛି।

## କୋଭିଡ୍‌ରେ ଆକ୍ରାନ୍ତ ଏଏସ୍ଓଙ୍କ ଚିକିତ୍ସା ଲାଗି ସଚିବାଳୟ ସେବା ସଂଘର ଦାବି

**ଭୁବନେଶ୍ୱର,୨।୯(ବ୍ୟୁରୋ):** ରାଜ୍ୟ ସରକାରଙ୍କ ଗୃହ ଏବଂ ଇସ୍ପାତ ଓ ଖଣି ବିଭାଗ ପକ୍ଷରୁ ଜାରି କରାଯାଇଥିବା ନିର୍ଦ୍ଦେଶ ଆଧାରରେ ପ୍ରାୟ ୫୦ରୁ ଅଧିକ ଏଏସଓଙ୍କୁ ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେଶନ(ବିଏମସି)ର କୋଭିଡ କାର୍ଯ୍ୟରେ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ନିୟୋଜିତ କରାଯାଇଛି। ହେଲେ ଏମାନଙ୍କ ମଧ୍ୟରେ ଷ୍ଟିଲ ଓ ମାଇନ୍ସ ବିଭାଗର ଜଣେ ଅଧିକାରୀଙ୍କ ଗତ ୩୧ ତାରିଖରେ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ତାଙ୍କର ପ୍ରବଳ ଜ୍ୱର ସହ ମାଂସପେଶୀରେ ଯନ୍ତ୍ରଣା, କଫ ଓ ମୁଣ୍ଡବିନ୍ଧା ହେଉଛି। ସମୟ ସମୟରେ ତାଙ୍କ ପାଟିରୁ ରକ୍ତ ମଧ୍ୟ ବାହାରୁଛି। ହେଲେ ଏ ପର୍ଯ୍ୟନ୍ତ ବିଏମ୍‌ସି କର୍ତ୍ତୃପକ୍ଷ ତାଙ୍କୁ କୋଭିଡ ହସ୍ପିଟାଲକୁ ନେଇ ନାହାନ୍ତି। ଓଡିଶା ସଚିବାଳୟ ସେବାସଂଘ ପକ୍ଷରୁ କରୋନାରେ ଆକ୍ରାନ୍ତ ହୋଇ ଅସୁସ୍ଥ ଥିବା ଅଧିକାରୀଙ୍କୁ ବିଏମ୍‌ସି କର୍ତ୍ତୃପକ୍ଷ ତୁରନ୍ତ କୋଭିଡ ହସ୍ପିଟାଲରେ ଭର୍ତ୍ତି କରି ଚିକିତ୍ସା କରନ୍ତୁ ବୋଲି ଦାବି କରାଯାଇଛି।

# ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ସୁପାରିସ

ଭୁବନେଶ୍ୱର,୨।୯(ବ୍ୟୁରୋ)

**ଐତିହ୍ୟ କ୍ୟାବିନେଟ ବୈଠକ ନିଷ୍ପତ୍ତି**

- ପ୍ରତ୍ନତତ୍ତ୍ୱ ପାଇଁ ହେବ ସ୍ୱତନ୍ତ୍ର ନିର୍ଦ୍ଦେଶାଳୟ
- ରାଜ୍ୟ ସଂଗ୍ରହାଳୟ, ଆନନ୍ଦ ଭବନ ସଂଗ୍ରହାଳୟ ହେବ ଭର୍ଚୁଆଲ
- ଗୋପବନ୍ଧୁ ଦାସଙ୍କ ଜନ୍ମପୀଠ ପାଇଁ ଖର୍ଚ୍ଚ ହେବ ୧୧.୫ କୋଟି

ଓଡ଼ିଶୀ ନୃତ୍ୟଭଳି ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ସଙ୍ଗୀତ ମାନ୍ୟତା ପ୍ରଦାନ କରିବାକୁ କେନ୍ଦ୍ର ସରକାରଙ୍କୁ ରାଜ୍ୟ ସରକାର ସୁପାରିସ କରିବେ। ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦ୍ୱିତୀୟ ଐତିହ୍ୟ କ୍ୟାବିନେଟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। କେନ୍ଦ୍ର ସରକାର ୧୯୬୪ରେ ଓଡ଼ିଶୀ ନୃତ୍ୟକୁ ଶାସ୍ତ୍ରୀୟ ନୃତ୍ୟ ଏବଂ ୨୦୧୪ରେ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ପ୍ରଦାନ କରିଛନ୍ତି।

ଓଡ଼ିଶାର ଐତିହ୍ୟ, କୀର୍ତ୍ତିରାଜି, ପ୍ରାଚୀନ ମନ୍ଦିର ରକ୍ଷଣାବେକ୍ଷଣ ଏବଂ ବିଭାଗର ସମସ୍ତ କାର୍ଯ୍ୟ ନିର୍ଦ୍ଦେଶାଳୟର ଜଣେ ନିର୍ଦ୍ଦେଶକଙ୍କ ଅଧୀନରେ ପରିଚାଳିତ ହେଉଛି। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶା ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗର ପରିଚାଳନା ପାଇଁ ଏକ ସ୍ୱତନ୍ତ୍ର ନିର୍ଦ୍ଦେଶାଳୟ ଓ ଏକ ସ୍ୱତନ୍ତ୍ର ନିର୍ଦ୍ଦେଶକ ପଦବୀ ସୃଷ୍ଟି ହେବ। ସଂସ୍କୃତି ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ମୋହର ମାରିଛି। ବୈଠକ ଶେଷରେ ଗଣମାଧ୍ୟମକୁ ସୂଚନା ଦେଇ ଓଡ଼ିଆ ଭାଷା, ସାହିତ୍ୟ , ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ କହିଛନ୍ତି ଯେ, ରାଜ୍ୟ ସଂଗ୍ରହାଳୟ ଅଧୀନରେ ୧୫ଟି ଉପବିଭାଗ ସହିତ ସମସ୍ତ ଜିଲା ସଂଗ୍ରହାଳୟ ପରିଚାଳିତ ହେଉଛି। ପ୍ରାଚୀନ ପୋଥିଗୁଡ଼ିକର ଡିଜିଟାଇଜେଶନ, ପଞ୍ଜୀକରଣ, ସଂରକ୍ଷଣ ଏବଂ ପ୍ରକାଶନ କାର୍ଯ୍ୟ ଚାଲୁରହିଛି। ଏହାଛଡ଼ା ରାଜ୍ୟ ସଂଗ୍ରହାଳୟ ଅଧୀନରେ କଟକ ସ୍ଥିତ ଆନନ୍ଦ ଭବନ ସଂଗ୍ରହାଳୟ, କେନ୍ଦୁବିଲ୍ୱସ୍ଥିତ ଜୟଦେବ ସଂଗ୍ରହାଳୟ ପରିଚାଳନା ଓ ରକ୍ଷଣାବେକ୍ଷଣ କାର୍ଯ୍ୟ ଚାଲୁରହିଛି। ଏସବୁକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ନିର୍ଦ୍ଦେଶାଳୟ ଓ ନିର୍ଦ୍ଦେଶକ ପଦବୀ ସୃଷ୍ଟି କରାଯିବ। କରୋନା ମହାମାରୀକୁ ଦୃଷ୍ଟିରେ ରଖି ରାଜ୍ୟ ସଂଗ୍ରହାଳୟ ଏବଂ ବିଜୁ ବାବୁଙ୍କ ଆନନ୍ଦ ଭବନ ସଂଗ୍ରହାଳୟକୁ ଭର୍ଚୁଆଲ କରିବା ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି।

ଏଥିସହିତ ଯୋଗ୍ୟ କଳାକାରମାନଙ୍କୁ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ , ସଂସ୍କୃତି ଓ ଐତିହ୍ୟ ବିଭାଗ ପକ୍ଷରୁ ପ୍ରଦାନ କରାଯାଉଥିବା ଏକାଡେମୀ ପୁରସ୍କାର ରାଶିକୁ ବୃଦ୍ଧି କରାଯାଇଛି। ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି। ଅତିବଡ଼ୀ ଜଗନ୍ନାଥ ଦାସ ସମ୍ମାନ, ଧର୍ମପଦ ସମ୍ମାନ ଓ ବ୍ୟାସକବି ଫକୀର ମୋହନ ଓଡ଼ିଆ ଭାଷା ସମ୍ମାନ ପୁରସ୍କାର ଅର୍ଥରାଶି ୧ ଲକ୍ଷ ଟଙ୍କାରୁ ୫ ଲକ୍ଷକୁ ବୃଦ୍ଧି କରାଯାଇଛି। ଏକାଡେମୀ ପୁରସ୍କାର ଅର୍ଥରାଶି ୫୦ ହଜାରରୁ ୨ ଲକ୍ଷ ଏବଂ ଏକାଡେମୀ ସମ୍ବର୍ଦ୍ଧନା ରାଶି ୧ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି।

ବିଭାଗ ଅଧୀନ ବିଭିନ୍ନ ଏକାଡେମୀ, ଅନ୍ୟାନ୍ୟ ପ୍ରତିଷ୍ଠାନ ଓ କେନ୍ଦ୍ରଗୁଡିକରେ ଖାଲିପଡିଥିବା କର୍ମକର୍ତ୍ତା ନିଯୁକ୍ତି ପ୍ରକ୍ରିୟା ଏକ ମୁକ୍ତ ବିଜ୍ଞାପନ ମାଧ୍ୟମରେ ଓ ଆବଶ୍ୟକ ସ୍ଥଳେ ମନୋନୟନ ମାଧ୍ୟମରେ ଚୟନ କରିବା ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁର ମିଳିଛି। ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜନ୍ମପୀଠ ସୁଆଣ୍ଡୋର ସାମଗ୍ରିକ ବିକାଶ ଓ ଉନ୍ନତୀକରଣ ପାଇଁ ସରକାର ଏକ ପ୍ରକଳ୍ପ ପ୍ରସ୍ତୁତ କରିଛନ୍ତି। ଏଥିପାଇଁ ୧୧.୫ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ସରକାରଙ୍କ ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି।

# ଡା.ବିଦ୍ୟୁତ୍ ଦାସ ଟେଲିମେଡିସିନ ବିଭାଗ ନୋଡାଲ ଅଫିସର

କଟକ ଅଫିସ, ୨।୯

କରୋନା ମହାମାରୀ ସମୟରେ ହସ୍ପିଟାଲରେ ସଂକ୍ରମଣକୁ ନିୟନ୍ତ୍ରଣ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଟେଲିମେଡିସିନକୁ ପ୍ରାଧାନ୍ୟ ଦିଆଯାଉଛି। ଜରୁରୀ ନ ଥିଲେ ହସ୍ପିଟାଲ ଆସିବା ପାଇଁ ବାରଣ କରାଯିବା ସହ ଘରେ ରହି ଟେଲିମେଡିସିନ ଜରିଆରେ ମନ ପସନ୍ଦର ଡାକ୍ତରଙ୍କ ପରାମର୍ଶ ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ତେଣୁ ଏସ୍‌ସିବିରେ ପ୍ରଚଳନ ଥିବା ଟେଲିମିଡିସେନ ବିଭାଗର ନୋଡାଲ ଅଫିସର ଭାବେ ରୁ୍ୟମାଟୋଲୋଜି ବିଭାଗର ମୁଖ୍ୟ ପ୍ରଫେସର ଡା. ବିଦ୍ୟୁତ୍ ଦାସଙ୍କୁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଦାୟିତ୍ୱ ଦିଆଯାଇଛି। ଅତୀତରେ ଏହି ଦାୟିତ୍ୱରେ ପଲମୋନାରି ମେଡିସିନ ବିଭାଗର ମୁଖ୍ୟ ଡା.ଏମ୍. ଆର୍. ପଟ୍ଟନାୟକଙ୍କୁ ଦିଆଯାଇଥିଲା।

ପ୍ରକାଶଥାଉକି ଡା. ବିଦ୍ୟୁତ ଦାସ ୨୦୧୫ ମସିହାରୁ ରାଜ୍ୟରେ ପ୍ରଥମ କରି ଟେଲିମେଡିସିନ ସେବା ଆରମ୍ଭ କରିଥିଲେ। ଏବେ ସେ ହ୍ୱାଟସ୍‌ଆପ୍ ଓ ଭିଡିଓ କଲ୍ ଯୋଗେ ରୋଗୀ ଚିକିତ୍ସା କରୁଛନ୍ତି। ଯାହା ସମଗ୍ର ରାଜ୍ୟ ଓ ରାଜ୍ୟ ବାହାରେ ଆଦୃତ ହୋଇପାରିଛି।




## ମାନସ ମଙ୍ଗରାଜ, ପଟ୍ଟାଙ୍ଗୀ ବିଧାୟକଙ୍କୁ କରୋନା

ଭୁବନେଶ୍ୱର,୨।୮ (ବ୍ୟୁରୋ): ରାଜ୍ୟ ଗଣମାଧ୍ୟମ ଉପଦେଷ୍ଟା ମାନସ ମଙ୍ଗରାଜ ଓ ପଟ୍ଟାଙ୍ଗୀ ବିଧାୟକ ପିତମ ପାଢ଼ୀ କରୋନାରେ ସଂକ୍ରମିତ ହୋଇଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଟୁଇଟ୍‌ରୁ ଜଣାପଡିଛି। ମୁଖ୍ୟମନ୍ତ୍ରୀ ଟୁଇଟ୍ କରି ଉଲ୍ଲେଖ କରିଛନ୍ତି ଯେ, ପଟ୍ଟାଙ୍ଗୀ ବିଧାୟକ ଏବଂ ମାନସ ମଙ୍ଗରାଜ କୋଭିଡ ସଂକ୍ରମିତ ଜାଣିବା ପରେ ଉଭୟଙ୍କ ସହ ସେ ଟେଲିଫୋନ ଯୋଗେ କଥା ହୋଇଛନ୍ତି। ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ପଚାରି ବୁଝିବା ସହିତ ଆଶୁ ଆରୋଗ୍ୟ କାମନା କରିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଶ୍ରୀୟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

**ଆଜିର ମନ୍ତବ୍ୟ**

"କରୋନା ମହାମାରୀରେ ଯେତିକି ଲୋକ ମରିଥିବା ଚାଇନା ଦର୍ଶାଉଛି, ତା'ଠାରୁ ଯଥେଷ୍ଟ ଅଧିକ ଲୋକଙ୍କ ମୃତ୍ୟୁ ଘଟିଛି। **-ଡୋନାଲ୍ଡ ଟ୍ରମ୍ପ, ଆମେରିକା ରାଷ୍ଟ୍ରପତି**



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଥିଲାକୁ ନାଡୁଣୀ ଜୋଇଁ ଘଇତା**
**ଟେକା ଟେକି କରି ଦିନ ନଉଥା।**

ସ୍ୱାମୀ ମରିଗଲେ ବା ନ ଥିଲେ ନିଃସହାୟ ସ୍ତ୍ରୀ ନିଜର ରକ୍ଷଣାବେକ୍ଷଣ ପାଇଁ ଅନ୍ୟର ଶରଣ ପଶିଥାଏ। ନାଡୁଣୀ ଜୋଇଁ ପରି ଆପଣାର ଚିହ୍ନାଜଣା ବ୍ୟକ୍ତିକୁ ଧରି ତାକୁ ମୁରବି ବୋଲି ମାନି ଗୁଜୁରାଣ ମେଣ୍ଟାଇବା ଭଳି ଅସୁବିଧାରୁ ନ କରିବା କଥା ବାଧ୍ୟ ହୋଇ କରିବା ଅର୍ଥରେ ଏପରି ଉକ୍ତି ଉଲ୍ଲେଖ କରାଯାଇଛି।

**ନଈ ଅତଡା ଚାଷ,**
**ଅନ୍ତୁଡ଼ି ପୁଅକୁ ଆଶ;**
**ସଖୀ ଗୋ ମନ୍ଦ ଏ।**

ନଈ ପଠାରେ କରାଯାଉଥିବା ଚାଷ ଉପରେ ଭରସା ନ ଥାଏ। ନଈରେ ବଢି ଆସିଲେ ଅତଡା ଧସି ଫସଲ ପାଣିରେ ବୁଡି ନଷ୍ଟ ହୋଇଯିବାର ଆଶଙ୍କା ରହିଥାଏ। ସେହିପରି ଜନ୍ମିତ ସନ୍ତାନର ଭବିଷ୍ୟତ କ'ଣ ହେବ କିପରି ହେବ ତାହା ଏବେଠୁ କହି ହେଉ ନ ଥିବା ସ୍ଥଳେ ତା' ଉପରେ ଆସ୍ଥା ପ୍ରକଟ କରି ବସିବା ମୂର୍ଖାମି ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ**

# ହୋଟେଲ ରୁମ୍‌ରୁ ବ୍ୟବସାୟୀଙ୍କ ମୃତଦେହ ଉଦ୍ଧାର

- **ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ଅଭିଯୋଗ**
- **ସାଙ୍ଗରେ ରହିଥିବା ଧରମ ଭଉଣୀ କଲେଜ ଛାତ୍ରୀ ଅଟକ**

**ଢେଙ୍କାନାଳ ଅଫିସ,୨।୯**

ଢେଙ୍କାନାଳ ସହରସ୍ଥିତ ଦକ୍ଷିଣକାଳୀ ରୋଡ୍‌ରେ ଥିବା ଏକ ହୋଟେଲ ରୁମ୍ ନଂ. ୨୦୨ରୁ ବୁଧବାର ସକାଳେ ଗହଣା ବ୍ୟବସାୟୀ ବିଜୁ ମାଇତି(୩୫)ଙ୍କ ମୃତଦେହ ଉଦ୍ଧାର କରାଯାଇଛି। ବିଜୁଙ୍କ ସହ ଉକ୍ତ ରୁମ୍‌ରେ ରାତିରେ ରହିଥିବା ତାଙ୍କ ଧରମ ଭଉଣୀ କଲେଜ ଛାତ୍ରୀଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ସୁନା ଓ ଟଙ୍କା ପାଇଁ ବିଜୁଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ତାଙ୍କ ଭାଇ ରାଜକୁମାର ମାଇତି ଅଭିଯୋଗ ଆଣିଛନ୍ତି।

ଘଟଣାରୁ ପ୍ରକାଶ ଯେ, ଭୁବନ ଅଞ୍ଚଳର ସୁନାଗହଣା ବ୍ୟବସାୟୀ ବିଜୁ ଏକ ଭଡାଘରେ ରହୁଥିବା ବେଳେ ତାଙ୍କ ଉପର ମହଲାରେ ଜଣେ କଲେଜ ଛାତ୍ରୀ ପରିବାର ସହ ରହୁଥିଲେ। ବିଜୁ ବିବାହିତ ଓ ତାଙ୍କର ଏକ ସନ୍ତାନ ରହିଛି। ଦୁଇ ପରିବାର ମଧ୍ୟରେ ସମ୍ପର୍କ ଭଲ ଥିବାରୁ ବିଜୁ ସମ୍ପୃକ୍ତ କଲେଜ ଛାତ୍ରୀଙ୍କୁ ଧରମ ଭଉଣୀ କରିଥିଲେ। ମଙ୍ଗଳବାର ବିଜୁ ଓ ତାଙ୍କ ଧରମ ଭଉଣୀ ହୋଇଥିବା ଛାତ୍ରୀ ଜଣକ ଗହଣା କିଣିବା ପାଇଁ ୧ ଲକ୍ଷରୁ ଅଧିକ ଟଙ୍କା ଧରି ବାଇକ୍‌ରେ କଟକ ଯାଇଥିଲେ। ହେଲେ ସକାଳେ ବିଜୁଙ୍କ ମୃତ୍ୟୁ ସମ୍ପର୍କରେ ଖବର ମିଳିଥିଲା। ମୃତ ବିଜୁଙ୍କ ବଡଭାଇ ରାଜକୁମାର ମାଇତି କହିଛନ୍ତି, ଅନୁଗୋଳରେ ନୂଆ ଦୋକାନ ଖୋଲିବାର ଥିଲା। ଏହି କାର୍ଯ୍ୟରେ ବିଜୁ କଟକ ଯାଇଥିଲେ। ସେଠାରୁ କିଛି ସୁନା ଓ ପ୍ରାୟ ୧ ଲକ୍ଷ ଟଙ୍କା ନେଇ ଫେରୁଥିଲେ। ଉକ୍ତ ସୁନା ଓ ଟଙ୍କା ନେବାକୁ ବିଜୁଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଛି ବୋଲି ସନ୍ଦେହ କରୁଛୁ। ଟାଉନଥାନା ଅଧିକାରୀ ନମିତା ନାୟକ କହିଛନ୍ତି, ବିଜୁଙ୍କ ଘର ପଶ୍ଚିମବଙ୍ଗ ମେଦିନାପୁର ଜିଲାରେ ହୋଇଥିବା ବେଳେ ସେ ପ୍ରାୟ ୧୦ ବର୍ଷ ହେବ ଭୁବନ ଅଞ୍ଚଳରେ ଗହଣା ବ୍ୟବସାୟ କରୁଥିଲେ। ମୃତକଙ୍କ ଭାଇଙ୍କ ଅଭିଯୋଗ ଆଧାରରେ ତଦନ୍ତ ଜାରି ରହିଛି। ବର୍ତ୍ତମାନ ଏକ ଅପମୃତ୍ୟୁ ମାମଲା ନଂ. ୩୯।୨୦ ରୁଜୁ ସହ ଛାତ୍ରୀଙ୍କୁ ଅଟକରଖି ପଚରାଉଚରା କରାଯାଉଛି। ଅଟକ ଛାତ୍ରୀ କହିଛନ୍ତି, କଟକରୁ ରାତିରେ ଫେରିବା ବେଳେ ଚୌଦ୍ୱାର ନିକଟରେ କେତେଜଣ ଯୁବକ ସେମାନଙ୍କୁ ଅଟକାଇ ଧମକଚମକ ଦେଇ ଗହଣା ଓ ୧୦ ହଜାର ଟଙ୍କା ଲୁଟି ନେଇଥିଲେ। ରାତିରେ ଦୁହେଁ ହୋଟେଲରେ ରହିଥିଲେ। ବିଜୁ ପ୍ରଚୁର ମଦ୍ୟପାନ କରି ଶୋଇଥିଲେ। ରାତି ୩ଟାରେ ବିଜୁ ଏକ ଓଢଣିରେ ଫ୍ୟାନରେ ଝୁଲୁଥିବା ଦେଖି ସେ ଗହଣା ଦୋକାନର ଜଣେ ଯୁବକଙ୍କୁ ଫୋନ କରିଥିଲେ। ଏହାପରେ ବିଜୁଙ୍କ ବଡଭାଇ ଓ ତାଙ୍କ ମାତାପିତା ଆସି ପହଞ୍ଚିଥିଲେ ବୋଲି ଛାତ୍ରୀ ଜଣକ ପୋଲିସ ଓ ଗଣମାଧ୍ୟମ ସମ୍ମୁଖରେ ପ୍ରକାଶ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ବନ୍ଧୁମାନଙ୍କ ସହ ନୂତନ ପ୍ରକଳ୍ପ ସକାଶେ ଅର୍ଥ ସମ୍ବନ୍ଧୀୟ ଆଲୋଚନା କରିପାରନ୍ତି। ବାଣିଜ୍ୟ, ବ୍ୟବସାୟ, ଦୂରଯାତ୍ରା ଓ ପ୍ରତିଦ୍ୱନ୍ଦ୍ୱିତାର ସାମନା କରିବା ଆଦି ବିଷୟରେ ଯୋଜନା କରିବେ। ରୋଗୀର ଆରୋଗ୍ୟ ସକାଶେ, ଋଣ ପରିଶୋଧ ପାଇଁ ମାନସିକ ସ୍ତରରେ ବ୍ୟଗ୍ରତା ପ୍ରକାଶ ପାଇବ।

**ବୃଷ** ଆକସ୍ମିକ ପରିବାରର ଖର୍ଚ୍ଚଭାର ବୃଦ୍ଧି କାରଣରୁ ମନରେ ସରସତା ରହିବ ନାହିଁ। କର୍ମକ୍ଷେତ୍ରରେ ମଧ୍ୟ କେହି ଜଣେ ପ୍ରତିବାଦର ସ୍ୱର ଉଠାଇ ସମସ୍ୟା ସୃଷ୍ଟି କରିପାରନ୍ତି। ସାମାଜିକ ସ୍ତରରେ ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ। ନିର୍ମାଣାଧୀନ କାର୍ଯ୍ୟ, ଜମିଜମା, ଆଲୋଚନା,ବନ୍ଧୁ ସମ୍ପର୍କରେ କିଛିଟା ଝଟକା ଲାଗିପାରେ।

**ମିଥୁନ** ଆପଣ ଯାହା ଭାବୁଛନ୍ତି ତାହାହିଁ ହେବ ଓ ପାଇବା ଜିନିଷ ମଧ୍ୟ ପାଇବେ। କିନ୍ତୁ ପାରିବାରିକ କ୍ଷେତ୍ରରେ କୁହୁଳୁଥିବା ନିଁଆ ପ୍ରତି ସାବଧାନ ରହିବା ବିଧେୟ। କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେବାକୁ ପଡିପାରେ। ଅନାମନ୍ତ୍ରିତ ଭାବରେ ବିବାଦୀୟ ଘଟଣାରେ ମଧ୍ୟସ୍ଥତା କଲେ ଅପମାନିତ ହୋଇପାରନ୍ତି।

**କର୍କଟ** ପ୍ରତ୍ୟେକ କ୍ଷେତ୍ରରେ ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରିବେ। କର୍ମକ୍ଷେତ୍ରରେ ପୁରୁଣା ସମସ୍ୟାଗୁଡିକ ତୁଟି ଯାଇଥିଲେ ମଧ୍ୟ ଆକସ୍ମିକ ଭାବେ ନୂତନ ସମସ୍ୟା ଦେଖାଦେବ। ଅବଶ୍ୟ ହିତୈଷୀମାନଙ୍କ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ।

**ସିଂହ** ଆପଣଙ୍କ ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ଅବଶ୍ୟ ରାଜନୈତିକ ସ୍ତରରେ, ପ୍ରଶାସନିକ କ୍ଷେତ୍ର ପାଇଁ, ସଂଗଠନ ସକାଶେ ଦିନଟି ବହୁତ ଭଲ। ବିବାଦୀୟ ଘଟଣାରେ ବିଜୟ ଲାଭ କାରଣରୁ ବନ୍ଧୁମାନଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇବେ।

**କନ୍ୟା** ଯେକୌଣସି କ୍ଷେତ୍ରରେ ହେଉନା କାହିଁକି ଆପଣ ଆଦୌ ତରବରିଆ ହୋଇ କୌଣସି କାମ କରନ୍ତୁ ନାହିଁ। ତଥାପି ହିତୈଷୀମାନଙ୍କ ସାହାଯ୍ୟରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ। ପାରିପାର୍ଶ୍ୱିକ କେତେକ ବ୍ୟତିକ୍ରମଜନିତ ଉନ୍ନୟନ ମୂଳକ କାମ ବାଧାପ୍ରାପ୍ତ ହୋଇପାରେ।

**ତୁଳା** ଗତକାଲି ଠାରୁ ମନରେ ଭାବୁଥିବା କଥାଟି ଆଜି ହିଁ ବାସ୍ତବରେ ପରିଣତ ହେବ। ଖଳ ଲୋକମାନଙ୍କ ଦ୍ୱାରା ପ୍ରଚାରିତ ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିପାରେ। ଯାତ୍ରା, ପ୍ରଶାସନ, କଳା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରୁ ଉଚ୍ଚ ପ୍ରଶଂସିତ ହେବେ।

**ବିଛା** ଅବସାଦଗ୍ରସ୍ତ ମନରେ ବନ୍ଧୁଙ୍କ ପ୍ରେରଣାରେ ଉଦ୍‌ବୁଦ୍ଧ ହୋଇ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବାକୁ ସମର୍ଥ ହେବେ। ଆଜିର କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ପରିବାରର ଆବଶ୍ୟକତା ଅନୁଯାୟୀ କୌଣସି ମୂଲ୍ୟବାନ ଜିନିଷ ଘରକୁ ଆଣିପାରନ୍ତି। ବିଭିନ୍ନ ପ୍ରତିବନ୍ଧକ ମଧ୍ୟଦେଇ ଗତିକରିବେ।

**ଧନୁ** ଆଜି ଆପଣଙ୍କୁ ପ୍ରତ୍ୟୁଷ ଯାତ୍ରାରେ ଅଭିଳଷିତ ଫଳ ଲାଭର ସୂଚନା ରହିଛି। କିନ୍ତୁ ସ୍ୱକୀୟ ଉଦ୍ୟମ ଓ ଆପୋସ ଆଲୋଚନା ସାଙ୍ଗକୁ ପାରସ୍ପରିକ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। କର୍ମକ୍ଷେତ୍ରରେ ଆଳସ୍ୟ ଓ ଅବହେଳାରୁ କୈଫିୟତ ଦେବାକୁ ପଡ଼ିପାରେ।

**ମକର** ଅତି ନିକଟରେ ରହି ଶତ୍ରୁତା କରୁଥିବା ଲୋକଟିର କାର୍ଯ୍ୟକଳାପ ସନ୍ଦେହଜନକ ହୋଇପାରେ। ପ୍ରତ୍ୟେକ ପରିସ୍ଥିତିରେ ପରିବାର ସଦସ୍ୟଙ୍କ ମନ ନେଇ କାମକଲେ ସମସ୍ୟାର ସରଳ ସମାଧାନ ହେବ। ଅତ୍ୟାବଶ୍ୟକ ଜିନିଷଟି ପରକୁ ଦେଇ ହଇରାଣ ହୋଇପାରନ୍ତି। ପରିବହନରେ ସମସ୍ୟା ଦୂର ହେବ।

**କୁମ୍ଭ** କର୍ମକ୍ଷେତ୍ରରେ ଟିକିଏ ଜୋର୍ ଦେଇ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ କୌଣସି ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି। ପାରିବାରିକ କ୍ଷେତ୍ରରେ ଭଲ ସମ୍ପର୍କ ନ ଥିବା ବ୍ୟକ୍ତିମାନଙ୍କ ତରଫରୁ ସମସ୍ୟା ଆସିପାରେ। ଆଜିର ଭ୍ରମଣ ବେଶ୍ ଆନନ୍ଦ ଦାୟକ ହେବ।

**ମୀନ** ମନରେ ଶାନ୍ତି ନ ଥିଲେ ମଧ୍ୟ କାମଗୁଡ଼ିକ ସାଧନ କରିବା କ୍ଷେତ୍ରରେ କୌଣସି ଅସୁବିଧା ରହିବ ନାହିଁ। ସାଧାରଣ କଥାକୁ କେନ୍ଦ୍ରକରି ପାରିବାରିକ ଶାନ୍ତି ଓ ସୁସ୍ଥତା ବ୍ୟାହତ ହୋଇପାରେ। ବିବାଦୀୟ ପରିସ୍ଥିତିରେ ସବୁ ଜାଣିଶୁଣି ନୀରବତା ଅବଲମ୍ବନ କରିବା ଭଲ ହେବ।

ଆଜି ଆଶ୍ୱିନ କୃଷ୍ଣ ପ୍ରତିପଦା ଯୁକ୍ତ ଦ୍ୱିତୀୟା ଗୁରୁବାର, ଜହ୍ନିଓଷା ଆରମ୍ଭ, ଚାତୁର୍ମାସ୍ୟା ଗୁରୁବାର ବ୍ରତ, ସେପ୍ଟେମ୍ବର ୩ ତାରିଖ, ରାଶିନକ୍ଷତ୍ର-ପୂର୍ବଭାଦ୍ରପଦ୍ କୁମ୍ଭ, ଦିବା ଘ.୦୨।୧୪ମି.ଗତେ ମୀନଚନ୍ଦ୍ର, ଦ୍ୱିତୀୟାର ପାର୍ବଣ ଶ୍ରାଦ୍ଧ, ସକାଳ ଘ. ୦୫।୩୫ମି. ଗତେ ଘ.୦୭।୧୪ମି. ମଧ୍ୟେ, ଘ.୧୦।୩୨ମି.ଗତେ ଘ.୦୧।୦୦ମି. ମଧ୍ୟେ ଅମୃତବେଳା, ରାତ୍ରି ଘ. ୦୨।୨୯ମି. ଗତେ ଘ.୦୩।୧୫ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ.୦୧।୧୮ମି. ଗତେ ଘ.୦୨।୫୧ମି. ମଧ୍ୟେ ରାହୁକାଳ।

## ବିଶ୍ୱବିଦ୍ୟାଳୟ ପାଇଁ ...

ପ୍ରଥମ ପୃଷ୍ଠାରୁ...

ଆଇନ-୨୦୦୫କୁ ମଧ୍ୟ ଉଚ୍ଛେଦ କରାଯାଇଛି। କରୋନା ମହାମାରୀ ଯୋଗୁ ଆଇନଜୀବୀମାନେ ଆର୍ଥିକ ସଙ୍କଟ ଦେଇ ଗତି କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ସେମାନଙ୍କୁ ସହାୟତା ଦେବା ପାଇଁ ଓଡ଼ିଶା ଅଧିବକ୍ତା କଲ୍ୟାଣ ପାଣ୍ଠି ଆଇନ-୧୯୮୭କୁ ସଂଶୋଧନ କରାଯିବ। ରାଜ୍ୟ ସରକାର ଏଥିପାଇଁ ଅଧ୍ୟାଦେଶ ଆଣିବେ। ଆଇନ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। ଅଧିବକ୍ତା କଲ୍ୟାଣ ପାଣ୍ଠିରୁ ବାର୍ କାଉନସିଲ ପକ୍ଷରୁ ଆଇନଜୀବୀମାନଙ୍କୁ ମୃତ୍ୟୁ ଓ ଅବସର ପରେ ସହାୟତା ଯୋଗାଇ ଦିଆଯାଇଥାଏ। ଏହାକୁ ସଂଶୋଧନ କରିବା ପରେ କରୋନା ସମୟରେ ଆଇନଜୀବୀଙ୍କୁ ସହାୟତା କରାଯାଇ ପାରିବ।

## ପୁରୀ ବେଳାଭୂମିକୁ 'ବ୍ଲୁ ଫ୍ଲାଗ୍' ...

ଏହି ବେଳାଭୂମିଗୁଡ଼ିକ ମଧ୍ୟରେ ପୁରୀ ସ୍ଥାନ ପାଇଛି। 'ବ୍ଲୁ ଫ୍ଲାଗ୍' ମାନ୍ୟତା ପାଇବା ପାଇଁ ପୁରୀର ସ୍ୱର୍ଣ୍ଣିମ ବେଳାଭୂମିକୁ ମନୋନୀତ କରାଯାଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ପରିବେଶ ମନ୍ତ୍ରୀ ପ୍ରକାଶ ଜାଭେଡକରଙ୍କୁ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଧନ୍ୟବାଦ ଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ ପ୍ରଧାନ ଟୁଇଟ୍ କରି କହିଛନ୍ତି ଯେ, ସୋସାଇଟି ଅଫ୍ ଇଣ୍ଟିଗ୍ରେଟେଡ୍ କୋଷ୍ଟାଲ ମ୍ୟାନେଜମେଣ୍ଟ (ସିକମ୍) ଏବଂ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପାଇଲଟ୍ ବ୍ଲୁ ଫ୍ଲାଗ ବିଚ୍ ଭାବେ ଚିହ୍ନଟ କରାଯାଇଛି। ପରିବେଶ ସୁରକ୍ଷା ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣର ଆବଶ୍ୟକତା ଭିତ୍ତିରେ ବିମ୍‌ସ ଉପକୂଳବର୍ତ୍ତୀ ଅଞ୍ଚଳର ବିକାଶ ପାଇଁ ନିରନ୍ତର କାର୍ଯ୍ୟ କରୁଛି। ସ୍ୱର୍ଣ୍ଣିମ ବେଳାଭୂମି ପୁରୀରେ ପର୍ଯ୍ୟଟକମାନଙ୍କୁ ସମସ୍ତ ସୁବିଧା ଦେବା ଏବଂ ସ୍ଥାୟୀ ପରିବେଶ ସୃଷ୍ଟି କରିବା ନେଇ ବିମ୍‌ସ ଅଧୀନରେ ସିକମ୍ ଅଢେଇ ବର୍ଷରେ ୮.୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରିଛି।

ପୁରୀ ବେଳାଭୂମିରେ ସ୍ୱଚ୍ଛତା, ସବୁଜିମା, ବସିବା ପାଇଁ ଛତ୍ରୀ, ବାଥିଂ ଜୋନ, ଅତ୍ୟାଧୁନିକ ଶୌଚାଳୟ ସୁବିଧା, ପାନୀୟଜଳ, ପାର୍କିଂ ଓ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ସେହିପରି ପର୍ଯ୍ୟଟନ ମନୋରଞ୍ଜନ ସୁବିଧା ଗୁଡ଼ିକରେ ବାଉଁଶର ବ୍ୟାପକ ବ୍ୟବହାର, ବିଶୁଦ୍ଧ ପାନୀୟଜଳ, ୱାଚ୍ ଟାୱାର ବ୍ୟବସ୍ଥା ସହ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ସିସିଟିଭି, ଲାଇଫ୍‌ଗାର୍ଡ ଓ ସୁରକ୍ଷା କର୍ମୀଙ୍କୁ ମଧ୍ୟ ମୁତୟନ କରାଯାଇଛି। ପରିବେଶ ସୁରକ୍ଷାକୁ ଦୃଷ୍ଟିରେ ରଖି ସୌରଶକ୍ତିର ଉପଯୋଗ କରାଯିବା ସହ ଜୈବ ଆବର୍ଜନାର ବ୍ୟବହାର କରାଯାଉଛି। ଏହି ବିଶ୍ୱସ୍ତରୀୟ ସୁବିଧା ହେବା ଦ୍ୱାରା ପୁରୀରେ

ପ୍ରଥମ ପୃଷ୍ଠାରୁ...

ପର୍ଯ୍ୟଟନ କ୍ଷେତ୍ରରେ ବୃଦ୍ଧି ପରିଲକ୍ଷିତ ହେବ ଏବଂ ଆନ୍ତର୍ଜାତିକ ପର୍ଯ୍ୟଟକଙ୍କୁ ଆହୁରି ଅଧିକ ଆକୃଷ୍ଟ କରିବ ବୋଲି ଧର୍ମେନ୍ଦ୍ର ଟୁଇଟ୍ କରିଛନ୍ତି।

ସୂଚନାଥାଉ କି, ପୁରୀ ଗାନ୍ଧୀଘାଟଠାରୁ ହୋଟେଲ ମେ ଫେୟାର ପର୍ଯ୍ୟନ୍ତ ୮୭୦ ମିଟର ବେଳାଭୂମିକୁ 'ବ୍ଲୁ ଫ୍ଲାଗ ବିଚ୍' ପାଇଁ ଚିହ୍ନଟ କରାଯାଇ ଏହାର ବିକାଶ କରାଯାଇଛି। ଏଠାରେ ସୁରକ୍ଷିତ ସ୍ନାନ ବ୍ୟବସ୍ଥା ସହ ପର୍ଯ୍ୟଟକଙ୍କୁ ଅନ୍ତର୍ଜାତୀୟ ସୁବିଧା ପ୍ରଦାନ ଲକ୍ଷ୍ୟ ନେଇ ପରିବେଶ ଅନୁକୂଳଭିତ୍ତିକ ନିର୍ମାଣ ହୋଇଛି। କାମ ଶେଷ ହୋଇଥିବା ବେଳେ ଖୁବଶୀଘ୍ର ଏହାର ଲୋକାର୍ପଣ ଯୋଜନା କରୁଛି ପ୍ରଶାସନ। ଏହାକୁ କିପରି ପରିଚାଳନା ଓ ରକ୍ଷଣାବେକ୍ଷଣ କରାଯିବ ସେ ନେଇ ଗତ ଅଗଷ୍ଟ ୨୮ ତାରିଖରେ ବିଚ୍ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଥିଲା ବୋଲି ଗୋଲ୍‌ଡେନ ବିଚ୍‌ର ନୋଡାଲ ଅଫିସର ଡ. ଅନନ୍ତ କୁମାର ସାହୁ କହିଛନ୍ତି। ଏକ ବିଶେଷଜ୍ଞ ଟିମ୍ ଏହି ବେଳାଭୂମି ପରିଦର୍ଶନ ତଥା ପରୀକ୍ଷା କରି ରିପୋର୍ଟ ଦେବା ପରେ 'ବ୍ଲୁ ଫ୍ଲାଗ୍ ମାନ୍ୟତା' ମିଳିବ ବୋଲି ଜଣାପଡ଼ିଛି। ଉକ୍ତ ପାଇଲଟ ପ୍ରକଳ୍ପର ବିକାଶ ପାଇଁ ଇଣ୍ଟିଗ୍ରେଟେଡ କୋଷ୍ଟାଲ ଜୋନ୍ ମ୍ୟାନେଜମେଣ୍ଟ ପ୍ରୋଜେକ୍ଟ (ଆଇସିଜେଡ୍‌ଏମ୍‌ପି)କୁ ପୁରୀ ଜିଲା ପ୍ରଶାସନ ଜାଗା ହସ୍ତାନ୍ତର କରିଥିଲା। ଏହି ପ୍ରକଳ୍ପ ପାଇଁ ପ୍ରଥମେ ୧୨କୋଟି ଟଙ୍କାର ବ୍ୟୟ ଅଟକଳ ହୋଇଥିଲା। କେନ୍ଦ୍ର ସରକାର ୧୦ କୋଟି ଏବଂ ସୋସାଇଟି ଅଫ୍ ଇଣ୍ଟିଗ୍ରେଟେଡ କୋଷ୍ଟାଲ ମ୍ୟାନେଜମେଣ୍ଟ (ସିକମ୍) ୨ କୋଟି ଟଙ୍କା ଖର୍ଚ୍ଚ କରିବାକୁ ସ୍ଥିର ହୋଇଥିଲା। ଅନ୍ୟପକ୍ଷରେ କୋଣାର୍କର ଚନ୍ଦ୍ରଭାଗା ବେଳାଭୂମି ୨୦୧୮ରେ 'ବ୍ଲୁ ଫ୍ଲାଗ୍ ମାନ୍ୟତା' ଦୌଡ଼ରେ ରହିଥିଲା। ତେବେ ସୁରକ୍ଷା ଦୃଷ୍ଟିରୁ ପରବର୍ତ୍ତୀ ସମୟରେ ଏହା ବାଦ୍ ପଡ଼ିଥିଲା।

## ବଳରାମ ଯୋଜନାରେ ...

ହେକ୍ଟର ଜମିରେ ଶସ୍ୟ ଉତ୍ପାଦନ ଲକ୍ଷ୍ୟ ରଖାଯାଇଛି। ଏପର୍ଯ୍ୟନ୍ତ ୫୫.୫୨ ଲକ୍ଷ ହେକ୍ଟରରେ ଚାଷ ହୋଇଛି। ୨୦୧୮ରେ ଏହି ସମୟରେ ୫୦ ଲକ୍ଷ ହେକ୍ଟରରେ ଚାଷ କାର୍ଯ୍ୟ ହୋଇଥିବା ବେଳେ ୨୦୧୯ରେ ୪୭ ଲକ୍ଷ ହେକ୍ଟରରେ କୃଷି ହୋଇଥିଲା।

ରାଜ୍ୟ ସରକାର କେବଳ ଧାନ ନୁହେଁ ଚାଷୀମାନଙ୍କର ଆୟ ବୃଦ୍ଧି କରିବାକୁ ଅଣଧାନ ଚାଷ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ସର୍ବନିମ୍ନ ସହାୟକ ମୂଲ୍ୟ ଦିଆଯାଇ ଚାଷୀଙ୍କ ଠାରୁ କପା ଓ ରାଶି କ୍ରୟ କରାଯାଇଛି। କପା ୧୯ ଲକ୍ଷ ବେଲ କ୍ରୟ କରାଯାଇଥିବା ବେଳେ ରାଶି ୧ ଲକ୍ଷ କୁଇଣ୍ଟାଲରୁ ଅଧିକ କ୍ରୟ ହୋଇଛି। ସେହିପରି କେନ୍ଦ୍ର ସରକାର ଚାଷୀଙ୍କ ଠାରୁ ଝୋଟ କିଣୁଛନ୍ତି। ଡାଲି, ତୈଳବୀଜ, ଚିନାବାଦାମ, ସୂର୍ଯ୍ୟମୁଖୀ, ହରଡ଼, ବିରି ଓ ମୁଗ ପ୍ରଭୃତି କ୍ରୟ କରାଯାଉଛି। ଏହାଦ୍ୱାରା ଚାଷୀମାନଙ୍କର ଆୟ ବୃଦ୍ଧି ପାଇବ ବୋଲି ସେ କହିଛନ୍ତି।

ଚାଷୀମାନଙ୍କୁ ପର୍ଯ୍ୟାପ୍ତ କୃଷିଋଣ ଖରିଫ ଚାଷ ପାଇଁ ଦିଆଯାଉଛି। ଚଳିତବର୍ଷ ଖରିଫ ଋତୁ ପାଇଁ ୧୦ ହଜାର କୋଟି ଟଙ୍କାର କୃଷି ଋଣ ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଛି। ୨୦୧୮ ଓ ୨୦୧୯ରେ ୮ ହଜାର କୋଟି ଟଙ୍କାର କୃଷିଋଣ ଯୋଗାଇ ଦିଆଯାଇଥିଲା। ଚଳିତବର୍ଷ ୨ ହଜାର କୋଟିରୁ ଅଧିକ ଋଣ ଚାଷୀମାନଙ୍କୁ ଯୋଗାଇ ଦିଆଯିବ। ଏହି ଋଣ ଚାଷୀମାନଙ୍କୁ ସମବାୟ ସମିତି, ସମବାୟ ବ୍ୟାଙ୍କ ଏବଂ ଅନ୍ୟାନ୍ୟ ବାଣିଜ୍ୟିକ ବ୍ୟାଙ୍କ ଜରିଆରେ ଯୋଗାଇ ଦିଆଯାଉଛି। ଏ ପର୍ଯ୍ୟନ୍ତ ୨୧ ଲକ୍ଷ ଚାଷୀଙ୍କୁ ୯,୯୬୪.୪୭ କୋଟି ଟଙ୍କାର କୃଷିଋଣ ଦିଆଯାଇଛି। ସେପ୍ଟେମ୍ବର ୩୦ ତାରିଖ ସୁଦ୍ଧା ଖରିଫ ଋଣ ଯୋଗାଇ ଦିଆଯିବ ବୋଲି ସଚିବ କହିଛନ୍ତି।

କାଳିଆ ଯୋଜନାରେ ୫୫ ଲକ୍ଷ ୨୯ ହଜାର ୮୬୦ ଚାଷୀଙ୍କୁ ଚିହ୍ନଟ କରାଯାଇଛି। ସେହିପରି ଜମି ନ ଥିବା ଓ ଭାଗଚାଷୀଙ୍କ ପାଇଁ ରାଜ୍ୟ ସରକାର ବଳରାମ ଯୋଜନା କରିଛନ୍ତି। ଏହି ଯୋଜନାରେ ଭାଗଚାଷୀମାନଙ୍କୁ ନେଇ ଗୋଷ୍ଠୀ କରାଯାଇଛି। ପ୍ରତ୍ୟେକ ଗୋଷ୍ଠୀକୁ ୧.୬ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନର ବ୍ୟବସ୍ଥା ହୋଇଛି। କୃଷି ସାଥୀମାନେ ଏହି ଋଣ ପ୍ରଦାନରେ ସହାୟତା କରିବେ। ଏହାଛଡ଼ା ଜଳସେଚନ ପାଇଁ ଚାଷୀମାନଙ୍କୁ ସହାୟତା ଦେବା ଲାଗି ରାଜ୍ୟ ସରକାର ଫାର୍ମପଣ୍ଡ ଯୋଜନା କରିଛନ୍ତି। ୨୦୨୦-୨୦୨୪ ମଧ୍ୟରେ ଏହି ଯୋଜନାରେ ରାଜ୍ୟରେ ୫ ଲକ୍ଷ କ୍ଷେତ ପୋଖରୀ ଖୋଳିବାକୁ ଲକ୍ଷ୍ୟ ରଖାଯାଇଛି। ଚାଷୀମାନେ ନିଜ ଜମିରେ ପୋଖରୀ ଖୋଳିପାରିବେ। ଚଳିତବର୍ଷ ଏ ପର୍ଯ୍ୟନ୍ତ ଏହି ଯୋଜନାରେ ୯,୯୦୦ ପୋଖରୀ ଖୋଳାଯାଇଛି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ୧୦୭ କୋଟି ଟଙ୍କା ବ୍ୟୟରେ ୩୬ ଲକ୍ଷ ଶ୍ରମଦିବସ ସୃଷ୍ଟି କରାଯାଇଛି। ଚଳିତ ବର୍ଷ ୧ ଲକ୍ଷ ଚାଷୀଙ୍କୁ ଫାର୍ମପଣ୍ଡ ଯୋଗାଇଦେବାକୁ ଲକ୍ଷ୍ୟ ରଖାଯାଇଛି। ଏଥିରେ ୧୦୩୮ କୋଟି ଟଙ୍କା ବ୍ୟୟରେ ୪.୫୧ କୋଟି ଶ୍ରମଦିବସ ସୃଷ୍ଟି କରାଯିବ ବୋଲି ସଚିବ ସୂଚନା ଦେଇଛନ୍ତି। ଏହି ଯୋଜନାରେ ୬୫ ହଜାର ଚାଷୀ ପଞ୍ଜୀକୃତ ହୋଇଛନ୍ତି।

ଗର୍ଗ କହିଛନ୍ତି ଯେ, ଚଳିତବର୍ଷ ୬.୬୬ ଲକ୍ଷ ମେଟ୍ରିକ ଟନ୍ ସାର ଉଠାଯାଇଛି। ତେଣୁ ସାର ପାଇବାରେ ଚାଷୀଙ୍କୁ କୌଣସି ଅସୁବିଧା ହେବ ନାହିଁ। ରାଜ୍ୟ କୃଷି ଭବନ ବିଶ୍ୱସ୍ତରରେ ଖ୍ୟାତି ଅର୍ଜନ କରିଛି। ଚାଷୀମାନଙ୍କୁ ଏଠାରେ ତାଲିମ ଦେବାର ବ୍ୟବସ୍ଥା କରାଯାଇଛି। ଆମ କୃଷି ଯୋଜନାରେ ୯ ଲକ୍ଷ ଚାଷୀ ପଞ୍ଜୀକୃତ କରିଛନ୍ତି। ଚାଷୀମାନଙ୍କର ସମସ୍ୟା ସମାଧାନ କରିବାକୁ ରାଜ୍ୟ ସରକାର ହେଲ୍‌ପଲାଇନ ନଂ-୧୫୫୩୩୩ ଜାରି କରିଛନ୍ତି। ଚାଷୀମାନେ ଉକ୍ତ ନମ୍ବରରେ ଯୋଗାଯୋଗ କରି ସେମାନଙ୍କ ସମସ୍ୟାର ସମାଧାନ କରିପାରିବେ। ଫୋନକଲ୍ ପାଇବା ମାତ୍ରେ ୨୪ ଘଣ୍ଟା ମଧ୍ୟରେ ସମସ୍ୟାର ସମାଧାନ କରାଯିବ ବୋଲି ଗର୍ଗ ସୂଚନା ଦେଇଛନ୍ତି। ଭିଏଲ୍‌ଡବ୍ଲ୍ୟୁ ଓ ଅନ୍ୟାନ୍ୟ କୃଷି ଅଧିକାରୀମାନଙ୍କୁ ନେଇ ଆମ କୃଷି ନାମରେ ଏକ ହ୍ୱାଟ୍‌ସଆପ୍ ଗ୍ରୁପ୍ କରାଯାଇଛି। ୧୦୦ ଚାଷୀଙ୍କୁ ନେଇ ଗୋଟିଏ ଗୋଟିଏ ହ୍ୱାଟ୍‌ସଆପ ଗ୍ରୁପ କରାଯାଇଥିବାବେଳେ ଏଥିରେ ଚାଷୀଙ୍କୁ ବିଭିନ୍ନ ସୂଚନା ଦିଆଯାଉଛି। କୋଭିଡ୍ ମହାମାରୀ ଯୋଗୁ ଚାଷୀମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଚାଷୀଙ୍କୁ ସହାୟତା କରିବାକୁ ମୁଖ୍ୟମନ୍ତ୍ରୀ ୨୦୦ କୋଟି ଏବଂ ମତ୍ସ୍ୟଚାଷୀଙ୍କ ପାଇଁ ୧.୭୫ କୋଟି ଟଙ୍କାର ସହାୟତା ପ୍ୟାକେଜ୍ ଘୋଷଣା କରିଥିଲେ। ଏଥିରେ ୨୫ ଲକ୍ଷ ଚାଷୀ ଉପକୃତ ହେବେ। ଏ ପର୍ଯ୍ୟନ୍ତ ୧୮ ଲକ୍ଷ ଚାଷୀଙ୍କୁ ଚିହ୍ନଟ କରାଯାଇଛି।

ଚାଷୀମାନେ ନିକଟସ୍ଥ କୃଷି ଅଧିକାରୀଙ୍କ ନିକଟରେ ନିଜର ନାମ ପଞ୍ଜୀକୃତ କରିବାକୁ ଗର୍ଗ ପରାମର୍ଶ ଦେଇଛନ୍ତି। କୃଷିର ଉନ୍ନତି ପାଇଁ ୫-ଟି ଅଧୀନରେ ଦକ୍ଷତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମରେ ୫ ହଜାରରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କର ଦକ୍ଷତା ନିର୍ଦ୍ଧାରଣ କରିବା ଦିଗରେ ୫ଟି ମାନଦଣ୍ଡ ଯୋଜନାର କାର୍ଯ୍ୟକାରିତା, ୫-ଟିର ଅନୁପାଳନ, ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ଯୋଜନା କାର୍ଯ୍ୟକାରୀ କରିବା, ରିସ୍କ ପରିଚାଳନା, ମୋ ସରକାରର ଅନୁପାଳନକୁ ବିଚାରକୁ ନିଆଯିବ। କୃଷି ଓ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଭଲ କାମ ପାଇଁ ପ୍ରୋତ୍ସାହନ ବ୍ୟବସ୍ଥା କରାଯାଇଛି ବୋଲି ଗର୍ଗ କହିଛନ୍ତି।

## ପବ୍‌ଜି ସହ ୧୧୮ ଚାଇନା ...

ଅଭିଯୋଗ ଆଧାରରେ ସରକାର ତ୍ୱରିତ ଭିତ୍ତିରେ କାର୍ଯ୍ୟାନୁଷ୍ଠାନ ନେଇଥିବା ଜଣାପଡିଛି। ଜୁନ ୧୯ରେ କେନ୍ଦ୍ର ସରକାର ପ୍ରାଥମିକ ପର୍ଯ୍ୟାୟରେ ୫୯ ଚାଇନା ଆପ୍ ବିରୋଧରେ କଟକଣା ଲଗାଇଥିଲେ। ଏହା ମଧ୍ୟରେ ବାଇଟ ଡାନ୍ସ କମ୍ପାନୀର ଭିଡିଓ ଶେୟାରିଂ ଆପ୍ଲିକେଶନ ଟିକ୍‌ଟକ, ଆଲିବାବାର ୟୁସି ବ୍ରାଉଜର ଏବଂ ସାଓମିର ଏମ୍‌ଆଇ କମ୍ୟୁନିଟି ଆପ୍ଲିକେଶନ ରହିଥିଲା। ସେହିଭଳି ପୁଣି ଥରେ ଅଗଷ୍ଟରେ ଆଉ ୪୭ ଆପ୍ଲିକେଶନକୁ ବ୍ୟାନ କରିଦିଆଯାଇଥିଲା। ଆପ୍‌ଗୁଡିକ ପ୍ରଚଳିତ ଆପ୍‌ଗୁଡ଼ିକର କ୍ଲୋନ କିମ୍ବା ଭିନ୍ନ ଭର୍ସନ ଭାବେ କାର୍ଯ୍ୟ କରୁଥିଲା।

## କେନ୍ଦ୍ରୀୟ କର୍ମଚାରୀଙ୍କୁ ...

ଅଧିକ ସମୀକ୍ଷାର ସମ୍ମୁଖୀନ ହେବାକୁ ପଡ଼ିପାରେ। ପୂର୍ବର ମୌଳିକ ନିୟମ ୫୬(ଜେ)/୧ ଏବଂ ସିସିଏସ୍(ପେନସନ) ନିୟମାବଳୀ, ୧୯୭୨ର ରୁଲ୍ ୪୮ରେ ନିର୍ଦ୍ଦେଶନାମାର ବ୍ୟାଖ୍ୟାରେ ରହିଥିବା ଅସ୍ପଷ୍ଟତା ଦୂର କରିବା ନୂଆ ନିୟମର ଉଦ୍ଦେଶ୍ୟ ବୋଲି ଏକ ସରକାରୀ ସୂତ୍ରରୁ ସୂଚନା ମିଳିଛି।

ପୁରୁଣା ନିୟମରେ ଜଣେ କର୍ମଚାରୀଙ୍କୁ ୫୦ କିମ୍ବା ୫୫ ବର୍ଷ ହୋଇଥିଲେ କିମ୍ବା ଚାକିରିରେ ୩୦ ବର୍ଷ ସମ୍ପୂର୍ଣ୍ଣ କଲାପରେ ସେ ସେବାରେ ରହିବେ ଅଥବା ଜନସ୍ୱାର୍ଥ ଦୃଷ୍ଟିରୁ ଅବସର ନେବେ ସେନେଇ ତାଙ୍କ ପ୍ରଦର୍ଶନର ସମୀକ୍ଷା କରାଯାଇଥାଏ। ପ୍ରକାଶ ଯେ, ଏହା ପୂର୍ବରୁ ଅପାରଗ ଓ ଦୁର୍ନୀତିଗ୍ରସ୍ତ ଅଧିକାରୀମାନଙ୍କୁ ଆଗୁଆ ଅବସର ପ୍ରଦାନ ନିମନ୍ତେ ସେମାନଙ୍କ ପ୍ରଦର୍ଶନକୁ ନେଇ ତାଲିକା ପ୍ରସ୍ତୁତ କରିବା ପାଇଁ କେନ୍ଦ୍ର ସରକାର ସମସ୍ତ ମନ୍ତ୍ରଣାଳୟର ସଚିବମାନଙ୍କୁ ନିର୍ଦ୍ଦେଶ ଦେଇସାରିଛନ୍ତି।

## ବ୍ଲ୍ୟୁ ଫ୍ଲାଗ୍ ପ୍ରମାଣନ ...

ପ୍ରତିବର୍ଷ ଏଫ୍‌ଇଇ ସଦସ୍ୟ ଦେଶଗୁଡ଼ିକର ବେଳାଭୂମି ଓ ବନ୍ଦରାଞ୍ଚଳକୁ ଏହି ପୁରସ୍କାର ମିଳିଥାଏ। ଏହି ସାର୍ଟିଫିକେଟ ଉଚ୍ଚମାନର ପରିବେଶ ଓ ମାନକର ସୂଚକ। ନିକଟରେ ୪୭ ଦେଶ ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ୪,୫୭୩ ବେଳାଭୂମି, ମେରିନା ଓ ବୋଟକୁ ଏହି ସାର୍ଟିଫିକେଟ ମିଳିଛି। ୨୦୧୯ ଜୁଲାଇ ବିଜ୍ଞପ୍ତିରେ ପରିବେଶ ମନ୍ତ୍ରଣାଳୟ ବ୍ଲ୍ୟୁ ଫ୍ଲାଗ ସାର୍ଟିଫିକେଶନ ପାଇଁ ଗୁଜରାଟର ଶିବରାଜପୁର, ମହାରାଷ୍ଟ୍ରର ଭୋଗାଭେ, ଡାମନ୍ ଓ ଡିଉର ଘୋଘଲା, ଗୋଆର ମିରାମାର, କର୍ଣାଟକର କସରକୋଡ ଓ ପଦୁବିଦ୍ରି, କେରଳର କପ୍ପଡ, ପୁଡୁଚେରୀର ଇଡେନ, ତାମିଲନାଡୁର ମହାବଳିପୁରମ୍, ଆନ୍ଧ୍ରପ୍ରଦେଶର ରୁଷିକୋଣ୍ଡା, ଓଡ଼ିଶାର ପୁରୀ ସୁବର୍ଣ୍ଣ ବେଳାଭୂମି ଏବଂ ଆଣ୍ଡାମାନ ନିକୋବରର ରାଧାନଗର ବେଳାଭୂମିକୁ ଚିହ୍ନଟ କରିଥିଲେ।


# classifieds Everyday
0674-2580101, 2549302




**SALE**

ଭୁବନେଶ୍ୱର ପଟିଆ, ରଘୁନାଥପୁର, ଫୁଲନଖରା ପାଖରେ 1,2,3BHK Simplex/ Duplex ଅଛି। 8327785834, 9658122456. D-69153

2500sqft. boundarywall with borewel NH-5 Pahal, 4BHK flat at Vipulgarden, Bhubaneswar. 9437110746. D-69152

Bhubaneswar Engineering College (BEC), Backside Govt. ରାସ୍ତାକୁ ଲାଗି ସ୍ଥିତିବାନ ପ୍ଲଟ୍ ମିଳୁଅଛି। 8338932027. D-69150

Fully developed residential gharabari plot at Phulnakhara connected to 200'road side East Engineering College, 500mtrs from Trinath Bazar Market Complex- 9439889903. D-69144

**GENERAL SALE**


Office ପୁରୁଣା Asset ବିକ୍ରି- Two Wheeler, Jeep Bolero, Computer & Other Office Equipment. Address: 280, Bhoi Nagar, BBSR-22, (BUADP), Contact No.: 8895124899, Last date of apply: 08.09.2020. D-18101

**PURCHASE**

ଭୁବନେଶ୍ୱରରେ ଘର କରିବା ପାଇଁ ପାଚେରି ହୋଇଥିବା ପ୍ଲଟ୍ ଦରକାର। Land owner Contact: 9439493164. D-69157




Rent for constructed building Plot Area - 35,000, Length - 2050, Breadth - 1850, Facing - North East, Hi-Tech chhak left side 6 K.M. Barimund, Ph.: 9938125254. D-18045




Herbal full body massage smart Lady Therapist. 9437453813. D-69908

Thailand Unisex Massage Refreshments Rejuvenation. 9853999966, 9123319079, 7750073898, 9853999966, Homeservices 9853999966@gmail.com. D-18047

Relaxing body massage by Lady/ Gents therapists - 7008773793. D-60888

Newly open full body massage by Lady/ Gents therapists - 8018656899. D-60887

Swarna SPA newly open positively health benefits with expert therapist. 7873794731. D-69734

Get refreshment body massage by expert therapist contact for. 9556978408. D-69733

Monika massage centre: Get body massage with smart lady therapist, room service provide here 8235379277. D-18094

Newly open SPA centre smart therapist body massage, Bamikhal. 7205187702. D-59957

Newly open full body massage SPA in Bhubaneswar. Contact: 7205058838. D-69731

Newly open SPA centre smart therapist body massage, Rasulgarh. 7846814019. D-59958

Herbal full body massage by smart / expert therapist. Contact: 8338067247. D-69729

**ହଜିଛି**

ଭଟଲିରେ ମୋର ରେଜେଷ୍ଟ୍ରି ବିକ୍ରିନାମା ଦଲିଲ ନଂ. ୨୩୬୨, ତା୨୦।୦୬।୧୯୮୬ ହଜିଯାଇଛି। ଭଟଲି ଥାନାରେ ରିପୋର୍ଟ ନଂ. ୧୭, ତା୩୧।୦୮।୨୦୨୦ ଦାଏର ହୋଇଛି। ଯଦି କୌଣସି ବ୍ୟକ୍ତି ପାଆନ୍ତି, ତେବେ କୃଷ୍ଣ ମୋହନ ସାହୁଙ୍କୁ ୯୯୫୮୧୫୪୭୬୧ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ। D-18104

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### କଣ୍ଟେନ୍‌ମେଣ୍ଟ ଜୋନ୍ ହେଲା ବଡ଼ସାହି

ଜି.ଉଦୟଗିରି,୨।୯(ଡି.ଏନ୍.ଏ.)- ଜି.ଉଦୟଗିରି ସହର କିଛିଦିନ କଣ୍ଟେନମେଣ୍ଟ ଜୋନ୍ ମୁକ୍ତ ହେବା ପରେ ପୁଣି ବୁଧବାର ସହରର ସବୁଠାରୁ ବଡ଼ସାହିକୁ କଣ୍ଟେନ୍‌ମେଣ୍ଟ ଜୋନ୍ କରାଯାଇଛି। ସାହିରୁ ୩ ଆକ୍ରାନ୍ତ ଚିହ୍ନଟ ପରେ ଜିଲାପାଳଙ୍କ ଆଦେଶକ୍ରମେ କଣ୍ଟେନମେଣ୍ଟ୍ କରାଯାଇଥିବା ବିଡିଓ ତଥା ଏନ୍‌ଏସି ପ୍ରଶାସକ ଶାନ୍ତନୁ କୁମାର ନାୟକ କହିଛନ୍ତି। ଘର ଘର ବୁଲି ସ୍କ୍ରିନିଂ କରାଯିବା ସହ ସାହିକୁ ସାନିଟାଇଜ୍ କରାଯିବ। କଣ୍ଟାକ୍ଟ ଟ୍ରେସିଂ କରାଯାଇ ସମସ୍ତଙ୍କ ଟେଷ୍ଟିଂ କରାଯିବ ବୋଲି କହିଥିଲେ। ଅନ୍ୟପଟେ ସେପ୍ଟେମ୍ବର ୧ରୁ ଜିଲାରେ କଟକଣା ମୁକ୍ତ ହେବା ପରେ ପୁଣି ସହରର ସବୁଠାରୁ ବଡ଼ସାହି କଣ୍ଟେନମେଣ୍ଟ ହେବା ଶୁଣି ଲୋକଙ୍କ ମନରେ କରୋନା ନେଇ ପୁଣି ଭୟ ସୃଷ୍ଟି ହୋଇଛି।

### ଝୁଲନ୍ତା ମୃତଦେହ ଉଦ୍ଧାର

ଦିଗପହଣ୍ଡି,୨।୯(ଡି.ଏନ.ଏ)- ଦିଗପହଣ୍ଡି ବ୍ଲକ ଚଷାନିମଖଣ୍ଡି ପଞ୍ଚାୟତ ତାଳପଡ଼ା ଗାଁ ଛକ ନିକଟ ଏକ ଗଛରୁ ପୋଲିସ ବୁଧବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି। ସେ ହେଲେ ଦିଗପହଣ୍ଡି ଥାନା ନିମଖଣ୍ଡିପେଣ୍ଠ ପଞ୍ଚାୟତ ପନାଡ଼ ଗ୍ରାମ ମଠ ସାହିର ରଜତ ମହାରଣା (୨୮)। ରଜତ ପେଶାରେ ଜଣେ କାଠ କାରିଗର। ଗତ ସୋମବାର କୌଣସି କାମରେ ବାହାରକୁ ଯାଇ ଫେରି ନ ଥିଲେ। ବୁଧବାର ସକାଳୁ ତାଳପଡ଼ା ଗାଁର କେତେଜଣ ବ୍ୟକ୍ତି ଜଣେ ଯୁବକଙ୍କ ମୃତଦେହ ଗଛରେ ଝୁଲୁଥିବା ଦେଖି ପୋଲିସକୁ ଖବର କରିଥିଲେ। ଦିଗପହଣ୍ଡି ଥାନା ଅଧିକାରୀ ବସନ୍ତ କୁମାର ସେଠୀ ମୃତଦେହକୁ ଜବତ କରି ନଂ.୧୨/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ ପରେ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ମୃତ୍ୟୁର ପ୍ରକୃତ କାରଣ ଜଣାପଡିନାହିଁ।

### ମଦ ଜବତ, ୨ ଗିରଫ

ପାଟପୁର,୨।୯-ପାଟପୁର ପୋଲିସ ମଙ୍ଗଳବାର ସନ୍ଧ୍ୟାରେ କୁଶପଲ୍ଲୀ ଓ ପଟିଗୁଡ଼ା ଗ୍ରାମରେ ଚଢ଼ାଉ କରି ୮୦ ଲିଟର ଦେଶୀ ରନ୍ଧା ମଦ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କୁଶପଲ୍ଲୀ ଗ୍ରାମର ସୁନୀଲ ମଲ୍ଲିକ ଓ ପଟିଗୁଡ଼ା ଗ୍ରାମର ସୁନୀଲ ନାୟକ। ଉଭୟଙ୍କ ଠାରୁ ୪୦ଲିଟର ଲେଖାଏ ରନ୍ଧାମଦ ଜବତ ହୋଇଥିଲା।

### ଦୁଇ ବାଇକ୍ ମୁହାଁମୁହିଁ, ୨ ଗୁରୁତର

ପାଟପୁର,୨।୯-ଦିଗପହଣ୍ଡି-ଆସିକା ମୁଖ୍ୟରାସ୍ତା ଜାଉରା ଛକ ନିକଟରେ ବୁଧବାର ଅପରାହ୍ଣରେ ୨ବାଇକ ମୁହାଁମୁହିଁ ହେବାରୁ ୨ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ପାଟପୁର ଥାନା ଅଞ୍ଚଳ ସଁଢ଼େପ ଗ୍ରାମର ସନ୍ୟାସୀ ଶବର ଓ ବ୍ରହ୍ମପୁର ବୃନ୍ଦାବତୀ ନଗରର କାହ୍ନୁ ସାହୁ। କାହ୍ନୁ ସାହୁ ଓ ତାଙ୍କ ସ୍ତ୍ରୀ ମିଶି ବ୍ରହ୍ମପୁରରୁ ଶେରଗଡ଼ ସ୍କୁଟିରେ ଯାଉଥିବାବେଳେ ବିପରୀତ ପଟୁ ସନ୍ୟାସୀ ଆସୁଥିବା ବାଇକ ସହ ଧକ୍କା ହୋଇଥିଲା। ପାଟପୁର ପୋଲିସ ଆହତଙ୍କୁ ଉଦ୍ଧାର କରି ଆଡ଼ପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବାବେଳେ ଦୁଇଟି ଗାଡ଼ିକୁ ଜବତ କରିଛି।

### ବେଆଇନ ବାଲିଚାଲାଣ, ବଢୁଛି ଅସନ୍ତୋଷ

ପୁରୁଷୋତ୍ତମପୁର,୨।୯(ଡି.ଏନ୍.ଏ.)- ପୁରୁଷୋତ୍ତମପୁର ବ୍ଲକ ଅନ୍ତରିଗାଁ ପଞ୍ଚାୟତ କୋଳିଦାସପୁରରେ ବାଲି ଚାଲାଣକୁ ନେଇ ତୁମୁଳକାଣ୍ଡ ଘଟିଥିବାବେଳେ ପୁଣି ପ୍ରତାପୁର ଗ୍ରାମରେ ତୁମ୍ବେଶ୍ୱର ନିକଟସ୍ଥ ନଦୀଘାଟ ଓ ବାଲି ସାହି ନଦୀଘାଟରୁ ବେଆଇନ ଭାବେ ବାଲି ଚୋରାଚାଲାଣକୁ ନେଇ ଜନ ଅସନ୍ତୋଷ ଦେଖା ଦେଇଛି। ବାଲି ମାଫିଆମାନେ ବିନାଦ୍ୱିଧାରେ ରାତାରାତି ଟ୍ରାକ୍ଟରରେ ବେଆଇନ ଭାବେ ବାଲି ଚୋରା ଚାଲାଣ କରିବାରେ ଲାଗିଛନ୍ତି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହାନୀ ଘଟୁଥିଲେ ମଧ ପ୍ରଶାସନ ଦୃଷ୍ଟି ଦେଉନାହିଁ। ବାଲି ଖୋଳିବା ଦ୍ୱାରା ନଦୀଶଯ୍ୟା ଖାଲ ହେଉଥିବାରୁ ପାଖ ଗାଁକୁ ବନ୍ୟା ଆଶଙ୍କା ବଢୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଥିପ୍ରତି ଗଞ୍ଜାମ ଜିଲାପାଳ ଓ ପ୍ରଶାସନିକ ବରିଷ୍ଠ ଅଧିକାରୀ ଦୃଷ୍ଟି ଦେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଲାଗି ଗ୍ରାମବାସୀ ଦାବି କରିଛନ୍ତି।

### ଦେଶୀ ମଦଭାଟି ଉପରେ ଚଢ଼ାଉ, ଜଣେ ଗିରଫ

ଜି.ଉଦୟଗିରି,୨।୯(ଡି.ଏନ.ଏ)- ଜି.ଉଦୟଗିରି ପୋଲିସ ବୁଧବାର କନବାଗିରି ପାଖ ଏକ ଦେଶୀ ମଦ ଭାଟି ଉପରେ ଚଢ଼ାଉ କରି ମଦ ପ୍ରସ୍ତୁତି ନିମନ୍ତେ ରହିଥିବା ୨୦୦ କେଜି ମହୁଲ ପୋଚ ଓ ୧୦ ଲିଟର ମହୁଲି ମଦ ଜବତ କରିଛି। ଏହାକୁ ରଖିଥିବା ଅଭିଯୋଗରେ ବିବେକ ନାୟକଙ୍କୁ ଗିରଫ କରିଛି। ନଂ ୬୯/୨୦ ରେ ମାମଲା ରୁଜୁ କରାଯାଇଛି।

# ସାର କଳାବଜାର ଅଭିଯୋଗ: ଯାଞ୍ଚ ନିର୍ଦ୍ଦେଶ ଦେଲେ ଜିଲାପାଳ

ଛତ୍ରପୁର,୨।୯(ଡି.ଏନ୍.ଏ.)

ଗଞ୍ଜାମ ଜିଲାର ବିଭିନ୍ନ ସ୍ଥାନରେ ସାର କଳାବଜାର ହେଉଥିବା ଅଭିଯୋଗ ହେଉଛି। ଏନେଇ ଜିଲା ପ୍ରଶାସନ ପାଖରେ ମଧ ଅଭିଯୋଗ ହେଉଛି। ଏପରିକି ଜିଲା ପ୍ରଶାସନ ଏ ସମ୍ପର୍କରେ ଅବଗତ ଥିବା ଜଣାପଡିଛି। ପ୍ରତି ସପ୍ତାହରେ ଜିଲାପାଳ ସାର ବଣ୍ଟନ ନେଇ ସମବାୟ, କୃଷି ଓ ରାଜସ୍ୱ ବିଭାଗଙ୍କ ସମେତ ଉପଜିଲାପାଳମାନଙ୍କୁ ନେଇ ସମୀକ୍ଷା ବୈଠକ କରିଆସୁଛନ୍ତି। ଅପରପକ୍ଷରେ ଯାଞ୍ଚ ଉପରଠାଉରିଆ ହେଉଥିବାରୁ ସାର କଳାବଜାର ରୋକିବାରେ ପ୍ରଶାସନ ବିଫଳ ହୋଇଥିବା ଅଭିଯୋଗ ହେଉଛି। ପ୍ରତି ୪୬ କି.ଗ୍ରା. ୟୁରିଆ ପିଛା ୨୬୬ ଟଙ୍କା ୫୦ ପଇସା ସରକାରୀ ଦର ଧାର୍ଯ୍ୟ ହୋଇଛି। ତେବେ ଚଢ଼ା ଦରରେ ଏହା ବିକ୍ରି ହେଉଥିବା ଅଭିଯୋଗ ହୋଇଛି। ଛତ୍ରପୁର ବ୍ଲକ ବଡମାଧପୁରରେ ଥିବା ଦୋକାନରେ ୪୦୦ ଟଙ୍କାରେ ବସ୍ତା ବିକ୍ରି ହେଉଥିବା ଋଷିକୁଲ୍ୟା ରୟତ ମହାସଭା ସମ୍ପାଦକ ସୀମାଞ୍ଚଳ ନାହାକ ଅଭିଯୋଗ କରିଛନ୍ତି। ସେ ଏ ସମ୍ପର୍କରେ ଜିଲାପାଳ ଓ ଅତିରିକ୍ତ ଜିଲାପାଳଙ୍କୁ ଅବଗତ କରିଛନ୍ତି। ଜିଲାକୁ ଆବଶ୍ୟକ ଓ ପର୍ଯ୍ୟାପ୍ତ ପରିମାଣରେ ସାର ଆସୁନି। ଯାହା ବି ଆସୁଛି ସେଥିରୁ ୨୫ ପ୍ରତିଶତ ସମବାୟ ସେବା ସମିତିକୁ ୭୫ ପ୍ରତିଶତ ସାର ଘରୋଇ ଡିଲର ଓ ହୋଲ୍‌ସେଲ୍ ଦୋକାନୀଙ୍କୁ ଦିଆଯାଉଛି। ଏଥିପାଇଁ ସମସ୍ୟା ହେଉଥିବା କୁହାଯାଇଛି। ସୋସାଇଟି ସାର ବିକ୍ରି କଲେ ଏପରି ସମସ୍ୟା ହୁଅନ୍ତା ନାହିଁ ବୋଲି ମହାସଭା ସମ୍ପାଦକ କହିଛନ୍ତି।



ଯାଞ୍ଚ ଚାଲିଛି।

ଗଞ୍ଜାମରେ ଆବଶ୍ୟକ ହେଉଥିବା ସାର ଉପଲବ୍ଧ ଲାଗି ରାଜ୍ୟ ସରକାରଙ୍କ ସହିତ ଯୋଗାଯୋଗ କରିବାକୁ କୃଷି ବିଭାଗ ଅଧିକାରୀଙ୍କୁ ଜିଲାପାଳ କହିଛନ୍ତି। ସାର କଳାବଜାର ରୋକିବା ନିମନ୍ତେ ଚଢାଉ କରିବା ଲାଗି ସମସ୍ତ ଉପଜିଲାପାଳ, ତହସିଲଦାର ଏବଂ କୃଷି ବିଭାଗ

**ଗଞ୍ଜାମ ଜିଲା**

ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସାରର ସୁଷମ ବଣ୍ଟନ ଯେପରି ହୋଇପାରିବ ସେଥି ଲାଗି କାର୍ଯ୍ୟଖସଡା ପ୍ରସ୍ତୁତ କରିବା ପାଇଁ ଅଧିକାରୀମାନଙ୍କୁ କୁହାଯାଇଥିଲା। ତହସିଲଦାର ଓ କୃଷି ଅଧିକାରୀମାନେ ମିଳିତ ଭାବେ ସାର ଦୋକାନ ଉପରେ ଚଢ଼ାଉ କରୁଛନ୍ତି। ଦୋକାନ ଷ୍ଟକ ଯାଞ୍ଚ ସହ ସରକାରୀ ନିର୍ଦ୍ଧାରିତ ଦରରେ ବିକ୍ରି ହେଉଛି କି ନାହିଁ ତା'ର ଅନୁଧ୍ୟାନ କରୁଛନ୍ତି। ଚଢ଼ା ଦରରେ ବିକ୍ରି ଓ ଷ୍ଟକ୍‌ରେ ଅନିୟମିତତା ଥିଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସାର କଳାବଜାର ରୋକିବା ପାଇଁ ଜିଲାର ସମସ୍ତ ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଖବରଦାତାଙ୍କୁ କହିଛନ୍ତି। ସୋସାଇଟି, ଘରୋଇ ଦୋକାନ, ହୋଲସେଲର ମାନଙ୍କ ଷ୍ଟକ ଓ ଦର ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯିବା ସହ କେହି ଅଧିକ ଦରରେ ବିକ୍ରି କଲେ କିମ୍ବା ଷ୍ଟକ୍ ହୋଲ୍ଡିଂ କଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉଛୁ ବୋଲି ଜିଲାପାଳ କହିଛନ୍ତି।

### ୨ ଲୁଟେରା ଗିରଫ, ୧.୧୦ ଲକ୍ଷ ଟଙ୍କା ଜବତ

ପୋଲସରା,୨।୯(ଡି.ଏନ୍.ଏ.)

ପୋଲସରା ପୋଲିସ ମଙ୍ଗଳବାର ୨ ଲୁଟେରାଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ଲୁଟ୍ ହୋଇଥିବା ୧.୧୦ଲକ୍ଷ ଟଙ୍କା ଜବତ କରିଛି। ସେମାନେ ହେଲେ କୋଦଳା ଥାନା ଅଞ୍ଚଳର ଶିବ ଚୌଧୁରୀ ଓ ପି. କ୍ରିଷ୍ଣା। ସେମାନଙ୍କ ନିକଟରୁ ଘଟଣାରେ ବ୍ୟବହୃତ ବାଇକ ଜବତ ହୋଇଛି। ଏନେଇ ନଂ.୧୨୮/୨୦ରେ ମାମଲା ରୁଜୁ ହୋଇଥିଲା। ସୂଚନାଯୋଗ୍ୟ ଯେ, ଗତ ୧୪ ଅଗଷ୍ଟରେ ହାତୀଓଟ ଗ୍ରାମର ଅମରେନ୍ଦ୍ର ବିଶ୍ୱାଳ ପୋଲସରା ଷ୍ଟେଟବ୍ୟାଙ୍କ ଶାଖାରୁ ୧.୧୦ ଲକ୍ଷ ଟଙ୍କା ଉଠାଇ ବାଇକ୍ ଡିକିରେ ରଖି ଘରକୁ ଫେରୁଥିଲେ। ନରସିଂହପଲ୍ଲୀ ନିକଟରେ କୌଣସି କାମ ପାଇଁ ବାଇକ୍ ରଖି ଯାଇଥିବାବେଳେ ଦୁର୍ବୃତ୍ତ ଡିକି ଭାଙ୍ଗି ଟଙ୍କା ଲୁଟ୍ କରିଥିଲେ। ଏନେଇ ଥାନାରେ ଅଭିଯୋଗ ପରେ ନଂ.୨୧୮/୨୦ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଥିଲା। ବୁଧବାର ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

# ନୀଳକଣ୍ଠନଗର ସରସ୍ୱତୀ ଡିଗ୍ରୀ ବିଦ୍ୟାମନ୍ଦିର ଛାତ୍ରୀଛାତ୍ରଙ୍କ ସଫଳତା


ମହାବିଦ୍ୟାଳୟର ଅଧାପିକା ଅଧାପକଙ୍କ ସହ କୃତୀ ଛାତ୍ରୀଛାତ୍ର।

ବ୍ରହ୍ମପୁର ଅଫିସ,୨।୯

- ଯୁକ୍ତ ୩ ବିଜ୍ଞାନ ପରୀକ୍ଷା ଫଳ
- ମୀମାଂସା ଶ୍ରେଷ୍ଠ ସ୍ନାତକ
- ୪୨ ଛାତ୍ରୀଛାତ୍ର ୧୦ ନମ୍ବର ର୍‍ୟାଙ୍କରେ ସ୍ଥାନିତ

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ଯୁକ୍ତ ୩ କଳା, ବାଣିଜ୍ୟ, ବିଜ୍ଞାନ ଶେଷ ସେମିଷ୍ଟର ପରୀକ୍ଷାଫଳ ବୁଧବାର ପ୍ରକାଶ ପାଇଛି। ଯୁକ୍ତ ୩ ବିଜ୍ଞାନରେ ନୀଳକଣ୍ଠନଗର ସରସ୍ୱତୀ ଡିଗ୍ରୀ ବିଦ୍ୟାମନ୍ଦିର ଛାତ୍ରୀଛାତ୍ରମାନେ ସଫଳତା ହାସଲ କରିଛନ୍ତି। ୧୩୫୧ ମାର୍କ ରଖି ମୀମାଂସା ସାହୁ ଶ୍ରେଷ୍ଠ ସ୍ନାତକ ସ୍ଥାନ ଅଧିକାର କରିଛନ୍ତି। ସାତଟି ସମ୍ମାନ ବିଷୟ ମଧ୍ୟରୁ ୪୨ ଛାତ୍ରୀଛାତ୍ର ୧୦ ର୍‍ୟାଙ୍କ୍‌ରେ ସ୍ଥାନ ପାଇଥିବା ଜଣାଯାଇଛି।

ପ୍ରାଣୀ ବିଜ୍ଞାନ ବିଭାଗରେ ମୀମାଂସା ଶ୍ରେଷ୍ଠ ସ୍ନାତକ। ଅନ୍ୟ ୯ଜଣ ପ୍ରଥମରୁ ଦଶମ ର୍‍ୟାଙ୍କ୍ ମଧ୍ୟରେ ସ୍ଥାନ ପାଇଛନ୍ତି। ସେହିପରି କମ୍ପ୍ୟୁଟର ବିଜ୍ଞାନ ବିଭାଗରେ ୯ ରହିଛନ୍ତି। ଭୂତତ୍ତ୍ୱ ବିଜ୍ଞାନରେ ୫ ରହିଛନ୍ତି। ଗଣିତରେ ୪ଜଣ ର୍‍ୟାଙ୍କ ହାସଲ କରିଛନ୍ତି। ସେହିପରି ରସାୟନ ବିଜ୍ଞାନ ୭ଜଣ ଭଲ ର୍‍ୟାଙ୍କରେ ରହିଛନ୍ତି। ଉଦ୍ଭିଦ ବିଜ୍ଞାନ ବିଭାଗରେ ୪ ର୍‍ୟାଙ୍କ ହାସଲ କରିଛନ୍ତି। ପଦାର୍ଥ ବିଜ୍ଞାନ ବିଭାଗରେ ୪ଜଣ ର୍‍ୟାଙ୍କ ହାସଲ କରିଛନ୍ତି। ଏହି ସଫଳତା ପାଇଁ ପରିଚାଳନା କମିଟି ସଭାପତି ଡ. ଶ୍ରୀକାନ୍ତ ମହାପାତ୍ର, ଉପସଭାପତି ଡ. ହରେକୃଷ୍ଣ ନାୟକ, ସମ୍ପାଦକ ନାରାୟଣ ପଣ୍ଡା, ଯୁଗ୍ମ ସମ୍ପାଦିକା ମମତା ପାଣିଗ୍ରାହୀ, କୋଷାଧ୍ୟକ୍ଷ ରବୀନ୍ଦ୍ରନାଥ ଜେନା, ଯୁକ୍ତ ୩ ବିଭାଗ ଡିନ୍ ଡ. ବିବେକାନନ୍ଦ ପଣ୍ଡା, ପ୍ରାଧ୍ୟାପକ ଡ. ଉମେଶ ସାହୁ, ପ୍ରାଧ୍ୟାପକ ଡ. ରାଜେନ୍ଦ୍ର ମୂର୍ତ୍ତି, ଅଧ୍ୟକ୍ଷ ଏସ୍.ମୋହନ ରାଓ, ଶିଶୁମନ୍ଦିରର ପ୍ରାଧାନାଚାର୍ଯ୍ୟ ଉମାଧବ ମହାନ୍ତି, ଯୁକ୍ତ ୩ ବିଜ୍ଞାନ ବିଭାଗର ଅଧ୍ୟକ୍ଷ ଡ. ସୁବ୍ରତ କୁମାର ପାଣିଗ୍ରାହୀ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ଗଜପତି ଜିଲାରୁ ଆଉ ୨୭ ପଜିଟିଭ

ପାରଳାଖେମୁଣ୍ଡି,୨।୯(ସ୍ୱ.ପ୍ର.): ଗଜପତି ଜିଲାରୁ ଆଉ ୨୭ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିରେ ପାରଳାଖେମୁଣ୍ଡି ସହରାଞ୍ଚଳରୁ ସର୍ବାଧିକ ୧୧ଜଣ, କାଶୀନଗର ବ୍ଲକ୍‌ରୁ ୪, ଗୋଷାଣୀରୁ ୪, ଗୁମ୍ମାରୁ ୨, ମୋହନାରୁ ଜଣେ, ରାୟଗଡ଼ରୁ ୨ ଏବଂ ଆର.ଉଦୟଗିରିରୁ ୩ ଜଣ ରହିଛନ୍ତି। ଏମାନଙ୍କ ମଧ୍ୟରେ ୨ କରୋନା ଯୋଦ୍ଧା ରହିଛନ୍ତି। ସେହିପରି ପୂର୍ବ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସି ୭ଜଣ ଏବଂ ସ୍ୱାସ୍ଥ୍ୟ କର୍ମୀଙ୍କ ଯାଞ୍ଚବେଳେ ୧୮ଜଣ ଚିହ୍ନଟ ହୋଇଥିବା ଗଜପତି ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଏଥିସହ ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨୯୦୧ରେ ପହଞ୍ଚିଛି।

### ଚାଷ ଜମିରୁ ଗଳିତ ମୃତଦେହ ଉଦ୍ଧାର

ହିଞ୍ଜିଳିକାଟୁ,୨।୯(ଡି.ଏନ୍.ଏ.)

ହିଞ୍ଜିଳି ଥାନା ଶାସନଆମ୍ବଗାଁ ଓ ସାପୁଆପଲ୍ଲୀ ରାସ୍ତା ପାର୍ଶ୍ୱ ଚାଷଜମିରୁ ବୁଧବାର ପୂର୍ବାହ୍ନରେ ଏକ ଗଳିତ ମୃତଦେହ ହିଞ୍ଜିଳି ପୋଲିସ ଉଦ୍ଧାର କରିଛି। ସେ ହେଲେ ହିଞ୍ଜିଳି ଥାନା ସାପୁଆପଲ୍ଲୀ ଗ୍ରାମର ପୀତବାସ ସେଠି(୫୦)। ମୃତକଙ୍କ ନିକଟରୁ ତାଙ୍କ ଆଧାରକାର୍ଡ ମିଳିଛି। ସାପୁଆପଲ୍ଲୀର ଏକ ଚାଉଳ ମିଲ୍‌ରେ ପୀତବାସ କାମ କରୁଥିବାବେଳେ ଶନିବାର ଠାରୁ ମିଲ୍‌କୁ ଯାଇ ଆଉ ଫେରିନଥିଲେ। ସେ ଆତ୍ମହତ୍ୟା କରିଛନ୍ତି ନା କେହି ହତ୍ୟା କରିଛି ଜଣାପଡିନାହିଁ। ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଚଳାଇଥିବାବେଳେ ନଂ.୨୨/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କୁ ଶ୍ରଦ୍ଧାଞ୍ଜଳି

ପାରଳାଖେମୁଣ୍ଡି,୨।୯(ସ୍ୱ.ପ୍ର.): ପୂର୍ବତନ ରାଷ୍ଟ୍ରପତି ଭାରତ ରତ୍ନ ପ୍ରଣବ ମୁଖାର୍ଜୀଙ୍କ ବିୟୋଗରେ ଭାଜପା ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସ୍ଥାନୀୟ ଜିଲା ଭାଜପା କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଣବ ମୁଖାର୍ଜୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ସ୍ମୃତିଚାରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଭାଜପାର ବରିଷ୍ଠ ନେତା ତଥା କାଶୀନଗର ବ୍ଲକ୍ ଅଧ୍ୟକ୍ଷ ଚିତ୍ରି ସୀମାଦ୍ରୀ, ପୂର୍ବତନ ନଗରପାଳ ନୃସିଂହ ଚରଣ ପଟ୍ଟନାୟକ, ଭି. ଟିଟିବାବୁ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ପି. ଲତା, କେ. ପୁଣ୍ୟବତୀ, ବାବୁନା ବେହେରା ପ୍ରମୁଖ ବହୁ ଜିଲାସ୍ତରୀୟ ନେତା ଓ କର୍ମୀ ଉପସ୍ଥିତ ରହି ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ।

# ଚନ୍ଦ୍ରଚୂଡ଼ ମନ୍ଦିରରୁ ଚୋରି

ବ୍ରହ୍ମପୁର ଅଫିସ,୨।୯

**ସିସିଟିଭି ଅଚଳ, ମିଳୁନି ସୁରାକ**

ବ୍ରହ୍ମପୁର ସହରରେ ଦିନକୁ ଦିନ ଚୋରି ବୃଦ୍ଧି ପାଇବାରେ ଲାଗିଛି। ଚୋରମାନେ ଏବେ ମନ୍ଦିରକୁ ଟାର୍ଗେଟ୍ କରିଛନ୍ତି। ଗୋଶାଣୀନୂଆଗାଁ ଥାନା ଅନ୍ତର୍ଗତ ଖଜୁରିଆ ବାଇପାସ୍ ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଚନ୍ଦ୍ରଚୂଡ ମନ୍ଦିରରୁ ଏକ ବଡଧରଣର ଚୋରି ହୋଇଛି। ଚୋରମାନେ ଦକ୍ଷିଣ କାଳୀଙ୍କ ସମସ୍ତ ଆଭୂଷଣ ଚୋରିକରି ନେଇଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଛି। ମନ୍ଦିର ପରିସରରୁ ପୋଲିସ ଭଙ୍ଗାଯାଇଥିବା ୩ ତାଲା,ଏକ ଖାଲି ଅଳଙ୍କାର ପେଡି ଜବତ କରିଛି। ଯାଞ୍ଚ ପରେ ମା'ଙ୍କ ୩ ସୁନା ଆଖି, ରୁପା ମୁକୁଟ, ହାର, ପାଉଁଜି ଓ କିଛି ଟଙ୍କା ଗାଏବ ଥିବା ଜଣାପଡିଛି। ମନ୍ଦିର ପରିସରରେ ସିସିଟିଭି କ୍ୟାମେରା ଲାଗିଛି। ହେଲେ ତାହା ଅଚଳ ହୋଇ ପଡିଛି। କୋଭିଡ୍ କଟକଣା ପାଇଁ ଚନ୍ଦ୍ରଚୂଡ ମନ୍ଦିର ବନ୍ଦ ରହିଛି। ମଙ୍ଗଳବାର ରାତିରେ ପୂଜାରୀ ଭଣ୍ଡାର ଘରେ ଶୋଇଥିବା ବେଳେ ଅନ୍ୟ ୪ କର୍ମଚାରୀ ମନ୍ଦିର ପରିସର ମଣ୍ଡପ ଉପର ମହଲାରେ ଶୋଇଥିଲେ। ବୁଧବାର ଭୋର୍ ପୂଜା ପାଇଁ ଅନ୍ୟ ପୂଜାରୀ ଓ ରମେଶ ପଣ୍ଡା ମନ୍ଦିରରେ ପହଞ୍ଚିଥିଲେ। ପୂଜାରୀ କମଳଲୋଚନ ଶୋଇଥିବା କୋଠରି ବାହାର ପଟୁ ବନ୍ଦ ଥିବା ବେଳେ ସେ କବାଟ ବାଡେଇ ଡାକୁଥିବା ସେମାନେ ଶୁଣିବାକୁ ପାଇଥିଲେ। କମଳଲୋଚନଙ୍କୁ ଉଦ୍ଧାର କରିବା ପରେ ଅନ୍ୟ କୋଠାରିରେ ଥିବା ୪ କର୍ମଚାରୀଙ୍କ କବାଟ ଖୋଲି ସେମାନଙ୍କୁ ମଧ ଉଦ୍ଧାର କରିଥିଲେ। ମନ୍ଦିରରେ କିଛି ଅଘଟଣ ଘଟିଥିବା ସନ୍ଦେହ କରି ଯାଞ୍ଚ କରିଥିଲେ। ମା' ଦକ୍ଷିଣ କାଳୀଙ୍କ ମନ୍ଦିର ତାଲା ଭଙ୍ଗା ଯାଇଥିବା ଦେଖିବାକୁ ମିଳିଥିଲା। ମା'ଙ୍କ ପ୍ରତିମୂର୍ତ୍ତିରେ କୌଣସି ଅଳଙ୍କାର ନ ଥିଲା। ମନ୍ଦିରରୁ ଚୋରି ହୋଇଥିବା ସନ୍ଦେହ କରି ପୂଜାରୀମାନେ ମନ୍ଦିର ପରିଚାଳନା କମିଟି ଓ ଗୋଶାଣୀନୂଆଗାଁ ଥାନାକୁ ଖବର କରିଥିଲେ।

# ମଦଦୋକାନ ସମ୍ମୁଖରେ ମହିଳାଙ୍କ ବିକ୍ଷୋଭ

ଦିଗପହଣ୍ଡି,୨।୯(ଡି.ଏନ୍.ଏ.)

ଦିଗପହଣ୍ଡି ସହରର ମୁଖ୍ୟରାସ୍ତା କଡ଼ରେ ନୂତନ ଭାବେ ଖୋଲାଯାଇଥିବା ବିଦେଶୀ ମଦ ଦୋକାନ ସ୍ଥାନାନ୍ତର ଦାବିରେ ବୁଧବାର ସହରର ବହୁ ମହିଳା ସମ୍ପୃକ୍ତ ଦୋକାନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଦୋକାନ ଲାଇସେନ୍ସ ବାତିଲ ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସମ୍ପୃକ୍ତ ଅଞ୍ଚଳରେ ୩ ବ୍ୟାଙ୍କ, ପୋଷ୍ଟ ଅଫିସ, ସ୍କୁଲ, ଆହାର କେନ୍ଦ୍ର ଓ ଦୋକାନ ବଜାର ଥିବା ସତ୍ତ୍ୱେ କିପରି ବିଦେଶୀ ମଦ ଦୋକାନ ଖୋଲିବାକୁ ଅନୁମତି ଦିଆଗଲା ତାହାର ତଦନ୍ତ ପାଇଁ ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ମଦ ଦୋକାନ ଯୋଗୁ ପ୍ରତିଦିନ ଛୋଟବଡ ଗଣ୍ଡଗୋଳ ସହ ମହିଳା ଉକ୍ତ ରାସ୍ତାରେ ଚଳପ୍ରଚଳ କରିବାକୁ ନିରାପଦ ମଣୁ ନାହାନ୍ତି। ପାର୍କିଂ ବ୍ୟବସ୍ଥା ନଥିବାରୁ ଦୋକାନ ଆଗରେ ଟ୍ରାଫିକ୍ ଜାମ୍ ହେଉଛି। ସହରର ମୁଖ୍ୟରାସ୍ତା କଡ଼ରୁ ବିଦେଶୀ ମଦ ଦୋକାନ ସ୍ଥାନାନ୍ତର କରାନଗଲେ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର ହେବବୋଲି ଦିଗପହଣ୍ଡି ମହିଳା ବିଜୁ ଜନତାଦଳ ଟାଉନ୍ ସଭାନେତ୍ରୀ ଶିବ ଲକ୍ଷ୍ମୀ ପଟ୍ଟନାୟକ ସମେତ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଚେତାବନୀ ଦେଇଛନ୍ତି। ମଦ ଦୋକାନ ମାଲିକ ନାରାୟଣ ସାହୁ ସମସ୍ତ ନୀତିନିୟମ ପ୍ରକାରେ ଦୋକାନ ଖୋଲିଥିବା କହିଛନ୍ତି।



ବିଦେଶୀ ମଦ ଦୋକାନ ସମ୍ମୁଖରେ ମହିଳାଙ୍କ ବିକ୍ଷୋଭ।

# ରାସ୍ତାରେ ଭାସୁଛି ଡ୍ରେନ୍ ପାଣି


ରାସ୍ତାରେ ଜମି ରହିଥିବା ଡ୍ରେନ୍ ପାଣି।

ବୁଗୁଡ଼ା,୨।୯(ଡି.ଏନ.ଏ)

ବୁଗୁଡ଼ା ଏନ୍‌ଏସି ୧୦ ନଂ. ୱାର୍ଡ ଯାଦବ ସାହିରେ ଥିବା ଡ୍ରେନ୍‌ରେ ପାଣି ନିଷ୍କାସନ ହୋଇନପାରି ଦାଣ୍ଡରେ ଭାସୁଛି। ଫଳରେ ସାହି ବାସିନ୍ଦା ନାହିଁ ନ ଥିବା ହଇରାଣ ହେଉଛନ୍ତି। ପ୍ରତିକାର ପାଇଁ ସାହିବାସିନ୍ଦା ମଙ୍ଗଳବାର ସ୍ଥାନୀୟ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ସ୍ଥାନୀୟ ବଳଦେବ ମନ୍ଦିର ଠାରୁ ଯାଦବ ସାହି ଛକ ପର୍ଯ୍ୟନ୍ତ ଯାଇଥିବା ଡ୍ରେନ୍‌ଟି ବହୁ ଦିନ ତଳେ ନିର୍ମାଣ ହୋଇଥିଲା। ବର୍ତ୍ତମାନ ସେହି ଡ୍ରେନ୍ ଦେଇ ୮, ୯, ୧୦ ଓ ୧୧ନଂ. ୱାର୍ଡର ପାଣି ନିଷ୍କାସନ ହେଉଛି। ଭାଙ୍ଗିରୁଜି ଯାଇଥିବାରୁ ନିଷ୍କାସିତ ହୋଇ ନ ପାରି ଡ୍ରେନ୍ ପାଣି ରାସ୍ତାରେ ଭାସୁଛି। ନୂତନ ଡ୍ରେନ୍ ନିର୍ମାଣ ପାଇଁ ସାହିବାସିନ୍ଦା ଦାବି କରିଛନ୍ତି।

# ଉପଜିଲାପାଳଙ୍କୁ ଗୁହାରି କଲା କୃଷକ ସଂଘ

ଭଞ୍ଜନଗର,୨।୯(ଡି.ଏନ୍.ଏ.)

**ୟୁରିଆ ସାର ମିଳୁନି**

ଜଗନ୍ନାଥପ୍ରସାଦ ବ୍ଲକ କୋକଲବା ଓ ତାରସିଂଗି ପଞ୍ଚାୟତ ନବ ନିର୍ମାଣ କୃଷକ ସଙ୍ଗଠନର ଚାଷୀମାନେ ବୁଧବାର ଭଞ୍ଜନଗର ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜଙ୍କୁ ଭେଟି ସାରର ଅଭାବୀ ବିକ୍ରି ନେଇ ଅଭିଯୋଗ କରିଛନ୍ତି। ଏଥିସହ ତୁରନ୍ତ ସାର ଯୋଗାଇ ଦେବାକୁ ଦାବି କରିଛନ୍ତି। ନଚେତ୍ ହଜାର ହଜାର ହେକ୍ଟର ଜମିର ଚାଷ ଉଜୁଡି ଯିବ ବୋଲି ସେମାନେ ଉପଜିଲାପାଳଙ୍କୁ ଅବଗତ କରାଇଛନ୍ତି।

ବର୍ତ୍ତମାନ ଚାଷୀଙ୍କୁ ୟୁରିଆ ସାର ନିହାତି ଆବଶ୍ୟକ। କରୋନା ସମୟରେ ସାର କମ୍ପାନୀ ପ୍ରଭାବିତ ହେବାଦ୍ୱାରା ଆବଶ୍ୟକ ପରିମାଣରେ ସାର ଉତ୍ପାଦନ ହୋଇପାରିନଥିଲା। ଯାହାର ପରିଣାମ ବର୍ତ୍ତମାନ ଚାଷୀମାନେ ଭୋଗୁଛନ୍ତି। ଗଞ୍ଜାମ ଜିଲାକୁ ଖରିଫ୍ ଋତୁରେ ୟୁରିଆ ସାର ଯେତିକି ଆବଶ୍ୟକ ତାଠାରୁ ବହୁତ କମ୍ ମିଳିଛି। ଯାହାକୁ ନେଇ ଦୌନନ୍ଦିନ ଭଞ୍ଜନଗର ଉପଖଣ୍ଡର ବିଭିନ୍ନ ସ୍ଥାନରେ ଚାଷୀ ଅସନ୍ତୋଷ ଦେଖାଦେଉଛି। ସାର ବିକ୍ରୟ ଦାୟିତ୍ୱ ସମବାୟ ସଂସ୍ଥା ଗୁଡିକୁ ମିଳିଥିବା ବେଳେ ସେମାନେ ମଧ ଉଚିତ ଦରରେ ବିକ୍ରି କରୁ ନଥିବା ନେଇ ଅଭିଯୋଗ ହୋଇଛି।

# ଗଞ୍ଜାମରେ କରୋନାରୁ ୯୦ ପ୍ରତିଶତ ସୁସ୍ଥ

ଛତ୍ରପୁର,୨।୯(ଡି.ଏନ୍.ଏ.)

- ଗାଡି ପାସ୍ ବ୍ୟବସ୍ଥା ଉଠିଲା
- କୋଭିଡ୍ ପରିଚାଳନା ନେଇ ଜିଲାପାଳଙ୍କ ଆଲୋଚନା
- ପଞ୍ଚସୂତ୍ରୀ ନ ମାନିଲେ ମାସେ ଦୋକାନ ବନ୍ଦ

ଗଞ୍ଜାମ ଜିଲାରେ କୋଭିଡ୍-୧୯ ଗାଇଡ୍‌ଲାଇନ୍‌କୁ ଆହୁରି କଡାକଡି ପାଳନ ହେବ। ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା କମୁଥିବା ବେଳେ ସେପ୍ଟେମ୍ବର ମାସ ସତର୍କତା ଜରୁରୀ। ସବୁ ନିୟମ ପାଳନ କଲେ କରୋନାକୁ ହଟାଇ ହେବ। ଦୋକାନୀମାନେ ପଞ୍ଚସୂତ୍ରୀ ନିୟମ ପାଳନ ବାଧ୍ୟତାମୂଳକ ବୋଲି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ବୁଧବାର ଟୁଇଟ୍ କରି ସୂଚନା ଦେଇଛନ୍ତି। ଦୋକାନ ଆଗରେ ବ୍ୟାରିକେଟିଂ, ନୋ ମାସ୍କ ନୋ ଗୁଡ଼ସ୍ ବୋର୍ଡ ଲଗାଇବା, ସାନିଟାଇଜର, ଗୋଲେଇ ଆଙ୍କିବା, କଣ୍ଟାକ୍ ବୁକ୍ ନ ରଖିଲେ କଡା କାର୍ଯ୍ୟାନୁଷ୍ଠାନ ହେବ ବୋଲି ଜିଲାପାଳ କହିଛନ୍ତି। ଏଥିସହ ଦ୍ୱିତୀୟ ଥର ପଞ୍ଚସୂତ୍ରୀ ନିୟମ ଉଲ୍ଲଂଘନ କଲେ ମାସେ ଦୋକାନ ବନ୍ଦ ହେବ। ଏଣିକି ଗଞ୍ଜାମ ଜିଲାରୁ ଅନ୍ୟ ଜିଲାକୁ ଗାଡିରେ ଯାତ୍ରା କରିବା ପାଇଁ ଅନୁମତି ସହ ପାସ୍ ଦରକାର ପଡିବ ନାହିଁ। ଏହି ନିୟମକୁ ଗଞ୍ଜାମ ଜିଲାରୁ ମଙ୍ଗଳବାରରୁ ଉଠାଇ ନିଆଯାଇଛି। ଗଞ୍ଜାମରେ କରୋନା ସ୍ଥିତିରେ ସୁଧାର ଆସିଥିବାରୁ ଏପରି ପଦକ୍ଷେପ ନିଆଯାଇଛି। ଫଳରେ ଜିଲାର ବ୍ରହ୍ମପୁର, ଛତ୍ରପୁର, ଭଞ୍ଜନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଏଥିପାଇଁ ଖୋଲିଥିବା କେନ୍ଦ୍ର ବନ୍ଦ କରି ଦିଆଯାଇଛି।

ଅପରପକ୍ଷରେ ବୁଧବାର ଜିଲାର ବିଭିନ୍ନ ପଞ୍ଚାୟତକୁ ଜିଲାପାଳ ଯାଇ ପଞ୍ଚାୟତସ୍ତରରେ କୋଭିଡ୍ ପରିଚାଳନା ନେଇ ସରପଞ୍ଚ, ସମିତିସଭ୍ୟ, ଜିଲା ପରିଷଦ ସଭ୍ୟ, କୋଭିଡ୍ ମନିଟରଙ୍କ ସହ ଆଲୋଚନା କରିଛନ୍ତି। ବର୍ତ୍ତମାନ ଜିଲାରେ କରୋନାରୁ ୧୬୫୮୫ (୯୦.୯ ପ୍ରତିଶତ )ସୁସ୍ଥ ହୋଇଛନ୍ତି। ୯୪ ଜଣଙ୍କ ମୃତ୍ୟୁ ହୋଇଛି। ୧୪୫୧ ଆକ୍ରାନ୍ତଙ୍କ ଚିକିତ୍ସା ଚାଲିଛି। ୧୭ କରୋନା ଯୋଦ୍ଧାଙ୍କ ସହ ନୂଆ ୧୬୯ ପଜିଟିଭ ଚିହ୍ନଟ ହୋଇଛନ୍ତି। ଅପରପକ୍ଷରେ ୨୫୩ କରୋନାରୁ ସୁସ୍ଥ ହୋଇଛନ୍ତି। ଏବେ ସୁଦ୍ଧା ଜିଲାରେ ୨ ଲକ୍ଷ ୭୧ ହଜାର ୪୭୯ ଜଣଙ୍କ ଟେଷ୍ଟ ହୋଇଥିବା ଜିଲାପାଳ ଟୁଇଟ୍ କରି ସୂଚନା ଦେଇଛନ୍ତି। ଜିଲାରେ ସ୍ୱାବ୍ ସଂଗ୍ରହ, କୋଭିଡ୍ କମିଟି ବୈଠକ, ଏନ୍‌ଫୋର୍ସମେଣ୍ଟ, ଜୀବିକା ପାଇଁ କାର୍ଯ୍ୟ ବିଭିନ୍ନ ବ୍ଲକରେ ଏକା ସାଙ୍ଗରେ ଚାଲିଛି। ଜିଲାରେ ବହୁ ସଂଖ୍ୟାରେ କରୋନାରୁ ସୁସ୍ଥ ହୋଇଛନ୍ତି। ଏଣୁ ପ୍ଲାଜମା ଦାନ କରିବାକୁ ଆଗେଇ ଆସିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

ଭାରତ ହେଉଛି ବିଶ୍ୱର ବିଭିନ୍ନ ରାଷ୍ଟ୍ର-ଜାତିର ଗୁରୁ। ଭାରତ ମଧ୍ୟ ସେମାନଙ୍କର ଆତ୍ମାର ଚିକିତ୍ସକ- ଏବଂ ସେମାନଙ୍କର ଗଭୀର ନୈତିକ ବ୍ୟାଧିଗୁଡ଼ିକର ଆରୋଗ୍ୟ କର୍ତ୍ତା। ଏହି ବିଶ୍ୱକୁ ଏକ ନୂତନ ଜୀବନ ପଥରେ ଚାଳିତ କରିବା ପାଇଁ ସେ ବିଧାତାଙ୍କ ଦ୍ୱାରା ଆଦିଷ୍ଟ ହୋଇଛି। ଏଇ ଭାରତ ହିଁ ପୃଥିବୀରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା କରିବ। -ଶ୍ରୀଅରବିନ୍ଦ

# ଜୀବେ ଦୟା



ମାନେକା ଗାନ୍ଧୀ

ଜୀବେ ଦୟା ବା ଦୟାପ୍ରଦର୍ଶନ କରିବା କୌଣସି ଅଭିରୁଚି ନୁହେଁ କି ମଣିଷ ଭଲ ମନଃସ୍ଥିତିରେ ଥିଲେ, ପେଟରେ ଭୋକ ନ ଥିଲେ କିମ୍ବା ବନ୍ଧୁମାନଙ୍କ ଗହଣରେ କିଛି ଭଲ କାମ କରିବାକୁ ବି ଦୟା କୁହାଯାଏ ନାହିଁ। ଏହା ଏପରି ଏକ ମାନସିକତା ତଥା ଦୁଃସ୍ଥ ମଣିଷଙ୍କ ପ୍ରତି ନିଜର ଉନ୍ମୁଖୀକରଣ ,ଯାହା ଚାରୋଟି ପରିସ୍ଥିତି ଉପରେ ନିର୍ଭରଶୀଳ- ଦୁଃସ୍ଥ ମଣିଷଙ୍କୁ ଠାବ କରିବା, ନିଜର ମାନସିକତାକୁ ସେମାନଙ୍କ ସ୍ଥିତି ସହ ସଂଯୁକ୍ତ କରିବା, ସେମାନଙ୍କର ଆବଶ୍ୟକ ସହାୟତା ସମ୍ପର୍କରେ ଜାଣିବା ଏବଂ ସେହି ବ୍ୟକ୍ତିଙ୍କୁ ଦୁଃସ୍ଥିତିରୁ ମୁକାଳିବା ନିମନ୍ତେ ନିଜକୁ ପ୍ରସ୍ତୁତ କରିବା।

ମଣିଷର ହୃଦୟ କେତୋଟି ମାଂସପେଶୀର ସମାହାର। ଏହାର କାର୍ଯ୍ୟଶୈଳୀ ସୁଚାରୁରୂପେ ପରିଚାଳିତ ନ ହେଲେ ହୃଦୟର ଅବକ୍ଷୟ ଘଟିବା ନିଶ୍ଚିତ। ଶିଶୁଟିଏ ଜନ୍ମରୁ ମଣିଷ ଏବଂ ଅନ୍ୟପ୍ରାଣୀଙ୍କ ପ୍ରତି ସ୍ନେହଭାବ ସମ୍ପନ୍ନ ହୋଇଥାଏ। ତେବେ ତିନିବର୍ଷର ହେବାବେଳକୁ ପିତାମାତା ସେମାନଙ୍କ ମନରେ ଦୟାର୍ଦ୍ରଭାବ ପ୍ରତି ଏକପ୍ରକାର ଭୟ ସୃଷ୍ଟି କରାଇ ସାରିଥାନ୍ତି। ଫଳରେ ଶିଶୁ ମନରୁ କରୁଣା ଉଭେଇ ଯାଏ। ତେବେ ସେ ପୁଣି ନିଜକୁ ସେହି ଭାବ ସହ ପୁନଃସ୍ଥାପିତ କରିପାରିବ।

ଅବଶ୍ୟ ମଣିଷ ମନରେ ଏପରି ଭାବନା ଉଦ୍ରେକ ପାଇଁ ଏକ ପାଠ୍ୟକ୍ରମର ବି ବ୍ୟବସ୍ଥା କରାଯାଇଛି। ବୈଜ୍ଞାନିକ ଗବେଷଣା ଭିତ୍ତିରେ ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟର ସେଣ୍ଟର ଫର କମ୍ପାସନ୍ ଆଣ୍ଡ୍ ଅଲଟ୍ରୁଇଜ୍‌ମ ରିସର୍ଚ୍ଚ ଆଣ୍ଡ୍ ଏଜୁକେଶନ୍‌ରେ ଗବେଷକ ଡ. ଥୁପ୍‌ତେନ ଜିନ୍‌ପା ଏବଂ ତାଙ୍କ ସହଯୋଗୀମାନେ ଦୟା ବା କରୁଣା ଭାବ ଉଦ୍ରେକ କରାଇବା ଲାଗି ଏକ ଦୁଇମାସିଆ ପାଠ୍ୟକ୍ରମ ଆରମ୍ଭ କରିଛନ୍ତି । ଯଦି ମୁଁ ଶିକ୍ଷା ବିଭାଗର ମନ୍ତ୍ରୀ ହୋଇଥାନ୍ତି, ତେବେ ନିଶ୍ଚୟ ଏହି ପାଠ୍ୟକ୍ରମ ବାଧ୍ୟତାମୂଳକ କରିଥାନ୍ତି। ଆହୁରି ମଧ୍ୟ ଏକ ପାଠ୍ୟକ୍ରମ ରହିଛି- ଗ୍ରେଟ୍ ଗୁଡ ଇନ୍ ଆକ୍ସନ (ଜିଜିଆଇଏ)। ଏହା ମଣିଷର ମାନସିକତାର ବ୍ୟାୟାମ କରାଇଥାଏ। ଏହି ବ୍ୟାୟାମ ଯେତେ ଅଧିକ କରାଯିବ, ସେତେ ଦ୍ୱରିତ ବେଗରେ ମଣିଷର ହୃଦୟ ଏବଂ ମନ ବିସ୍ତାର ଲାଭ କରିପାରିବ। ଏ କ୍ଷେତ୍ରରେ ଛୋଟଛୋଟ ପଦକ୍ଷେପ ମଧ୍ୟ ବେଶ୍ ସହାୟକ ହୋଇଥାଏ। ଯଦି ଶାରୀରିକ ବ୍ୟାୟାମ ସାରଣୀରେ ଦିନକୁ ୧୦ ହଜାର ପାଦ ଚାଲିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ଏବଂ ତୁମେ କେବଳ ୩ ହଜାର ପାଦ ଚାଲିପାରିଛ, ତେବେ ମଧ୍ୟ ଏହା କିଛି ନ କରିବାଠାରୁ ଶ୍ରେୟସ୍କର ହୋଇଥାଏ।

ନିଜ କାମଗୁଡ଼ିକୁ ଦୃଷ୍ଟିଦେବା ଆରମ୍ଭ କର: କେତେବେଳେ ତୁମେ ସ୍ୱତଃସ୍ଫୂର୍ତ୍ତ ଭାବେ ଅନ୍ୟମାନଙ୍କ ପ୍ରତି ସହୃଦୟ ହେଉଛ ? ଯେତେବେଳେ କୌଣସି ଦୁର୍ଘଟଣା ସମ୍ପର୍କିତ ଖବର ଦେଖୁଛ, ସେତେବେଳେ ଦେଖିବା ଛଡ଼ା ତୁମେ ତା'ଉପରେ ଅଧିକ କ'ଣ କରୁଛ ? ଯେତେବେଳେ ତୁମେ କୌଣସି ପ୍ରକାର ଦୁଃଖ ଓ ଯନ୍ତ୍ରଣାକୁ ସାରାଦିନ ଏଡାଇ ଯାଉଛ ? ଥରେ ତୁମେ ନିଜର ଚିନ୍ତନ ପ୍ରତି ସଚେତନ ହେବା ଆରମ୍ଭ କଲେ, ଧୀରେ ଧୀରେ ପରିବର୍ତ୍ତନ ଆସିଯିବ। ଏଣିକି ଶପିଂ ମଲରେ କ୍ୟାଶିୟରଙ୍କ କାର୍ଯ୍ୟଚାପକୁ ଥରୁଟିଏ ଉପଲବ୍ଧି କର କିମ୍ବା ଜିନିଷଗୁଡ଼ିକୁ ଥାକରେ ସଜାଇ ରଖୁଥିବା କର୍ମଚାରୀଙ୍କ ପରିଶ୍ରମକୁ ଅନୁଭବ କର। ଅନ୍ତତଃ ପ୍ରଶଂସାର କଥା ପଦେ କୁହ। ଥରେ ଅଧେ ମୋର ବି ମନେଅଛି, ମୁଁ ବି ଗର୍ବର ସହ କହିବି ଯେ ଏହା ମୋ ଭିତରେ ସ୍ୱାଭାବିକ ଭାବେ ଆସିଥିଲା ,ଯେତେବେଳେ ମୋ କାର୍ ଟ୍ରାଫିକ ସିଗନାଲରେ ଛିଡା ହୋଇଥିଲା ଆଉ ମୁଁ ପିଇବା ପାଣି ବୋତଲ ଖୋଲୁଥିଲି। ସେତେବେଳେ ମୁଁ ଲକ୍ଷ୍ୟ କଲି ରୋଡ୍ ଡିଭାଇଡରେ ଲଗାଯାଇଥିବା ଗୋଟିଏ ଗଛ ଖରା ଧାସରେ ମୃତ ପ୍ରାୟ ଅବସ୍ଥାରେ ଥିଲା। ମୁଁ କାର ବାହାରକୁ ଆସିଲି ଆଉ ତା' ମୂଳରେ ପାଣି ମୁନ୍ଦେ ଦେଇ ତା'କୁ ସତେଜ ହେବା ଯାଏ ଅପେକ୍ଷାରେ ରହିଲି। ସେ ସମୟରେ କେବଳ ତାକୁ ଚାହିଁ ରହିଥିଲି ଓ ତାହା ହିଁ ମୋତେ ଆନନ୍ଦ ଦେଉଥିଲା।

ତୁମେ ଯେତେବେଳେ ନିଜ ପାଇଁ କିଛି କରିବା ବଦଳରେ ଅନ୍ୟ ପ୍ରାଣୀମାନଙ୍କ ଲାଗି ସ୍ୱତଃସ୍ଫୂର୍ତ୍ତ ଭାବେ କିଛି କରିଥାଅ ସେତେବେଳେ ଅଧିକ ଆନନ୍ଦ ପାଇଥାଅ ଓ ଜଣା ପଡେ ତୁମେ ଠିକ୍ ମାର୍ଗରେ ଅଛ। ତୁମେ ସହୃଦୟତା ବା ଦୟା ଭଳି ଦିବ୍ୟ ଗୁଣର ଅଭ୍ୟାସ କର। ତୁମେ ବିଶ୍ୱ ପାଇଁ କ'ଣ ଚାହୁଁଛ ? ଜୀବନ ପାଇଁ କ'ଣ ଅଭୀପ୍ସା ରଖିଛ ? ତୁମ ପାଖରେ ଏ ବିଶ୍ୱକୁ ଦେବା ପାଇଁ କ'ଣ ଅଛି ? ଏ ବାବଦରେ ମୁଁ କିଛି ପରାମର୍ଶ ଦେବାକୁ ଯାଉଛି, ଯାହା ଅଡୁଆ ଲାଗିଲେ ବି ତାହା ନିଶ୍ଚିତ ଭାବେ କାମ ଦେବ। ଅନ୍ୟମାନଙ୍କୁ ପ୍ରଶଂସା କରି ଉତ୍ସାହିତ କର, ଅନ୍ୟର ଗୋପନୀୟତାକୁ ସମ୍ମାନ ଦିଅ, ଅନ୍ୟ ପାଇଁ ନିଜ ଭାବନାର ଦ୍ୱାର ସବୁବେଳେ ଉନ୍ମୁକ୍ତ ରଖ, ସଚେତନ ରହି ଭଲ କାମ କରିବା ପାଇଁ ସମୟ ନିର୍ଦ୍ଧାରଣ କର, କିପରି ଥ୍ୟାଙ୍କ୍ୟୁ କହିବ ତାହା ଶିଖ, ସମବେଦନା ବା ସମଦର୍ଶୀ ଭାବର ଅଭ୍ୟାସ କର ଓ ସତର୍କତାର ସହ ଆଗକୁ ବଢ।

ତୁମର ପରିବର୍ତ୍ତନ ହେଉଛି କି? ତୁମେ ଦୂରେଇ ଯିବାର ବାହାନା କରିବା ବନ୍ଦ କରି ଦେଇଛ ତ? ପୃଥିବୀକୁ ଏକ ଯନ୍ତ୍ରଣାର ସ୍ଥାନ ଭାବେ ଦେଖି ତାହାକୁ ଏକ ଭଲ ସ୍ଥାନ କରିପାରିବା ଭଳି ଦୃଷ୍ଟିକୋଣ ତୁମଠାରେ ବିକାଶ ହୋଇଛି ? ତୁମର ବ୍ୟବହାର ମଣିଷ ଓ ପ୍ରାଣୀମାନଙ୍କ ପ୍ରତି ଉତ୍ତମ ରହିଛି? ତୁମ ଜୀବନର ମୂଲ୍ୟବୋଧ ବୃଦ୍ଧି ହୋଇଛି? ଏହିସବୁ ପ୍ରଶ୍ନଗୁଡ଼ିକୁ ଯଦି ତୁମେ ପସନ୍ଦ କରୁଛ ଓ କାର୍ଯ୍ୟରେ ସାକାର କରିବା ଲାଗି ଭାବୁଛ ତେବେ ଏ ସମ୍ପର୍କରେ ଏକ ଡାଏରୀ ମେଣ୍ଟେନ କର।

ଅନ୍ୟର ଦୁଃଖ ଦୂର କରିବା ହିଁ ଦୟା। ଜୀବନରେ କେବଳ ଏହାର ହିଁ ଗୁରୁତ୍ୱ ରହିଛି। ତୁମେ ତୁମ ପଡୋଶୀଙ୍କ ସହ ଝଗଡା କରିବା ସହଜ ଏବଂ ଲକଡାଉନ ସମୟରେ ହଜାର ହଜାର ଲୋକ ମଧ୍ୟ ତାହା ହିଁ କଲେ। ବର୍ଷାରୁ ରକ୍ଷାପାଇବା ଲାଗି ପାହାଚରେ ଆଶ୍ରୟ ନେଇଥିବା କୁକୁରଟିକୁ ଗୋଇଠା ମାରି ବାହାର କରିଦେବା ,ଗୋଟିଏ ଆଘାତପ୍ରାପ୍ତ ବାଘୁଣୀକୁ ମଣିଷଖିଆ ବୋଲି ଘୋଷଣା କରି ତାକୁ ଶିକାର କରିବା ,ଖାଦ୍ୟରେ ବମ୍ ପୂରାଇ ଗାଈର ମୁହଁକୁ ଶରୀରଠାରୁ ଅଲଗା କରିଦେବା ଓ ଗଛ କାଟିବା ବି ସହଜ ଥିଲା। ଏହାଦ୍ୱାରା ପୃଥିବୀ ଆଗକୁ ନା ପଛକୁ ଗଲା ? ଭଲ ଅର୍ଥବ୍ୟବସ୍ଥା ପାଇଁ ହିଂସା ସବୁଠୁ ବଡ଼ ଝଟକା ଏବଂ ଏହା ମଧ୍ୟ ଦୟାର ସମ୍ପୂର୍ଣ୍ଣ ବିପରୀତ।

ଜଣେ ଏଡ୍‌ସ ରୋଗୀଙ୍କ ସହ ରାଜକୁମାରୀ ଡାଏନା ଲଗାତର ହ୍ୟାଣ୍ଡଶେକ୍ ଦୃଶ୍ୟ ସାରା ବିଶ୍ୱରେ ଏଡ୍‌ସ ରୋଗୀଙ୍କ ପ୍ରତି ଥିବା ମନୋଭାବକୁ ବଦଳାଇ ଦେଇଛି। ମଦର ଟେରେସା ସମ୍ପୂର୍ଣ୍ଣ ରୁଗ୍ଣ,କୁଷ୍ଠରୋଗୀ ତଥା ଗୃହହୀନ ମାନଙ୍କୁ ଆଲିଙ୍ଗନ କରିବା ବହୁ ଲୋକଙ୍କ ମନରେ ଦୟା ଭାବ ଉଦ୍ରେକ କରିଛି। ମାଂସାଶୀ ମାନଙ୍କ ପାଇଁ ଯେଉଁମାନେ କୃତ୍ରିମ ମାଂସ ପ୍ରସ୍ତୁତ କରିବା ଲାଗି କମ୍ପାନୀମାନ ଖୋଲିଛନ୍ତି ସେମାନଙ୍କ ମଧ୍ୟରେ ଥିବା ଦୟା ଭାବ ଯୋଗୁ ଏହା ହୋଇଛି। ଅର୍ଥାଭାବ ସତ୍ତ୍ୱେ ଯେଉଁମାନେ ଦୁର୍ଘଟଣାଗ୍ରସ୍ତ କିମ୍ବା ରୋଗଗ୍ରସ୍ତ ପ୍ରାଣୀମାନଙ୍କ ପାଇଁ ଆଶ୍ରୟସ୍ଥଳୀ ଖୋଲିଛନ୍ତି. ରକ୍ତଦାନ କରୁଛନ୍ତି, ବୋନମ୍ୟାରୋ ସମସ୍ୟାରେ ପୀଡିତଙ୍କ ପାଇଁ ବୋନମ୍ୟାରୋ ପ୍ରତିରୋପଣ ନିମନ୍ତେ ପ୍ରତିଷ୍ଠାନ ଖୋଲିଛନ୍ତି, ଅସହାୟଙ୍କୁ କିଛି ଟଙ୍କା ଦାନ କରୁଛନ୍ତି ଓ ଯେଉଁ ଏନ୍‌ଜିଓଗୁଡ଼ିକ ଦୁର୍ଗମ ଗାଁଗୁଡ଼ିକରେ ଲୋକମାନଙ୍କୁ ଚିକିତ୍ସା ସେବା ଚିକିତ୍ସା ଯୋଗାଇ ଦେଉଛନ୍ତି ସେମାନଙ୍କ ପାଇଁ ଏ ବିଶ୍ୱ ସବୁଠୁ ଭଲ, ସବୁଠୁ ସୁନ୍ଦର। କୌଣସି ଫଳ କାମନା ନ ରଖି ଏସବୁ ମଧ୍ୟରୁ ଅନ୍ତତଃ ତିନୋଟି ଭଲ କାମ କର ଏବଂ କେବଳ କୁହ ଯେ, ପ୍ରାପ୍ତକର୍ତ୍ତା ହିଁ ତିନୋଟି ଭଲ କାମ କରିଥାନ୍ତି। ବହୁ ବର୍ଷ ତଳେ ମୁଁ ଓ ମୋ ମା' ଲ୍ୟାରି କିଙ୍ଗ୍‌ଙ୍କ ଟିଭି ଶୋ ଦେଖୁଥିଲୁ। ସେଦିନ ଶୋରେ ଅତିଥି ଥିଲେ ବିଶ୍ୱ ପ୍ରସିଦ୍ଧ ସନ୍ଥ ତଥା ଭବିଷ୍ୟକାର ଜିନେ ଡିକ୍ସନ। ସେ କହିଲେ ଯେ, ପୃଥିବୀକୁ ବିଶ୍ୱର ନର୍କ ଭାବେ ନାମିତ କରାଯାଇଥିଲା। ଅନ୍ୟ କୌଣସି ଗ୍ରହରେ କୌଣସି ପ୍ରକାର ହିଂସା କିମ୍ବା ଅପରାଧ କରୁଥିବା ପ୍ରତ୍ୟେକ ଜୀବଙ୍କୁ ଏଠାକୁ ପଠାଇ ଦିଆଯାଉଥିଲା ଏବଂ ସେଥିପାଇଁ ପୃଥିବୀର ପ୍ରତ୍ୟେକ ଜୀବ ଲଗାତର ଯନ୍ତ୍ରଣା ଭୋଗ କରୁଥିଲେ। ଏବଂ ଆମେ ନିଜକୁ ପରିବର୍ତ୍ତନ ନ କରିବା ଯାଏ ଏମିତି ଜୀବନ ଚକ୍ରରେ ବାରମ୍ବାର ଫେରୁଥିବା ଓ ଯନ୍ତ୍ରଣା ଭୋଗ କରୁଥିବା। ଏଥିରୁ ମୁକୁଳିବାର ଏକମାତ୍ର ବାଟ ହେଉଛି ଦୟା, ସବୁ କିଛି ଉପରକୁ ଉଠି ଆମକୁ ଦୟାଳୁ ହେବାକୁ ପଡ଼ିବ। ଏଠାର ଯନ୍ତ୍ରଣାର ପରିଧିରୁ ମୁକ୍ତ ହେବାକୁ ତୁମେ ଚାହଁ କି? ମୁଁ କିନ୍ତୁ ଚାହେଁ।

Email: gandhim@nic.in

# ମାନପତ୍ରର ମାନ



ହିମାଂଶୁ ଶେଖର ଆଚାର୍ଯ୍ୟ

ଈଶ୍ୱର ପ୍ରତ୍ୟେକଙ୍କ ନିକଟରେ କିଛି ନା କିଛି ପ୍ରତିଭା ଦେଇଛନ୍ତି। ସେଥିପାଇଁ କୁହାଯାଏ ଫୁଲର ବାସ୍ନାଥିଲେ ସେ ମହକିବ ଆଉ ପ୍ରତିଭାଥିଲେ ତା'ର ଉନ୍ମେଷ ଘଟିବ। ପ୍ରତିଭାର ବିକାଶ ପାଇଁ ପ୍ରୋତ୍ସାହନର ଆବଶ୍ୟକତା ରହିଛି। ଅତୀତରେ ଯୋଗ୍ୟ ବ୍ୟକ୍ତିମାନଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧନା ଦେବାର ପରମ୍ପରା ମଧ୍ୟ ଥିଲା ଓ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ପ୍ରତିଭାଧରମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଥିଲା। ଏପରି କି ରାଜରାଜୁଡା ଶାସନରେ ବି କବି, ସାହିତ୍ୟିକ, ଚିତ୍ରକର, କଳାକାର, ସଙ୍ଗୀତଜ୍ଞ, ନୃତ୍ୟ ବିଶାରଦ ଓ ଅନ୍ୟାନ୍ୟ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇଥିବା ବ୍ୟକ୍ତିବିଶେଷଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଉଥିଲା। ସେଇଥିପାଇଁ ତ ସମ୍ରାଟ ବିକ୍ରମାଦିତ୍ୟଙ୍କ ରାଜସଭାରେ ନବରତ୍ନ ତାଙ୍କ ରାଜସଭାକୁ ମହିମାମଣ୍ଡିତ କରିଥିଲେ । କାଳିଦାସଙ୍କଠାରୁ ଆରମ୍ଭ କରି କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ପର୍ଯ୍ୟନ୍ତ –ସବୁଠି ସମ୍ବର୍ଦ୍ଧନାର ଏକ ଉଜ୍ଜ୍ୱଳ ପରମ୍ପରା ଥିଲା ।

ମାତ୍ର ଏବେ ସମାଜର ଢଙ୍ଗ ବଦଳିଗଲାଣି । ସବୁଠି ପ୍ରତିଷ୍ଠା ହାସଲ ପାଇଁ ଚାଲିଛି ଜୋରସୋର୍ ଉଦ୍ୟମ। ଯେମିତି ହେଉ ପଛେ, ମାନପତ୍ରଟିଏ ମିଳୁ । ରାଜନେତାଙ୍କଠାରୁ ଆରମ୍ଭ କରି ପ୍ରଶାସକ, କବି, ସାହିତ୍ୟିକ, ଗାଳ୍ପିକ, ନାଟ୍ୟକାର, କଳାକାର, ସାମ୍ବାଦିକ, ଶିକ୍ଷକ, କ୍ରୀଡାବିତ୍ ଓ ଅଭିନେତା ସମସ୍ତେ ଏଇ ଦୌଡରେ ସାମିଲ ହୋଇଛନ୍ତି । ଏହାକୁ ଲକ୍ଷ୍ୟ ରଖି ସଂପ୍ରତି ବିଭିନ୍ନ ପ୍ରକାରର ସାହିତ୍ୟ, ସାଂସ୍କୃତିକ, ସାମାଜିକ ଓ ଭିନ୍ନ ଭିନ୍ନ ସଂଗଠନ ସୃଷ୍ଟି ହେଲାଣି। ସୃଷ୍ଟିହେବା ବିଭଳ କଥା। କିନ୍ତୁ ଏଠି ସମ୍ବର୍ଦ୍ଧନା ଦେବାର ମାନିଆ ସୁନାମୀ ପରି ଗ୍ରାସ କରିଛି ସମସ୍ତଙ୍କୁ। ସମ୍ବର୍ଦ୍ଧନା ଦେବାପାଇଁ ସଂଗଠନଗୁଡ଼ିକ ମଧ୍ୟରେ ଯେତିକି ଆଗ୍ରହ, ସମ୍ବର୍ଦ୍ଧନା ନେଉଥିବା ବ୍ୟକ୍ତିର ମଧ୍ୟ ସେତିକି ଆଗ୍ରହ । ସତେ ଯେମିତି ସମ୍ବର୍ଦ୍ଧନା ଦେବା ଓ ନେବା ଏକ ନିଶା ପାଲଟି ଗଲାଣି । ଏପରି କି ଗୋଟିଏ ଗୋଟିଏ ସଭାରେ ପଚାଶ ଷାଠିଏ ଜଣ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧନା ଦିଆଯିବାର ଘଟଣାମାନ ଦେଖିବାକୁ ମିଳୁଛି । ଏହା କ'ଣ ସତରେ ପୂଜ୍ୟପୂଜା ପାଇଁ ଉଦ୍ଦିଷ୍ଟ । ଏହାଦ୍ୱାରା ମାନପତ୍ରର ମାନ ହ୍ରାସ ପାଉଛି ।

ସମ୍ବର୍ଦ୍ଧନାର ଏକ ନିର୍ଦ୍ଦିଷ୍ଟ ମାନ ରହିବା ଦରକାର । ତା'ହେଲେ ଯୋଗ୍ୟତମ ବ୍ୟକ୍ତି ଯୋଗ୍ୟତା ଅନୁରୂପ ସମ୍ବର୍ଦ୍ଧନା ପାଇବା ସୁଯୋଗ ସୃଷ୍ଟି ହେବ ଏବଂ ପ୍ରତିଭାକୁ ଯଥାରୀତି ସମ୍ମାନ ମିଳିବ । ତା' ନ ହେଲେ ଧୁଆମୂଳା ଓ ଅଧୁଆମୂଳା ସବୁ ସମାନ ହୋଇଯିବେ । ଇଏ ତ ଗଲା ଗୋଟିଏ ଦିଗ । ଅନ୍ୟ ଦିଗଟି ହେଉଛି ସମ୍ବର୍ଦ୍ଧିତ କରୁଥିବା ଅନୁଷ୍ଠାନ ମଧ୍ୟ ନିରପେକ୍ଷ ରହିବା ବିଧେୟ । ଅନେକ ସମୟରେ ପ୍ରିୟାପ୍ରୀତି, ରାଜନୈତିକ ଚାପ ଓ ଆର୍ଥିକ ସହାୟତା ପ୍ରକୃତ ପ୍ରତିଭା ଚିହ୍ନଟ କରିବାରେ ବାଧକ ସାଜୁଛି ଯାହାଦ୍ୱାରା ଯୋଗ୍ୟ ପ୍ରତିଭାଧର ବ୍ୟକ୍ତିମାନେ ସମ୍ବର୍ଦ୍ଧିତ ହେଉଥିବା ସୁଯୋଗରୁ ବଞ୍ଚିତ ହେଉଛନ୍ତି। ପ୍ରତିଭା ନ ଥାଇ ଆଉ କେତେକ ସହଜରେ ସମ୍ବର୍ଦ୍ଧନା ପାଇବାରେ ସଫଳ ହେଉଛନ୍ତି । ଏବେ ପୁଣି ଅର୍ଥ ଦେଇ ସମ୍ବର୍ଦ୍ଧିତ ହେବାର ଅନେକ ଉଦାହରଣ ଦେଖିବାକୁ ମିଳୁଛି । ଏପରି ଅସୁସ୍ଥ ପରମ୍ପରା ସର୍ବଦା ପରିହାର କରିବା ଆବଶ୍ୟକ। ସେହିପରି ସଂଗଠନଗୁଡ଼ିକର ଆଭିମୁଖ୍ୟ ମଧ୍ୟ ବିଚିତ୍ର। ଅନୁଷ୍ଠାନଗୁଡ଼ିକ ନିଜ ନିଜ ଅଞ୍ଚଳର ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧନା ଦେବାର ମାନସିକତାରେ ନାହାନ୍ତି। ଗାଁ କନିଆଁ ସିଙ୍ଘାଣି ନାକି – ପରି ସେମାନେ ଅଲୋଡ଼ା, ଅଖୋଜା ହୋଇ ପଡି ରହିଛନ୍ତି ବଣମଲ୍ଲୀ ପରି । ସେହିପରି ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ବ୍ୟକ୍ତିମାନେ ମଧ୍ୟ କୌଣସି ଅନୁଷ୍ଠାନକୁ ସମ୍ବର୍ଦ୍ଧିତ ହେବାପାଇଁ ଯିବା ପୂର୍ବରୁ ତା'ର ମାନ ଅନୁସାରେ ସମ୍ବର୍ଦ୍ଧିତ ହେବାର ମାନସିକତା ରଖିବା ଦରକାର । ତାହାହେଲେ ସମ୍ବର୍ଦ୍ଧନାର ଗୁରୁତ୍ୱ ଓ ପ୍ରାସଙ୍ଗିକତା ରହିବ ।

ଆହୁରି ଆଶ୍ଚର୍ଯ୍ୟର କଥା ଜଣେ ଭଲ ଶିକ୍ଷକ ଏଠି ରାଜ୍ୟ ଓ ରାଷ୍ଟ୍ରୀୟ ପୁରସ୍କାର ପାଇବା ପାଇଁ ନିଜେ ଆବେଦନ କରିଥାନ୍ତି। ସେ ନିଜେ ଭଲ ଓ ସେଥିପାଇଁ ସମ୍ମାନ ପାଇବାକୁ ହକ୍‌ଦାର ବୋଲି କହିବାକୁ ହୁଏ । ଏହାଠାରୁ ବଳି ଲଜ୍ଜାକର କଥା କ'ଣ ଥାଇପାରେ ? ଏଥିନିମନ୍ତେ ପାଠ ଅପେକ୍ଷା ଶାଠ ଅଧିକ ଦରକାର । ସେଥିପାଇଁ ବିଭିନ୍ନ ପ୍ରମାଣପତ୍ର ଅଣନିଃଶ୍ୱାସୀ ହୋଇ ଧାଁ ଧପଡ କରି ଯୋଗାଡ କରିବାକୁ ହୁଏ କୃତି ଶିକ୍ଷକର ସମ୍ମାନ ପାଇବା ପାଇଁ। ଏବେ ପୁଣି ଜିଲା ସ୍ତରରେ ପୁରସ୍କୃତ କରିବା ପାଇଁ ବ୍ୟବସ୍ଥା ରହିଛି । ଏଥିପାଇଁ ସେମାନେ ଆବେଦନ ପତ୍ର ଜିଲା ଶିକ୍ଷାଧିକାରୀଙ୍କୁ ପ୍ରଦାନ କରିବେ । ସେଇ ଏକା ବ୍ୟବସ୍ଥା । ଗୋଟିଏ ପୁରସ୍କାର ଓ ଖଣ୍ଡିଏ ମାନପତ୍ର ପାଇବା ପାଇଁ ବାରଦୁଆର ବୁଲି ଆବେଦନ କରିବାକୁ ହେବ। ବିଚରା ଶିକ୍ଷକଟିଏ ବୋଲି ସିନା। ସେ ପୁଣି ମଣିଷ ତିଆରି କରନ୍ତି, ଦେଶର ଭବିଷ୍ୟତମାନଙ୍କୁ ଗଢନ୍ତି । ସମ୍ବର୍ଦ୍ଧନା ଦେବାର ଏ ବ୍ୟବସ୍ଥା କେବେ ବଦଳିବ କେଜାଣି ? ଶିକ୍ଷକଙ୍କ ପଦମର୍ଯ୍ୟାଦା ରକ୍ଷା ପାଇଁ କ'ଣ ଆଉ କିଛି ବିକଳ୍ପ ବ୍ୟବସ୍ଥାରେ ଭଲ ଶିକ୍ଷକ ଚୟନ କରାଯାଇପାରନ୍ତା ନାହିଁ ?

ସମ୍ବର୍ଦ୍ଧନା ଓ ମାନପତ୍ର ଦେବାର ଭାବ ନିଆରା । ପୂଜ୍ୟପୂଜାର ଆଦର ମଧ୍ୟ ରହିବା ଦରକାର। କିନ୍ତୁ ମାନପତ୍ର ଦେବାର ଏକ ନିର୍ଦ୍ଦିଷ୍ଟ ମାନ ରହୁ ଓ ଯୋଗ୍ୟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରିବାର ମାନସିକତା ସୃଷ୍ଟି ହେଉ, ଯାହା କି ଉତ୍ତରପିଢି ପାଇଁ ଏକ ଆଦର୍ଶର ଭିତ୍ତିଭୂମି ତିଆରି କରିବ।

ଜଗତ୍‌ସିଂହପୁର, ମୋ-୯୯୩୭୧୫୧୦୫୨

## ଏଇ ଭାରତରେ

ଶକ୍ତି ସଂରକ୍ଷଣ କ୍ଷେତ୍ରରେ ତେଲଙ୍ଗାନା ୱାରାଙ୍ଗଲ ଜିଲା ଗୋପାଳପୁରମ୍ ଗାଁର ରାଜୁ ମୁପ୍ପାରପୁଙ୍କ ଉଦ୍ୟମ ବେଶ ପ୍ରଶଂସନୀୟ। ରାଜୁଙ୍କ ବୟସ ୩୦। ସେ ଏକ ଡିଭାଇସ ବିକାଶ କରିଛନ୍ତି ଯାହାଦ୍ୱାରା ବିଦ୍ୟୁତ ଶକ୍ତି ଅପଚୟ ରୋକାଯାଇପାରୁଛି । ଇଲେକ୍ଟ୍ରି ବିଲ ମଧ୍ୟ ୩୦ ପ୍ରତିଶତ କମ୍ ରହୁଛି। ସେ ଲାଇଟ୍ ଡିପେଣ୍ଡେଣ୍ଟ ରେଜିଷ୍ଟାର୍(ଏଲଡିଆର) ସେନ୍‌ସରକୁ ୧୨୦ଟି ପଞ୍ଚାୟତ ଓ ୱାରାଙ୍ଗଲ ମ୍ୟୁନିସିପାଲିଟିରେ ଲଗାଇଛନ୍ତି। ଏହି ଯନ୍ତ୍ର ରାସ୍ତାରେ ଲାଇଟ ଜଳୁଛି କି ନାହିଁ ତାହା ଜଣାଇଦେଉଛି ଓ ଆବଶ୍ୟକସ୍ଥଳେ ମେନ୍ ସୁଇଚ୍ ସିଷ୍ଟମ୍‌କୁ ବନ୍ଦ କରାଯାଉଛି। ଏହି ଡିଭାଇସ୍‌ର ନାମ ନ୍ୟାଚୁରାଲ ଷ୍ଟ୍ରିଟ୍ ଲାଇଟ ସୁଇଚ୍ ରଖାଯାଇଛି ଓ ଏଥିରେ ଏକ ଫଟୋ ସେନସର ଲାଗିଛି। ରାଜୁ ବିଏସସି ପାସ୍ କରିବା ପରେ ଏହି କାର୍ଯ୍ୟରେ ଲାଗି ଯାଇଥିଲେ ଓ ସଫଳତା ମଧ୍ୟ ପାଇଥିଲେ। ୨୦୧୬ରେ ଏକ ଆଞ୍ଚଳିକ ଖବରକାଗଜରେ ଏ ସମ୍ପର୍କରେ ଖବର ପ୍ରକାଶ ପାଇବା ପରେ ୱାରଙ୍ଗଲ ଜିଲାପାଳ ପ୍ରଶାନ୍ତ ପାଟିଲଙ୍କ ନିର୍ଦ୍ଦେଶ କ୍ରମେ ସେ ୧୦ ଟି ପଞ୍ଚାୟତରେ ଦୁଇଟି ଲେଖାଁଏ ଯନ୍ତ୍ର ଲଗାଇଥିଲେ। ଏହି ଯନ୍ତ୍ରକୁ ସାରା ଭାରତରେ ଲଗାଯାଇ ବିଦ୍ୟୁତ ଅପଚୟକୁ ରୋକି ହେବ ବୋଲି କହନ୍ତି ରାଜୁ।

## ୨୫ ବର୍ଷ ତଳର ଧରିତ୍ରୀ

୩ ସେପ୍ଟେମ୍ବର ୧୯୯୫

- ସନ୍ତ୍ରାସବାଦ ବିରୋଧରେ ସଂଗ୍ରାମ କରିବା ଏବଂ ସନ୍ତାସବାଦକୁ ଅନ୍ତର୍ଜାତୀୟ ସ୍ତରରେ ବିରୋଧ କରିବାରେ ସହଯୋଗ କରିବା ନେଇ ଅନ୍ତର୍ଜାତୀୟ ସମୁଦାୟର ଇଚ୍ଛା ସଂକ୍ରାନ୍ତ ବେଜିଂ ବାର୍ତ୍ତା 'ନାମ' ବୈଠକରେ ସର୍ବସମ୍ମତ ଭାବେ ଅନୁମୋଦିତ ହୋଇଛି।
- ଗୁଣପୁର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ରାମମୂର୍ତ୍ତି ଗମାଙ୍ଗୋଙ୍କୁ ପତ୍ନୀ ଶଶୀରେଖାଙ୍କ ହତ୍ୟା ଅଭିଯୋଗରେ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।
- କଟକର ବିଶିଷ୍ଟ ସମାଜସେବୀ ପ୍ରେମାନନ୍ଦ କାନୁନ୍‌ଗୋଙ୍କ ୬୯ ବର୍ଷ ବୟସରେ ପରଲୋକ।

# ନିଯୁକ୍ତିରେ ସୁଧାର ଓ ଜାତୀୟ ନିଯୋଜନ ସଂସ୍ଥା



ନଗେନ୍ଦ୍ର ନାଥ ପଟ୍ଟନାୟକ

ବିଗତ ବର୍ଷଗୁଡ଼ିକରେ ଦେଶ ଯେତେସବୁ ସମସ୍ୟାର ସମ୍ମୁଖୀନ ହୋଇଛି ତନ୍ମଧ୍ୟରୁ ବେରୋଜଗାରୀ ଏକ ପ୍ରମୁଖ ସମସ୍ୟା । ସରକାରୀ ହେଉ କି ଘରୋଇ କ୍ଷେତ୍ର, ସବୁଠାରେ ଚାହିଦା ମୁତାବକ ଚାକିରି ଯେ ଖୁବ୍ କମ୍ । କେନ୍ଦ୍ର ସରକାର ଅଧୀନରେ ହେଉ କି ରାଜ୍ୟ ସରକାର ସରକାରୀ ଚାକିରିଟିଏ ହାତେଇବା ପ୍ରତ୍ୟେକ ଚାକିରି ଅନ୍ୱେଷଣକାରୀଙ୍କ ପାଇଁ ପ୍ରଥମ ପସନ୍ଦ ହୋଇ ରହିଥାଏ। ତେବେ ସରକାରୀ ଚାକିରି କ୍ଷେତ୍ରରେ ବ୍ୟାପକ ଦୁର୍ନୀତି, ଲଗାମହୀନ ଭ୍ରଷ୍ଟାଚାର, ଘୋର ଅନିୟମିତତା ଇତ୍ୟାଦି ଗୁରୁତର ସମସ୍ୟା ବ୍ୟାଘାତ ସୃଷ୍ଟି କରିଥାଏ। ବର୍ତ୍ତମାନର ପରିବର୍ତ୍ତିତ ପରିସ୍ଥିତିରେ ଚାକିରି ଓ କର୍ମସଂସ୍ଥାନର ସ୍ୱରୂପ କ୍ରମଶଃ ବଦଳିବାରେ ଲାଗିଛି। 'ବି' ଆଉ 'ସି' ବର୍ଗର ବେସରକାରୀ ପେସାଦାର ପଦଲାଗି କେନ୍ଦ୍ରୀୟ ସେବାରେ ରୋଜଗାର ଯୋଗାଇ ଦେବା ଦିଗରେ ଜାତୀୟ ନିଯୋଜନ ସଂସ୍ଥା ( ଏନଆରଏ)କୁ ମଞ୍ଜୁରୀ ପ୍ରଦାନ କରି କେନ୍ଦ୍ର ସରକାର ଏକ ବଡ ଧରଣର ପଦକ୍ଷେପ ଗ୍ରହଣ କରିଛନ୍ତି। ସୁତରାଂ ନିଯୁକ୍ତି ପ୍ରକ୍ରିୟାରେ ଏ ପ୍ରକାରର ସଂସ୍କାରରୁ ନିଶ୍ଚିତ ରୂପେ ଆଶାନୁରୂପ ଫାଇଦା ମିଳିବ ବୋଲି ଆଶା କରାଯାଉଛି । ବାସ୍ତବରେ ଜାତୀୟ ସ୍ତରୀୟ ନିଯୁକ୍ତିରେ ଯୋଗ୍ୟ ପ୍ରାର୍ଥୀକୁ ଚୟନ ଲାଗି ଉଦ୍ଦିଷ୍ଟ ପରୀକ୍ଷା ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ ତଥା ମଜଭୁତ କରିବା ଦିଗରେ ସରକାରଙ୍କର ଏଭଳି ଠୋସ ପଦକ୍ଷେପ ବେଶ୍ ପ୍ରଶଂସନୀୟ ଓ ସ୍ୱାଗତଯୋଗ୍ୟ।

ବାସ୍ତବ ଦୃଷ୍ଟିକୋଣରୁ ଦେଖିଲେ ଆମ ଦେଶରେ ପାଖାପାଖି କୋଡିଏଟି ପ୍ରମୁଖ ନିଯୁକ୍ତି ସଂସ୍ଥା ସାଧାରଣତଃ ଏଭଳି ପ୍ରତିଯୋଗିତା ପରୀକ୍ଷାର ଆୟୋଜନ କରିଥାନ୍ତି। ଏମାନଙ୍କ ପରୀକ୍ଷାକେନ୍ଦ୍ର ପୃଥକପୃଥକ ସ୍ଥାନମାନଙ୍କରେ ଅନୁଷ୍ଠିତ ହେବାର ନୀତିଗତ ଭାବେ ସ୍ଥିର କରାଯାଇଥାଏ। ବେଳେବେଳେ ପରୀକ୍ଷାର୍ଥୀଙ୍କୁ ଏଥିପାଇଁ ଅନ୍ୟ ରାଜ୍ୟକୁ ବି ଯିବାକୁ ପଡେ। ତେବେ ଅଧିକାଂଶ ସମୟରେ ପରୀକ୍ଷାର୍ଥୀଙ୍କ ସଂଖ୍ୟା ଏତେ ବଢିଯାଏ ଯେ ସେମାନଙ୍କୁ ରେଳଗାଡି ଓ ବସଗୁଡ଼ିକରେ ଯାତ୍ରା କରିବା ଛଡା ଅନ୍ୟ ବିକଳ୍ପ ନ ଥାଏ । ସଂପ୍ରତି କେନ୍ଦ୍ର ସରକାର ଦେଶର ତିନୋଟି ପ୍ରମୁଖ ସଂସ୍ଥା ଯଥା-କର୍ମଚାରୀ ଚୟନ ଆୟୋଗ, ରେଲୱ ନିଯୁକ୍ତି ବୋର୍ଡ ତଥା ବ୍ୟାଙ୍କିଙ୍ଗ୍ କାର୍ମିକ ସଂସ୍ଥାଙ୍କୁ ଏନ୍‌ଆର୍‌ଏକୁ ସାଧାରଣ ଯୋଗ୍ୟତା ପରୀକ୍ଷାରେ ସାମିଲ କରିଛନ୍ତି। ଖୁବ୍‌ଶୀଘ୍ର ଅନ୍ୟ ସବୁ ବଡବଡ ସଂସ୍ଥା ଏଥିରେ ସାମିଲ ହେବେ ବୋଲି ଆଶା କରାଯାଉଛି।

କେନ୍ଦ୍ର ସରକାରଙ୍କ ଏଭଳି ଦୂରଦର୍ଶୀ ପଦକ୍ଷେପ ତୃଣମୂଳ ସ୍ତରରେ କି ପ୍ରକାର ପରିବର୍ତ୍ତନ ଆଣିବାକୁ ଯାଉଛି ତାହା ଅଧିକାଂଶ ଲୋକ ଏଯାଏ ହୃଦୟଙ୍ଗମ କରିବାରେ ସକ୍ଷମ ହୋଇନାହାନ୍ତି। ପ୍ରକୃତରେ ଜାତୀୟ ନିଯୁକ୍ତି ସଂସ୍ଥା ଗଠନର ଲାଭ ଦେଶର କୋଟି କୋଟି ପରୀକ୍ଷାର୍ଥୀଙ୍କୁ ଉପଲବ୍ଧ ହୋଇପାରିବ। କାହିଁକି ନା, ସେମାନେ ଗୋଟିଏ ପରୀକ୍ଷାରେ ଏକାଧିକ ପଦ ପାଇଁ ଆବେଦନ କରିପାରିବେ, ଯାହାଫଳରେ ସେମାନେ ଚାକିରି ପାଇଁ ବାରମ୍ବାର ଆବେଦନ କରିବା ଆଉ ନିର୍ଦ୍ଧାରିତ ଫି' ଦାଖଲ କରିବା ବୋଝ ତଥା ଝମେଲାରୁ ମୁକ୍ତି ପାଇପାରିବେ। ଏହି ସଂସ୍ଥା ଗଠନ ହେବା ଫଳରେ ବ୍ୟାଙ୍କ ଓ ରେଲୱେ ସାଙ୍ଗକୁ କେନ୍ଦ୍ର ସରକାର ଏବଂ ବ୍ୟାଙ୍କ ଆଦି ସାର୍ବଜନୀନ ଉଦ୍ୟୋଗରେ 'ବି' ଆଉ 'ସି' ଅଣ ପେସାଦାର ପଦପଦବୀରେ ନିଯୁକ୍ତି ସକାଶେ କେବଳ ମାତ୍ର ଗୋଟିଏ ପରୀକ୍ଷା ଅନୁଷ୍ଠିତ ହେବ। ସେଥିରେ ଉତ୍ତୀର୍ଣ୍ଣ ହେବା ପରେ ଯାଇ ଅନ୍ତିମ ପରୀକ୍ଷାରେ ବସିପାରିବ। ଏ ପ୍ରସଙ୍ଗରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଫାଇନାଲ (ଶେଷ) ପରୀକ୍ଷାରେ ଅସଫଳ ହେଲା ପରେ ମଧ୍ୟ ପୁଣିଥରେ ପ୍ରବେଶିକା ପରୀକ୍ଷା ଦେବାରୁ ଛାଡ କରାଯିବ। ଉଲ୍ଲେଖ ଅନାବଶ୍ୟକ ଯେ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଏକପ୍ରକାରେ ପ୍ରାଥମିକ ଯୋଗ୍ୟତା ବୋଲି ବିଚାର କରାଯାଏ।

ବଡ କଥା ହେଲା ଏବେ ଚାକିରି ଅନ୍ୱେଷଣକାରୀଙ୍କୁ ପରୀକ୍ଷା ଦେବାଲାଗି ଦୂରଦୂରାନ୍ତରେ ଅବସ୍ଥିତ ସହରଗୁଡ଼ିକରେ ଆଉ ଅସୁବିଧାର ସାମ୍ନା କରିବାକୁ ପଡିବନାହିଁ । ପୂର୍ବ ନିର୍ଦ୍ଧାରିତ ଯୋଜନା ମୁତାବକ ବର୍ତ୍ତମାନ ସମଗ୍ର ଦେଶରେ ଏକ ହଜାରରୁ ଅଧିକ ପରୀକ୍ଷାକେନ୍ଦ୍ର ସ୍ଥାପନ କରାଯିବ। ପ୍ରତିଟି ଜିଲାରେ ମଧ୍ୟ ଗୋଟିଏ ଲେଖାଏ ପରୀକ୍ଷା କେନ୍ଦ୍ର ସ୍ଥାପନ କରାଯିବାକୁ ପ୍ରୟାସ କରାଯିବ। ଏ ସଂକ୍ରାନ୍ତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଏହି ସାଧାରଣ ଯୋଗ୍ୟତା ପରୀକ୍ଷା ଯୁବଗୋଷ୍ଠୀଙ୍କ ପାଇଁ ବରଦାନ ସଦୃଶ। ଏହି ପ୍ରୟାସରେ ବେକାରିଙ୍କ ସମୟ ଓ ଧନ ନିଶ୍ଚିତ ରୂପେ ସଞ୍ଚିତ ହୋଇପାରିବ। ଏହାଦ୍ୱାରା ଦାରିଦ୍ର୍ୟ ପୃଷ୍ଠଭୂମିର ପ୍ରାର୍ଥୀଙ୍କୁ ଆଶ୍ୱାସନା ମିଳିପାରିବ । ସାମ୍ପ୍ରତିକ ପରିସ୍ଥିତିରେ ପ୍ରାର୍ଥୀଙ୍କୁ ବହୁ ସଂସ୍ଥା ଦ୍ୱାରା ସଞ୍ଚାଳିତ ବିଭିନ୍ନ ପରୀକ୍ଷାରେ ଭାଗ ନେବାକୁ ପଡିଥାଏ । ପରୀକ୍ଷା ବାବଦ ଶୁଳ୍କ ବ୍ୟତୀତ ଯାତ୍ରା, ରହଣି, ଖାଇବାପିଇବା ଓ ଅନ୍ୟାନ୍ୟ ଅତିରିକ୍ତ ଖର୍ଚ୍ଚକୁ ବହନ କରିବାକୁ ପଡିଥାଏ। ସାଧାରଣ ଯୋଗ୍ୟତା ପରୀକ୍ଷା (କମନ ଏଲିଜିବିଲିଟି ଟେଷ୍ଟ) ଇତ୍ୟାଦି ଏକକ ପରୀକ୍ଷା ଦ୍ୱାରା ପ୍ରାର୍ଥୀଙ୍କ ଉପରେ ଆର୍ଥିକ ବୋଝ ବିଶେଷ ରୂପେ ହ୍ରାସପାଇବ। ଏହାଛଡା, ମହିଳା ପ୍ରାର୍ଥୀଙ୍କୁ ମଧ୍ୟ ଯଥେଷ୍ଟ ଆଶ୍ୱସ୍ତି ମିଳିବ। କାରଣ ବେଳେବେଳେ ସୁଦୂର ସ୍ଥାନରେ ଅବସ୍ଥିତ ପରୀକ୍ଷା କେନ୍ଦ୍ରକୁ ଯିବା ଲାଗି ସେମାନଙ୍କୁ ଉପଯୁକ୍ତ ବ୍ୟକ୍ତିଙ୍କ ସାହାଯ୍ୟ ଲୋଡିବାକୁ ପଡିଥାଏ । ପ୍ରତ୍ୟେକ ଜିଲାରେ ପରୀକ୍ଷା କେନ୍ଦ୍ର ରହିଲେ ସାଧାରଣତଃ ଗ୍ରାମାଞ୍ଚଳର ପ୍ରାର୍ଥୀମାନେ ବିଶେଷକରି ମହିଳା ପ୍ରାର୍ଥୀମାନଙ୍କୁ ଅଧିକ ଲାଭ ମିଳିବ। ପୁନଶ୍ଚ ପରୀକ୍ଷା ଲାଗି ପଞ୍ଜୀକରଣ ଅନ୍‌ଲାଇନ ଜରିଆରେ କରାଯାଇପାରିବ। ଉଲ୍ଲେଖନୀୟ କଥା ହେଉଛି ଅତୀତରେ ଚାକିରି ପାଇଁ ଅନ୍ୟ ରାଜ୍ୟରୁ ମହାରାଷ୍ଟ୍ରକୁ ଆସୁଥିବା ପ୍ରାର୍ଥୀଙ୍କୁ ମାରଧର, ପିଟାପିଟି ଓ ଗଣ୍ଡଗୋଳ ଜନିତ ଅଭାବିତ ଘଟଣାମାନ ଘଟିଥିବା ଦେଖିବାକୁ ମିଳିଥିଲା। ଅଧିକନ୍ତୁ ପୃଥକ ପୃଥକ ଭାବେ ନିଯୁକ୍ତି ପରୀକ୍ଷାରେ ଭାଗ ନେଉଥିବା ପ୍ରାର୍ଥୀ ଓ ସଂସ୍ଥାମାନଙ୍କୁ ଆର୍ଥିକ ବୋଝକୁ ସମ୍ଭାଳିବାକୁ ପଡିଥାଏ। ଏଥିରେ ଥରକୁ ଥର ବ୍ୟୟର ଭାର, ନିୟମ ଓ ବ୍ୟବସ୍ଥା ତଥା ସୁରକ୍ଷା ସଂକ୍ରାନ୍ତ ପ୍ରସଙ୍ଗ ଓ ପରୀକ୍ଷା ପରିଚାଳନାଗତ ସମସ୍ୟା ଇତ୍ୟାଦି ମନ୍ଦ ଦିଗଗୁଡ଼ିକ ଦେଖିବାକୁ ମିଳେ । ଏପରି କି ଏସବୁ ପରୀକ୍ଷାରେ ଅଢେଇରୁ ତିନିକୋଟି ପ୍ରାର୍ଥୀ ସାମିଲ ହୋଇଥାନ୍ତି ।

ସାଧାରଣ ଯୋଗ୍ୟତା ପରୀକ୍ଷାରେ ପ୍ରାର୍ଥୀ ଗୋଟିଏ ସାଧାରଣ ଯୋଗ୍ୟତା ପରୀକ୍ଷାରେ କେବଳ ଥରୁଟିଏ ଅଂଶଗ୍ରହଣ କରିବ ତଥା ଉଚ୍ଚ ସ୍ତରର ପରୀକ୍ଷା ପାଇଁ ଏସବୁ ନିଯୁକ୍ତି ସଂସ୍ଥାକୁ ଆବେଦନ କରିପାରିବ। ତେବେ ଏକଥା ସତ ଯେ ଅଲଗା ଅଲଗା ଜିଲାରେ ସମାନ ପଦରେ ନିଯୁକ୍ତି ପାଇଁ ଭିନ୍ନଭିନ୍ନ ପରୀକ୍ଷା ଦେବାଦ୍ୱାରା ବେକାରିଙ୍କ ଉପରେ ଆର୍ଥିକ ଓ ମାନସିକ ବୋଝ ଭାରି ପଡିଥାଏ । ନିଜ ଘରଠାରୁ ବହୁ ଦୂରରେ ଅବସ୍ଥିତ ପରୀକ୍ଷାକେନ୍ଦ୍ରକୁ ଯିବା ଲାଗି ବିଚରା ବେକାରି ପ୍ରାର୍ଥୀଟିଏ ପାଇଁ ଆବଶ୍ୟକ ଟଙ୍କା-ପଇସା ନ ଥାଏ। ପୁଣି ପରୀକ୍ଷା ସମୟ ନିର୍ଘଣ୍ଟ କେତେବେଳେ ଯେ ବଦଳିଯାଏ ତାହା କହିବା ମୁସ୍କିଲ । ମୋଟାମୋଟି ଅଲଗା ଅଲଗା ପରୀକ୍ଷା ଅନୁଷ୍ଠିତ କରିବାଟା ବିଶାଳ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତର ସଂଘୀୟ ଢାଞ୍ଚାର ଅନୁରୂପ ନୁହେଁ। ଏପରି ସୁବ୍ୟବସ୍ଥିତ ବ୍ୟବସ୍ଥା ଦ୍ୱାରା ବିଭିନ୍ନ ବିଭାଗ ପକ୍ଷରୁ କରାଯାଉଥିବା ନିଯୁକ୍ତି ପରୀକ୍ଷାରେ ହେଉଥିବା ଅଯଥା ଖର୍ଚ୍ଚକୁ ରୋକାଯାଇପାରିବ। ପୁନଶ୍ଚ ନିଯୁକ୍ତି ପରୀକ୍ଷାର ଫଳକୁ ବି ଅତିଶୀଘ୍ର ଘୋଷଣା କରାଯାଇପାରିବ। ଫଳରେ ବିଭାଗଗୁଡ଼ିକ ବିଭିନ୍ନ ଚାକିରିରେ ନିଜର ପସନ୍ଦ ମୁତାବକ ଯୋଗ୍ୟପ୍ରାର୍ଥୀଙ୍କୁ ଚୟନ କରିବାକୁ ଉତ୍ତମ ସୁଯୋଗ ପାଇବେ।

ଯୁଗ୍ମସଚିବ, ଓରେରା, ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | B | | | | | 3 | 4 | | | | 6 | | 9 | |
| | | 9 | A | | 5 | | | | | 4 | | 3 | | |
| 0 | | | | | | 8 | | | | A | | B | | 7 |
| | D | 7 | | 9 | C | | | | 8 | 0 | | | 1 | |
| | | | | | | 6 | | | 5 | | | | | A |
| | | | | | 9 | | | | | | | 5 | | 8 |
| 7 | 0 | | D | | | 9 | | | | | 5 | E | | |
| | 6 | 4 | 0 | 5 | | 1 | | E | | 3 | | | 2 | |
| | | C | 4 | | | A | | | | 7 | | | | |
| A | 3 | 1 | | | | 5 | | | C | | 4 | D | | 9 |
| 3 | | | | A | 7 | E | | | | | | | | 2 |
| 4 | | E | | B | | D | | | | 6 | | | 0 | 1 |
| 1 | C | D | E | | 4 | | | | | | | 8 | | |
| | | | 6 | 0 | | | | | | | | | C | |
| | 8 | | 1 | | D | | | | | | A | 7 | | B |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | 5 | B | 9 | 6 | 7 | 1 | 8 | 4 | C | 3 | 2 | 0 | D | E |
| D | 1 | 0 | E | A | 4 | 2 | 3 | 7 | 6 | 9 | 8 | B | C | 5 |
| 8 | E | 6 | 2 | 3 | C | D | 5 | 0 | 4 | B | 1 | 7 | 9 | A |
| 2 | 3 | C | 0 | D | 1 | B | A | 9 | 5 | 7 | E | 4 | 8 | 6 |
| 9 | 4 | 7 | B | 5 | 8 | 6 | C | E | D | A | 0 | 3 | 1 | 2 |
| C | D | 5 | 4 | 1 | 3 | 0 | 2 | A | 7 | 8 | 6 | 9 | E | B |
| 3 | 0 | 8 | 5 | B | 9 | C | D | 6 | E | 2 | 4 | 1 | A | 7 |
| B | 6 | 1 | 7 | 8 | A | 4 | E | 5 | 9 | C | 3 | 2 | 0 | D |
| E | 7 | 9 | 6 | 0 | 2 | 8 | 1 | B | A | D | 5 | C | 3 | 4 |
| 4 | A | 2 | C | E | D | 9 | 7 | 3 | 0 | 1 | B | 6 | 5 | 8 |
| 7 | 8 | 3 | A | 4 | B | E | 0 | 1 | 2 | 5 | C | D | 6 | 9 |
| 0 | B | 4 | 8 | C | E | 5 | 9 | D | 1 | 6 | 7 | A | 2 | 3 |
| 1 | C | D | 3 | 2 | 6 | A | 4 | 8 | B | E | 9 | 5 | 7 | 0 |
| 5 | 2 | E | D | 9 | 0 | 7 | 6 | C | 3 | 4 | A | 8 | B | 1 |
| 6 | 9 | A | 1 | 7 | 5 | 3 | B | 2 | 8 | 0 | D | E | 4 | C |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### କୋଠାବାଡ଼ି ନିୟମ ନିର୍ଣ୍ଣାୟକ ହେଉ

ମହାଶୟ,

ନିକଟରେ ଧରିତ୍ରୀରେ ପ୍ରସାରିତ ହୋଇଥିଲା ଯେ କରୋନା ସଂକ୍ରମଣ ଯୋଗୁ ଆମ ରାଜ୍ୟରେ ଉପୁଜିଥିବା ଗୁରୁତର ଆର୍ଥିକ ସମସ୍ୟାରେ ସୁଧାର ଆଣିବା ପାଇଁ ରାଜ୍ୟ ସରକାର ବଦ୍ଧପରିକର। ଏହାକୁ ଦୃଷ୍ଟିରେ ରଖି ସରକାର କୋଠାବାଡ଼ି ନିୟମକୁ କୋହଳ କରିଥିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଆମ ରାଜ୍ୟର ୯ ସହରାଞ୍ଚଳରେ ଥିବା ଉନ୍ନୟନ କର୍ତ୍ତୃପକ୍ଷଙ୍କ ପାଇଁ ଏକ ପ୍ରକାରର ସଂଶୋଧିତ କୋଠାବାଡ଼ି ନିୟମ ପ୍ରଣୟନ କରାଯାଇଛି। ଏଥିନିମନ୍ତେ ସରକାର ସମସ୍ତ ସହର ଓ ଗ୍ରାମାଞ୍ଚଳକୁ ନେଇ ପ୍ଲାନିଂ ଏଣ୍ଡ୍ ବିଲ୍ଡିଂ ଷ୍ଟାଣ୍ଡାର୍ଡ ରୁଲ୍ସରେ ମଧ୍ୟ ଏକ ପ୍ରକାରର ରୁଲ୍ସ-୨୦୨୦ କାର୍ଯ୍ୟକାରୀ ହେବାପାଇଁ ଆଇନ ପ୍ରଣୟନ କରିଛନ୍ତି। କିନ୍ତୁ ଏହାଦ୍ୱାରା କେବଳ ସହରାଞ୍ଚଳରେ ଜମିବାଡ଼ି କିଣାବିକା ଏବଂ କୋଠାବାଡ଼ି ନିର୍ମାଣ କରୁଥିବା ବଡ଼ ବଡ଼ ରିୟଲ୍ ଇଷ୍ଟେଟ୍ କମ୍ପାନୀମାନଙ୍କୁ ପର୍ଯ୍ୟାପ୍ତ ସୁବିଧା ସୁଯୋଗ ମିଳିପାରିବ। କିନ୍ତୁ ଜମିର ବେଆଇନ କିଣାବିକାକୁ ଓ ଜବରଦଖଲ ପ୍ରଭୃତି କ୍ଷେତ୍ରରେ ଉପୁଜୁଥିବା ମୁଖ୍ୟ ସମସ୍ୟା ପ୍ରତି ମଧ୍ୟ ବିଚାର କରିବା ଆବଶ୍ୟକ।

ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗା ନଗର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

କପୋତ କରଇ ଶୋକ,
କୁଆ କରେ କାଆ,
ସହକାର ଛାୟାତଳେ
ବହିଯାଏ ବାଆ ॥ (ଚିରନ୍ତନ କୁହୁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### କରୋନା ଆକ୍ରାନ୍ତ ୩ ବିଧାୟକଙ୍କ ସହ କଥା ହେଲେ ନବୀନ

ଭୁବନେଶ୍ୱର,୨।୯(ବ୍ୟୁରୋ): କରୋନା ସଂକ୍ରମଣ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ମଙ୍ଗଳବାର ୩ ଜଣ ବିଧାୟକ ସୁଶାନ୍ତ ରାଉତ, ସୁନନ୍ଦା ଦାସ, ବିକ୍ରମ ପଣ୍ଡା କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହାପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରୋନା ଆକ୍ରାନ୍ତ ୩ ବିଧାୟକଙ୍କ ସହ ଟେଲିଫୋନ ଯୋଗେ କଥା ହୋଇଥିବା ଟୁଇଟ କରି ସୂଚନା ଦେଇଛନ୍ତି। ଏହାସହ ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା କଥା ବୁଝିବା ସାଙ୍ଗକୁ ସମସ୍ତଙ୍କ ଆଶୁ ଆରୋଗ୍ୟ ଏବଂ ଉତ୍ତମ ସ୍ୱାସ୍ଥ୍ୟ କାମନା କରିଛନ୍ତି। ଅନ୍ୟପଟେ ଏହି ୩ ବିଧାୟକଙ୍କ ସହ ବୁଧବାର ଦିନ ଚାଲେ କରୋନାରେ ଆକ୍ରାନ୍ତ ହୋଇଥିବା ମନ୍ତ୍ରୀ ଅରୁଣ କୁମାର ସାହୁ, ଦେବୀ ପ୍ରସାଦ ମିଶ୍ରଙ୍କ ଆଶୁ ଆରୋଗ୍ୟ କାମନା କରି ରାଜ୍ୟପାଳ ଗଣେଶୀ ଲାଲ ଟୁଇଟ୍ କରିଛନ୍ତି।

### ସମବାୟ ଏଆର୍‌ସିଏସ୍‌ଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

ଢେଙ୍କାନାଳ ଅଫିସ,୨।୯: ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଢେଙ୍କାନାଳ ସହରସ୍ଥିତ ମହିଶାପାଟଠାରେ ଥିବା ସମବାୟ କାର୍ଯ୍ୟାଳୟର ଆସିଷ୍ଟାଣ୍ଟ

**୨ କୋଟିଟଙ୍କାର ସମ୍ପତ୍ତି ଠାବ**

ରେଜିଷ୍ଟ୍ରାର ଅଫ୍ କୋଅପରେଟିଭ ସୋସାଇଟି ବିଦ୍ୟାଧର ବେହେରାଙ୍କ ଅଫିସ ଓ ଭୁବନେଶ୍ୱରସ୍ଥିତ ବାସଭବନରେ ବୁଧବାର ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି। ସେ ବର୍ତ୍ତମାନ ଭୁବନେଶ୍ୱରଠାରେ ଡେପୁଟେସନରେ କାର୍ଯ୍ୟରତ ଅଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ ଚଢ଼ାଉ ଜାରି ରହିଛି। ବର୍ତ୍ତମାନ ସୁଦ୍ଧା ତାଙ୍କର ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଠାବ କରାଯାଇଥିବା ଭିଜିଲାନ୍ସ ସୂତ୍ରରୁ ଜଣାପଡ଼ିଛି। ସକାଳେ ବିଦ୍ୟାଧରଙ୍କ ଢେଙ୍କାନାଳ ମହିଶାପାଟସ୍ଥିତ କାର୍ଯ୍ୟାଳୟ, ଭୁବନେଶ୍ୱର ପରିବାସ୍ଥିତ ବାସଭବନ ଓ ଭଦ୍ରକ ଜିଲା ଭଣ୍ଡାରୀପୋଖରିସ୍ଥିତ ପୈତୃକ ଘର ଉପରେ ଏହି ଚଢ଼ାଉ ହୋଇଥିଲା। ସନ୍ଧ୍ୟା ସୁଦ୍ଧା ଭୁବନେଶ୍ୱର ପଟିଆ ଅଞ୍ଚଳରୁ ୧ଟିଏ ୨୮ ଲକ୍ଷ ଟଙ୍କାର ୩ ମହଲା କୋଠା, ୪୦ଲକ୍ଷ ଟଙ୍କାର ଏକ ଫ୍ଲାଟ୍, ଭୁବନେଶ୍ୱରଠାରେ ଥିବା ଏକ ଜମି, କାର ଓ ୨ଟି ବାଇକ୍, ୧୬ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟାଙ୍କ ଜମା, ୪ଲକ୍ଷ ଟଙ୍କାର ସୁନା ଗହଣା ଆଦି ଠାବ ହୋଇଥିବା ଭିଜିଲାନ୍ସ ବିଭାଗ ସୂତ୍ରରୁ ଜଣାପଡ଼ିଛି। ଢେଙ୍କାନାଳ ମହିଶାପାଟ ସମବାୟ କାର୍ଯ୍ୟାଳୟରେ ଭିଜିଲାନ୍ସ ଶାଖା ଡିଏସ୍‌ପି ବେଣୁଧର ନାୟକ, ଇନ୍‌ସପେକ୍ଟର ଅନିରୁଦ୍ଧ ନାୟକ ପ୍ରମୁଖ ଚଢ଼ାଉ କରିଥିଲେ।

# ଆଦିବାସୀଙ୍କ ଜୀବନରେଖା 'ଦଣ୍ଡାଧର'

ସୁଧୀର କୁମାର ପରିଡ଼ା
କାମାକ୍ଷାନଗର, ୨।୯



ଦଣ୍ଡାଧର ଡ୍ୟାମ୍।

- ୯୩୦୦ ଏକର ଜମିରେ ମାଡ଼ୁଛି ଡ୍ୟାମ୍ ପାଣି
- ସବୁଜ ଖେତରେ ହସୁଛି ପାହାଡ଼ ତଳି ଅଞ୍ଚଳ
- ସୃଷ୍ଟି ହୋଇଛି ପର୍ଯ୍ୟଟନର ନୂଆ ସମ୍ଭାବନା

ବର୍ଷା ହେଲେ ପାହାଡ଼ିଆ ପାଣି ସ୍ରୋତ ଭସାଇ ନେଉଥିଲା ଚାଷ। ବର୍ଷା ନ ହେଲେ ଉଚ୍ଛୁଡ଼ି ଯାଉଥିଲା ଫସଲ। ଜଳି ରୋଇବାରୁ ଫସଲ ଅମଳ ଯାଏ ଲାଗି ରହୁଥିଲା ଚିନ୍ତା। ହାଡ଼ଭଙ୍ଗା ପରିଶ୍ରମ ସତ୍ତ୍ୱେ ପାଣିକୁ ଅନାଇ ଆଶାଆଶଙ୍କାରେ ରହୁଥିଲେ ଚାଷୀ। ହେଲେ ରାମିଆଳ ନଦୀରେ ଡ୍ୟାମ୍ ନିର୍ମାଣ ପରେ ବିକାଶର ନୂଆ ଚିତ୍ର ଦେଖୁଛି ଆଦିବାସୀ ଇଲାକା। ହଜାର ହଜାର ଏକର ଜମିକୁ ହେଉଛି ଜଳସେଚନ। ପାହାଡ଼ ତଳି ଅଞ୍ଚଳରେ ହସୁଛି ସବୁଜ ଖେତ। ଏସବୁ ସମ୍ଭବ ହୋଇପାରିଛି ଦଣ୍ଡାଧର ଡ୍ୟାମ୍ ପାଇଁ। ଏହି ଜଳଭଣ୍ଡାର କଙ୍କଡ଼ାହାଡ଼ ବ୍ଲକର ଆଦିବାସୀଙ୍କ ଜୀବନ ଧାରା ପାଲଟିଥିବାବେଳେ ଢେଙ୍କାନାଳ ଜିଲା ପାଇଁ ସୃଷ୍ଟି ହୋଇଛି ପର୍ଯ୍ୟଟନର ନୂଆ ସମ୍ଭାବନା।

କଙ୍କଡ଼ାହାଡ଼ ବ୍ଲକ କରଗୋଲା ପଞ୍ଚାୟତ ବୁଢ଼ାବିଲ ଗ୍ରାମ ନିକଟ ରାମିଆଳ ନଦୀରେ ଅବସ୍ଥିତ ଦଣ୍ଡାଧର ଡ୍ୟାମ। ଘଞ୍ଚ ପାହାଡ଼ ଘେରା ଅଞ୍ଚଳରେ ଜଳଭଣ୍ଡାରର ବିସ୍ତୀର୍ଣ୍ଣ ଜଳରାଶିର ମନୋରମ ଦୃଶ୍ୟ ଯେତିକି ଆକର୍ଷଣୀୟ, ସେତିକି ଉପାଦେୟ ଏହାର ସଂରକ୍ଷିତ ଜଳ। ପାହାଡ଼ିଆ ଅଞ୍ଚଳରେ ଚାଷୀମାନେ ଜଳଭଣ୍ଡାର ପାଣିକୁ ବ୍ୟବହାର କରି ବର୍ଷକର ଖାଦ୍ୟ ଯୋଗାଡ଼ କରିପାରୁଛନ୍ତି, ଯାହା ସେମାନଙ୍କ ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରିପାରିଛି। ଢେଙ୍କାନାଳ ଜିଲାର ପଛୁଆ ଅଞ୍ଚଳରେ କୃଷିକ୍ଷେତ୍ର ଉନ୍ନତିର ସ୍ୱପ୍ନ ଦେଖିଥିଲେ ଓଡ଼ିଶାର ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନନ୍ଦିନୀ ଶତପଥୀ। ତାଙ୍କ ଉଦ୍ୟମରେ ଏକକାଳୀନ କଙ୍କଡ଼ାହାଡ଼ର ଦଣ୍ଡାଧର ଏବଂ ପରଜଙ୍ଗର ଦଦରାଘାଟିରେ ଦୁଇଟି ନଦୀବନ୍ଧର ପରିକଳ୍ପନା କରାଯାଇଥିଲା। ୧୯୭୫ରେ ସମାନ୍ତରାଳ ଭାବେ ଉଭୟ ନଦୀବନ୍ଧ କାର୍ଯ୍ୟ ଆରମ୍ଭ ହୋଇଥିଲା। ପୂର୍ବରେ ରଣ୍ଡାଡ଼ ସଂରକ୍ଷିତ ଜଙ୍ଗଲ ସହ ବିସ୍ତୀର୍ଣ୍ଣ ପର୍ବତମାଳା, ପଶ୍ଚିମରେ କେଉଁଝରର ରାଜସ୍ୱ ବିଭାଗର ଜଙ୍ଗଲ ଦେଇ ଯାଇଥିବା ରାମିଆଳ ନଦୀକୁ ବନ୍ଧାଯାଇ ୪୨୪ ମିଟର ଲମ୍ବ ବିଶିଷ୍ଟ ଦଣ୍ଡାଧର ଡ୍ୟାମ୍ ନିର୍ମାଣ କରାଯାଇଥିଲା। ଡ୍ୟାମ୍ ପାଇଁ କେନ୍ଦୁଝର ଜିଲାର ରେଙ୍ଗୁଟି ନୂଆଗାଁ, ବିରିପାଳ, କାଳିଆହତା, କାଉବସା ଆଦି ଗ୍ରାମବାସୀ ବିସ୍ଥାପିତ ହୋଇଥିଲେ। ସେମାନଙ୍କ ମଧ୍ୟରୁ କେତେକ ପରିବାରକୁ କଙ୍କଡ଼ାହାଡ଼ର କଣ୍ଟାପାଳଠାରେ ୪ କଲୋନୀରେ ଏବଂ ୮୧୩ ପରିବାରକୁ ଦଦରାଘାଟି ନିକଟ ୫ କଲୋନୀରେ ଥଇଥାନ କରାଯାଇଥିଲା। ୧୯୮୩ରେ ପୂର୍ଣ୍ଣାଙ୍ଗ ରୂପ ନେଇଥିଲା ଦଣ୍ଡାଧର ଡ୍ୟାମ। ୩୨୮ ବର୍ଗକିମି ଅଞ୍ଚଳରେ ପରିବ୍ୟାପ୍ତ ଦଣ୍ଡାଧର ଡ୍ୟାମର ଜଳଧାରଣ କ୍ଷମତା ୮୬୦୦ ଘନ ମିଟର। ଏହାର ଗଭୀରତା ୧୧୦.୬୪ ମିଟର। ଜଳଭଣ୍ଡାରରୁ ଜଳ ନିଷ୍କାସନ ପାଇଁ ୪ଟି ଗେଟ୍ ରହିଛି। ଏଠାରୁ ବାହାରିଥିବା ବାମ ଏବଂ ଦକ୍ଷିଣ କେନାଲ ମାଧ୍ୟମରେ ଜମିକୁ ଜଳଯୋଗାଣ ହୋଇଥାଏ। ମୁଖ୍ୟ ବାମ କେନାଲ ୨୨ କିମି ହୋଇଥିବାବେଳେ ମୁଖ୍ୟ ଦକ୍ଷିଣ କେନାଲର ଦୈର୍ଘ୍ୟ ୯.୬ କିମି। ଏଥିରୁ ଅନେକ ଶାଖା, ପ୍ରଶାଖା ଏବଂ ନାଳି କେନାଲ ବାହାରିଛି, ଯାହା ସହାୟତାରେ କେନାଲ ଦୂରବର୍ତ୍ତୀ ଜମିକୁ ପାଣି ଯୋଗାଣ ହେଉଛି। ଉଭୟ କେନାଲ ମାଧ୍ୟମରେ ଖରିଫ ଋତୁରେ ୬,୧୨୮ ଓ ରବି ଋତୁରେ ୩,୨୦୦ ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଉଛି। ବାମକେନାଲ ଦ୍ୱାରା କଙ୍କଡ଼ାହାଡ଼ ବ୍ଲକର କରଗୋଲା, କଙ୍କଡ଼ାହାଡ଼, ବାଲିକୁମା, ମରୁଆବିଲ, ରାଇବୋଲ, ବାରାଶାଳ, ମଙ୍କୁଆକାଟେଣୀ, ବାଙ୍ଗୋ, କାମାକ୍ଷାନଗର ବ୍ଲକର କାନପୁରା ଏବଂ ଦକ୍ଷିଣ କେନାଲ ଦ୍ୱାରା କଙ୍କଡ଼ାହାଡ଼ ବ୍ଲକର କଣ୍ଟାପାଳ, କନ୍ଧରା ଆଦି ପଞ୍ଚାୟତର ଚାଷ ଜମିକୁ ଜଳଯୋଗାଣ କରିବାକୁ ଯୋଜନା ରହିଛି। ହେଲେ ବୈଷୟିକ ତ୍ରୁଟି ଏବଂ ଦିନକୁ ଦିନ ଡ୍ୟାମର ଜଳଧାରଣ କ୍ଷମତା କମିଯାଉଥିବାରୁ ଟେଲିଆ ଅଞ୍ଚଳକୁ ପାଣି ପହଞ୍ଚ ପାରୁନାହିଁ। ଡ୍ୟାମ ପୁନରୁଦ୍ଧାର ଏବଂ କେନାଲର ରକ୍ଷଣାବେକ୍ଷଣ କରାଗଲେ ଅଧିକ ଚାଷୀ ଉପକୃତ ହୋଇପାରନ୍ତେ ବୋଲି ମତ ପ୍ରକାଶ ପାଇଛି।

### ଆଦିବାସୀ ଅଞ୍ଚଳର ଜୀବନରେଖା



କଙ୍କଡ଼ାହାଡ଼ ଭଳି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳବାସୀଙ୍କ ପାଇଁ ଦଣ୍ଡାଧର ଡ୍ୟାମ ଜୀବନରେଖା ସଦୃଶ। ଡ୍ୟାମ ଜଳ ପାଇଁ ଚାଷୀମାନେ ବର୍ତ୍ତମାନ ବିଭିନ୍ନ ଫସଲ କରିପାରୁଛନ୍ତି। ପିକ୍‌ନିକ୍ ଋତୁରେ ଏଠାକୁ ବହୁ ପର୍ଯ୍ୟଟକଙ୍କ ସମାଗମ ହେଉଛି। ଡ୍ୟାମ ପାରିପାର୍ଶ୍ୱିକ ଅଞ୍ଚଳକୁ ପର୍ଯ୍ୟଟନସ୍ଥଳୀ ଭାବେ ବିକାଶ କରାଯାଇପାରିଲେ ଆଦିବାସୀ ଅଞ୍ଚଳର ଆହୁରି ବିକାଶ ହୋଇପାରନ୍ତା।

- ଡ଼. ରାଜେଶ ଦେହୁରୀ, ବୁଦ୍ଧିଜୀବୀ

### ଯତ୍ନବାନ ହେଲେ ବିସ୍ଥାପିତଙ୍କ ଦୁଃଖ ଦୂର ହେବ



ପୂର୍ବଜଙ୍କ ତ୍ୟାଗର ଫଳ ହେଉଛି ଦଣ୍ଡାଧର ଡ୍ୟାମ। ଡ୍ୟାମ ନିର୍ମାଣକୁ ୪୫ବର୍ଷ ବିତିଯାଇଥିଲେ ମଧ୍ୟ ବିସ୍ଥାପିତ କଲୋନୀର ଦୁର୍ଦ୍ଦଶା ସରିନି। ଅନେକଙ୍କୁ ଏ ଯାଏ ଜମିପଟ୍ଟା ମିଳିପାରିନି। ସେଚ ପାଇଁ ନିର୍ମିତ କେନାଲ ବିସ୍ଥାପିତଙ୍କ କାମରେ ଆସୁନି। ଏ ସବୁ ପ୍ରତି ଯତ୍ନବାନ ହେଲେ ବିସ୍ଥାପିତଙ୍କ ଦୁଃଖ ଦୂର ହୋଇପାରନ୍ତା।

- ବଳଭଦ୍ର ସାହୁ, ପୂର୍ବତନ ଜିଲା ପରିଷଦ ସଭ୍ୟ

### ପୁନରୁଦ୍ଧାର ହେଲେ ଅଧିକ ସୁଫଳ ମିଳନ୍ତା



ଦଣ୍ଡାଧର ଡ୍ୟାମ ଧାରେ ଧାରେ ପୋତି ହୋଇପଡ଼ୁଛି ଏହାର ଜଳଧାରଣ କ୍ଷମତା କମିଯାଉଛି ତଳିଆ ଅଞ୍ଚଳକୁ ପାଣି ପହଞ୍ଚ ପାରୁନାହିଁ ଡ୍ୟାମକୁ ଗଭୀର କରାଗଲେ ଚାଷୀଙ୍କୁ ସୁଫଳ ମିଳନ୍ତା। ପର୍ଯ୍ୟଟନର ବିକାଶ ଲାଗି ମଧ୍ୟ ଏଠାରେ ଭିତ୍ତିଭୂମି ରହିଛି ଏହାର ବିକାଶ କରାଗଲେ ଦଣ୍ଡାଧର ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରନ୍ତା।

- ଶରତ ଚନ୍ଦ୍ର ସାହୁ, ସହକାରୀ ଯନ୍ତ୍ରୀ

# ମଦ ବିକ୍ରିକୁ ବିରୋଧ, ଯୁବକଙ୍କୁ ହତ୍ୟା

ଚୌଦ୍ୱାର,୨।୯(ଡି.ଏନ୍.ଏ.)

- କଟୁରି, କୁରାଢ଼ି ଜବତ: ୪ ଅଟକ
- ଥାନାରେ ଅଭିଯୋଗ କରିଆସୁଥିଲେ ସାହି ମହିଳା



ମୃତ ସରୋଜ ସାମଲ

ଚୌଦ୍ୱାର ଥାନା ଟିପିଏମ୍ ଫାଣ୍ଡି ଅଧୀନ ବାଣିପଦା ପଞ୍ଚାୟତର ହରିଜନ ସାହିରେ ବେଆଇନ ମଦ ବିକ୍ରିକୁ ବିରୋଧ କରି ଥାନାରେ ଅଭିଯୋଗ କରିବାରୁ ମଙ୍ଗଳବାର ରାତିରେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ମୃତକ ହେଲେ ଏହି ସାହିର ସରୋଜ ସାମଲ (୩୨)। ଖବରପାଇ ବୁଧବାର ଚୌଦ୍ୱାର ପୋଲିସ ସହ ସାଇଣ୍ଟିଫିକ୍ ଟିମ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ଘଟଣାସ୍ଥଳରୁ ରକ୍ତ ନମୁନା ସହ ଏକ କଟୁରି ଓ କୁରାଢ଼ି ମଧ୍ୟ ପୋଲିସ ଜବତ କରିଛି। ଏ ନେଇ ପୋଲିସ କେ୍ନ୍ ନଂ. ୪୦୫/୨୦ରେ ମାମଲା ରୁଜୁ କରିବା ସହ ଘଟଣାରେ ସମ୍ପୃକ୍ତ ମୃତ ସରୋଜଙ୍କ ଭାଇ ସମେତ ୪ଜଣଙ୍କୁ ଅଟକ ରଖି ପଚରାଉଚରା ଚାଲିଛି ବୋଲି ଆଇଆଇସି ପ୍ରଦ୍ୟୁମ୍ନ ପ୍ରଧାନ କହିଛନ୍ତି। ସୂଚନା ଅନୁଯାୟୀ, ଉକ୍ତ ସାହିରେ କେତେଜଣ ଅସାଧୁ ବ୍ୟକ୍ତି ଦୀର୍ଘଦିନ ହେବ ବାହାରୁ ଚୋରା ମଦ ଆଣି ଘରେ ରଖି ବିକ୍ରି କରୁଛନ୍ତି। ଏଥିରେ ମୃତ ସରୋଜଙ୍କ ଭାଇ ମଧ୍ୟ ସାମିଲ ଥିଲେ। ମଦ୍ୟପମାନେ ସେମାନଙ୍କଠାରୁ ମଦ ପିଇ ସାହିରେ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଅସାମାଜିକ ଲୋକଙ୍କ ଭିଡ ଜମୁଛି। ଏ ନେଇ ସାହିର କେତେଜଣ ମହିଳା ପୂର୍ବରୁ ପୋଲିସକୁ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ଅପରପକ୍ଷେ ମହିଳାମାନେ ମଦ ବିକ୍ରେତାଙ୍କ ରୋଷର ଶିକାର ହୋଇଆସୁଥିଲେ। ମଙ୍ଗଳବାର ପୁଣି ସାହି ମହିଳାମାନେ ମଦ ବିକ୍ରେତାଙ୍କ ନାମରେ ଅଭିଯୋଗ କରିବାକୁ ଯାଇଥିଲେ। ଯେଉଁଥିରେ ସରୋଜଙ୍କ ପରିବାର ମଧ୍ୟ ସାମିଲ ଥିଲେ। ଥାନାରୁ ମହିଳାମାନେ ଫେରୁଥିବାବେଳେ ମଦ ବିକ୍ରେତାଙ୍କ ମଧ୍ୟରେ ବଚସା ହେବାରୁ ସରୋଜ ଆସି ବୁଝାଶୁଝା କରିଥିଲେ ମଧ୍ୟ କେହି ଶୁଣି ନ ଥିଲେ। ରାଗ ରଖି ମଧ୍ୟ ରାତିରେ ମଦ ବିକ୍ରି କରୁଥିବା ଗୋଷ୍ଠୀର କେତେଜଣ ବ୍ୟକ୍ତି ସରୋଜଙ୍କୁ ଘରୁ ଡାକି କୁରାଢ଼ିରେ ଆକ୍ରମଣ କରିବା ସହ କଟୁରିରେ ମୁଣ୍ଡକୁ ହାଣିଦେଇଥିଲେ। ଘଟଣାସ୍ଥଳରେ ସରୋଜ ଅଚେତ ହୋଇ ପଡ଼ିଯିବାରୁ ଆକ୍ରମଣକାରୀ ଫେରାର ହୋଇଯାଇଥିଲେ। ପରେ ପୋଲିସ ପହଞ୍ଚି ସରୋଜଙ୍କୁ କଟକ ବଡ ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ସରୋଜଙ୍କ ପରିବାର ପକ୍ଷରୁ ଅଭିଯୋଗ କରିବା ପରେ ସାହିରେ ଗଣ୍ଡଗୋଳ ଆଶଙ୍କା କରି ଥାନା ପକ୍ଷରୁ ୨ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ସୂଚନାଯୋଗ୍ୟ, ଅକ୍ଟୋ ୧୧,୧୨ ଓ ୨୬ତାରିଖରେ ସାହିର ମହିଳାମାନଙ୍କ ଦ୍ୱାରା ବେଆଇନ ମଦ ବିକ୍ରି ହେଉଥିବା ଅଭିଯୋଗ କରାଯାଇଥିଲା। ହେଲେ ପୋଲିସର କୌଣସି କାର୍ଯ୍ୟାନୁଷ୍ଠାନ ନ ନିଆଯିବା ହେତୁ ଏଭଳି ଘଟଣା ଘଟିଥିବା ଅଞ୍ଚଳରେ ଆଲୋଚନାର ବିଷୟ ହୋଇଛି।

### ରିଲିଫ କାମରେ ନିୟୋଜିତ ଲାଗି ଗଠନ ହେଲା କଂଗ୍ରେସ କମିଟି

ଭୁବନେଶ୍ୱର,୨।୯(ବ୍ୟୁରୋ): ଲକ୍ଷାଧିକ ଲୋକ ବନ୍ୟା ଯୋଗୁ ଫସି ରହିଛନ୍ତି। ରାଜ୍ୟରେ ୨୦ ଜିଲାରେ ବନ୍ୟା ପାଣି ପଶିଯାଇଛି। ଏଭଳି ସମୟରେ ରାଜ୍ୟର ଦୁଃସ୍ଥବନ୍ଧୁରେ କର୍ମୀମାନଙ୍କୁ ସକ୍ରିୟତାର ସହ ରିଲିଫ କାର୍ଯ୍ୟରେ ନିୟୋଜିତ କରିବା ପାଇଁ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକଙ୍କୁ ରାଜ୍ୟ ପ୍ରଭାରୀ ଜିତେନ୍ଦ୍ର ସିଂ ବୁଧବାର ଚିଠି ଲେଖିଛନ୍ତି। ଏହି ସମୟରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହିତ ସ୍ଥାନୀୟ ପ୍ରଶାସନକୁ ସାହାଯ୍ୟ କରିବା ଲାଗି ଏଆଇସିସି (ଅଖିଳ ଭାରତ କଂଗ୍ରେସ କମିଟି) ପକ୍ଷରୁ ଏକ କମିଟି ଗଠନ କରାଯାଇଛି। କମିଟିରେ ୧୨ଜଣ ନେତା ଥିବାବେଳେ ସେମାନଙ୍କ ମଧ୍ୟରେ ବିଧାୟକ ଦଳ ନେତା ନରସିଂହ ମିଶ୍ରଙ୍କୁ ଅଧ୍ୟକ୍ଷ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତ ଚରଣ ଦାସ, ପ୍ରଦୀପ ମାଝୀ, ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ଶରତ ପଟ୍ଟନାୟକ ଓ ଜୟଦେବ ଜେନା, ବିଧାୟକ ତାରା ପ୍ରସାଦ ବାହିନୀପତି, ସୁରେଶ କୁମାର ରାଉତରାୟ, ମହମ୍ମଦ ମୋକିମ ଅଛନ୍ତି।

# ଜେଇଇ ପରୀକ୍ଷାରୁ ବଞ୍ଚିତ କୋଭିଡ୍ ଆକ୍ରାନ୍ତ

ଗୋପାଳପୁର,୨।୯: ସାରା ରାଜ୍ୟରେ ବୁଧବାର ଜେଇଇ ମେନ୍ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲା ଗୋଳନ୍ଥରା ନିକଟ ଏକ ଘରୋଇ ଶିକ୍ଷାନୁଷ୍ଠାନରେ ୮୫ ଜଣ ପରୀକ୍ଷାର୍ଥୀଙ୍କ ପାଇଁ ବ୍ୟବସ୍ଥା ହୋଇଥିଲା। ସେଥିମଧ୍ୟରୁ ଗଞ୍ଜାମ ଜିଲାର ଜଣେ କରୋନା ଆକ୍ରାନ୍ତ ରହିଥିଲେ। ପରୀକ୍ଷା ଆରମ୍ଭର ପ୍ରାୟ ଦେଢ଼ ଘଣ୍ଟା ପୂର୍ବରୁ ସେ ପିପିଇ କିଟ୍ ପିନ୍ଧି କୋଭିଡ୍ ଆମ୍ବୁଲାନ୍ସରେ ଆସି କେନ୍ଦ୍ର ସମ୍ମୁଖରେ ପହଞ୍ଚିଥିଲେ। ମାତ୍ର ପରୀକ୍ଷା ଆରମ୍ଭର କିଛି ସମୟ ପୂର୍ବରୁ ଏକ ନିର୍ଦ୍ଦେଶ ପହଞ୍ଚିଲା କରୋନା ଆକ୍ରାନ୍ତ ଛାତ୍ରୀଛାତ୍ର ପରୀକ୍ଷା ଦେଇପାରିବେ ନାହିଁ। ଏମାନଙ୍କ ପାଇଁ ଆଗାମୀ ଦିନରେ ସ୍ୱତନ୍ତ୍ର ଭାବେ ପରୀକ୍ଷା ହେବ। ପରେ ସମ୍ପୃକ୍ତ ଛାତ୍ର ଉକ୍ତ ଆମ୍ବୁଲାନ୍ସରେ ଫେରିଯାଇଥିଲେ। ଆକ୍ରାନ୍ତ ଛାତ୍ର ଗତ ୨୮ ତାରିଖରେ କରୋନା ପଜିଟିଭ ଚିହ୍ନଟ ପରେ ହୋମ୍ ଆଇସୋଲେସନରେ ଥିଲେ। ବୁଧବାର ପରୀକ୍ଷା ଥିବାରୁ ଏ ସମ୍ପର୍କରେ ଆକ୍ରାନ୍ତ ଛାତ୍ର ଜିଲା ପ୍ରଶାସନକୁ ଅବଗତ କରାଇଥିଲେ। ପ୍ରଶାସନ ପକ୍ଷରୁ ତାଙ୍କ ପାଇଁ ପରୀକ୍ଷା କେନ୍ଦ୍ରରେ ସ୍ୱତନ୍ତ୍ର କୋଠରୀ ବ୍ୟବସ୍ଥା କରାଯାଇଥିଲା ଓ ପରୀକ୍ଷା ନିରୀକ୍ଷକ ମଧ୍ୟ ପିପିଇ କିଟ୍ ପିନ୍ଧି ପରୀକ୍ଷା ପରିଚାଳନା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା।

### ଆନ୍ଧ୍ର-ଓଡ଼ିଶା ସୀମାନ୍ତରେ ଆଦିବାସୀ ମେଳି



ପୋଲିସ କାର୍ଯ୍ୟକଳାପକୁ ନେଇ ଆଦିବାସୀମାନେ ପ୍ରତିବାଦ କରୁଛନ୍ତି।

ଚିତ୍ରକୋଣ୍ଡା,୨।୯(ଡି.ଏନ୍.ଏ.): ଆନ୍ଧ୍ର-ଓଡ଼ିଶା ସୀମାନ୍ତ ଅଞ୍ଚଳରେ ମଙ୍ଗଳବାର ଅପରାହ୍ନରେ ପୋଲିସ ବିରୋଧରେ ଆଦିବାସୀମାନେ ମେଳି କରିଛନ୍ତି। ଏହି ଅବସରରେ ଏକ ରାଲି ଅନୁଷ୍ଠିତ ହୋଇଥିଲା। ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ ଜୋଡ଼ାମ୍ବୋ ପଞ୍ଚାୟତ ସୀମାନ୍ତ ବିଶାଖାପାଟଣା ଜିଲା ପେଦାବାଇଲୁ ଥାନା ଅନ୍ତର୍ଗତ ଇଙ୍ଗେଇଠାରେ ଶତାଧିକ ଆଦିବାସୀ ସମ୍ପ୍ରଦାୟ ଲୋକେ ମଙ୍ଗଳବାର ଏକାଠି ହୋଇଥିଲେ। ସମସ୍ତେ ପୋଲିସ ବିରୋଧରେ ରାଲି କରି ସ୍ଲୋଗାନ ଦେଇଥିଲେ। ନିରୀହ ଆଦିବାସୀଙ୍କୁ ମାଓବାଦୀ, ମାଓବାଦୀ ସମର୍ଥକ କହି ବିନା କାରଣରେ ପୋଲିସ ଗିରଫ କରୁଥିବାରୁ ସମାବେଶରେ ତୀବ୍ର ବିରୋଧ କରାଯାଇଥିଲା। ତୁରନ୍ତ ଏହାକୁ ବନ୍ଦ କରିବା, ବର୍ତ୍ତମାନ ଗିରଫ କରିଥିବା ୬ଜଣଙ୍କୁ ବିନା ସର୍ତ୍ତରେ ମୁକ୍ତ କରିବା, ଆଦିବାସୀଙ୍କ ଉପରେ ପୋଲିସ ଜୁଲମ ବନ୍ଦ କରିବା, ମାଓବାଦୀ ସମର୍ଥକ କହି ନିରୀହ ଲୋକଙ୍କ ବିରୋଧରେ ପୋଷ୍ଟର ଓ ବ୍ୟାନର ମାରିବା ବନ୍ଦ କରିବା, ପୋଲିସର ଅନ୍ୟାୟ କାର୍ଯ୍ୟକଳାପ ବିରୋଧରେ ଜନ ପ୍ରତିନିଧିମାନେ ପ୍ରତିବାଦ କରିବା ଲାଗି ଦାବି ହୋଇଥିଲା। ଯଦି ପୋଲିସ ସେମାନଙ୍କ ଉପରେ ଅତ୍ୟାଚାର ବନ୍ଦ ନ କରେ ତେବେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଏହି ଅବସରରେ ଆଦିବାସୀମାନେ ଚେତାବନୀ ଦେଇଛନ୍ତି।


ODISHA POWER TRANSMISSION CORPORATION LIMITED
ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲି.
(A Government of Odisha Undertaking)
OPTCL
TENDER NOTICENO.SRGM(S&S)-30/2020-21

For and on behalf of Odisha Power Transmission Corporation Ltd., Sr.G.M. (S&S) invites sealed Tenders from reputed Electrical Contractors having GST registration, MV license from ELBO, Bhubaneswar and valid PAN for rewiring with supply of lights& electrical fittings for Quarters No:5R-2 & 5R-3 at OPTCL Colony, Bhoinagar, Bhubaneswar. Tender papers can be downloaded from the OPTCL website www.optcl.co.in from dt.03.09.2020 to dt.23.09.2020 upto1.00PM. The tender shall be received up to 1.00PM on dt.23.09.2020 and shall be opened on same day at 4.00PM. Interested tenderers may visit OPTCL's official website www.optcl.co.in for detail specifications.
OPTCL reserves the right to accept or reject the tender without assigning any reason thereof.
N.B.: All subsequent addendum / corrigendum to the tender shall be hosted in OPTCL's Official Website www.optcl.co.in only.
Sd/-
SR. GENERAL MANAGER (S&S)
Please connect us: optcl.odisha optcl_odisha energyodisha



CLASSIFIED DISPLAY
MORE SPACE • SAME PRICE
TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

HINDUSTAN FINANCE LIMITED
(Reg. No. Reg.No.3367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୯୧ ରୁ ଆପଙ୍କର ସେବାରେ ମାର୍କିଟିଂ, ପର୍ସନାଲ, ସମ୍ପତ୍ତି, BPL, IIT ଭଳା, କୁକୁଡ଼ାପାଳନ, ଉତ୍ପାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ଼
ଧୋକାବାଜ କୁ ସାବଧାନ,
ଧୋକା ଖାଉଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8480089848

BDFC Finance
(ରେଜିଷ୍ଟର୍ଡ କମ୍ପାନୀ)
ସମସ୍ତ ପ୍ରକାର ଲୋନ ନିଅନ୍ତୁ ମାତ୍ର ୧୦ ଦିନ ମଧ୍ୟରେ
ପ୍ରପର୍ଟି, ପର୍ସନାଲ, ମାର୍କିଟିଂ, ପଶୁପାଳନ, ବ୍ୟବସାୟ, ଗୃହ, ଶିକ୍ଷା, କୃଷି ଓ ଲଘୁଉଦ୍ୟୋଗ ପାଇଁ ଋଣ ନେବାକୁ ଯୋଗାଯୋଗ କରନ୍ତୁ
ସୁଧ ୧% ଘରେ ବସି ପାଆନ୍ତୁ
Ratanpur, Balbaspur, Sundergarh
8895873257
7656825247

Indus Infra Network Company
ଦ୍ୱାରା ଓଡ଼ିଶାରେ ନିଜ ଛାତ,ଜମି,କ୍ଷେତ ଏବଂ ଖାଲି ସ୍ଥାନ ମାନଙ୍କରେ 4G/5G ର Digital Mobile Network ଲଗାନ୍ତୁ (ପ୍ରଥମ ଆସନ୍ତୁ ପ୍ରଥମ ଲଗାନ୍ତୁ)
ADVANCE-60LAKH
ଭଡ଼ା-୪୫୦୦୦/-ମାସିକ
ଚାକିରି-୨୦୦୦୦/-(ବେତନ)
ଏକ ବୋଲିର ଗାଡ଼ି।
ତିନି ଦିନରେ ଫଳାଫଳ ପାଆନ୍ତୁ।
ଧୋକାବାଜ କମ୍ପାନୀ ରୁ ସାବଧାନ ରୁହନ୍ତୁ।
8765265284
9473603205

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହୋଇଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ପ୍ରୟୋଗ କରିବାକୁ ଅନୁରୋଧ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ALL EDITION - B/W
(Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସଫଳତା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ସୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ଗାଡ଼ୁଆରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁପ୍ତରୋଗ, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କହିଥିବା କାମକୁ ଯଦି କୌଣସି ବ୍ୟକ୍ତି, ପଣ୍ଡିତ କିମ୍ବା ମୌଲବୀ କାଟିଦେବେ ତେବେ ତାଙ୍କୁ ବାବି ପୁରସ୍କାର ଦିଆଯିବ।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର



TPCODL
TP CENTRAL ODISHA DISTRIBUTION LIMITED
2nd Floor, IDCO Tower, Janpath Bhubaneswar, Odisha 751022
NOTICE INVITING TENDER
Open Tenders are invited from eligible vendors for following:

| Sl No | Tender Description | Tender Enquiry No. | EMD (Rs. Lakhs) | Tender Fee inclusive of GST (Rs) | Last date and time of payment of Tender Fee |
|---|---|---|---|---|---|
| 1 | Rate Contract for Earthing of Communication Panel and Grid substation equipments works. | TPCODL/P&S/87/2020-21 | 2.00 | 5,000.00 | 14 Sep 2020, 15:00 hrs |
| 2 | Rate Contract for Supply of 11 KV XLPE UG Cable & 11 KV XLPE AB Cable. | TPCODL/P&S/89/2020-21 | 2.55 | 5,000.00 | 14 Sep 2020, 15:00 hrs |
| 3 | Rate Contract for Supply of 33 KV XLPE UG Cable. | TPCODL/P&S/90/2020-21 | 0.68 | 5,000.00 | 14 Sep 2020, 15:00 hrs |
| 4 | Rate Contract for Supply & Service of Cable Joint Kits. | TPCODL/P&S/91/2020-21 | 4.39 | 5,000.00 | 14 Sep 2020, 15:00 hrs |
| 5 | Rate Contract for (SITC) of addressable type fire detection and alarm systems in Grid Substations. | TPCODL/P&S/86/2020-21 | 2.0 | 5,000.00 | 16 Sep 2020, 15:00 hrs |
| 6 | SITC for 33KV UG cabling from Jobra primary S/s to medical primary S/s for development of SCB Medical College, Cuttack | TPCODL/P&S/55/2020-21 | 6.23 | 5,000.00 | 15 Sep 2020, 15.00 hrs |

For details, please visit Tender Section on website https://tpcentralodisha.com.
Above Tenders are to be submitted in our e-tendering portal only. No Hard Copy submission is acceptable. For guidance to participate in our e-tendering Portal, bidders are requested to follow the procedure mentioned in relevant Tender Document. After receipt of required Tender Fee, Link will be shared to concerned bidders for participation. After receipt of link for participation, bidders shall make all tender related communication through our e-tendering portal.
Bidders are requested to keep visiting our above website, for future modifications, if any, to our tender Documents.

## ସଂକ୍ଷେପରେ

### ଗଞ୍ଜେଇ ସହ ଅଟୋ ଜବତ, ୨ ଗିରଫ

ବାଲିଗୁଡା,୨।୯(ଡି.ଏନ୍.ଏ.)- ବାଲିଗୁଡା ପୋଲିସ ପୋଖରୀ ବନ୍ଧ ଗ୍ରାମରେ ପାଟ୍ରୋଲିଂ କରୁଥିବାବେଳେ ଦ୍ରୁତଗତିରେ ଯାଉଥିବା ଏକ ଅଟୋ (ନଂ.ଓଡି୧୨-ଏ-୩୬୮୪)କୁ ପିଛା କରିଥିଲା। ପୋଖରୀବନ୍ଧ ନିକଟରେ ଅଟକାଇ ଯାଞ୍ଚ କରିବାରୁ ସେଥିରୁ ୧୦୪କେଜି ଗଞ୍ଜେଇ ମିଳିଥିଲା। ଗଞ୍ଜେଇ ସହ ଅଟୋକୁ ଜବତ କରିବା ସହ ଦୁଇଜଣ ଚାଲାଣକାରୀଙ୍କୁ ପୋଲିସ ଗିରଫ କରି କରୋନା ପରୀକ୍ଷା ପରେ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଅନୁଗୁଳ ଜିଲା ଛେଣ୍ଡିପଦା ଅଞ୍ଚଳର ଜମେଶ କୁମାର ସାହୁ ଏବଂ କନ୍ଧମାଳ ଜିଲା ବାଲିଗୁଡା ଥାନା ସୁଡୁରା ଅଞ୍ଚଳର ସୁବାସ ଚନ୍ଦ୍ର ମଲିକ। ନଂ.୧୫୩/୨୦ରେ ଏକ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ବେହେରା କହିଛନ୍ତି।

### ୧୨୦ଲିଟର୍ ମଦ ଜବତ

ବ୍ରହ୍ମପୁର ଅଫିସ ,୨।୯- ଅବକାରୀ ବିଭାଗ ବୁଧବାର କୁକୁଡାଖଣ୍ଡି ବ୍ଲକ ବୁଦାଲୁଣ୍ଡି ଗ୍ରାମର ଦୁର୍ଗମ ଇଲାକାରେ ଚଢଉ କରି ବିପୁଳ ପରିମାଣ ମଦ ଜବତ କରିଛି। ଏହା ସହିତ ବେଆଇନ ରନ୍ଧା ମଦଭାଟି ନଷ୍ଟ କରାଯାଇଛି। ବ୍ରହ୍ମପୁର ଅବକାରୀ ଅଧୀକ୍ଷକ ରାମଚନ୍ଦ୍ର ମିଶ୍ରଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ତହସିଲର ଅଫିସର ଇନ୍ ସ୍ପେସିଆଲ ଡ୍ୟୁଟି (ଓଏସଡ଼ି) ଆକାଶ ପଟ୍ଟନାୟକଙ୍କ ଉପସ୍ଥିତିରେ ସେଠାରେ ଚଢାଉ କରିଥିଲା। ଆଗୁଆ ଖବର ପାଇ ମଦ ମାଫିଆ ଚମ୍ପଟ ମାରିଥିଲେ। ଅବକାରୀ କର୍ମଚାରୀ ସେଠାରୁ ୨୫ଶହ କେଜି ପୋଚ ଓ ୧୨୦ଲିଟର୍ ଦେଶୀ ରନ୍ଧାମଦ ଜବତ କରିଥିଲେ। ସେହିପରି ମଦ ପ୍ରସ୍ତୁତ ପାଇଁ ରହିଥିବା ବିଭିନ୍ନ ସାମଗ୍ରୀ ମଧ ଜବତ କରାଯାଇଛି। ଅବକରୀ ସଦର ଇନ୍ସପେକ୍ଟର ରୋଶନ ଇସୁ ହଂସଦା, ଇନ୍ସପେକ୍ଟର ବାଳକୃଷ୍ଣ ପରିଡା ପ୍ରମୁଖ ସାମିଲ ଥିଲେ।

### ବାଚସ୍ପତିଙ୍କ ଉଦ୍‌ଘାଟନୀ କାର୍ଯ୍ୟକ୍ରମକୁ ନିନ୍ଦା

ଦିଗପହଣ୍ଡି,୨।୯(ଡି.ଏନ୍.ଏ.)- ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ବିୟୋଗ ଯୋଗୁ ସମଗ୍ର ଦେଶରେ ୭ ଦିନିଆ ଶୋକ ପାଳନ କରାଯାଉଥିବା ବେଳେ ଦିଗପହଣ୍ଡି ବିଧାୟକ ତଥା ବାଚସ୍ପତି ଡ. ସୂର୍ଯ୍ୟ ନାରାୟଣ ପାତ୍ର ଦିଗପହଣ୍ଡି ବ୍ଲକର ପଦ୍ମନାଭପୁର, କରପଡା ଓ ବଡ ଡୁମୁଳା ପଞ୍ଚାୟତର ବିଭିନ୍ନ ଗ୍ରାମରେ ସରକାରୀ ପ୍ରକଳ୍ପ ଉଦ୍‌ଘାଟନ, ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ଏହା ସ୍ୱର୍ଗତ ରାଷ୍ଟ୍ରପତିଙ୍କ ପ୍ରତି ଅସମ୍ମାନ ଏବଂ ଜାତୀୟ ଶୋକ ପାଳନର ନୀତିକୁ ଉଲ୍ଲଂଘନ କରୁଛି ବୋଲି ସିପିଆଇ (ଏମ୍) ଗଞ୍ଜାମ ଜିଲା ସମ୍ପାଦକ କୈଳାଶ ଷଡ଼ଙ୍ଗୀ, କାର୍ଯ୍ୟକର୍ତ୍ତା ଅଶ୍ୱିନୀ ଦାସ, ଆଇନଜୀବୀ କୁରେଶୁ ପଣ୍ଡା,ଗଞ୍ଜାମ ଜିଲା କଂଗ୍ରେସ କମିଟିର ଉପସଭାପତି ପ୍ରଫୁଲ୍ଲ ପଣ୍ଡା, ସିପିଆଇ ଗଞ୍ଜାମ ଜିଲା କମିଟି ସହ ସମ୍ପାଦକ ଅଳକ ନାଥ ମିଶ୍ର ନିନ୍ଦା କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ ପାଇଁ ଲିଖିତ ପ୍ରତିବାଦପତ୍ର ପଠାଇଛନ୍ତି। ଏନେଇ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସରକାରୀ ପ୍ରକଳ୍ପ ଉଦଘାଟନ ପାଇଁ କୌଣସି ବାରଣ ନଥିବା କହିଛନ୍ତି।

# ବସ୍ତିଙ୍ଗିଆରେ କୋର୍ଟ, ସରକାରୀ ଅଫିସ କରିବାକୁ ଦାବି

ଫୁଲବାଣୀ ଅଫିସ, ୨।୯


ଅତିରିକ୍ତ ଜିଲାପାଳ ଦାବିପତ୍ର ଗ୍ରହଣ କରୁଛନ୍ତି।

କନ୍ଧମାଳ ଜିଲା ଚକାପାଦ ବ୍ଲକ ବସ୍ତିଙ୍ଗିଆରେ ପ୍ରସ୍ତାବିତ କୋର୍ଟ ଖୋଲିବାକୁ ଦାବି କରାଯାଇଛି। ବୁଧବାର ସ୍ଥାନୀୟ ଲୋକ ପ୍ରତିନିଧିମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ଚକାପାଦ ବ୍ଲକରେ ୧୨ଟି ପଞ୍ଚାୟତ ରହିଛି। ୭ଟି ଘାଟି ଉପରେ ଥିବାବେଳେ ୫ଟି ଘାଟି ତଳେ ରହିଛି। ତେଣୁ ଲୋକଙ୍କ ସୁବିଧା ପାଇଁ ବ୍ଲକ କାର୍ଯ୍ୟାଳୟ ବସ୍ତିଙ୍ଗିଆ ଠାରେ ସ୍ଥାପନ ହୋଇଛି। ତହସିଲ କାର୍ଯ୍ୟାଳୟ, ବ୍ଲକ ଶିକ୍ଷାଧିକାରୀ ଏବଂ ବ୍ଲକ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ବ୍ଲକ କାର୍ଯ୍ୟାଳୟ ବସ୍ତିଙ୍ଗିଆ ଠାରୁ ୨୩ କିମି ଚକାପାଦ ଅଞ୍ଚଳର ରୂପାଗାଁ ଠାରେ କାର୍ଯ୍ୟ କରୁଛି। ଫଳରେ ୭ ପଞ୍ଚାୟତର ୪୫ ହଜାର ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୨୦୧୭ରେ ପଞ୍ଚାୟତ ସମିତି ବୈଠକରେ ସମସ୍ତ କାର୍ଯ୍ୟାଳୟ ବସ୍ତିଙ୍ଗିଆ ଠାରେ କାର୍ଯ୍ୟ କରିବାକୁ ରିଜୋଲ୍ୟୁସନ କରାଯାଇ ସରକାରଙ୍କ ଠାରେ ଦାବି କରାଯାଇଥିଲା। ହେଲେ ଏପର୍ଯ୍ୟନ୍ତ ଏହା ଉପରେ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏବେ ପୁଣି ପ୍ରସ୍ତାବିତ ଗ୍ରାମ୍ୟ କୋର୍ଟ ଚକାପାଦ ଠାରେ କରିବାକୁ ପ୍ରୟାସ ଚାଲିଛି। ଏହାଦ୍ୱାରା ୪୫ ହଜାର ଲୋକ ହଇରାଣ ହେବେ। ପଞ୍ଚାୟତ ସମିତିର ସର୍ବାଧିକ ଲୋକେ ଉପକୃତ ହୋଇ ପାରିବା ଭଳି ସ୍ଥାନ ତଥା ବ୍ଲକ କାର୍ଯ୍ୟାଳୟ ଥିବା ବସ୍ତିଙ୍ଗିଆରେ ପ୍ରସ୍ତାବିତ ଗ୍ରାମ୍ୟ କୋର୍ଟ ସମେତ ସମସ୍ତ ବ୍ଲକସ୍ତରୀୟ କାର୍ଯ୍ୟାଳୟ ଓ ତହସିଲ କାର୍ଯ୍ୟାଳୟ ସ୍ଥାପନ କରିବାକୁ ପ୍ରତିନିଧିମାନେ ଦାବି କରିଛନ୍ତି। ୧୫ ଦିନ ମଧ୍ୟରେ ଦାବି ପୂରଣ ନେଇ ସରକାର ପଦକ୍ଷେପ ଗ୍ରହଣ ନ କଲେ ଚକାପାଦ ବ୍ଲକର ଘାଟି ଉପରେ ଥିବା ୭ ବ୍ଲକର ସମସ୍ତ ନିର୍ବାଚିତ ପ୍ରତିନିଧି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ କରିବା ସହ ଆଇନକୁ ହାତକୁ ନେବାକୁ ପଛାଇବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ବ୍ଲକ ଅଧ୍ୟକ୍ଷ ପ୍ରଭଞ୍ଜନ କହଁର, ଉପାଧ୍ୟକ୍ଷ ନିର୍ମଳା ସାହୁ, ବସ୍ତିଙ୍ଗିଆ ଉନ୍ନୟନ ପରିଷଦର ସଭାପତି ବିମଳ କୁମାର ନାୟକଙ୍କ ନେତୃତ୍ୱରେ ସମସ୍ତ ୭ ସରପଞ୍ଚ, ଜିଲା ପରିଷଦ ସଭ୍ୟ, ସମିତି ସଭ୍ୟ, ୱାର୍ଡ ସଭ୍ୟ ପ୍ରମୁଖ ଆସି ଦାବିପତ୍ର ପ୍ରଦାନ କରିଥିଲେ।

- ରିଜୋଲ୍ୟୁଶନ ପରେ ପଦକ୍ଷେପ ନିଆଯାଉନି
- ଅନଶନ କରିବାକୁ ଜନପ୍ରତିନିଧିଙ୍କ ଚେତାବନୀ

# ବର୍ଷା ପାଣି ପଶି ଭୁଶୁଡ଼ିଲା ଘର କାନ୍ଥ

ପାରଳାଖେମୁଣ୍ଡି/ରାମଗିରି, ୨।୯(ସ୍ୱ.ପ୍ର./ଡି.ଏନ୍.ଏ.):

**ଅସହାୟ ଅବସ୍ଥାରେ ବୃଦ୍ଧା**


ବର୍ଷା ପାଣି ଘରେ ପଶିଛି।

ଗଜପତି ଜିଲା ଆର୍.ଉଦୟଗିରି ବ୍ଲକ୍ ରାମଗିରି ପଞ୍ଚାୟତର ହାଟପଦାଠାରେ ଘରେ ବର୍ଷା ପାଣି ପଶି କାନ୍ଥ ଭୁଶୁଡ଼ିପଡ଼ିଛି। ପ୍ରକାଶ ଯେ, ରାମଗିରି ପଞ୍ଚାୟତର ରାଧା ସାହୁ ନାମକ ବୃଦ୍ଧା ଭୂମିହୀନ ଯୋଗୁ ଏକ ସରକାରୀ ଜାଗାରେ ବସବାସ କରୁଛନ୍ତି। ଝାଟିମାଟି କୁଡ଼ିଆଟିଏ କରି ସେ ସେଠାରେ ୪୦ବର୍ଷ ହେଲା ରହୁଛନ୍ତି। ସରକାରୀ ସହାୟତା କହିଲେ କେବଳ ଅନ୍ତ୍ୟୋଦୟ, ବାର୍ଦ୍ଧକ୍ୟ ଭତ୍ତାରେ ସେ ଚଳି ଆସୁଛନ୍ତି। ଏବେ ବର୍ଷା ଯୋଗୁ ଘରେ ପାଣି ପଶି କାନ୍ଥ ଭୁଶଡ଼ିପଡ଼ିଛି। ଫଳରେ ବୃଦ୍ଧା ଅସହାୟ ଆବସ୍ଥାରେ ନ ଖାଇ ନ ପିଇ ପଡ଼ିରହିଛନ୍ତି। ଫାଇଲିନ୍, ହୁଡ୍‌ହୁଡ୍, ତିତ୍‌ଲି ଏବଂ ଫନିରେ ଘରେ ଏତେ ପରିମାଣରେ ପାଣି ପଶି ନ ଥିଲା। ରାମଗିରି ପଞ୍ଚାୟତରେ ନୂତନ ମାର୍କେଟ ଗୃହ ନିର୍ମାଣ ପରେ ଉପର ମୁଣ୍ଡରେ ପାଣିର ଗତିପଥ ବଦଳାଇ ଦିଆଯାଇଥିବା ଯୋଗୁ ଅସରାଏ ବର୍ଷାରେ ଏପରି କୃତ୍ରିମ ବନ୍ୟା ସୃଷ୍ଟିହୋଇ ଘରେ ପାଣି ପଶୁଛି ବୋଲି ରାଧା ଏବଂ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏ ବିଷୟରେ ସ୍ଥାନୀୟ ସରପଞ୍ଚ କହିଛନ୍ତି, ରାଧାଙ୍କ ନାମରେ ପୂର୍ବରୁ ପକ୍କାଘର ଯୋଗାଇ ଦିଆଯାଇଛି। ସେ ଅଳ୍ପ ଜାଗା ଦେଲେ ଡ୍ରେନ୍ ବ୍ୟବସ୍ଥା କରାଯାଇପାରିବ।

# କୀଟନାଶକ ପିଇ ଚାଷୀ ମୃତ

ଆସିକା,୨।୯(ଡି.ଏନ୍.ଏ.)

ଆସିକା ଥାନା ଖଣ୍ଡଦେଉଳି ଗ୍ରାମରେ ବୁଧବାର କୀଟନାଶକ ପିଇ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସନ୍ତୋଷ ପ୍ରଧାନ (୪୮)। ସନ୍ତୋଷ ବୁଧବାର ଚାଷ ଜମିକୁ ଯିବାକୁ ଘରୁ ବାହାରିଥିଲେ। ତେବେ ଗାଁ ମୁଣ୍ଡରେ ହିଁ ସେ କୀଟନାଶକ ପିଇ ତଳେ ପଡି ଛଟପଟ ହୋଇଥିଲେ। ତାଙ୍କୁ ଆସିକା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। କ’ଣ ପାଇଁ ସେ ବିଷ ପିଇଲେ ଜଣାପଡିନାହିଁ। ମୃତକଙ୍କ ସ୍ତ୍ରୀ ଆସିକା ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ.୧୯/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ତହସିଲଦାରଙ୍କୁ ଆକ୍ରମଣ, ଜେଲଗଲେ ଅଭିଯୁକ୍ତ

ପାଟପୁର,୨।୯(ଡି.ଏନ୍.ଏ.)


ନୀଳାଞ୍ଚଳ

ସାନଖେମୁଣ୍ଡି ତହସିଲଦାରଙ୍କୁ ମରଣାତ୍ମକ ଆକ୍ରମଣ ମାମଲାରେ ଅଭିଯୁକ୍ତ ପାଟପୁର ଥାନା ରାଧାଦେଇପୁର ଗ୍ରାମର ନୀଳାଞ୍ଚଳ ପାଢ଼ୀଙ୍କୁ ପାଟପୁର ପୋଲିସ ବୁଧବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି।

ଅଗଷ୍ଟ ୨୪ରେ ସାନଖେମୁଣ୍ଡି ତହସିଲଦାର ଅମିତ କୁମାର ନାୟକ ତାଙ୍କ କାର୍ଯ୍ୟଳୟରେ ଷ୍ଟାଫ ମାନଙ୍କ ସହ ଆଲୋଚନା କରୁଥିବାବେଳେ ନୀଳାଞ୍ଚଳ ଜୋରଜବରଦସ୍ତ ଅଫିସରେ ଗାଳିଗୁଲଜ କରିବା ସହ ତହସିଲଦାରଙ୍କୁ ଆକ୍ରମଣ କରିଥିଲେ। ଉପସ୍ଥିତ କର୍ମଚାରୀ ଅଟକାଇବାରୁ ସେ ଫେରି ଯାଇଥିଲେ। କିଛି ସମୟ ପରେ ତହସିଲଦାର ମହାନଳା ଡାକ ବଙ୍ଗଳାରେ ଥିବାବେଳେ ପୁଣି ଅଭିଯୁକ୍ତ ନୀଳାଞ୍ଚଳ ଆକ୍ରମଣ କରିଥିଲେ। ଏନେଇ ତହସିଲଦାର ନାୟକ ପାଟପୁର ଥାନାରେ ଏତଲା ଦେଇଥିଲେ। ନଂ.୧୯୫/୨୦ରେ ମାମଲା ରୁଜୁ କରି ବୁଧବାର ଅଭିଯୁକ୍ତ ନୀଳାଞ୍ଚଳଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ମାତ୍ର କୋର୍ଟ ଏସ୍‌ଆଇ ଅଫିସରେ ଅଭିଯୁକ୍ତ ଜଣକ କୋର୍ଟ କାଗଜରେ ଦସ୍ତଖତ ନକରିବା ଜିଦ୍ ପାଟିତୁଣ୍ଡ କରୁଥିବା ଦେଖିବାକୁ ମିଳିଥିଲା।

### ତହସିଲଦାରଙ୍କୁ ଆକ୍ରମଣ ଅଭିଯୋଗରେ ୮ ଗିରଫ

ବୁଗୁଡ଼ା,୨।୯(ଡି.ଏନ୍.ଏ.)

ବୁଗୁଡ଼ା ତହସିଲଦାରଙ୍କୁ ଟଣାଓଟରା ସହ ଆକ୍ରମଣ ଅଭିଯୋଗରେ ବୁଗୁଡା ପୋଲିସ ବୁଧବାର ୮ ଜଣ ଆନ୍ଦୋଳନକାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏନେଇ ବୁଗୁଡା ଥାନାରେ ନଂ.୨୫୦/୨୦ରେ ଏକ ମାମଲା ରୁଜୁ ହୋଇଥିଲା। ସୋମବାର ଷୋହଳମାଇଲି ମୁଖ୍ୟ ସଡ଼କ ପାର୍ଶ୍ୱରେ ଥିବା ଏକ ସାର ଡିଲର ଦୋକାନରୁ ସାର ପାଇଁ ଚାଷୀଙ୍କ ଲମ୍ବା ଲାଇନ ଲାଗିଥିଲା। ମାତ୍ର ୪୫୦ବସ୍ତା ସାର ଥିବାରୁ ବହୁ ଚାଷୀ ସାର ନପାଇ ରାସ୍ତାରୋକୋ କରିଥିଲେ। କୃଷି ଅଧିକାରୀଙ୍କ ଠାରୁ ଖବର ପାଇ ତହସିଲଦାର ସଂଗ୍ରାମ କେଶରୀ ଜେନା ପହଞ୍ଚି ଚାଷୀଙ୍କୁ ବୁଝାସୁଝା କରିବାବେଳେ ଚାଷୀମାନେ ତାଙ୍କୁ ଟଣାଓଟରା କରିବା ସହ ଆକ୍ରମଣ କରିଥିଲେ। ଏନେଇ ତହସିଲଦାର ଥାନାରେ ଅଭିଯୋଗ କରିଥିଲେ।

# କେଏସ୍‌ୟୁବି କଲେଜର ସ୍ୱପ୍ନା,ଅଶୋକ,ସୁଦାମ ଟପ୍ପର

ଭଞ୍ଜନଗର,୨।୯(ଡି.ଏନ.ଏ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ନାତକ ପରୀକ୍ଷା ଫଳର ଚୁଡାନ୍ତ ଟପ୍ପର ତାଲିକା ସୋମବାର ପ୍ରକାଶିତ ହୋଇଛି। ଏଥିରେ ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ (କେଏସୟୁବି)ମହାବିଦ୍ୟାଳୟର ୩ଜଣ ଛାତ୍ରୀଛାତ୍ର ବିଶ୍ୱବିଦ୍ୟାଳୟ ଟପ୍ପର ହୋଇଛନ୍ତି। ସେମାନେ ହେଲେ ବାଣିଜ୍ୟରେ ଅଶୋକ କୁମାର ସାହୁ, ଇଲୋକ୍ଟ୍ରୋନିକ୍ସରେ ସୁଦାମ ଗୌଡ, ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗରେ ସ୍ୱପ୍ନା ଦାସ। ସେହିଭଳି ବାଣିଜ୍ୟରେ ଶ୍ରେଷ୍ଠ ୧୦ଜଣଙ୍କ ମଧ୍ୟରେ ଚତୁର୍ଥ ସ୍ଥାନରେ କଲେଜର ସୁନୀଲ ପାତ୍ର ଅଛନ୍ତି। ଇଲୋକ୍ଟ୍ରୋନିକ୍ସରେ କେଶବ ନାରାୟଣ ପାଣିଗ୍ରାହୀ, ଦୀପକ କୁମାର ପ୍ରଧାନ, ରାକେଶ କୁମାର ପ୍ରଧାନ, ଦାସୁ ପ୍ରେମ, ସ୍ୱାଇନା ପ୍ରିତମ ତ୍ରିପାଠୀ, ସାଇରାମ ସାମଲ, ବେବିନା ଦିଗାଲ, ସୁରେଶ ଦଳବେହେରା, ସୁଦର୍ଶନ ବରାଡ ଶ୍ରେଷ୍ଠ ୧୦ଜଣ ମଧ୍ୟରେ ଅଛନ୍ତି। ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗରେ ଗାୟତ୍ରୀ ପ୍ରଧାନ ଦ୍ୱିତୀୟ, ସିଏଚ୍.ନିତେଶ ପାତ୍ର ତୃତୀୟ, ସତ୍ୟ ନାରାୟଣ ନାୟକ ଚତୁର୍ଥ, ଅଶ୍ୱିନୀ କୁମାର ପାତ୍ର ସପ୍ତମ ଓ ରୋଷନ କୁମାର ପାତ୍ର ୧୦ମ ସ୍ଥାନରେ ଥିବା ଜଣାପଡିଛି। ସେହିଭଳି ଫିଜିକ୍ସରେ ପଞ୍ଚମ ସ୍ଥାନରେ ରଶ୍ମିତା ପାଢ଼ୀ, ସପ୍ତମରେ ସ୍ମରଣିକା ଜେନା, ନବମରେ ପୁଷ୍ପାଞ୍ଜଳି ଖଟେଇ ଅଛନ୍ତି। ଓଡିଆରେ ସପ୍ତମ ସ୍ଥାନରେ ଅଙ୍କିତା ତ୍ରିପାଠୀ ଅଛନ୍ତି। ସ୍ଥାନୀୟ ସାବିତ୍ରୀ ମହିଳା ମହାବିଦ୍ୟାଳୟର ଏଜୁକେଶନରେ ତୃତୀୟ ସ୍ଥାନରେ ଦୀପସିଖା ଜେନା, ପଞ୍ଚମରେ ବାଣିଶ୍ରୀ ଭୂଷଣ, ଗୃହ ବିଜ୍ଞାନରେ ତୃତୀୟ ସ୍ଥାନରେ ମନିଷା ଜେନା, ଷଷ୍ଠରେ ରାଜେଶ୍ୱରୀ ପୋଲେଇ, ଅଷ୍ଟମରେ ସୁଜତା ଗୌଡ, ରାଜନୀତି ବିଜ୍ଞାନରେ ଷଷ୍ଠରେ ରୂପାଲି ରଞ୍ଜିତା ମହାନ୍ତି, ଫିଜିକ୍ସରେ ଚତୁର୍ଥରେ ସାଗରିକା ଦଳେଇ, ଷଷ୍ଠରେ କେ.ଶୁଭଦର୍ଶନୀ ପାତ୍ର ଥିବା ଜଣାପଡିଛି। କେଏସ୍‌ୟୁବି କଲେଜ କୃତୀ ଛାତ୍ରୀଛାତ୍ରଙ୍କୁ ଅଧ୍ୟକ୍ଷ ଡ.ନୀଳାଞ୍ଚଳ ମୁନି ଅଭିନନ୍ଦନ ଜଣାଇବା ସହ ଚଳିତ ବର୍ଷ ଯୁକ୍ତ୩ ଷଷ୍ଠ ସେମିଷ୍ଟାର ପରୀକ୍ଷା ଫଳ ଭଲ ହୋଇଥିବା ଏଠାରେ ସୂଚନା ଦେଇଛନ୍ତି।

### ବସ୍ ପୋଡି ଅଭିଯୋଗ, ଜଣେ ଗିରଫ

ହିଞ୍ଜିଳିକାଟୁ,୨।୯(ଡି.ଏନ୍.ଏ.)

ହିଞ୍ଜିଳି ଥାନା ପୋଡିଙ୍ଗି ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏକ ମିନିବସ୍ ପୋଡିବା ଅଭିଯୋଗରେ ପୋଲିସ ବୁଧବାର ଗ୍ରାମର ବଳରାମ ଡାକୁଆଙ୍କୁ ଗିରଫ କରିଛି। ପୋଡିଙ୍ଗି ଗ୍ରାମର ଅଜିତ୍ କୁମାର ନାୟକ ଲକ୍‌ଡାଉନ କାରଣରୁ ତାଙ୍କ ମିନିବସ୍କୁ ପୋଡିଙ୍ଗି ଉଚ୍ଚ ବିଦ୍ୟାଳୟ ନିକଟରେ ରଖିଥିବାବେଳେ ଗତ ମାସ ୨୫ ତାରିଖ ରାତିରେ କେହି ପୋଡି ଦେଇଥିଲା। ଅଜିତ୍‌ଙ୍କ ଅଭିଯୋଗକ୍ରମେ ପୋଲିସ ନଂ.୨୯୭/୨୦ରେ ମାମଲା ରୁଜୁ କରି ତଦନ୍ତ କରୁଥିଲା। ଗିରଫ ବଳରାମଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି।

# କ୍ଷୁଦ୍ରଦାନା ଶସ୍ୟ ଚାଷକୁ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା

ଦାରିଙ୍ଗବାଡ଼ି,୨।୯(ଡି.ଏନ୍.ଏ.)

ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ କ୍ଷୁଦ୍ରଦାନା ଶସ୍ୟ ଚାଷ ସଫଳତାର ସହ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ପ୍ରଶଂସା କରିଥିବା ଜଣାପଡ଼ିଛି। ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ଯୋଜନା ‘ଓଡ଼ିଶା ମିଲଟ ମିଶନ’ରେ ୧୩ ଜିଲାରେ କ୍ଷୁଦ୍ର ଦାନାଶସ୍ୟ ଚାଷ କରାଯାଉଥିବାବେଳେ କନ୍ଧମାଳର ୭ ବ୍ଲକ ଅଞ୍ଚଳରେ ଏହି ଚାଷକାର୍ଯ୍ୟ କରାଯାଉଛି। ସେହି ବ୍ଲକଗୁଡ଼ିକ ହେଲା କୋଟଗଡ଼, ତୁମୁଡ଼ିବନ୍ଧ, ବାଲିଗୁଡ଼ା, କ.ନୂଆଗାଁ, ଫିରିଙ୍ଗିଆ, ରାଇକିଆ ଏବଂ ଦାରିଙ୍ଗବାଡ଼ି। ଦାରିଙ୍ଗବାଡ଼ିରେ ଜାଗୃତି ଏହାକୁ ହାତକୁ ନେଇଥିବା ବେଳେ କିରିକୁଟି ପଞ୍ଚାୟତ ନାହୁଡ଼ିସରୁ ଗ୍ରାମର ବାସୁଦେବ ପ୍ରଧାନଙ୍କ ସଫଳତା ପାଇଁ ତାଙ୍କୁ ରାଜ୍ୟ ଓଡ଼ିଶା ମିଲେଟ ମିଶନ ପକ୍ଷରୁ ପ୍ରଶଂସା କରାଯିବା ସହ ମୁଖ୍ୟମନ୍ତ୍ରୀଙ୍କ ଅଫିସ ପକ୍ଷରୁ ମଧ ଟୁଇଟ୍ ଯୋଗେ ପ୍ରଶଂସା କରାଯାଇଛି। ଗତ ବର୍ଷ ଏହି ଯୋଜନାରେ ବାସୁଦେବ ମାତ୍ର ଅଧ ଏକର ଜମିରେ ଚାଷ କରି ଖାଇବା ପାଇଁ ରଖିବା ସହ ୧୨ ହଜାର ଟଙ୍କାର ବିକ୍ରି କରିଥିଲେ। ଚଳିତ ବର୍ଷ ସେ ଗୋଟିଏ ଏକର ଜମିରେ ଏହି ଚାଷ କରି ପୁଣି ସଫଳତା ଅର୍ଜନ କରିଥିବା ଜାଗୃତି ସମ୍ପାଦକ କୈଳାଶ ଚନ୍ଦ୍ର ଦଣ୍ଡପାଟ କହିଛନ୍ତି।


ବାସୁଦେବ ପ୍ରଧାନଙ୍କ କ୍ଷୁଦ୍ରଦାନା ଚାଷକ୍ଷେତ।

# ଦୋକାନ ଖୋଲିବାକୁ ନେଇ ଦ୍ୱନ୍ଦ୍ୱରେ ବ୍ୟବସାୟୀ

ଗୁଣପୁର,୨।୯(ଡି.ଏନ୍.ଏ.):

**ଜିଲାରେ ଜାରି ହୋଇନି ନୂଆ ଗାଇଡ୍‌ଲାଇନ୍**

ଶଟ୍‌ଡାଉନ୍ ଏବଂ ଲକ୍‌ଡାଉନ୍ ପରେ ରାଜ୍ୟ ଏବଂ କେନ୍ଦ୍ର ସରକାର କଟକଣା ଉଠାଇଛନ୍ତି। ରାୟଗଡ଼ା ଜିଲାରେ ଅଗଷ୍ଟ ୩୧ ପର୍ଯ୍ୟନ୍ତ କଟକଣା ବଳବତ୍ତର ରହିଥିଲା। ଦୋକାନୀମାନଙ୍କୁ ସକାଳ ୭ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଦୋକାନ ଖୋଲିବାକୁ ଅନମତି ମିଳିଥିଲା। ତେବେ କଟକଣା ହଟିବା ପରେ ଜିଲା ପ୍ରଶାସନ ପକ୍ଷରୁ ନୂତନ ଗାଇଡ୍‌ଲାଇନ୍ ଜାରି କରାଯାଇନାହିଁ। ଯଦ୍ୱାରା ବ୍ୟବସାୟୀମାନେ ଏବେ ମଧ ଅପରାହ୍ନ ୨ଟା ପର୍ଯ୍ୟନ୍ତ ହିଁ ଦୋକାନ ଖୋଲୁଥିବା ଦେଖିବାକୁ ମିଳୁଛି। ଅପରାହ୍ନ ୨ଟା ପରେ ଦୋକାନ ଖୋଲିବେ କି ନାହିଁ, ସେମାନେ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ପଡ଼ୋଶୀ କୋରାପୁଟ ଏବଂ ଗଜପତି ଜିଲାରେ ପ୍ରଶାସନ ପକ୍ଷରୁ ନୂତନ ଗାଇଡ୍‌ଲାଇନ୍ ଜାରି କରାଯିବା ପରେ ଦୋକାନ ବଜାର ଖୋଲିଛି। ଏମିତିକି ରାଜ୍ୟର ଅନେକ ସ୍ଥାନରେ କୋଭିଡ୍ ନିୟମ ମାନି ଦୋକାନଗୁଡ଼ିକ ଖୋଲିବାକୁ ଅନୁମତି ମିଳିଛି। ହେଲେ ରାୟଗଡ଼ା ଜିଲାରେ ଏ ପର୍ଯ୍ୟନ୍ତ କୌଣସି ସୂଚନା ନାହିଁ। ଦୋକାନୀମାନେ ଦ୍ୱନ୍ଦ୍ୱରେ ରହିଥିବା ପ୍ରକାଶ କରିଛନ୍ତି। ତେଣୁ ପ୍ରଶାସନ ଏନେଇ ସ୍ପଷ୍ଟ କରିବାକୁ ବ୍ୟବସାୟୀ ଏବଂ ବୁଦ୍ଧିଜୀବୀଙ୍କ ମଧରେ ପ୍ରକାଶ ପାଇଛି।


**BERHAMPUR MUNICIPAL CORPORATION**

No. 10156/E-14-XXXIX-15/2018 Date: 01.09.2020

**QUOTATION CALL NOTICE**

No. C-121: Sealed quotations are invited to be reached by Speed Post/Registered Post only from local reputed agencies/firms for **"Supply of IT Accessories/Consumables to BeMC"**. The detailed terms & conditions are available at our office website **www.berhampur.gov.in**. The last date of receipt of tenders in this office by 16.09.2020, 5.00 P.M. and will be opened on 18.09.2020 at 11.00 A.M. in the office of undersigned.
The authority reserves the right to accept or reject any quotation without assigning any reason thereof.

**Sd./- Commissioner**
**Berhampur Municipal Corporation**
OIPR-13035/11/0015/2021

**ତହସିଲ କାର୍ଯ୍ୟାଳୟ, ଗୁଡାରି**
**ଦୀର୍ଘ ମିଆଦୀ ଲିଜ୍ ନିମନ୍ତେ ନିଲାମ ଇସ୍ତାହାର**

**ବିଜ୍ଞପ୍ତି ସଂଖ୍ୟା-୧୫୩୩** **ତାରିଖ-୦୨।୦୯।୨୦୨୦**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଗୁଡାରି ତହସିଲର ଦୁଇଗୋଟି ସୈରାତ ଉତ୍ସର ଦୀର୍ଘ ମିଆଦୀ ଲିଜ୍ ସୂତ୍ରେ ଓଡ଼ିଶା ଲଘୁ ଖଣିଜ ରିହାତି ଆଇନ ୨୦୧୬ (OMMC Rules-2016) ମୁତାବକ ପାଞ୍ଚ ବର୍ଷ ନିମନ୍ତେ ୨୦୨୦-୨୦୨୧ ବର୍ଷଠାରୁ ୨୦୨୪-୨୦୨୫ ବର୍ଷ ପର୍ଯ୍ୟନ୍ତ ଦିଆଯିବ। ଏଥି ସମ୍ପର୍କିତ ସମସ୍ତ ବିବରଣୀ ଯଥା ବିଜ୍ଞାପନ ସର୍ତ୍ତାବଳୀ ସୈରାତ ଉତ୍ସ ନାମ ଓ ଅବସ୍ଥାନ, ନିଲାମ ତାରିଖ ଓ ସ୍ଥାନ ଆଦି www.rayagada.nic.inରେ ଉପଲବ୍ଧ କରାଯାଇଛି। ଇଚ୍ଛୁକ ବ୍ୟକ୍ତିବିଶେଷ ବିଜ୍ଞାପନରେ ଦର୍ଶାଯାଇଥିବା Form-M ପୂରଣକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟକୁ ରେଜିଷ୍ଟ୍ରି ଡାକ ଯୋଗେ ନିର୍ଦ୍ଧାରିତ ସମୟ ସୀମା ମଧରେ ଦାଖଲ କରିପାରିବେ।

ସ୍ୱା./-ତହସିଲଦାର, ଗୁଡାରି

No. O-312

**ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ**
**ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବରହମପୁର**
**OFFICE OF THE SUPERINTENDING ENGINEER**
**RURAL WORKS CIRCLE, BERHAMPUR**
At: Ambapua, P.O.- Engineering School, Near Income Tax Office, Berhampur - 760011
E-mail: serwbpr2004@yahoo.com, Tel/Fax: 0680-2404287

**NATIONAL COMPETITIVE BIDDING THROUGH e-Procurement**
Bid Identification No. Online Tender/06-2020-21/BPR

| Identificaiton No. | Name of Work | No. of Works | Approx. Estimated Cost (In Lakh) | Class of Contractor | Period of Completion |
|---|---|---|---|---|---|
| Online Tender/ 06-2020-21/BPR | Road Works under Inter District, Inter Block Connectivity | 05 Nos. | From Rs.227.74 lakhs to Rs.692.11 Lakhs | "B" Class, "A" Class, "Special" & "Super" Class as applicable | 09 (Nine) & 11 (Eleven) Calendar Months as provided |

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Superintending Engineer, R.W. Circle, Berhampur | Online Tender/ 06-2020-21/BPR | 14.09.2020 at 10.00 A.M. | 30.09.2020 upto 3.00 P.M. |

(i) EMD/Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further detials & Corrigendum if any can be seen from the website: **www.tendersodisha.gov.in**.

**Sd./- R.K. Maharana, Superintending Engineer, R.W. Circle, Berhampur**
OIPR-25071/11/0005/2021

**OFFICE OF THE PRINCIPAL**
**COLLEGE OF NURSING, M.K.C.G.**
**MEDICAL COLLEGE CAMPUS**
**BRAHMAPUR-760004, GANJAM, ODISHA**
**Tel.0680-2292791, FAX: 0680-2292492/**
**E-mail: conbam2008@rediffmail.com**
**No.01/CON/STORE-12/2020 Dt.Berhampur the 28.08.2020**

**TENDER CALL NOTICE**

No.E-210:- Sealed tenders are invited in the prescribed proforma in two bid system (Technical bid in one cover and price bid in another cover as per the terms and conditions) from the registered firms for "Supply of Books (Nursing) for the financial year 2020-2021". The approximate cost of tender value is Rs.3.00 lakhs. The detailed tender papers, terms & conditions of supply of Books can be obtained on payment of Rs.1000/- only in shape of DD drawn in favour of the "Principal College of Nursing" payable at SBI Berhampur (Code-0033) from **Dt.05.09.2020 to 28.09.2020 upto 5 P.M.** either from the office of the undersigned or in case of download from the website. The tender documents can be downloaded from the following websites: **www.ganjam.nic.in/www.nursingodisha.nic.in/www.odisha.gov.in**. The last date of receipt of tender through Regd. Post/Speed Post/Courier is to **28.09.2020 upto 5 P.M.** The Principal, College of Nursing, Berhampur reserves the right to accept/reject/cancel any or all the tenders in full or part at any stage of the process without assigning any reason thereof. All legal disputes if any relating to this tender is subject to the jurisdiction in the courts of law situated at Berhampur, Ganjam, Odisha only.

**Sd./-Principal, College of Nursing,**
**Berhampur (Ganjam)**
OIPR-10013/11/0009/2021

# ଅପହଞ୍ଚ ଇଲାକା



ଡ. ସୁନୀତି ଦେବୀ



ଆଜି ମୋ' ଅଲକ୍ଷ୍ୟରେ ସମୟ ସରିସରି ଯାଉଛି, ଖର୍ଚ୍ଚ କଲେ ନ କଲେ ବି। ଅନେକ କାମ ଯେମିତି କରିବାକୁ ବାକି ଅଛି ଭଳି ଲାଗୁଛି। ଜୀବନର ଛୋଟବଡ଼ ଘଟଣାର ଛବି ଚିତ୍ର ଭଳି ଆଙ୍କି ହେଇ ଯାଉଛି ମନ କାନ୍‌ଭାସରେ। କେହି ତ ଛବିଟିଏ ଆଙ୍କି ଦିଅ ବୋଲି କହୁ ନାହିଁ। ଏ ସବୁ ଚିତ୍ରର ଚିତ୍ରକର କିଏ? ମୋର ଭାବ ନା ଅନୁଭବ, ମୋର ଭାଷା ନା କଳ୍ପନା, ମୋ' ଚେତନା ନା ବାସ୍ତବତା। ଯଦି ବାସ୍ତବତା ହେଇ ଥାଆନ୍ତା, ପୁଣି ଲିଭନ୍ତା କେମିତି? ଗୋଟେ କାନ୍ତକୋମଳ ଛିଟା ଠିକ୍ ଝୋଟି ଦେଲାପରି। ମୁଁ ଏଣିକି ଏ ସବୁକୁ ନିଜସ୍ୱ ବୋଲି ଭାବୁଛି। କାରଣ ଏ ଇଲାକାରେ କାହାର ଛାଇ ବି ପଡ଼େନି। ଦୂରକୁ ବହୁ ଦୂରକୁ ମୁଁ ଯେମିତି ଠେଲି ହେଇ ପଳାଏ। ସେତେବେଳେ ମୋ'ଠାରୁ ମୋର ଅନୁପସ୍ଥିତିକୁ ମୁଁ ହୃଦୟଙ୍ଗମ କରେ। ବେଳେବେଳେ ମୁଁ ହିମାଳୟ, ପ୍ୟାରିସ୍, ଲଣ୍ଡନ ବୁଲି ଆସି ପାରେ।

କିନ୍ତୁ ମୁଁ ସେତେବେଳେ ମୋର ଗୋଟେ ନିହାତି ନିଜ ମଣିଷକୁ ଖୋଜେ। କେତେକେତେ ଚେହେରା ସେତେବେଳେ ମୁଁ ଦେଖେ ମୋ' ଆଖପାଖରେ। ପସନ୍ଦ ହେଉ ବା ନ ହେଉ ସେଇ ମୁହୂର୍ତ୍ତରେ ମୁଁ ତାକୁ ଲୋଡ଼େ। ଲୋଡ଼ିବାପଣ ସବୁ ସମୟରେ ନ ଥାଏ। ଥିଲେ ମୁଁ ପୁରୁଣା ସମୟକୁ ସବୁବେଳେ ଲୋଡ଼ନ୍ତି। ଅତୀତ ବେଳେବେଳେ ଉପରଠାଉରିଆ ହେଇ ମୋ' ପାଖେ ଠିଆ ହୁଏ। ଗୁଣୁଗୁଣାଏ। ଭାରି କ୍ଲାସିକାଲ୍ ଲାଗେ ସେତେବେଳେ ମୁଁ। ମୋର କି ସୁନ୍ଦର ରୂପ। ଆଇନା ଦେଖି ମୁଁ ମୋ' ଆଖିକୁ ଚକ୍‌ଚକ୍ କରେ। ଗୋଟେ ଅନାମଧେୟ ଅପରିଚିତ ମୁହଁ ଦେଖି ମୁଁ ଆତୁର ହୋଇ ତାକୁ ପ୍ରେମିକା କରି ପକାଏ। ପ୍ରେମିକା ନିର୍ବାଚନ ମୋର ଚଳଚ୍ଚିତ୍ର ପରି ନୁହେଁ, ଯଦିଓ ତା' ପାଖେ ପାଖେ ରହି ତା' ଛୁଆଁରେ ଉଲୁସିଯାଏ।

ମୋର ଗୋଟେ ବିଶାଳ ଫ୍ଲାଟ୍ ଅଛି। ଦାମୀ ଗାଡ଼ି ଅଛି। ସ୍ତ୍ରୀ ପିଲାଙ୍କ ସେବା କରିବାକୁ ଚାକର ପୁଜାରୀ ଅଛନ୍ତି। ଗୀତାରାଣୀ, ଛବି, ବବି। ଯେ କେହି ଅନୂଢ଼ା ହୁଅନ୍ତୁ ମୋ' ଦାଣ୍ଡ ଦେଇ ଗଲାବେଳେ ମୁଁ କାହିଁକି ସେମାନଙ୍କୁ ନିରେଖି ଚାହିଁ ପ୍ରେମିକାକୁ ଦରାଣ୍ଡେ କେଜାଣି! ପ୍ରେମ କାରବାରରେ ମୁଁ ଭାରି ଧୋକାବାଜ। ଲେଖାପଢ଼ା ବା ଚୁକ୍ତି ହେଇ ନ ଥିଲା ତା' ସହିତ ମୋର। ମୁଁ ଗାନ୍ଧିବାଦୀ ଆଦର୍ଶର ଲୋକ ନୁହେଁ। ନ ଥିଲି। ପଡ଼ୋଶୀମାନେ ମୋତେ ସେତେବେଳେ ଓହରା ଭାବୁଥିଲେ ବୋଧେ! ସେମାନଙ୍କ ଝିଲା ଝିଅମାନଙ୍କୁ ଗପିବାକୁ ଛାଡୁ ନ ଥିଲେ। ମୋର ଖଟି ଥିଲା ଆମ ସାଇର ପାନ ଦୋକାନ। ସେ ଥିଲା ସୁନେଲୀ ମାଛ ପରି। ଆଖି ଦି'ଟାରେ ତା'ର ହୀରାର ଉଜ୍ଜ୍ୱଳତା।

ସବୁଦିନେ ସେଇ ଦୋକାନ ପାଖରେ ତା' ସାଇକେଲ୍‌ର ଚେନ୍ ଖସୁଥିଲା। ମୁଁ ସବୁଦିନେ ସେଇ ଅପେକ୍ଷାରେ ଥିଲି, ତା' ସାଇକେଲ୍ ଚେନ୍ ଠିକ୍ କଲା ପରେ ସେ ମୋ' ଆଡ଼କୁ ଚାହିଁ ସ୍ମିତହାସ୍ୟ ଦେଇ ଚାଲିଯାଏ। ତା' ପଛକୁ ପଛ ଆମ ଖଟିରେ କେତେ ଗଳ୍ପ ତିଆରି ହୁଏ। ମୁଁ କେବେ ବି ସମତଳ ଉପତ୍ୟକାରେ ମୋ' ଜୀବନକୁ ଗଢ଼େଇ ନେବାକୁ ଭଲପାଏ ନାହିଁ। ନୀଳପାହାଡ଼, ସବୁଜ ବନାନୀ ପରି ଢେଉଢେଉକା ଜୀବନକୁ ଭଲପାଏ। ଟିକେ ଟ୍ରାଜେଡ଼ି ନ ଥିବ ଜୀବନରେ, ସେଟା କି ଜୀବନ! ଜାଣିଜାଣି ଦେହ ଖରାପ ହେଇଛି କହି ମୁଁ ଘରେ ଶୁଏ। ସେ ମୋତେ ସାଇକେଲ୍ ଦୋକାନ ପାଖରେ ଅନାଏ। ଦୋକାନୀକୁ ପଚାରେ। ଦିନେ ସେ ସମ୍ଭାଳି ନ ପାରି ମୋ' ଘରକୁ ଆସିଲା। ଯୋଗକୁ ବାପା, ବୋଉ କି ମୋ' ସାନ ଭଉଣୀ ଘରେ କେହି ନ ଥିଲେ। ସେ ଘରେ ଦରମୁକୁଳା କବାଟ ଦେଇ ଆସି ହଠାତ୍ ମୋ' ବିଛଣା ପାଖରେ ଠିଆ ହେଇଗଲା। ତାକୁ ଦେଖି ମୋ' ଦେହରେ ତାତି ଭରିଗଲା। ମୁଁ କହିଲି, ମଇନା ତମେ! ସେ ମୋ' ଛାତି ଉପରେ ଅଜାଡ଼ି ହେଇ ପଡ଼ିଲା। ମୁଁ ଅନୁଚିତ, ଅଯୌକ୍ତିକ କଥା କିଛି ଚିନ୍ତା କଲି ନାହିଁ। କଲିଜା ଥଣ୍ଡା ହେଲା ପର୍ଯ୍ୟନ୍ତ ତାକୁ ଚୁମା ଦେଲି। ତା' କାନ୍ଦ ବନ୍ଦ ହେଇଗଲା। କହିଲା ମୋ' ସାଇକଲ ସଜାଡ଼ିବନି?

ମୁଁ କହିଲି, ତୁ କ'ଣ ମୋତେ ପ୍ରେମକରୁ! ସେ କହିଲା, ଏତିକିରେ କ'ଣ ସରିଯାଉଛି? ଏବେ ଖାଲି ତମ ମୋ' ଭିତରେ ଦୂରତା କମିଲା ବୋଲି ଜାଣ! ତୁମେ ମୋତେ ଚିରକାଳ ପାଇଁ ବନ୍ଦୀ କଲେ ମୁଁ ତମର ପ୍ରେମିକା ହେବି। ମୁଁ କହିଲି, ମାନେ! ସେ ମୁରୁକି ହସି ଚାଲିଗଲା ମୋ' ଦେହରେ ତାତି ଭରିଦେଇ।

ମୁଁ ତା' ଦେହକୁ ସାଇତିବାକୁ ଇଚ୍ଛା କଲି ମୋ' ମୋହ ଆଉ ମୋ' ଦେହର ଦାହ ଭିତରେ। ମୁଁ ତାକୁ ଦିନେ ଅନ୍ତସତ୍ତ୍ୱା କରିଦେଲି। ଏବେ ନିରତ ନିରେଖି ଦେଖିଲି ତାକୁ। ସେ ମୋ' ପିଲାର ମାଆ ହେବ। ସେ ଭୟାତୁର ଥିଲା। ସେ ଏଥର କହିଲା ମୁଁ ତମର ପକ୍କା ପ୍ରେମିକା, ମୋତେ ଏବେ ତମେ ତମର ସ୍ତ୍ରୀ କର। ମୋ' ଦେହରୁ ଝାଳ ବୋହିଗଲା। ସେ ଏମିତି କହିବ ବୋଲି ମୁଁ ଜମା ଜାଣି ନ ଥିଲି। ମାତ୍ର ଇଂରାଜୀରେ ମୁଁ ଏମ୍.ଏ. ପଢୁଛି। ମୋ' ଯୌବନ ଥମଥମ ବେଳେ ଏମିତି ନିଭୃତରେ ପ୍ରେମ! ପ୍ରେମରୁ ପାପ। ମୁଁ କହିଲି ବାପା ଜାଣିଲେ ମୋତେ ହାଣି ଦେବେ! ଦରଲିଭା କୋଇଲା ପରି ସେ ଦହକୁ ଥିଲା ବୋଧେ! ତା' ଉଜ୍ଜ୍ୱଳତା କମି ଆସୁଥିଲା। ମୁଁ ବର୍ଷା ପାଗର ଖରା ପରି ମ୍ଳାନ ଲାଗୁଥିଲି। ସେ କହିଲା ତମେ ପେଚା ହେବ। ଆଉ ଉର୍ଦ୍ଧ୍ୱକୁ ଉଡ଼ିପାରିବ ନାହିଁ। ନୂଆନୂଆ ପାପ କଲେ ଏମିତି ଲାଗେ। ତମେ ଭାବିକି ମୋତେ କହିବ। ବାପା ହବ କି ନା। ମୋ' ପାଟିରୁ ବାହାରି ପଡ଼ିଲା, ହେବି ଯେ ଏତେ ଶୀଘ୍ର ନୁହେଁ। ସେ କିଚିକିଚି ଅନ୍ଧାର ଭିତରେ କେଉଁଆଡ଼େ ହଜିଗଲା। ଆଉ ତାକୁ ଜଗତ ଦେଖିଲାନି।

ସତରେ ମଇନାକୁ ଡେଇଁ ଜୀବନ ଗଢ଼ିଲି ସିନା, ତା' ପୃଥିବୀକୁ ମୁଁ ଡେଇଁ ପାରିଲିନି। ପ୍ରେମର ଶହ ଶହ ଲୁହ ଟୋପା, ହଜାର ହଜାର ଦୀର୍ଘଶ୍ୱାସ, ଲକ୍ଷଲକ୍ଷ ଅନ୍ତର୍ଦାହ ମୋ' ଦାମ୍ପତ୍ୟରେ ବାଧିକା ହେଲା। ମୁଁ ସୁନ୍ଦର, ସମାହିତ ଯୁବକ ଭଳି ମୋ' ସ୍ତ୍ରୀ ପାଖରେ ଅଭିନୟ କଲି। ନିତା ମୋତେ ଶୁଙ୍ଘି କହିଦେଲା, ତମେ ଆଗରୁ ଦଗାଦିଆ ପ୍ରେମିକ ହେଇସାରିଛ। ନିତାର ନିଶ୍ଚୟ ଏ ବିଷୟରେ ଅଭିଜ୍ଞତା ଥିବ, କିନ୍ତୁ ସେ ମଇନା ନୁହେଁ। ମୁଁ ପ୍ରତି ମୁହୂର୍ତ୍ତରେ ନିତାଠୁ ଶିଖିବାକୁ ଚେଷ୍ଟା କରିଛି, ଯାହା ମଇନାଠୁ ଶିଖି ପାରି ନ ଥିଲି। ସ୍ତ୍ରୀର ଆକଟ, କଟକଣା, ନୈସର୍ଗିକ ପ୍ରେମ ନିର୍ବାଚନରେ ମଇନା ନିତାଠୁ ନିର୍ଦ୍ଦ୍ୱନ୍ଦ୍ୱରେ ଉପରେ ଅଛି। ସେ ମୋତେ ବନ୍ଦୀ କରି ନ ଥିଲା। ସେ ବନ୍ଦୀ ହୋଇଥିଲା ମୋ' ପାଖରେ। ଏବେ ନିତା ମୋତେ ବନ୍ଦୀ କରିଛି। ସେ ମୋର ଅପହଞ୍ଚ ଇଲାକା। ମଇନା, ତୋତେ ମୁଁ ମୋ' ଛାତି ତଳେ ଝକାସ୍ କରି ରଖିଛି। ତୋ' ଦେହ ଆଉ ଦାହର ତାତିକୁ ପବନ ହେଇ ନିଭୃତରେ ମୋ' ଛାତି ଭିତରକୁ ବହି ଆଣିଛି। ତୁ ମୋର ଯନ୍ତ୍ରଣାର ଫୁଲ ମଇନା! ତୁ ମୋ' ଆଖି କୋଣରେ ଜକେଇ ଆସୁଥିବା ଲୁହ। ତୁ ମୋ' ଆତ୍ମାର ବିପର୍ଯ୍ୟସ୍ତ ଶ୍ୱାସରୁଦ୍ଧ କ୍ଳେଶ। ମୋର ଅପହଞ୍ଚ ପାପ।

ମୋ- ୯୪୩୭୨୭୨୬୨୮

## କବିତା

### ଆମ ଗାଁ ନଈ

ଅରୁଣ କୁମାର ସାହୁ

ମୋ' ଜେଜେ ବା ତାଙ୍କ ଜେଜେଙ୍କର
ଶୈଶବ ଆରମ୍ଭର ଅନେକ ଆଗରୁ
ଆମ ଗାଁ ସୀମାନ୍ତକୁ ଛୁଇଁ
ବହିଯାଏ ମୋ' ଗାଆଁର ଅଳସେଇ ନଈ
କାହିଁକି ବହୁଛି ସିଏ ଜମା ଜାଣେ ନାହିଁ
ଜାଣେନା ବି ବହେ କାହା ପାଇଁ॥

ଘନଘୋର ଗ୍ରୀଷ୍ମର ତାପରେ
ମୋ' ଗାଁ ବୃକ୍ଷଙ୍କ ଛାଇ
ଆଶ୍ୱାସନା ପାଇ
ଆମ ଗାଁ ନଈ ଗେହ୍ଲେଇ
ମୋ' ଅପା ପରି
ଦୌଡୁଥାଏ, ଭାଇଙ୍କର
ଯାବତୀୟ ସୁଖ ପାଇଁ
ଏଣୁତେଣୁ ମାଗିଯାଚି
ଜଳରାଶି ଜକେଇ ଜକେଇ॥

ନଦୀ ବିନା ଆମ ଶୈଶବର ଇତିହାସ
ଲେଖିବା କେତେ ଯେ କଠିନ!

କେବେ ଭାବେ ଫେରିଯିବି
ପିଲାଦିନ ଆଡ଼େ
(ନଈ ବିନା ପିଲାଦିନ କ'ଣ ଯେ!)
ଭଙ୍ଗୁର-ସ୍ୱପ୍ନ
ନୁଖୁରା ବାଳ ଓ
ଫୁଙ୍ଗୁଳା ଦେହରେ
ଖେଳୁଥା'ନ୍ତା ନଈବାଲିରେ
ଏବଂ ନଈପାଣି ଚପଳ ଛୁଆଁରେ
ସାଉଣ୍ଟୁଥା'ନ୍ତି ଶୈଶବର ସ୍ମୃତି
ହଜେଇ ହଜେଇ ପିଲାଦିନ
ଅଚଳ ଆଠଣି...॥

ମୋ: ୯୪୩୭୧୫୫୬୧୭



### ପ୍ରିୟତମାକୁ

ପ୍ରତିଭା ପରିଡ଼ା

ରତ୍ନବେଦୀରେ
କେଉଁ ଦୀପ ଜଳୁଥାଏ ପୁଣି ଲିଭୁଥାଏ?
କାହା ନାଆଁରେ
ଗୋପଦାଣ୍ଡରେ ଡିବିଡିବି
ନାଗରା ବାଜୁଥାଏ?
ଈଶ୍ୱରି!
ତୋ' ଇସାରାରେ ତ
ମୋର ଏ କାଳ, ସେ କାଳ
ଆଉ ସାରାକାଳ ନାଚୁଥାଏ-


ତୋ' ଦେହର କୁଣ୍ଡଳି
ଢାଙ୍କି ରଖିଥାଏ
ମୋର ଅର୍ଥ ପରମାର୍ଥ...
ତୋ' ନୀଳ ଆଖିର ମାୟା
ଢୋକି ନେଉଥାଏ,
ମୋର ସଂସାରଭର୍ତ୍ତି ଅଭିମାନ
ପୁଣି ସମୁଦ୍ରେ ଅବିଶ୍ୱାସ-

ମୋତେ କେଉଁ ବା' ବାଟ ଦିଶୁଛି?
ଗୋଟାଏ ପାଦ ସାମ୍ନାକୁ ବଢ଼ିଲେ
ସାତପାଦ ପଛକୁ ଫେରୁଛି...
ମୋର ଯେତେ କର୍ମ ଅକର୍ମ
ମୋର ଯାହା ପାପ ପୁଣ୍ୟ,
ପ୍ରିୟତମା! ମୁଁ କ'ଣ ବର୍ଣ୍ଣିବି,
ସ୍ୱର୍ଗ ତ ସ୍ୱର୍ଗ
ନର୍କରେ ବି ତୋ' ଆଖି
ପହରା ଦେଉଛି।

ମୋ: ୯୮୬୧୫୬୭୭୭୮

## ପୁସ୍ତକ ପରିଚୟ

### ଅକ୍ରୂର



**ଲେଖକ:** ଡ. ସୋମନାଥ ବିଷୋୟୀ
**ପ୍ରକାଶକ:** ଅପୂର୍ବା, ୟୁନିଟ୍-୩, ଭୁବନେଶ୍ୱର-୧
**ପ୍ରଥମ ପ୍ରକାଶ:** ୨୦୨୦, **ମୂଲ୍ୟ:** ଟ.୧୦୦/-

ଭାଗବତର ଅକ୍ରୂର ଚରିତ୍ରକୁ ଭିତ୍ତିକରି ଏହି ଉପନ୍ୟାସଟି ରଚିତ ସତ, କିନ୍ତୁ ଏଥିରେ ଉପସ୍ଥାପନା ଓ ଭାଷାଗତ ଯେଉଁ ସ୍ୱାତନ୍ତ୍ର୍ୟ ଫୁଟି ଉଠିଛି, ତାହା ଏକାଥରକେ ବହିଟିକୁ ସାରିଦେବା ପାଇଁ ପାଠକ ମନରେ ବ୍ୟାକୁଳତା ଜଗାଏ। 'ମୁଖଶାଳା'ରେ ଲେଖକ କହନ୍ତି- ''ଜଣେ ଔପନ୍ୟାସିକ ଅନ୍ୟତମ ପୁରାଣକାର ନୁହେଁ। ପୁରାଣର ମୂଳ ପ୍ରସଙ୍ଗକୁ ଜ୍ଞାତସାରରେ କେହି ଅତିକ୍ରମ କରିଯିବାକୁ ଚେଷ୍ଟା କରିବେ ନାହିଁ।'' ଅର୍ଥାତ୍ ପୁରାଣର ଉଲ୍ଲଂଘନ ନୁହେଁ, ଯଥାସମ୍ଭବ ତାକୁ ମହିମାଦୀପ୍ତ କରିବା ହିଁ ପୌରାଣିକ ଉପନ୍ୟାସର ଲକ୍ଷ୍ୟ ହୋଇଥାଏ, ଯେଉଁ ଲକ୍ଷ୍ୟର ପୂର୍ତ୍ତି 'ଅକ୍ରୂର'ରେ ହୋଇଥିବା ଅନୁଭୂତ ହୁଏ। ଉପନ୍ୟାସରେ ରହିଛି ମୋଟ ୨୫ଟି କ୍ଷୁଦ୍ରକ୍ଷୁଦ୍ର ଆଖ୍ୟାନ ଭାଗ ଓ ସବୁ ଭାଗ ପରସ୍ପରର ପରିପୂରକ। କଂସଠାରୁ କୃଷ୍ଣବଳରାମଙ୍କୁ ଆଣିବା ଆଦେଶ ପାଇବା ଦିନର ସକାଳ। ଅକ୍ରୂର କହୁଚି: ''ଏ ସକାଳ କ'ଣ ଇତିହାସର ଗର୍ଭ ଫଟାଇ ବାହାରି ଆସିଛି ମୋ'ରି ଦୁଆରକୁ? ଅନନ୍ତ ପ୍ରତୀକ୍ଷାର ଗୋଟେ ଅନ୍ତିମ ଆହ୍ୱାନ ନେଇ ଏ ସକାଳ କ'ଣ ମୋ'ରି ପ୍ରତୀକ୍ଷାରେ ଅଛି? ପ୍ରକୃତରେ କିଏ କାହା ପ୍ରତୀକ୍ଷାରେ ଅଛିଯେ!'' ଉପନ୍ୟାସରେ କବିତ୍ୱର ଏ ପୁଟ ବହିଟିକୁ ରସାଳ ଓ ଗଭୀର କରିଛି।


### ମନଝୁରେ ଝୁରେ ମନ



**କବି:** କୁଞ୍ଜ ବିହାରୀ ପାଢ଼ୀ
**ପ୍ରକାଶକ:** ଲିପିକା, ଜଟଣୀ, ପୁରୀ
**ପ୍ରଥମ ପ୍ରକାଶ:** ୨୦୧୯, **ମୂଲ୍ୟ:** ଟ.୧୩୦/-

ଆଲୋଚ୍ୟ କବିତା ବହିଟି କବିଙ୍କର ତୃତୀୟ କବିତାଗ୍ରନ୍ଥ, ଯାହାର ପ୍ରଚ୍ଛଦଲେଖରେ କୁହାଯାଇଛି- ''ଆଧୁନିକ ସମାଜର ମଣିଷମାନଙ୍କ ମନସ୍ତତ୍ତ୍ୱ ଓ ସାମାଜିକ ଜୀବନଶୈଳୀ ଉପରେ ଏହା ଆଧାରିତ।'' କେତେକ କବିତାରେ ଜୀବନର ଗଳ୍ପ ରୂପ ପାଇଛି। କବିତାଗୁଡ଼ିକର ଭାଷାରେ ଗଦ୍ୟରୀତି ଓ ଗୀତି-ଲାଳିତ୍ୟର ମୀମାଂସା ମନୋମୁଗ୍ଧକର ମନେହୁଏ। 'ଆମେ ଭାରତୀୟ' ଭଳି କବିତାରେ ପ୍ରକଟିତ ଦେଶାତ୍ମବୋଧ ତାଙ୍କ ଧର୍ମନିରପେକ୍ଷ ମନୋଭଙ୍ଗୀର ପରିଚୟ ଦିଏ। 'ବରଷାରେ ଭିଜିଭିଜି' କବିତାର ଏଇ ଧାଡ଼ିଟିକୁ ଦେଖନ୍ତୁ- ''ବରଷାରେ ଭିଜିଭିଜି/ଗାଉଥିଲି ଗୀତ ମୋର/ମନ ମତାଣିଆ ଗୀତ/ସୁଲଳିତ କଣ୍ଠସ୍ୱର/ବରଷାରେ ଭିଜିଭିଜି।'' ଆବେଗସିକ୍ତ ଏହିପରି ଅନେକ କବିତା ବହିଟିରେ। ଆଧ୍ୟାତ୍ମିକ ଭାବନାରେ ବି କେତେକ କବିତା ଭରପୂର। ଜୀବନର ନାନା ଅନୁଭବ ଓ ଅଭିଜ୍ଞତାର କେଲୁଣି-ପସରା ଏଇ କାବ୍ୟଗ୍ରନ୍ଥଟି ପାଠକୀୟ ଆଦୃତି ପାଇବ ବୋଲି ଆଶା।

## କାଳ କାଳକୁ



''ପୃଥିବୀ ବଦଳାଇବା କଥା ସମସ୍ତେ ଭାବନ୍ତି, କିନ୍ତୁ ନିଜକୁ ବଦଳାଇବା କଥା କେହି ଭାବନ୍ତି ନାହିଁ।''

-ଲିଓ ଟଲ୍‌ଷ୍ଟୟ

**ଲିଓ ଟଲ୍‌ଷ୍ଟୟ**ଙ୍କ ଜନ୍ମ ୯ ସେପ୍ଟେମ୍ବର ୧୮୨୮ରେ, ରୁଷ୍‌ରେ। ବିଶ୍ୱପ୍ରସିଦ୍ଧ ଉପନ୍ୟାସ 'ଯୁଦ୍ଧ ଓ ଶାନ୍ତି' (War & Peace) ଓ 'ଆନା କାରେନିନା'ର ସେ ଯୋଗଜନ୍ମା ଲେଖକ। ଅଳ୍ପ ବୟସରୁ ସେ ତାଙ୍କର ମାଆ, ବାପା ଓ ଖୁଡ଼ୀ ତିନିହିଁଙ୍କୁ ହରାଇଥିଲେ। ବାଲ୍ୟକାଳର ଏହି ପ୍ରିୟଜନ ବିୟୋଗାନୁଭୂତି ପରବର୍ତ୍ତୀ କାଳରେ ତାଙ୍କ ରଚନାଗୁଡ଼ିକରେ ମାର୍ମିକ ରୂପ ଲାଭ କରିଥିଲା। ''ସବୁ ସୁଖୀ ପରିବାରର ସୁଖ ଏକାଭଳି, ପ୍ରତି ଅସୁଖୀ ପରିବାରର ଅସୁଖ କିନ୍ତୁ ଅଲଗା ଅଲଗା''- ଏହା ଥିଲା 'ଆନା କାରେନିନା'ର ପ୍ରଥମ ଧାଡ଼ି। ୨୦ ନଭେମ୍ବର ୧୯୧୦ରେ ଏହି ଲେଖକଙ୍କର ଜୀବନ ଦୀପ ଲିଭି ଯାଇଥିଲା।

## ବିଶ୍ୱାସ

ମିନିଗଳ୍ପ

କାଳିନ୍ଦୀଚରଣ ଭଞ୍ଜ

ଏକ ରକ୍ଷଣଶୀଳ ତଥା ପ୍ରାଚୀନ ପରମ୍ପରାର ପକ୍ଷପାତି ଏକ ପରିବାରରେ ଜନ୍ମ ମାଧୁରୀର। ଘର ବମ୍ବେ ସହରଠୁଁ କିଛି ଦୂର ଏକ ଅଖ୍ୟାତ ପଲ୍ଲୀରେ। ପିଲାଦିନୁ ମନରେ ଅନେକ ପ୍ରଶ୍ନ ଓ ସନ୍ଦେହ। ଭଗବାନ ଅଛନ୍ତି କି ନାହିଁ, ଥିଲେ ବି କେଉଁ ଭଗବାନ ସବୁଠୁଁ ଭଲ? ପାଞ୍ଚ ଜାଗାରେ ସେ ମୁଣ୍ଡିଆ ମାରେ। ଯେଉଁଠି ତା'ର କାମ ପୂରା ହୁଏ, ଭାବେ ସେହି ବୋଧେ ଠିକ୍ ଦିଅଁ। ଏହି ସରଳ ଭାବ, କପଟ ଶୂନ୍ୟ ସ୍ୱଭାବ ସାଦାସିଧା ଢଙ୍ଗରେ ଅଳ୍ପ କିଛି ଗାଁ ଚାହାଳିରେ ପାଠପଢ଼ା। ସେ ସମୟର ନିୟମରେ ଅଳ୍ପ ବୟସରୁ ବିବାହ କରାଇଦେଲେ ମାଧୁରୀକୁ ବାପା-ମା' ଜଣେ ଶ୍ରମିକ ସହ। ଘରେ ଶାଶୁ ବୁଢ଼ୀ ଓ ସ୍ୱାମୀ ନରେନ୍ଦ୍ର। ଏଇ ବର୍ଷ କେତେଟାରେ ଦୁଇ ପିଲାଙ୍କର ମାଆ ହୋଇଗଲା ମାଧୁରୀ।

ଏକ ଅଜଣା ରୋଗରେ ସ୍ୱାମୀ ନରେନ୍ଦ୍ରଙ୍କର ଅକାଳରେ ଅଳ୍ପ ବୟସରେ ଦେହାନ୍ତ ହୋଇଗଲା। ଘରେ ଖାଇବା ପିଇବା ଅଭାବ ହେବାରୁ ମାଧୁରୀ ବାହାରିଲା କାମଧନ୍ଦା କରି କିଛି ରୋଜଗାର କରିବାକୁ ସହରକୁ। ସହରରେ ଏକ ଧନୀ ଘରେ ମାସିକ ବେତନରେ ଘର କାମ ପାଇଗଲା। ଶାଶୁବୁଢ଼ୀଙ୍କ ଦାୟିତ୍ୱରେ ପିଲା ଦି'ଟିଙ୍କୁ ଛାଡ଼ିଗଲେ ବି ମଝିରେ ମଝିରେ ଘରକୁ ଆସେ। ଶାଶୁ ଓ ପିଲାଙ୍କ କଥା ବୁଝି ଫେରିଯାଏ କାମକୁ। ଯେତେ କାମ ଥାଉନା କାହିଁକି ସୋମବାର ଦିନ ମନ୍ଦିରକୁ ପୂଜା ଅର୍ଚ୍ଚନା କରିବାକୁ ଯିବ ହିଁ ଯିବ। ଏତେ କମ୍ ବୟସରେ ସ୍ୱାମୀର ଦେହାନ୍ତ ଓ ଅଭାବ ଅନଟନରେ ପିଲା ଦି'ଟିଙ୍କୁ ଶାଶୁବୁଢ଼ୀଙ୍କ ପାଖରେ ଛାଡ଼ି ଆସିଥିଲେ ବି ଠାକୁରଙ୍କ ପାଖରେ ତା'ର କୌଣସି ଅଳି, କଟାଳ ନ ଥାଏ।

ମାଧୁରୀ ଦିନେ ଘରୁ ଚିଠି ପାଇଲା ଯେ ଶାଶୁଙ୍କ ଦେହ ଖରାପ। ଏଣୁ ମନ ବିମର୍ଷ। ସପ୍ତାହେ ଛୁଟି ନେଇ ଶାଶୁଙ୍କୁ ଦେଖିବାକୁ ଗଲା। ବୁଢ଼ୀ ଚାଲିଗଲେ ବହୁ ଅସୁବିଧା ହେବ। ପିଲାମାନଙ୍କୁ ପାଖକୁ ଆଣିବାକୁ ହେବ। ବମ୍ବେ ସହର ଏକ ମହଙ୍ଗା ସହର। ଚଳିବ କିପରି ଚିନ୍ତା ଥାଏ ମନରେ। ଫେରିଲା ପରେ ମାଲିକ ପଚାରିଲା ଶାଶୁ ଦେହ କେମିତି ଅଛି? ସେ ଦୃଢ଼ତାର ସହ ଉତ୍ତର ଦେଲା- 'ଭଲ ହୋଇଯିବ, ଭଗବାନ ଭାରି ଦୟାଳୁ'। ତା' ମନରେ ଦୁଃଖ ନ ଥିଲା, ଭୟ ବି ନ ଥିଲା। କେବଳ ଥିଲା ଦୃଢ଼ ବିଶ୍ୱାସ। ଏହା ଶୁଣି ସେ କୋଟିପତି ଧନୀ ମାଲିକ ଆଖିରେ ଲୁହ ଜକେଇ ଆସିଲା ଓ ମନରେ ଈଶ୍ୱର ବିଶ୍ୱାସ ଜାଗ୍ରତ ହେଲା।


ଦୁଇମାସ ପରେ ମାଧୁରୀ ଦୁଇ ସପ୍ତାହ ପାଇଁ ବୁଢ଼ୀର ଅସୁସ୍ଥତା ଶୁଣି ପୁନଶ୍ଚ ଘରକୁ ଗଲା। ଆସିଲା ପରେ ଜଣାପଡ଼ିଲା ଯେ, ବୁଢ଼ୀ ଶାଶୁ ତା'ର ମୃତ। ଅଧା ନାସ୍ତିକ ମାଲିକଙ୍କ ମନ ବିଦ୍ରୋହ କରି ଉଠିଲା। ମନେମନେ ଭାବିଲେ ବିଚାରୀକୁ କେତେ ଯେ ଦୁଃଖ ମିଳିବ ଆଉ! ତଥାପି ମାଧୁରୀକୁ ମାଲିକ ପଚାରିଲେ- 'ଭଗବାନ ଭଲ କରିପାରିଲେନି ଏଥର।' ମାଧୁରୀ ଉତ୍ତର ଦେଲା 'ବାବୁ ତାଙ୍କୁ ବହୁତ କଷ୍ଟ ହେଉଥିଲା ତ, ସେଥିପାଇଁ ଈଶ୍ୱର ତାଙ୍କୁ ନେଇଗଲେ।'

ଧଳା କାଗଜରେ କଳା ଗାରରେ ମାଧୁରୀର ବିଶ୍ୱାସକୁ ବାନ୍ଧି ରଖିବା ଥିଲା ଅସମ୍ଭବ। ମାଧୁରୀ ମନରେ ନ ଥିଲା ସଙ୍କୋଚ, ନ ଥିଲା ଦୁଃଖ, ନ ଥିଲା ନାସ୍ତିକତା। କେବଳ ଥିଲା ବିଶ୍ୱାସ, ଅଟଳ ଓ ସ୍ଥିର। ମାଲିକଙ୍କ ଆଖିରୁ ଠପ୍‌ଠପ୍ କରି ଲୁହ ଝରି ପଡ଼ିଲା। ତାଙ୍କର ସବୁ ଥାଇ ବି ନିଃସ୍ୱ ଲାଗିଲା ତାଙ୍କୁ।

ମୋ: ୯୩୩୭୮୮୭୮୯୮


## ସୃଜନ-ସ୍ମୃତି

# ସାହିତ୍ୟ ଶିଖେଇଛି ଦୁଃଖ ଭିତରେ ହସିବା



ପବିତ୍ର ପାଣିଗ୍ରାହୀ

'ପ୍ରେମିକର ଦଶାବତାର', 'ଖରାପ ପାଗ', 'ଏକା ଏକା ଅରୁନ୍ଧତୀ', 'ହାଇଫେନ୍', 'ମନ ଅନ୍ଧାର', 'ଅଫେରା ଜହ୍ନରାତି', 'ଛୁଇଁଲେ ପ୍ରେମ', 'ସ୍ୱପ୍ନ ଚୋରୀ', 'ବରଂ ଅନ୍ଧାର ଭଲ', 'ଗପର ମୁହଁ', 'ମିଛ ଘର' ଓ 'ପାଗ ବଦଳିଛି' ପବିତ୍ରଙ୍କର ପ୍ରମୁଖ ଗଳ୍ପଗ୍ରନ୍ଥ। ଗଳ୍ପ ପାଇଁ ୨୦୧୫ର 'ସାହିତ୍ୟ ଏକାଡେମୀ ପୁରସ୍କାର'ରେ ସମ୍ମାନିତ। ପୁରସ୍କୃତ ବହି 'ଗପର ମୁହଁ'...



ମୋର ଶୈଶବ, କୈଶୋର ଓ ବୃତ୍ତିଗତ ଜୀବନ କଟିଛି ଓ କଟୁଛି ଗ୍ରାମୀଣ ପରିବେଶରେ। ପ୍ରଶସ୍ତ ଧାନବିଲ, କୁହୁଡ଼ିଘେରା ଜହ୍ନଧୁଆ ଧୂମାଭ ମାୟାଚ୍ଛନ୍ନ ଗଛବୃଚ୍ଛ, ଝୋଟିଅଙ୍କା କାନ୍ଥ ଓ ତାଳବଣ, କାଞ୍ଚନ ଓ କୁଣ୍ଡୀନଈର କୁଳୁକୁଳୁ ଗୀତ ମୋ' ଭିତରେ ଜଗାଇଥିଲା ସୃଜନ ସ୍ୱପ୍ନ। ସେଇ ସ୍ୱପ୍ନରେ ବିଭୋର ହୋଇ କବିତା ଲେଖାରୁ ସୃଜନ ଜୀବନ ଆରମ୍ଭ କରିଥିଲେ ବି ଗପ ଲେଖାରେ ନିଜକୁ ସହଜ, ସ୍ୱାଭାବିକ ମନେକରିଥିଲି ଓ ଆନନ୍ଦ ପାଇଥିଲି। ତା'ପରେ ଇତିହାସ ଅଧ୍ୟାପନା ବୃତ୍ତି, ଆଉ ମୁଖ୍ୟତଃ ଗପ ଲେଖାକୁ ନେଇ ଚାଲିଛି ଜୀବନ। ସାହିତ୍ୟ ଅନେକ ଦୁଃଖ ଭିତରେ ବି ହସିବା ଶିଖେଇଛି।

ଦିନଦିନ ଧରି ଶବ୍ଦଟିଏ ବି ଲେଖି ପାରେନି। ଅସନ୍ତୋଷରେ କୁହୁଳୁଥାଏ ନିଜ ଭିତରେ। ସବୁବେଳେ କିନ୍ତୁ ନିଜ ଭିତରେ ଗଢୁଥାଏ ଗପ, ପୁଣି ଭାଂଗୁଥାଏ। ଥରେ ଗପଟେ ଆରମ୍ଭ କଲେ ଭୋକଶୋଷ ଭୁଲି ଲେଖେ। ପତ୍ନୀଙ୍କ ବରାଦ ମୁତାବକ ଚିଜ ଆଣିବାକୁ ଭୁଲିଯାଇ କଥା ଶୁଣେ, ଲେଖିବି ଲେଖିବି ଭାବୁଭାବୁ ଅନେକ ଗପ ଖସିଯା'ନ୍ତି ହାତମୁଠାରୁ, ଟ୍ରେନ୍ ଟିକେଟ୍ କାଟି ବିଳମ୍ବରେ ପ୍ଲାଟ୍‌ଫର୍ମରେ ପହଞ୍ଚି ଟ୍ରେନ୍ ମିସ୍ କଲାପରି।

ରୋମାଂଟିକ୍ ଗପ ଅନେକ ପାଠକଙ୍କୁ ଛୁଇଁଲେ ବି ଏବେ ବଦଳିଯାଇଚି ମୋ' ଗପ ଲେଖାର ମୋଡ଼, ବୟସ ବଢ଼ିବା ସହ ବଦଳି ଯାଇଚି ଗପର ଥିମ୍। ପ୍ରଥମେ ନଷ୍ଟାଲଜିଆ, ପାରିବାରିକ ସମ୍ପର୍କର ମହକ, ଦାମ୍ପତ୍ୟ ଜୀବନର ବୁଝାମଣା ଆଦିକୁ ନେଇ ଲେଖୁଥିଲାବେଳେ ଏବେ ଲେଖୁଛି ମାନବୀୟ ସମ୍ପର୍କର ସୁକୁମାର ସୁଷମା, ଜୀବନର ଜଟିଳ ଯାନ୍ତ୍ରିକତା ଓ ସଂଘର୍ଷ, ନିଷ୍ଠୁର ବାସ୍ତବତା, ମୋହ ଓ ମୋହଭଂଗ, ବଦଳୁଥିବା ସମୟ ଓ ମଣିଷର ପରିବର୍ତ୍ତିତ ମନସ୍ତତ୍ତ୍ୱ ଇତ୍ୟାଦି ପ୍ରସଂଗକୁ ଆଧାର କରି। କାହାଣୀ ଗପର ପ୍ରମୁଖ ଆଧାର ହେବା ଉଚିତ୍ ବୋଲି ବିଶ୍ୱାସ କରେ। ଶୈଳୀ କାହାଣୀକୁ ଅନୁସରଣ କରେ। କେହି କେହି ପ୍ରିୟ ପାଠକ କହନ୍ତି, କବିତାର ଭାଷାରେ ଗପ କହିବା, ଆଉ ଗପର ରାସ୍ତାରେ କବିତାର ସୋରିଷ ବୁଣିବୁଣି ଯିବା ମୋର ବିଶେଷ ଢ଼ଂଗ। ହୋଇଥିବ ହୁଏତ!

ରାତି ମୋର ଲେଖାଲେଖି କରିବାର ପ୍ରିୟ ସମୟ। ଶପ ଉପରେ ତକିଆଟିଏ ପକେଇ, ତା'ରି ଉପରେ ପେଟେଇ ପଡ଼ି ଲେଖିବା ମୋର ଅଭ୍ୟାସ। ଚଳନ୍ତି ଫେରନ୍ତି ଜୀବନ ରାସ୍ତାରୁ, ଚଉପାଶରୁ ସାଉଁଟେ ଅନୁଭୂତି। ଗୋଟାଏ ଗଳ୍ପର ଘଟଣାର ଖିଅ ଓ ଚରିତ୍ରମାନଙ୍କୁ। ସେମାନେ ମୋତେ ବାଧ୍ୟ କରନ୍ତି ଲେଖିବା ପାଇଁ, ମଝିରେ ମଝିରେ ଉସୁକାନ୍ତି, ଆଉଟୁପାଉଟୁ କରନ୍ତି, ଦହଗଂଜ କରିଚାଲିଥା'ନ୍ତି ଲେଖିବାର ଉପଯୁକ୍ତ ସମୟ ଆସିବାଯାଏଁ। କଳ୍ପନାର ରଂଗ ସେଥିରେ ମାଖି ପରଖୁଥାଏ ମନେମନେ। ଖାଣ୍ଟି ସୁନାରେ ତ ଆଉ ଗଢ଼ା ହୁଏନା ଗହଣା! କିନ୍ତୁ କେହି ଯଦି ଚାହାନ୍ତି ଦେଖିବାକୁ, ମୋ' ଗଳ୍ପର ଅନେକ ଚରିତ୍ର ଓ ପୃଷ୍ଠଭୂମି ମୁଁ ଦେଖାଇ ଦେଇପାରିବି।

ମୋର ଅବସୋସ ଯେ ଲେଖିବାକୁ ଚାହୁଁଥିବା ଭଳି ଭଲ ଗପଟିଏ ଲେଖିପାରିନାହିଁ ଏ ଯାଏଁ। ବୈଚିତ୍ର୍ୟମୟ ଜୀବନ ପାଖରୁ ମୋତେ ସାଉଁଟି ନେବାକୁ ହେବ ଆହୁରି ଅନ୍ତରଙ୍ଗ ଓ ବହୁବର୍ଣ୍ଣୀ ଅନୁଭୂତି, ଆହୁରି ଘନିଷ୍ଠ ଭାବେ ଭୋଗିବାକୁ ଓ ଚିହ୍ନିବାକୁ ହେବ ଦୁର୍ବୋଧ ଜୀବନର ରହସ୍ୟମୟତାକୁ। ବଦଳୁଥିବା ସମୟର ନିଚ୍ଛକ ସ୍ୱର ତୋଳିଧରିବାକୁ ହେବ ଗପରେ। ହେଲେ ଜାଣେ, ଜୀବନର ସ୍ୱପ୍ନ ଅନେକ ହେଲେ ବି ମୋର ଶକ୍ତି ଓ ସାମର୍ଥ୍ୟ ସୀମିତ। ତଥାପି ସ୍ୱପ୍ନ ବିନା, ଶବ୍ଦ ବିନା, ଗଳ୍ପର ପ୍ଲଟ୍ ଖୋଜିବା ବିନା ବଂଚିବି ବା କେମିତି! ଯେ ଅନ୍ୱେଷା ଚାଲିଥିବ ମଲାଯାଏଁ। ଶେଷ ହେବନାହିଁ କେବେବି!

ମୋ: ୯୯୩୮୦୪୨୪୬୮

**ବର ୭୦କୁ କନ୍ୟା ୬୦**

ପ୍ରେମ କେତେବେଳେ କେଉଁଠି କାହା ସହ ହେବ କହି ହୁଏ ନାହିଁ। ପ୍ରେମରେ ବୟସ ମଧ ଖୋଜାପଡ଼େନି। ଏମିତି ଏକ କୌତୂହଳପୂର୍ଣ୍ଣ ଘଟଣା ଦେଖିବାକୁ ମିଳିଛି ଆନ୍ଧ୍ରପ୍ରଦେଶର ଭୁରାଖେଡ଼ି ଗ୍ରାମରେ। ଜଣେ ବୃଦ୍ଧ ମେଡିକାଲରେ ଥିବା ସମୟରେ ଜଣେ ବୃଦ୍ଧାଙ୍କୁ ପ୍ରେମ କରିବସିଲେ। ଖାଲି ଏତିକି ନୁହେଁ, ପରିବାର ସଦସ୍ୟ ମଧ ଏହି ଯୋଡ଼ିକୁ ବିବାହ ବନ୍ଧନରେ ବାନ୍ଧି ଦେଇଛନ୍ତି। ବୃଦ୍ଧଙ୍କ ବୟସ ୭୦ ହୋଇଥିବା ବେଳେ ବୃଦ୍ଧାଙ୍କ ବୟସ ୬୦।

# ମଲ୍ଟିମିଡିଆ ଶୋ'ରେ ଡୋଗ୍ରା ଶାସନର ଝଲକ



**ଜମ୍ମୁ:** ଭାରତର ଭୂସ୍ୱର୍ଗଭାବେ ପରିଚିତ ଜମ୍ମୁ -କଶ୍ମୀର। ଏଠାକାର ଥଣ୍ଡା ଏବଂ ପ୍ରାକୃତିକ ପରିବେଶ ସମସ୍ତଙ୍କୁ ଆକର୍ଷିତ କରିଥାଏ। ଏଥିପାଇଁ ଦେଶ ଏବଂ ବିଦେଶରୁ ଏଠାକୁ ପର୍ଯ୍ୟଟକଙ୍କୁ ଆଗମନ ହୋଇଥାଏ। ଜମ୍ମୁସ୍ଥିତ ବାଗ୍-ଏ-ବହୁ ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀଭାବେ ପରିଚିତ। ଏଠାରେ ରହିଥିବା ଅଣ୍ଡରଗ୍ରାଉଣ୍ଡ ଫିଶ୍ ଆକ୍ୱାରିଅମ୍, ପାର୍କ, ପ୍ରସିଦ୍ଧ ବହୁ ଦୁର୍ଗ ବୁଲି ଦେଖିବା ପାଇଁ ଏଠାରେ ବର୍ଷତମାମ ଭିଡ଼ ଜମିଥାଏ। ହେଲେ ଏବେ ଜମ୍ମୁ -କାଶ୍ମୀରର ପର୍ଯ୍ୟଟନ ମାନଚିତ୍ରରେ ଯୋଡ଼ିହେବାକୁ ଯାଉଛି ଆଉ ଏକ ମେଗା ପ୍ରକଳ୍ପ। ପ୍ରଥମଥର ପାଇଁ ଅଞ୍ଚଳର ବହୁ ପୁରାତନ ଡୋଗ୍ରା ସଂସ୍କୃତି ଏବଂ ଡୋଗ୍ରା ଶାସକଙ୍କ ରାଜତ୍ୱ କାଳର ଅନାଲୋଚିତ କାହାଣୀ ବିଶ୍ୱବାସୀଙ୍କ ନିକଟରେ ପହଞ୍ଚାଇବ ବାଗ୍-ଏ-ବହୁ। ଏଠାରେ ଶୀଘ୍ର ଆରମ୍ଭ ହେବାକୁ ଯାଉଛି ମେଗା ମଲ୍‌ଟିମିଡିଆ ମ୍ୟୁଜିକାଲ ଲାଇଟ୍ ଆଣ୍ଡ ସାଉଣ୍ଡ ଫାଉଣ୍ଟେନ୍ ଶୋ। ଦିଲ୍ଲୀର ଅକ୍ଷରଧାମ ଭଳି ଏହି ଫାଉଣ୍ଟେନ ଶୋ'ର ପରିକଳ୍ପନା କରାଯାଇଛି। ସଙ୍ଗୀତ ସହ ରଙ୍ଗବେରଙ୍ଗର ଆଲୋକ ସହ ଫାଉଣ୍ଟେନର ଜଳସ୍ରୋତ ମଧ୍ୟରେ ବଡ଼ ସ୍କ୍ରିନ୍‌ରେ ଚାଲିବ ଡୋଗ୍ରା ରାଜାଙ୍କ ଶାସନ। ଡୋଗ୍ରା ରାଜାମାନଙ୍କ ପରାକ୍ରମ, ସଂସ୍କୃତି ଓ ଇତିହାସର ପ୍ରଚାର ପ୍ରସାର ଏହି ମ୍ୟୁଜିକାଲ୍ ଶୋ'ର ମୁଖ୍ୟ ଉଦ୍ଦେଶ୍ୟ। ୩୦ ମିନିଟର ମ୍ୟୁଜିକାଲ ଭିଡିଓ ଶୋ'କୁ ଥରକରେ ୪ଶହ ଲୋକଙ୍କ ଦେଖିବା ପାଇଁ ବ୍ୟବସ୍ଥା ରହିଛି। ପ୍ରତ୍ୟେକ ଦିନ ୪ଟି ଶୋ ହିନ୍ଦୀ ଭାଷାରେ ରଖିବା ପାଇଁ ଯୋଜନା କରାଯାଇଛି। ଶୋ ଦେଖିବାକୁ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ଡୋଗ୍ରା ଖାଦ୍ୟ ମଧ ଉପଲବ୍ଧ ରହିବ। ଜମ୍ମୁ ପର୍ଯ୍ୟଟନ ବିଭାଗ ପକ୍ଷରୁ ୧୦.୮୨ କୋଟି ଟଙ୍କା ବ୍ୟୟରେ ଏହି ପ୍ରକଳ୍ପ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ଡୋଗ୍ରା ରାଜବଂଶ ବିଷୟରେ ଜ୍ଞାନ ରହିଥିବା ପ୍ରସିଦ୍ଧ ଐତିହାସିକମାନେ ଡୋଗ୍ରା ଇତିହାସ ବିଷୟରେ କାହାଣୀ ଲେଖିବାରେ ବ୍ୟସ୍ତଥିବା ଜମ୍ମୁ ପର୍ଯ୍ୟଟନ ବିଭାଗ ପକ୍ଷରୁ କୁହାଯାଇଛି। ପ୍ରକଳ୍ପ କାର୍ଯ୍ୟ ୨ବର୍ଷ ତଳେ ଆରମ୍ଭ ହୋଇଥିଲେ ମଧ ବିଭିନ୍ନ କାରଣରୁ ଏହା ଶେଷ ହୋଇପାରିନାହିଁ। ତେବେ ଏହାର କାର୍ଯ୍ୟ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ଶୀଘ୍ର ପର୍ଯ୍ୟଟକଙ୍କ ପାଇଁ ଖୋଲିବ ବୋଲି ଜଣାପଡ଼ିଛି। ଏହାଦ୍ୱାରା ଡୋଗ୍ରା ଇତିହାସର ପ୍ରଚାର ପ୍ରସାର ସହ ପର୍ଯ୍ୟଟନର ବିକାଶ ମଧ ହୋଇପାରିବ। ସେହିପରି ଅଞ୍ଚଳବାସୀଙ୍କ ଆର୍ଥିକ ବିକାଶ ମଧ ଘଟିବ। ଉଲ୍ଲେଖଯୋଗ୍ୟ, ନିକଟରେ ଏନ୍‌ସିଇଆର୍‌ଟି ମଧ ଜମ୍ମୁ ଓ କଶ୍ମୀରର ଡୋଗ୍ରା ଶାସନ ବିଷୟ ଇତିହାସ ପୁସ୍ତକରେ ସାମିଲ କରିଛି। ଏହାକୁ ଅଷ୍ଟମ ଶ୍ରେଣୀର ପିଲାମାନେ ପଢ଼ିବେ।

# ରାଫାଲକୁ ଚଢ଼େଇ ଭୟ



**ଅମ୍ବାଲା:** ଶତ୍ରୁ ପକ୍ଷଙ୍କର ଧ୍ୱଂସ କରିବାକୁ ସକ୍ଷମ ଥିବା ଯୁଦ୍ଧ ବିମାନ ରାଫାଲ ପାଇଁ ଚଢ଼େଇ ଏବେ ବିପଦ ପାଲଟିଛନ୍ତି। ହରିୟାଣାର ଅମ୍ବାଲା ଏୟାରବେସ୍‌ରେ ଥିବା ରାଫାଲର ସୁରକ୍ଷା ଲାଗି ଏଠାରେ ପାରା ଅବା ଅନ୍ୟ ଚଢ଼େଇ ପାଳନ କରୁଥିବା ମାଲିକଙ୍କୁ ନୋଟିସ୍ ଜାରି କରିବା ପାଇଁ ଏୟାର ମାର୍ଶଲ ମାନବେନ୍ଦ୍ର ସିଂ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ପାଖକୁ ଚିଠି ଲେଖିଛନ୍ତି। ଆଇନର ଅବମାନନା କରୁଥିବା ମାଲିକଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଉପରେ ମଧ ଗୁରୁତ୍ୱାରୋପ କରାଯାଇଛି। କିଛି ଦିନ ତଳେ ବାୟୁସେନା ଅଧିକାରୀଙ୍କୁ ରାଫାଲର ଉଡ଼ାଣ ନେଇ ଧମକପୂର୍ଣ୍ଣ ଚିଠି ମିଳିଥିଲା। ତେଣୁ ସୁରକ୍ଷା ଦୃଷ୍ଟିରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା କୁହାଯାଉଛି।

# ଅଭିନୟକୁ ନିଜଠୁ ବି ଅଧିକ ଭଲପାଏ



କରିସ୍ମା କପୁର

**ମୁମ୍ବାଇ:** ବଲିଉଡରେ କରିସ୍ମା କପୁର ହେଉଛନ୍ତି ଜଣେ ସଫଳ ଅଭିନେତ୍ରୀ। କପୁର ଖାନ୍ଦାନର ଏକଦମ୍ ଲାଡଲି। ଦେଖିବାକୁ ସୁନ୍ଦରୀ ଯେମିତି ତାଙ୍କ ଅଭିନୟ ମଧ ସେତିକି ଦମ୍‌ଦାର୍। କରିସ୍ମା ଡ୍ୟାନ୍ସରେ ମଧ ଦର୍ଶକଙ୍କ ମନ କିଣି ପାରୁଥିଲେ। ତାଙ୍କ ଅଭିନୟ ପାଇଁ ସେତେବେଳେ ବହୁ ଅଭିନେତା ତାଙ୍କ ପଛରେ ପାଗଳ ଥିଲେ। ସେମାନଙ୍କ ମଧ୍ୟରୁ ଅଭିଷେକ ବଚ୍ଚନ ହେଲେ ଜଣେ। କିନ୍ତୁ କରିସ୍ମା ଏବଂ ଅଭିଷେକ କପୁରଙ୍କ ମଧ୍ୟରେ ପ୍ରେମ ସମ୍ପର୍କକୁ ନେଇ ଗୋଟିଏ ସମୟରେ ଚର୍ଚ୍ଚା ଜୋର୍ ଧରିଥିଲା। ଏହି ୨ କଳାକାର ପରସ୍ପରଙ୍କୁ ପାଗଳପରି ପ୍ରେମ କରୁଥିଲେ। ସେମାନଙ୍କ ନିର୍ବନ୍ଧ ଶେଷ ହୋଇଥିବା ମଧ ଶୁଣିବାକୁ ମିଳୁଥିଲା। କିନ୍ତୁ ସେମାନଙ୍କ ମଧ୍ୟରେ ବ୍ରେକଅପ୍ ହୋଇଗଲା। ବିବାହ ପରେ ଆକ୍ଟିଂ ନ କରିବାକୁ ସର୍ତ୍ତ ଥିବାରୁ କରିସ୍ମା ମନା କରିଦେଇଥିବା ଶୁଣିବାକୁ ମିଳିଥିଲା। କାରଣ ସେ ଅଭିନୟକୁ ନିଜଠୁ ବି ଅଧିକ ଭଲ ପାଆନ୍ତି। କରିସ୍ମାଙ୍କ ପରିବାର ଲୋକେ ଏପରି ସର୍ତ୍ତ ରଖିବାକୁ ରାଜି ହୋଇ ନ ଥିବାରୁ ଦୁଇଜଣଙ୍କ ସମ୍ପର୍କରେ ପୂର୍ଣ୍ଣଚ୍ଛେଦ ପଡ଼ିଥିଲା। ଅଭିଷେକଙ୍କ ଭଉଣୀ ଶ୍ୱେତାଙ୍କ ବିବାହ ସମୟରୁ ସେମାନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ପାଖାପାଖି ୫ ବର୍ଷ ପର୍ଯ୍ୟନ୍ତ କରିସ୍ମା-ଅଭିଷେକ ପରସ୍ପରକୁ ଡେଟ୍ କରିଥିଲେ। ଉଭୟ ବିବାହ ମଧ କରିବାକୁ ଚାହୁଁଥିଲେ। ଏହି ସମୟରେ କରିସ୍ମାଙ୍କ ଅଭିନୟ କ୍ୟାରିୟର ସଫଳତାର ଶୀର୍ଷରେ ରହିଥିବା ବେଳେ ଅଭିଷେକଙ୍କ କ୍ୟାରିୟର କିନ୍ତୁ ସେତେଟା ଭଲ ନ ଥିଲା। ତେଣୁ ବିବାହ ପୂର୍ବରୁ କରିସ୍ମାଙ୍କ ମା' ଅଭିଷେକଙ୍କ ପରିବାର ଆଗରେ କିଛି ସର୍ତ୍ତ ରଖିଥିଲେ। ଯେଉଁଥିପାଇଁ ଉଭୟଙ୍କ ସମ୍ପର୍କରେ ପୂର୍ଣ୍ଣଚ୍ଛେଦ ପଡ଼ିଥିଲା ବୋଲି କୁହାଯାଏ। କରିସ୍ମା ବଚ୍ଚନ ପରିବାରର ବୋହୂ ହେବା ପରେ ଅଭିନୟ ଛାଡି ଦିଅନ୍ତୁ ବୋଲି ଅଭିଶେକଙ୍କ ମା' ଜୟା ବଚ୍ଚନ ଚାହୁଁଥିଲେ। ମାତ୍ର ଏହା କରିସ୍ମାଙ୍କ ପରିବାର ଚାହୁଁ ନ ଥିଲେ। ଏହି କାରଣରୁ ଉଭୟଙ୍କ ମଧ୍ୟରେ ସମ୍ପର୍କ ଭାଙ୍ଗିଯାଇଥିଲା।


# ଗଜା ହେଲା ୬ କୋଟି ଟଙ୍କାର ଗହମ-ବୁଟ



**ଭୋପାଳ:** ଲଗାତାର ବର୍ଷା ଯୋଗୁ ଦେଶର ବହୁ ରାଜ୍ୟରେ ବନ୍ୟା ସୃଷ୍ଟି ହୋଇଛି। ମଧ୍ୟପ୍ରଦେଶରେ ବାଲାଘାଟର ଗୁଗଲେଠାରେ ଥିବା ଏକ ଗୋଦାମ ଘରେ ବନ୍ୟା ପାଣି ପଶିଯିବାରୁ ଏଠାରେ ଥିବା ୧୦ ହଜାରରୁ ଅଧିକ ବସ୍ତା ଗହମ ଏବଂ ବୁଟ ଗଜା ହୋଇଯାଇଛି। ଏହାର ଆନୁମାନିକ ଦାମ ୬ କୋଟି ଟଙ୍କାରୁ ଅଧିକ ହେବ ବୋଲି କୁହାଯାଉଛି। ଗରିବଙ୍କ ପାଇଁ ରଖାଯାଇଥିବା ଦାନା ନଷ୍ଟ ହୋଇଯାଇଛି। ଦୁଇଦିନ ଧରି ଗୋଦାମ ଘରେ ବନ୍ୟା ପାଣି ଜମି ରହିଥିଲା। ଏହାପରେ ଧିରେଧୀରେ ପାଣି କମିଥିଲା। କର୍ମଚାରୀ ଗୋଦାମ ଖୋଲିଥିଲେ। ତେବେ ଗହମ ନଷ୍ଟ ହୋଇ ଯାଇଥିବାବେଳେ ବୁଟରୁ ଗଜା ହୋଇଯାଇଥିବା ଜିଲା ଖାଦ୍ୟ ପ୍ରବନ୍ଧକ ମନୋହର ପାଟିଲ ସୂଚନା ଦେଇଛନ୍ତି। ଗହମ ଏବଂ ବୁଟକୁ ଶୁଖାଇବାର ଉଦ୍ୟମ କରାଯାଉଥିବା ସେ କହିଛନ୍ତି। ସୂଚନାଯୋଗ୍ୟ, ବନ୍ୟା ଯୋଗୁ ବାଲାଘାଟ ଅଞ୍ଚଳରେ ୧୦୦ରୁ ଅଧିକ ଗାଁ ପ୍ରଭାବିତ ହୋଇଛି। ବନ୍ୟାରେ ୧୦୦୦ରୁ ଅଧିକ ଘର ଭାଙ୍ଗିଯାଇଛି।

# ମେଲ୍ ବକ୍ସରୁ ଚିଠି ଖାଇଗଲା ଛେଳି

**ଆ**ଜିକାଲି ସୋସିଆଲ ମିଡିଆରେ ବିଭିନ୍ନ ମଜାଳିଆ ଭିଡିଓ ଭାଇରାଲ ହେବାରେ ଲାଗିଛି। ସେମିତି ଏକ ଭିଡିଓ ଏବେ ଭାଇରାଲ ହୋଇଛି। ଭିଡିଓରେ ଗୋଟିଏ ଛେଳି ମେଲ ବକ୍ସରୁ ସମସ୍ତ ଚିଠି ଖାଇଦେବାର ଦେଖାଯାଇଛି। ଭିଡିଓଟି ଆମେରିକାର ଆଲାବାମା ସହରର ଟୋକ୍ସିର ବୋଲି କୁହାଯାଉଛି। ସୋସିଆଲ ମିଡିଆରେ ଭାଇରାଲ ଭିଡିଓ କ୍ଲିପରେ ଛେଳିଟି ରାସ୍ତା ପାର୍ଶ୍ୱରେ ଥିବା ମେଲବାକ୍ସରୁ ଚିଠି ଖାଉଥିବା ଦେଖାଯାଇଥିଲା। ଜଣେ ମହିଳା ସେଠାରେ ବୁଲୁଥିବାବେଳେ ଏହି ଭିଡିଓଟି ପ୍ରସ୍ତୁତ କରି ଫେସବୁକରେ ଛାଡିଥିଲେ। ଏହା ପରେ ଭିଡିଓ ଭାଇରାଲ ହୋଇଥିଲା। ଛେଳି ଚିଠି ଖାଉଥିବା ଭିଡିଓକୁ ବର୍ତ୍ତମାନ ପର୍ଯ୍ୟନ୍ତ ଲକ୍ଷରୁ ଅଧିକଥର ଦେଖାଯାଇଛି। ୨ ହଜାରରୁ ଅଧିକ ଲୋକ ଏହାକୁ ପସନ୍ଦ କରିଛନ୍ତି ଏବଂ ଶେୟାର କରିଛନ୍ତି। ସୋସିଆଲ ମିଡିଆ ୟୁଜର୍ସମାନେ ମଧ ଏହି ଭିଡିଓ ବିଷୟରେ ଅନେକ ମଜାଳିଆ ମନ୍ତବ୍ୟ ଦେଉଛନ୍ତି। ଜଣେ ୟୁଜର୍ସ ଏହି ଭିଡିଓରେ ଲେଖିଛନ୍ତି ଯେ ଚିଠି ହଜିଲେ ଡାକଘର ଦାୟୀ ରହିବ ନାହିଁ। ଅନ୍ୟ କେହି ତାକୁ ଗିରଫ କର ବୋଲି କହିଛନ୍ତି।




# ସାନିଟାଇଜରରେ ଥିବା ମିଥାନଲ୍ ଆଖିକୁ ନଷ୍ଟ କରିପାରେ




**ନୂଆଦିଲ୍ଲୀ:** ଦେଶରେ କରୋନା ମହାମାରୀ ସଂକ୍ରମଣ ଜାରି ରହିଛି। ସଂକ୍ରମଣରୁ ଦୂରେଇ ରହିବା ପାଇଁ ନିୟମିତ ଅନ୍ତରରେ ହାତ ଧୋଇବା, ସାମାଜିକ ଦୂରତା ବଜାୟ ରଖିବା ଏବଂ ମାସ୍କ ପିନ୍ଧିବା ଲାଗି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ମାର୍ଗଦର୍ଶିକା ଜାରି ହୋଇଛି। ହାତ ସଫା ରଖିବା ପାଇଁ ବଜାରରେ ବିଭିନ୍ନ କମ୍ପାନୀର ବହୁ ପ୍ରକାର ସାନିଟାଇଜର ମିଳୁଛି। ତେବେ ଏଥିରେ କ୍ଷତିକାରକ ମିଥାନଲ ରହିଛି। ଏହା ଆଖିରେ ଲାଗିଲେ ଖରାପ ବୋଲି କଞ୍ଜ୍ୟୁମର ଗାଇଡାନ୍ସ ସୋସାଇଟି ଅଫ୍ ଇଣ୍ଡିଆ ପକ୍ଷରୁ ଜାରି ହୋଇଥିବା ଏକ ରିପୋର୍ଟରେ ଉଲ୍ଲେଖ ରହିଛି। ସାନିଟାଇଜର ଆଖିକୁ ନଷ୍ଟ କରିଦେବାର ଆଶଙ୍କ ଥିବା ଏଥିରେ ଦର୍ଶାଯାଇଛି। କଞ୍ଜ୍ୟୁମର ଗାଇଡାନ୍ସ ସୋସାଇଟି ଅଫ୍ ଇଣ୍ଡିଆ ପକ୍ଷରୁ ୧୨୨ଟି ସାନିଟାଇଜରର ନମୁନା ଯାଞ୍ଚ କରାଯାଇଥିଲା। ସେଥିମଧ୍ୟରୁ କେତେକରେ ମିଥାନଲ୍ ଥିବା ଜଣାପଡ଼ିଛି। ଅଗଷ୍ଟ ୩୧ରେ ଏହି ରିପୋର୍ଟ ପ୍ରକାଶ ପାଇଛି। ଦେଶର ମୁମ୍ବାଇ ସମେତ ଅନ୍ୟ ସହରରେ ବିକ୍ରି ହେଉଥିବା ସାନିଟାଇଜରରେ ଏଭଳି କ୍ଷତିକାରକ ତତ୍ତ୍ୱ ଥିବା ରିପୋର୍ଟ ଦର୍ଶାଯାଇଛି। ତେବେ ୨୦ ସେକେଣ୍ଡ ପର୍ଯ୍ୟନ୍ତ ସାବୁନରେ ହାତ ଧୋଇବା ସୁରକ୍ଷିତ ବୋଲି ରିପୋର୍ଟରେ କୁହାଯାଇଛି।

# ଅନୁଷ୍କାଙ୍କ ଚମତ୍କାରୀ ପୋଷାକର ଦାମ୍‌କୁ ନେଇ ଚର୍ଚ୍ଚା

**ମୁମ୍ବାଇ:** ବଲିଉଡ୍ ନାୟିକା ଅନୁଷ୍କା ଶର୍ମା ଭାରତୀୟ କ୍ରିକେଟ ଦଳର କ୍ୟାପଟେନ ବିରାଟ କୋହଲି ଏବେ ଖୁବ୍ ଚର୍ଚ୍ଚାରେ। କାରଣ ନିକଟରେ ଅନୁଷ୍କା ମା' ହେବା ଖବର ବିରାଟ ଜଣାଇବା ପରେ ଏବେ ଏମାନଙ୍କୁ ନେଇ ଚର୍ଚ୍ଚା ଜାରି ରହିଛି। ଏମାନଙ୍କ ପ୍ରଶଂସକଙ୍କର ସବୁଠାରୁ ବେଶୀ ଦୃଷ୍ଟି ଆକର୍ଷଣ କରିଛି ଅନୁଷ୍କା ଶର୍ମା ଯେଉଁ ଡ୍ରେସ୍ ପିନ୍ଧି ମା' ହେବା ଖବରର ଫଟୋଟି ଶେୟାର କରିଛନ୍ତି। ଏହାକୁ ଏକ ଚମତ୍କାରୀ ପୋଷାକ ବୋଲି କୁହାଯାଉଛି। କାରଣ ହେଉଛି ନିକଟରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ପତ୍ନୀ ନତାଶା ବି ଏହି ଡ୍ରେସ୍‌ରେ ନଜର ଆସିଥିଲେ। ନତାଶା ନିକଟରେ ମା' ହୋଇଛନ୍ତି। ତେଣୁ ଏହି ପୋଷାକର ଗର୍ଭଧାରଣ ସହ କିଛି ସ୍ୱତନ୍ତ୍ର ସମ୍ପର୍କ ରହିଛି ବୋଲି କୁହାଯାଉଛି। ବ୍ଲାକ କଲରରେ ଧଳା ଡଟ୍ସ ଥିବା ଏହି ଡ୍ରେସ ଏବେ ବିରୁଷ୍କାଙ୍କ ପ୍ରଶଂସକଙ୍କୁ ବେଶ୍ ଆକର୍ଷିତ କରିଛି। କେବଳ ଏହାର ଚମତ୍କାରିତା ପାଇଁ ନୁହେଁ ଏବେ ଏହି ପୋଷାକଟି ତା'ର ଦାମ୍‌କୁ ନେଇ ମଧ ଚର୍ଚ୍ଚାକୁ ଆସିଛି। ଏହା ଏକ ଅଷ୍ଟ୍ରେଲିଆ ବ୍ରାଣ୍ଡ ଲାବେଲ ନିକୋଲସର ହୋଇଥିବା ବେଳେ କୁହାଯାଉଛି କି ଅନୁଷ୍କାଙ୍କ ଏହି ଡ୍ରେସର ଦାମ୍ କୁଆଡ଼େ ୪୫ ହଜାର ଟଙ୍କା। ନିକଟରେ ଏହି ଡ୍ରେସ ପିନ୍ଧି ଅନୁଷ୍କା ବିରାଟଙ୍କ ସହ ଏକ ଫଟୋ ଶେୟାର କରିବା ସହ ଲେଖିଥିଲେ, ଏବେ ଆମେ ୨ରୁ ୩ ହେବାକୁ ଯାଉଛୁ। ଏହାପରେ ସେମାନଙ୍କ ନିକଟକୁ ପ୍ରଶଂସକଙ୍କ ଶୁଭେଚ୍ଛାର ସୁଅ ଛୁଟୁଛି।






# ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ



ସ୍ୱର୍ଗତ ହରିହର ସାହୁ
ଟିକ୍ରାପଡ଼ା, ବଲାଙ୍ଗୀର
ଆବିର୍ଭାବ: ୧୨।୦୭।୧୯୨୮
ତିରୋଧାନ: ୨୪।୦୮।୨୦୨୦

ହେ ପୂଜ୍ୟ ପବିତ୍ର ଏକାଦଶାହ ଉପଲକ୍ଷେ ଆପଣଙ୍କର ଅମ୍ଳାନ ସ୍ମୃତିପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଆପଣଙ୍କ ଅମରଆତ୍ମାର ସଦ୍‌ଗତି କାମନା କରୁଛୁ।

**ଶୋକାଭିଭୂତ:** ଡାକ୍ତର ନରେନ୍ଦ୍ର କୁମାର ସାହୁ, ଶ୍ରୀମତୀ ସରୋଜିନୀ ସାହୁ, ଶ୍ରୀ ସୁରେନ୍ଦ୍ର କୁମାର ସାହୁ, ଶ୍ରୀ ଦେବେନ୍ଦ୍ର କୁମାର ସାହୁ, ଶ୍ରୀ ରବୀନ୍ଦ୍ର କୁମାର ସାହୁ, ଲିଲି, ସୁଜାତା, ରାନୁ, ଗୀତା, ସାନି, ବବ୍‌ଲୁ, ଟିକୁଲୁ, ପିଙ୍କି, ଆଲୋକ, ଆସୁ, ରିଙ୍କି, ଶୌମିକ, ବିକି, ମୁନି, କୁନି, ବଣ୍ଟି, ସ୍ୱେଟି, କୁନି, ସୋନୁ, ସମୀ, ବନ୍ଧୁ ଓ ପରିବାରବର୍ଗ।

ଧ-୧୮୧୦୫

ଦ୍ୱାଦଶାହ ଉପଲକ୍ଷେ



ସ୍ୱର୍ଗତା ସବିତା କୁମାରୀ ଦାଶ
Plot No. 2310/11, Maa Santosinagar, Lane - 2, Mandiapali, Ganjam
ଆବିର୍ଭାବ: ୦୧।୦୪।୧୯୬୧
ତିରୋଧାନ: ୨୩।୦୮।୨୦୨୦

ଆପଣ ଆମ ଗହଣରେ ନାହାନ୍ତି କିନ୍ତୁ ଆପଣଙ୍କ ଉପସ୍ଥିତି ଆମେ ସବୁବେଳେ ଅନୁଭବ କରିବୁ। ଆପଣଙ୍କ ଶ୍ରଦ୍ଧା, ତ୍ୟାଗ ଓ ପରୋପକାରୀ ସବୁଦିନ ଆମ ପାଇଁ ପ୍ରେରଣାର ଉତ୍ସ ହୋଇ ରହୁ। ଆପଣଙ୍କ ଅମରଆତ୍ମା ଶ୍ରୀଜଗନ୍ନାଥଙ୍କ ଚରଣରେ ଚିରଶାନ୍ତି ଓ ସଦ୍‌ଗତି ଲାଭ କରୁ।

**ଶୋକସନ୍ତପ୍ତ:** ସ୍ୱାମୀ: ଗିରିଶ ଦାଶ, ପୁଅ: ସାନ୍ତନୁ ଦାଶ, ଝିଅ: ସନ୍ତୋଷିନୀ ଦାଶ, ପରିବାର ଓ ବନ୍ଧୁବର୍ଗ।

ଧ-୧୮୧୦୨

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଶ୍ରୀ ଲକ୍ଷ୍ମୀନାରାୟଣ ମହାପାତ୍ର, ଶିକ୍ଷକ
କୂଳସରିଚୁଆଁ, ୪୨ ମୌଜା, କଟକ
ଆବିର୍ଭାବ: ୨୨।୦୫।୧୯୩୬
ତିରୋଧାନ: ୨୪।୦୮।୨୦୨୦

ପିଲାଟି ବେଳୁ ଘାତ ପ୍ରତିଘାତ ମଧ୍ୟରେ ସେ ପ୍ରତି କୂଳରେ ସଂଗ୍ରାମ କରି ଶିକ୍ଷକତା କରିଥିଲେ। ଜଣେ ଛାତ୍ରବତ୍ସଳ ଶିକ୍ଷକଭାବେ କଟକ ଜିଲ୍ଲା ସିଦ୍ଧେଶ୍ୱରପୁର ହାଇସ୍କୁଲରେ ତଥା ପାର୍ଶ୍ୱ ଗ୍ରାମମାନଙ୍କରେ ସମସ୍ତଙ୍କର ସେ ପ୍ରିୟ ଶିକ୍ଷକ ଥିଲେ। ସ୍କୁଲରେ ପିଲାମାନେ ତାଙ୍କୁ ଏନ୍.ସି.ସି. ସାର୍ ଭାବେ ଜାଣନ୍ତି। ସେ ସ୍ୱାଭିମାନ ରକ୍ଷା ସହ ୫ଟି କନ୍ୟାର ଜନକ ହୋଇ ମଧ ଲୋଭାର୍ଥ ହୋଇ ସ୍କୁଲ ପିଲାଙ୍କୁ ଟିଉସନ କରୁ ନ ଥିଲେ। ବରଂ ଦୁର୍ବଳ ଛାତ୍ରଙ୍କୁ ୧ ଘଣ୍ଟା ସ୍କୁଲରେ ରହି ପଢ଼ାଉଥିଲେ। ଏପରି ଜଣେ ଆଦର୍ଶ ଶିକ୍ଷକଙ୍କ ତିରୋଧାନରେ ତାଙ୍କର ଛାତ୍ରଛାତ୍ରୀ, ଝିଅ, ଜ୍ୱାଇଁ, ନାତିନାତୁଣୀ, ବନ୍ଧୁ ବାନ୍ଧବ, ଭାଇ, ପୁତୁରା, ଝିଆରୀ, ପୁତୁରାବୋହୂ ଦୁଃଖରେ ମ୍ରିୟମାଣ। ଶ୍ରୀଜଗନ୍ନାଥ ତାଙ୍କ ଆତ୍ମାର ସଦ୍‌ଗତି କରନ୍ତୁ ଏହି ପ୍ରାର୍ଥନା।

ଧ-୧୮୧୦୩

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ପର୍ଶୁରାମ ଜେନା
ପ୍ରାକ୍ତନ ଅଧକ୍ଷ, ଫକୀର ମୋହନ କନିଷ୍ଠ ମହାବିଦ୍ୟାଳୟ, ବାଲେଶ୍ୱର
ଆବିର୍ଭାବ : ୧୦.୦୫.୧୯୬୮
ତିରୋଧାନ : ୧୯.୦୮.୨୦୨୦

ଆଜି ତୁମ ଏକାଦଶାହରେ ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ଠାରେ ପ୍ରାର୍ଥନା କରୁଛୁ।

**ଶୋକସନ୍ତପ୍ତ:** ବାପା (ସୁରେନ୍ଦ୍ର), ସ୍ତ୍ରୀ (ମୀନାକ୍ଷୀ), ଝିଅ (ପ୍ରଜ୍ଞା ତେଜସ୍ୱିନୀ), ଭାଇ (ପିତାମ୍ବର ଓ ନୀଳକଣ୍ଠ), ପରିବାରବର୍ଗ ଏବଂ "ବାଣୀବିହାର-୯୦"ର ବନ୍ଧୁମାନେ

ଧ-୧୮୧୦୦

## ଡବଲ ହ୍ୟାଟ୍ରିକ୍



ବବି ମିଶ୍ର

ଅଭିନେତା ବବି ମିଶ୍ର ଖୁବ୍‌ଶୀଘ୍ର ନୂଆ ରୂପରେ ଦେଖାଦେବେ। ଅବଶ୍ୟ 'ଜୟଶ୍ରୀରାମ' ଚଳଚ୍ଚିତ୍ରର ନାୟକ ସାଜିବା ପରେ ସେ ଅନେକ ସିନେମାରେ ଖଳନାୟକ, ଚରିତ୍ର ଅଭିନେତା, କମେଡି ଆଦି ରୋଲ୍‌ରେ ନିଜ ଦକ୍ଷତା ଦେଖାଇସାରିଛନ୍ତି। ହେଲେ ଏହାପୂର୍ବରୁ ସେ ଓଡ଼ିଆ ଆଲବମ୍ ଜଗତରେ ସେ କେତେ ସୁନାମ ଅର୍ଜନ କରିଛନ୍ତି ତାହା କହିବା ବାହୁଲ୍ୟ। ଏବେ ସେ ଚଳଚ୍ଚିତ୍ର ପ୍ରଯୋଜନା କ୍ଷେତ୍ରରେ ପାଦ ଦେଇଛନ୍ତି। ତାଙ୍କ ପ୍ରଯୋଜିତ ତଥା ନିରଞ୍ଜନ ବେହେରାଙ୍କ ନିର୍ଦ୍ଦେଶିତ 'ଫ୍ଲପ୍ ସିନେମା'ର ପୋଷ୍ଟ ପ୍ରଡକ୍ସନ କାମ ଚାଲୁ ରହିଛି। ବର୍ତ୍ତମାନ ସେ ସିରିଜ ସିନେମାର ନିର୍ମାଣ କରିବାକୁ ଯାଉଛନ୍ତି। ଏ ସମ୍ପର୍କରେ ବବି କହନ୍ତି, 'ମୋର ହୋମ ବ୍ୟାନର 'ବବି ମିଶ୍ର ଏଣ୍ଟରଟେନମେଣ୍ଟ'ରେ ଏକାଥରେ ଛଅଟି ସିନେମା ନିର୍ମାଣ କରିବାକୁ ଯୋଜନା କରିଛି। ଖୁବ୍‌ଶୀଘ୍ର ଏକାଥରେ ଦୁଇଟି ସିନେମାର ଶୁଟିଂ ଆରମ୍ଭ ହେବ। ଗୋଟିଏ ସିନେମା 'ଭିଲିଆନ୍'ର ନିର୍ଦ୍ଦେଶନା ଦେବେ ନିରଞ୍ଜନ ବେହେରା ଏବଂ ଅନ୍ୟ ଅନଟାଇଟଲଡ ଫିଲ୍ମର ଏହି ଦାୟିତ୍ୱ ତୁଲାଇବେ ଆଗଧାଡିର ନିର୍ଦ୍ଦେଶକ ଅଶୋକ ପତି। ଅନ୍ୟପକ୍ଷରେ ଅବଶିଷ୍ଟ ସିନେମା ବିଷୟରେ ସବିଶେଷ ତଥ୍ୟ ମୁଁ ଖୁବ୍‌ଶୀଘ୍ର ଘୋଷଣା କରିବି।' ତାଙ୍କ ଦ୍ୱାରା ପ୍ରଯୋଜିତ 'ଫ୍ଲପ ସିନେମା' ଏବଂ ପ୍ରାରମ୍ଭିକ କାମ ଚାଲିଥିବା 'ଭିଲିଆନ୍'ର ସଙ୍ଗୀତ ଦାୟିତ୍ୱ ତୁଲାଇଛନ୍ତି ଅଭିଜିତ ମଜୁମଦାର। ତେବେ ଜଣେ ଅଭିନେତା ଭାବରେ ସିନେପ୍ରେମୀଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ବବି ପ୍ରଯୋଜକ ଭାବରେ ସଫଳତା ହାସଲ କରିବାକୁ ଆଶା ରଖିଛନ୍ତି।

## ବଲିଉଡ୍ ହାଲ୍‌ଚାଲ୍



ଅକ୍ଷୟ କୁମାର

- ନୂଆ ହିନ୍ଦୀ ସିନେମା 'ଭୁତ୍ ପୋଲିସ୍'ରେ ସୈଫ ଅଲ୍ଲୀ ଖାଁଙ୍କ ସହ ଅର୍ଜୁନ କପୁର ଅଭିନୟ କରିବେ। ହରର କମେଡିଭିତ୍ତିକ କାହାଣୀକୁ ଆଧାର କରି ଏହା ନିର୍ମିତ ହେବ। ଫିଲ୍ମଟିର ନିର୍ଦ୍ଦେଶନା ଦେବେ ପୱନ କ୍ରିପାଲିନି।
- ସୁପରହିଟ୍ ମାଲାୟାଲମ ଫିଲ୍ମ 'ଆଞ୍ଜାମ ପଥିରା'ର ହିନ୍ଦୀ ରିମେକ ହେବାକୁ ଯାଉଛି। ରିଲାଏନ୍ସ ଏଣ୍ଟରପ୍ରାଇଜେସ ଏବଂ ଆସୀକ ଉସମାନ ପ୍ରଡକ୍ସନ ବ୍ୟାନରରେ ଏହାର ପ୍ରସ୍ତୁତ ହେବାକୁ ଯାଉଛି। ଜଣେ ସିରିଏଲ୍ କିଲର୍‌ର ଜୀବନୀକୁ ନେଇ ଏହା ନିର୍ମିତ ହେବ।
- ରଣବୀର ସିଂ–ସାରା ଅଲ୍ଲୀ ଖାଁ ଅଭିନୀତ 'ସିମ୍ବା' ଏବଂ ହ୍ରିତିକ ରୋଶନଙ୍କ 'ସୁପର ଥାର୍ଟି' ପୁଣି ଥରେ ଆମେରିକାରେ ରିଲିଜ ହେବାକୁ ଯାଉଛି।
- ହିନ୍ଦୀ ସିନେମା 'ଡଲି କିଟ୍ଟି ଔର ଚମକ୍‌ତେ ସିତାରେଁ' ଚଳିତ ମାସରେ ଓଟିଟି ଫର୍ମାଟରେ ରିଲିଜ ହେବ। ଭୂମି ପେଡେନକର ଏବଂ କୋଙ୍କଣ ସେନଶର୍ମା ଏଥିରେ ଅଭିନୟ କରିଛନ୍ତି। ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ଅଲଙ୍କ୍ରିତା ଶ୍ରୀବାସ୍ତବ।
- ଅକ୍ଷୟ କୁମାରଙ୍କ 'ବେଲ୍ ବଟମ୍'ର ଶୁଟିଂ ସ୍କଟଲ୍ୟାଣ୍ଡରେ ଚାଲିଛି। ଏଥିରେ ଲାରା ଦତ୍ତା ଏବଂ ହୁମ୍ମା କ୍ୟୁରେସୀ ମଧ୍ୟ ଅଭିନୟ କରୁଛନ୍ତି।
- ସ୍ୱରା ଭାସ୍କର ନିକଟରେ କେତୋଟି ଭଲ ଅଫର ହାତଛଡା କରିଛନ୍ତି। କାରଣ ଏହି ଫିଲ୍ମର କାହାଣୀ ତାଙ୍କୁ ପ୍ରଭାବିତ କରିପାରି ନ ଥିଲା। ଏଣିକି କାହାଣୀ ଅନୁଯାୟୀ ଆବଶ୍ୟକତା ନ ଥିଲେ ସେ ବୋଲ୍ଡ ଶଟ୍ ଦେବେ ନାହିଁ ବୋଲି କହି ବୁଲୁଛନ୍ତି।

## ଅପେକ୍ଷାର ଫଳ ମିଠା

ସତରେ ଅପେକ୍ଷାର ଫଳ ମିଠା। ହେଲେ ସେଥିପାଇଁ ଧୈର୍ଯ୍ୟର ଆବଶ୍ୟକତା ରହିଛି। ନିକଟରେ ଜ୍ୟାକଲିନ୍ ଫର୍ନାଣ୍ଡିସ୍ ଯାହା ଚାହୁଁଥିଲେ ତାହା ତାଙ୍କୁ ମିଳିଯାଇଛି। ଅର୍ଥାତ୍, ସେ ଏକ ଚାଲେଞ୍ଜିଂ ଭୂମିକାରେ ଦର୍ଶକଙ୍କ ସାମନାକୁ ଆସିବାକୁ ଚାହୁଁଥିଲେ, ଆଉ ତାଙ୍କୁ ଏପରି ଏକ ରୋଲ୍ ମିଳିଯାଇଛି। ଏ ନେଇ ଜ୍ୟାକଲିନ୍ କହନ୍ତି, 'ନିକଟରେ ମୁଁ ଦୁଇଟି ହିନ୍ଦୀ ସିନେମା ସାଇନ୍ କରିଛି, ହେଲେ ଏହି ଫିଲ୍ମଦ୍ୱୟର ଟାଇଟଲ ଫାଇନାଲ ହୋଇନାହିଁ। ଏଗୁଡିକର ପ୍ରାରମ୍ଭିକ କାମ ଚାଲୁ ରହିଛି। ହେଲେ ଏଥିରେ ମୋତେ ମିଳିଥିବା ଭୂମିକାଦ୍ୱୟ ମୋ କ୍ୟାରିୟର ପାଇଁ ଶୁଭପ୍ରଦ ସାବ୍ୟସ୍ତ ହେବ। ମୋ କ୍ୟାରିୟର ପାଇଁ ମୁଁ ବେଶ୍ ସଚେତନ। ବଲିଉଡ୍‌ରେ ତରବର ହୋଇ ଆଗେଇଲେ କିଛି ଲାଭ ନାହିଁ। କୌଣସି ଫିଲ୍ମ ସାଇନ୍ କରିବା ପୂର୍ବରୁ ସେ ନେଇ ଭଲ ଭାବରେ ଚିନ୍ତା କରିବି।' ତେବେ ନିକଟରେ ଜ୍ୟାକଲିନ୍ ସାଇନ୍ କରିଥିବା ଫିଲ୍ମଦ୍ୱୟ ତାଙ୍କ ଆକ୍ଟିଂ କ୍ୟାରିୟରକୁ କେତେ ମାଇଲେଜ ଦେଉଛି ତାହା ଦେଖିବାକୁ ବାକି ରହିଲା।

## ଖୋଜୁଛନ୍ତି ରମେଶ



ଓଲିଉଡ୍‌ର ଅନ୍ୟତମ ଆଗଧାଡିର ଯୁବ ପ୍ରଯୋଜକ ରମେଶ ବାରିକ। ନିକଟରେ ତାଙ୍କ ପ୍ରଯୋଜନାରେ ନିର୍ମିତ ହେବାକୁ ଯାଉଥିବା ନୂଆ ଓଡ଼ିଆ ସିନେମା 'ମହାବାହୁ'ର ମହୁରତ ଅନୁଷ୍ଠିତ ହୋଇଯାଇଛି। ଅନ୍ୟପକ୍ଷରେ ଦୁଇ ବର୍ଷ ଗ୍ୟାପ୍ ପରେ ଅଭିନେତାରୁ ନେତା ସାଜିଥିବା ଆକାଶଦାସ ନାୟକ ଏହି ଫିଲ୍ମର ମୁଖ୍ୟ ଭୂମିକାରେ ଅଭିନୟ କରିବେ ଏବଂ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ପ୍ରକୃତି ମିଶ୍ର। ଖାସ୍ କଥା ହେଲା, ଏଥିରେ ଆଉ ଜଣେ ନାୟିକାଙ୍କୁ ଦେଖିବାକୁ ମିଳିବ। ହେଲେ ସେ ନେଇ ଶେଷ ନିଷ୍ପତ୍ତିରେ ପହଞ୍ଚିପାରି ନାହାନ୍ତି ରମେଶ। ଏ ସମ୍ପର୍କରେ ସେ କହନ୍ତି, 'ଏହି ଫିଲ୍ମର କାହାଣୀ ଭିନ୍ନ ଧରଣର। କାରଣ ପୂର୍ବରୁ ମୁଁ ଯେଉଁ ସିନେମାଗୁଡିକୁ ନିର୍ମାଣ କରିଛି ତାହାର କାହାଣୀରେ ଡିଫରେଣ୍ଟ ଚାର୍ମ ରହିଛି। 'ମହାବାହୁ' ସିନେମାରେ କିଏ ଆଉ ଜଣେ ନାୟିକା ଭୂମିକାରେ ଅବତୀର୍ଣ୍ଣ ହେବ ସେ ନେଇ ମୁଁ ମୋର ନାୟିକା ମିଶନ ଜାରି ରଖିଛି। ମନଲାଖି ନାୟିକାଟିଏ ମିଳିଗଲେ ସେ ନେଇ ମୁଁ ସମସ୍ତଙ୍କୁ ଜଣାଇ ଦେବି।' ଏହି ଫିଲ୍ମର ନିର୍ଦ୍ଦେଶନା ଦେବେ ଶ୍ରୀତମ ଦାସ ଏବଂ ସଙ୍ଗୀତ ଦାୟିତ୍ୱ ତୁଲାଇବେ ପ୍ରେମ ଆନନ୍ଦ।

## ସମାଜସେବାରେ ମନ



ଆହାନା

'ଭୈରବ' ସିନେମାରୁ ଆହାନାଙ୍କର ବଡ ପରଦା କ୍ୟାରିୟର ଆରମ୍ଭ ହୋଇଥିଲା। ଏବେ ସେ ସମାଜସେବା କ୍ଷେତ୍ରରେ ପାଦ ରଖିଛନ୍ତି। ନିକଟରେ ଲଘୁଚାପଜନିତ ବର୍ଷା ପାଇଁ ଯାଜପୁର ସମେତ ଆମ ରାଜ୍ୟର କେତେକ ଜିଲା ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି। ଏହି ସମୟରେ ଯାଜପୁରର ଜେନାପୁର ଅନ୍ତର୍ଗତ ବନ୍ୟାବିପନ୍ନଙ୍କୁ ସହାୟତାର ହାତ ବଢ଼ାଇଥିଲେ। 'ଏବେ ତ ଆମ ରାଜ୍ୟର କେତେକ ଅଞ୍ଚଳରେ ବନ୍ୟା ଦେଖାଦେଇଛି। ଏହି ସମୟରେ ମୁଁ ମୋ ଟିମ୍ ସହ ଯାଜପୁର ଜିଲା ଜେନାପୁର ଏରିଆରେ ପହଞ୍ଚି ବନ୍ୟାବିପନ୍ନ ଲୋକମାନଙ୍କୁ ମୋ ତରଫରୁ ଖାଦ୍ୟ ବାଣ୍ଟିଥିଲି। ଖୁବ୍‌ଶୀଘ୍ର ପୁଣି ଥରେ ସେମାନଙ୍କ ନିକଟରେ ପହଞ୍ଚି ସେମାନଙ୍କୁ ସାହାଯ୍ୟ କରିବାକୁ ଯୋଜନା କରିଛି। ଏହାବ୍ୟତୀତ ମୁଁ ନାରୀ ସୁରକ୍ଷା କାର୍ଯ୍ୟକ୍ରମ ସହ ନିଜକୁ ଜଡିତ ରଖିଛି। ଏହାବ୍ୟତୀତ କିଛିବର୍ଷ ହେଲା ଭିନ୍ନକ୍ଷମ ପିଲାଙ୍କୁ ସାହାଯ୍ୟ କରିଆସୁଛି ବୋଲି କହନ୍ତି ଆହାନା।'

## ଅତୀତରୁ..

- 'ଏଇ ଝିଅଟିର ପାଦ ଟଳମଳ ଗୋଡ଼ ଖସିଯିବ ବାଟରେ' ଏବଂ 'ପତି ପାଦେ ମିଳେ ପୁଣ୍ୟରେ ସକଳ ତୀର୍ଥ ଧାମ' ଗୀତ ଦୁଇଟି ସେ ସମୟରେ ବେଶ୍ ହିଟ୍ ହୋଇଥିଲା। ଏହି ଗୀତଦ୍ୱୟ ଦୃଶ୍ୟାୟିତ ହୋଇଥିଲା ଓଡ଼ିଆ ଚଳଚ୍ଚିତ୍ର 'ସତୀ ଅନସୂୟା'ରେ। ଏହାର ଗୀତଗୁଡ଼ିକର ସ୍ୱର ଦେଇଥିଲେ ବିଶିଷ୍ଟ ସ୍ୱର ସଂଯୋଜକ ପ୍ରଫୁଲ୍ଲ କର। ଏ. ସଞ୍ଜୀବ ରାଓଙ୍କ ନିର୍ଦ୍ଦେଶନାରେ ଚିତ୍ରର ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ଚକ୍ରପାଣି, ରୋଜାରମଣି, ମହାଶ୍ୱେତା ଏବଂ ନରେନ୍ଦ୍ର ମିଶ୍ର ପ୍ରମୁଖ କଳାକାର।
- ସୁଜାତା ଆର୍ଟସ ପିକ୍ଚର୍ସ ବ୍ରହ୍ମପୁର ବ୍ୟାନରରେ ନିର୍ମିତ ହୋଇଥିଲା ଓଡ଼ିଆ ଚଳଚ୍ଚିତ୍ର 'ଶଙ୍ଖ ମହୁରି'। ଏହାର ପ୍ରଯୋଜକ ଥିଲେ ମନମୋହନ ଦାସ ଏବଂ ମିଳିତ ଭାବରେ ନିର୍ଦ୍ଦେଶନା ଦେଇଥିଲେ ଅକ୍ଷୟ ମହାନ୍ତି (କାଶ୍ୟପ) ଏବଂ ଆର.ଜି. ଗୋପ। ସଙ୍ଗୀତ ନିର୍ଦ୍ଦେଶକ ସାଜିଥିଲେ ବାଳକୃଷ୍ଣ ଦାଶ। ଅଜିତ ଦାସ, ମହାଶ୍ୱେତା, ଅନୀତା ଦାସ ଏବଂ ନରିଙ୍କୁ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିଥିଲା।
- ୧୯୭୬ରେ ପରଦା ଉପରକୁ ଆସିଥିଲା ପୌରାଣିକ କାହାଣୀକୁ ଆଧାର କରି ନିର୍ମିତ ଓଡ଼ିଆ ଚଳଚ୍ଚିତ୍ର 'କୃଷ୍ଣ ସୁଦାମା'। ନ୍ୟୁଲାଇଫ ପ୍ରଡକ୍ସନ, କଟକ ବ୍ୟାନରରେ ପ୍ରସ୍ତୁତ ଏହି ଚିତ୍ରଟିର ପ୍ରଯୋଜନା କରିବା ସହ ନାୟକ ସାଜିଥିଲେ ଗୋବିନ୍ଦ ତେଜ୍। ନିତାଇ ପାଲିତ ନିର୍ଦ୍ଦେଶନା ଦେଇଥିବା ବେଳେ ଗୀତଗୁଡିକୁ ସ୍ୱର ଦେଇଥିଲେ ଶ୍ରୀ କୁମାର।



ଅନନ୍ୟା

## ରକୁଲ୍‌ଙ୍କ ଖୁସି



ରକୁଲ୍ ପ୍ରୀତ୍ ସିଂଙ୍କ ଖୁସି କହିଲେ ନ ସରେ। କାରଣ ସେ ଯାହା ଆଶା କରୁଥିଲେ ତାହା ପୂରଣ ହୋଇଛି। କଥା କ'ଣ ଅଜୟ ଦେବଗନଙ୍କ ସହ ସେ 'ଦେ ଦେ ପ୍ୟାର୍ ଦେ'ରେ ଅଭିନୟ କରିଥିଲେ। ଏବେ ସେ ପୁଣି ଥରେ ତାଙ୍କ ସହ ସ୍କ୍ରିନ ଶେୟାର କରିବାକୁ ଯାଉଛନ୍ତି। ପ୍ରଯୋଜକ ଇନ୍ଦ୍ର କୁମାରଙ୍କ ଆଗାମୀ ଅନଟାଇଟଲଡ୍ ଫିଲ୍ମର ନାୟିକା ଭୂମିକା ପାଇଁ ତାଙ୍କୁ ସାଇନ୍ କରାଯାଇଛି। ଫିଲ୍ମଟି କମେଡି କାହାଣୀକୁ ଆଧାର କରି ନିର୍ମିତ ହେବାକୁ ଯାଉଛି। ରକୁଲ ୨୦୧୪ରେ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ ଆଉ ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ୟାରିୟାଁ'। ବର୍ତ୍ତମାନ ସେ ଏକ ଅନଟାଇଟଲଡ୍ ଫିଲ୍ମରେ ଅଭିନୟ କରୁଛନ୍ତି। କରୋନା ନିୟମାବଳୀ ଅନୁସରଣ କରି ଫିଲ୍ମ ଶୁଟିଂ ପାଇଁ ଅନୁମତି ମିଳିବା ପରେ ଏହାର ଶୁଟିଂ ଗୋରେଗାଓସ୍ଥିତ ଫିଲ୍ମସିଟିରେ ଚାଲୁ ରହିଛି। ଏଥିରେ ରକୁଲ୍‌ଙ୍କ ନାୟକ ସାଜିଛନ୍ତି ଅର୍ଜୁନ କପୁର।

## ଆଇଟମ୍‌କୁ ନା

ନବାଗତା ଅନନ୍ୟା ପାଣ୍ଡେ। ଚଙ୍କି ପାଣ୍ଡେଙ୍କ ଏହି କନ୍ୟା 'ଷ୍ଟୁଡେଣ୍ଟ ଅଫ ଦ ଇୟର–୨'ରୁ ନିଜର ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ। କେବଳ ସେତିକି ନୁହେଁ, ଏହି ଫିଲ୍ମ ପାଇଁ ସେ ଶ୍ରେଷ୍ଠ ନବାଗତା ନାୟିକା ଭାବରେ ଫିଲ୍ମ ଫେୟାର ପୁରସ୍କାର ହାସଲ କରିଥିଲେ। ହେଲେ ନିକଟରେ ସେ ଏକ ଦୃଢ଼ ନିଷ୍ପତ୍ତି ନେଇଛନ୍ତି। ସେ କୁଆଡେ ଆଇଟମ୍ ନମ୍ବରରେ ନାଚିବେ ନାହିଁ। ଏ ସମ୍ପର୍କରେ ଅନନ୍ୟା କହନ୍ତି, 'ମୋ କ୍ୟାରିୟରରେ ମୁଁ କଦାପି ଆଇଟମ ନମ୍ବରରେ ନାଚିବି ନାହିଁ। ନିକଟରେ ଏଥିପାଇଁ ମୁଁ କେତୋଟି ଅଫର ହାତଛଡା କରିଛି। ଏ ନେଇ ମୋର ଟିକେ ହେଲେ ଅନୁଶୋଚନା ନାହିଁ। ଆଲୋଚନା ହେଉଛି ଯେ ମୁଁ କୁଆଡେ ନିଜର ରେମ୍ୟୁନିରେଶନ ବଢ଼ାଇ ଦେଇଛି। ହେଲେ ଏପରି ଆଲୋଚନା ପଛରେ ଆଦୌ ସତ୍ୟତା ନାହିଁ।' ଦେଖାଯାଉ, ନିଜ କଥାରେ ଅନନ୍ୟା କେତେ ଦୃଢ଼ ରହୁଛନ୍ତି।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/18-20. ଗୁରୁବାର, ସେପ୍ଟେମ୍ବର ୩/୨୦୨୦ Thursday, September 3/2020


## ସଂକ୍ଷେପରେ

### ମେସିଙ୍କ ଭବିଷ୍ୟତ ସମ୍ପର୍କରେ ବିଚାର ପାଇଁ ବାର୍ସିଲୋନାରେ ପହଞ୍ଚିଲେ ପିତା

**ବାର୍ସିଲୋନା,୨।୯(ଏପି):** ଆର୍ଜେଣ୍ଟିନା ଫୁଟବଲ ସୁପରଷ୍ଟାର ଲିଓନେଲ ମେସିଙ୍କ ପିତା ଜର୍ଜ ଆର୍ଜେଣ୍ଟିନାରୁ ସିଧା ବାର୍ସିଲୋନାରେ ପହଞ୍ଚିଛନ୍ତି। ମେସିଙ୍କ ଭବିଷ୍ୟତ ସଂକ୍ରାନ୍ତରେ ଆଲୋଚନା କରିବାକୁ ସେ ବାର୍ସିଲୋନା କ୍ଲବର ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିବେ। ଜର୍ଜ ମଧ ମେସିଙ୍କ ଏଜେଣ୍ଟ ଭାବେ କାର୍ଯ୍ୟକରନ୍ତି। ସେ କ୍ଲବ୍ ଅଧକ୍ଷ ଜୋସେଫ ବାର୍ଟୋମିୟୁ ଓ ଅନ୍ୟ ଅଧିକାରୀଙ୍କ ସହ ଭେଟି ଆଲୋଚନା କରିବେ ବୋଲି ଆଶା କରାଯାଉଛି। ତେବେ ଏହି ବୈଠକ କେବେ ବସିବ ସେ ନେଇ କିଛି ସ୍ପଷ୍ଟ ହୋଇନାହିଁ। ଏ ସଂକ୍ରାନ୍ତରେ କିଛି ଜାଣି ନାହିଁ ବୋଲି ଜର୍ଜ କହିଛନ୍ତି। ଗତ ସପ୍ତାହରେ ମେସି କ୍ଲବ୍ ଛାଡିବାକୁ ବାର୍ସିଲୋନାକୁ କହିଥିଲେ। ଫଳରେ ବିବାଦ ସୃଷ୍ଟି ହୋଇଥିଲା। ମେସିଙ୍କ ଚୁକ୍ତି ୨୦୨୧ ଜୁନ୍ ପର୍ଯ୍ୟନ୍ତ ବଳବତ୍ତର ରହିଛି। ଯଦି ମେସି ବାର୍ସିଲୋନା ଛାଡିବାକୁ ଚାହାନ୍ତି ତା'ହେଲେ ୭୦୦ ମିଲିୟନ ୟୁରୋ ଦେବାକୁ କ୍ଲବ ତରଫରୁ କୁହାଯାଇଛି। ୨୦ ବର୍ଷ ତଳେ ମେସି ବାର୍ସିଲୋନାରୁ ହିଁ କ୍ୟାରିୟର ଆରମ୍ଭ କରିଥିଲେ। ଏହି କ୍ଲବ ସହିତ ଜଡିତ ରହି ମେସି ତାଙ୍କ କ୍ୟାରିୟର ଶେଷ କରନ୍ତୁ ବୋଲି ବାର୍ସିଲୋନା ଚାହୁଁଛି। ଏ ନେଇ ମେସିଙ୍କୁ ବୁଝାଇବାକୁ ବାର୍ସିଲୋନ ପ୍ରୟାସ କରିଆସୁଛି ବୋଲି କ୍ଲବ ତରଫରୁ କୁହାଯାଇଛି। ନିଜ ନିଷ୍ପତ୍ତି ସମ୍ପର୍କରେ ଘୋଷଣା କରିବା ପରେ ମେସି କ୍ଲବ ଅଧିକାରୀଙ୍କ ସହ କୌଣସି ଆଲୋଚନା କରିନାହାନ୍ତି। ଅଗଷ୍ଟ ୧୪ରେ ଚାମ୍ପିୟନ୍ସ ଲିଗ୍ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ବାର୍ସିଲୋନା ୮-୨ ଗୋଲରେ ବେୟର୍ନ ମ୍ୟୁନିକ୍‌ଠାରୁ ପରାସ୍ତ ହୋଇଥିଲା। ଏହା ବାର୍ସିଲୋନା ପାଇଁ ସର୍ବବୃହତ୍ ପରାଜୟ ସାବ୍ୟସ୍ତ ହୋଇଥିଲା।

### ଅବଦୁଲ ଜବାରଙ୍କ ପରଲୋକ



**କଟକ ଅଫିସ,୨।୯:** ରାଜ୍ୟର ଖ୍ୟାତନାମା ଫୁଟବଲ ଖେଳାଳି ଅବଦୁଲ ଜବାରଙ୍କର ୮୫ବର୍ଷ ବୟସରେ ପରଲୋକ ଘଟିଛି। ଅବଦୁଲ ରାଜ୍ୟ ଦଳରୁ ପ୍ରତିନିଧିତ୍ୱ କରିବା ସହ ଦେଶର ଏକ ପ୍ରମୁଖ ଫୁଟବଲ କ୍ଲବ ମହମ୍ମଡାନ ସ୍ପୋର୍ଟିଂ ପକ୍ଷରୁ ମଧ ଖେଳିଥିଲେ। ଝାରସୁଗୁଡ଼ା ବ୍ରଜରାଜନଗର ଓରିଏଣ୍ଟ ପେପର ମିଲ୍‌ରେ ସେ ଚାକିରି ଜୀବନ ଅତିବାହିତ କରିଥିଲେ। ଅବଦୁଲ ହେଉଛନ୍ତି ପୂର୍ବତନ ଜାତୀୟ ମହିଳା ଫୁଟବଲ ଦଳର କୋଚ୍ ମହମ୍ମଦ ସହିଦ ଜବାରଙ୍କ ପିତା। ଅବଦୁଲଙ୍କ ମୃତ୍ୟୁ ଖବର ପାଇ ଅନେକ ଫୁଟବଲ ଖେଳାଳି, କ୍ରୀଡ଼ାପ୍ରେମୀ, କ୍ରୀଡ଼ା ସଙ୍ଗଠକ ତାଙ୍କ ଝୋଲାସାହିସ୍ଥିତ ବାସଭବନକୁ ଯାଇ ଶେଷଦର୍ଶନ କରିଥିଲେ। ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ସମ୍ପାଦକ ଆଶୀର୍ବାଦ ବେହେରା ଶୋକବ୍ୟକ୍ତ କରିଛନ୍ତି। ଭୁବନେଶ୍ୱରସ୍ଥିତ ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ପକ୍ଷରୁ ମଧ ଗଭୀର ଶୋକ ପ୍ରକାଶ କରାଯାଇଛି।

### ମାଲିଙ୍ଗାଙ୍କ ସ୍ଥାନରେ ପ୍ୟାଟିନସନ

**ଆବୁ ଧାବି, ୨।୯(ପି.ଟି.):** ଶ୍ରୀଲଙ୍କାର ଲସିଥ ମାଲିଙ୍ଗାଙ୍କ ବଦଳ ଖେଳାଳିଭାବେ ଗତଥର ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ ଦଳରେ ସାମିଲ ହୋଇଛନ୍ତି ଅଷ୍ଟ୍ରେଲିଆନ ସ୍ପିଡ୍‌ଷ୍ଟର ଜେମ୍ସ ପ୍ୟାଟିନସନ। ମୁମ୍ବାଇ ଫ୍ରାଞ୍ଚାଇଜ୍ ପକ୍ଷରୁ ବୁଧବାର ଏହା ଘୋଷଣା କରାଯାଇଛି। ବ୍ୟକ୍ତିଗତ କାରଣ ଦର୍ଶାଇ ମାଲିଙ୍ଗା ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ)ର ଆଗାମୀ ସଂସ୍କରଣରେ ଉପଲବ୍ଧ ହେବେ ନାହିଁ ବୋଲି ପ୍ରକାଶ କରିଛନ୍ତି। ଚଳିତ ସପ୍ତାହ ଶେଷରେ ପ୍ୟାଟିନସନ ଦଳରେ ଯୋଗଦେବେ ବୋଲି ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ପ୍ରକାଶ କରାଯାଇଛି। ବିଗତ ବର୍ଷ ମାନଙ୍କରେ ମୁମ୍ବାଇ ଇଣ୍ଡିଆନ୍ସର ସଫଳତାରେ ମାଲିଙ୍ଗା ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରି ଆସୁଥିଲେ।

# ଗ୍ରାଣ୍ଡସ୍ଲାମ ଟେନିସରେ ନାଗାଲଙ୍କ ଚମକ

**ନ୍ୟୁୟର୍କ, ୨।୯(ପି.ଟି.)**

ଦୀର୍ଘ ୭ ବର୍ଷ ବ୍ୟବଧାନରେ ପ୍ରଥମ ଭାରତୀୟ ଭାବେ ସୁମିତ ନାଗାଲ କୌଣସି ଏକ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ନାମେଣ୍ଟର ପ୍ରଥମ ରାଉଣ୍ଡ ମ୍ୟାଚ ଜିତିଛନ୍ତି। ଏଠାରେ ଚାଲିଥିବା ୟୁଏସ ଓପନ ଗ୍ରାଣ୍ଡସ୍ଲାମ ଟେନିସର ପୁରୁଷ ସିଙ୍ଗଲ୍ସ ପ୍ରଥମ ରାଉଣ୍ଡରେ ସେ ଆମେରିକାର ବ୍ରାଡ୍‌ଲି କ୍ଲାନ୍‌ଙ୍କୁ ପରାସ୍ତ କରିଛନ୍ତି। ଦ୍ୱିତୀୟ ରାଉଣ୍ଡରେ ନାଗାଲ ବିଶ୍ୱର ୩ ନମ୍ବର ଖେଳାଳି ଡୋମିନିକ୍ ଥିମ୍‌ଙ୍କୁ ଭେଟିବେ।

ଗତବର୍ଷ ଫ୍ଲୁସିଙ୍ଗ୍ ମାଡୋସରେ

**ୟୁଏସ୍ ଓପନ**

ରୋଜର ଫେଡରରଙ୍କୁ ଏକ ସେଟ୍‌ରେ ପଛରେ ପକାଇ ଦେଇଥିବା ନାଗାଲ ଚଳିତ ବର୍ଷ ଚମତ୍କାର ପ୍ରଦର୍ଶନ କରି ସ୍ଥାନୀୟ ପ୍ରତିଦ୍ୱନ୍ଦ୍ୱୀ କ୍ଲାନ୍‌ଙ୍କୁ ୬-୧, ୬-୩, ୩-୬, ୬-୧ ସେଟ୍‌ରେ ପରାସ୍ତ କରିଛନ୍ତି। ମଙ୍ଗଳବାର ରାତିରେ ଏହି ମ୍ୟାଚଟି ୨ ଘଣ୍ଟା ୧୨ ମିନିଟ ଧରି ଚାଲିଥିଲା। ପୂର୍ବରୁ ଭାରତର ସୋମଦେବ ଦେବବର୍ମନ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟର ମୁଖ୍ୟ ଡ୍ରରେ ପ୍ରବେଶ କରି ଗୋଟିଏ ରାଉଣ୍ଡ ଜିତିବାକୁ ସକ୍ଷମ ହୋଇଥିଲେ। ୨୦୧୩ରେ ସେ ଏହି ୟୁଏସ ଓପନର ଫାଇନାଲରେ ସ୍ଲୋଭାକିଆର ଲୁକାସ ଲାକୋଙ୍କୁ ଏକ କଡ଼ା ମୁକାବିଲାରେ ପରାସ୍ତ କରିଥିଲେ। "୨୦୧୩ରେ ମୁଁ ଏହି ପ୍ରତିଯୋଗିତାର ଜୁନିୟର ବିଭାଗ ପାଇଁ ଯୋଗ୍ୟତା ଅର୍ଜନ କରିଥିଲି। ଏଥର ସିନିୟର ପାଇଁ ଯୋଗ୍ୟତା ପାଇବା ଏବଂ ପ୍ରଥମ ରାଉଣ୍ଡ ଜିତିବା ମୋ ପାଇଁ ବହୁତ କିଛି। ମୁଁ ଏଠାରେ ଖେଳକୁ ଉପଭୋଗ କରିଥାଏ ଏବଂ ଅନେକଥର ଭାଗ୍ୟ ମୋତେ ସାଥ୍ ଦେଇଛି" ବୋଲି ନାଗାଲ ପ୍ରକାଶ କରିଛନ୍ତି। ୨୦୧୭ ଜାନୁୟାରୀରେ ଅବସର ନେଇଥିବା ସୋମଦେବ ୨୦୧୩ରେ ଅଷ୍ଟ୍ରେଲିଆନ ଓପନ, ଫ୍ରେଞ୍ଚ୍ ଓପନ ଓ ୟୁଏସ ଓପନର ପ୍ରଥମ ରାଉଣ୍ଡ ମ୍ୟାଚ ଜିତିଥିଲେ। ଏହା ବ୍ୟତୀତ ସେ ୨୦୧୧ରେ ୱିମ୍ବଲଡନ ଗ୍ରାଣ୍ଡସ୍ଲାମରେ ମଧ ଦ୍ୱିତୀୟ ରାଉଣ୍ଡ ମ୍ୟାଚ ଖେଳିଥିଲେ। ସୋମଦେବଙ୍କ ପରେ ୟୁକି ଭାମ୍ବ୍ରି, ରାମକୁମାର ରାମନାଥନ ଓ ପ୍ରଜନେଶ ଗୁଣେଶ୍ୱରନଙ୍କ ପରି ଅନେକ ପ୍ରତିଭାବାନ ଖେଳାଳି ଆସିଛନ୍ତି। ମାତ୍ର କେହି ଗ୍ରାଣ୍ଡସ୍ଲାମର ମୁଖ୍ୟ ଡ୍ର'ରେ ପ୍ରବେଶ କରିପାରି ନାହାନ୍ତି। ସାକେଥ ମାୟନେନି ୨୦୧୬ରେ ୟୁଏସ ଓପନ ପ୍ରଥମ ରାଉଣ୍ଡ ଖେଳିଥିଲେ ହେଁ ପ୍ରଥମ ରାଉଣ୍ଡରେ ଚେକ୍ ରିପବ୍ଲିକର ଜିରି ଭେସଲିଙ୍କଠାରୁ ହାରି ଯାଇଥିଲେ।



ପ୍ରଥମ ରାଉଣ୍ଡରେ ଶଟ୍ ଖେଳିବା ଅବସରରେ ସୁମିତ ନାଗାଲ।

# ଟି୨୦ ସିରିଜ ଡ୍ର'

**ମାଞ୍ଚେଷ୍ଟର,୨।୯(ଏପି)**

ଚଳିତ ଇଂଲଣ୍ଡ ଗସ୍ତରେ ପାକିସ୍ତାନ ତା'ର ପ୍ରଥମ ବିଜୟ ହାସଲ କରିଛି। ସ୍ଥାନୀୟ ଓଲ୍ଡ ଟ୍ରାଫୋର୍ଡ ଗ୍ରାଉଣ୍ଡରେ ମଙ୍ଗଳବାର ଅନୁଷ୍ଠିତ ତୃତୀୟ ତଥା ଅନ୍ତିମ ଟି୨୦ ମ୍ୟାଚ୍‌ରେ ପାକିସ୍ତାନ ୫ ରନରେ ଘରୋଇ ଇଂଲଣ୍ଡକୁ ପରାସ୍ତ କରିଛି। ଫଳରେ ୩ ମ୍ୟାଚ୍‌ବିଶିଷ୍ଟ ଏହି ସିରିଜ ୧-୧ରେ ଅମୀମାଂସିତ ରହିଛି। ଟସ୍ ଜିତି ଇଂଲଣ୍ଡ ପାକିସ୍ତାନକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ପାକିସ୍ତାନ ପ୍ରଥମେ ବ୍ୟାଟିଂ କରି ଅଭିଜ୍ଞ ମହମ୍ମଦ ହାଫିଜ୍ ଓ ପଦାର୍ପଣ କରିଥିବା ହାଇଦର ଅଲୀ ଦମ୍‌ଦାର ପ୍ରଦର୍ଶନ ବଳରେ ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ହରାଇ ୧୯୦ ରନ ସଂଗ୍ରହ କରିଥିଲା। ଜବାବରେ ଇଂଲଣ୍ଡ ୮ ଉଇକେଟ ହରାଇ ୧୮୫ ରନରେ ସୀମିତ ରହି ବିଜୟଠାରୁ ୬ ରନ ଦୂରରେ ରହିଯାଇଥିଲା। ୫୨ ବଲରୁ ୪ ଚୌକା ଓ ୬ ଛକା ବଳରେ ଦ୍ରୁତ ଅପରାଜିତ ୮୬ ରନ କରିଥିବା ହାଫିଜ୍ ପ୍ଲେୟର ଅଫ୍ ଦି ମ୍ୟାଚ ଓ ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ।

୧୯୧ରନ ଟାର୍ଗେଟର ପିଛା କରି ଇଂଲଣ୍ଡ ନିୟମିତ ବ୍ୟବଧାନରେ ଉଇକେଟ ହରାଇ ଚାପର ବଶବର୍ତ୍ତୀ ହୋଇଥିଲା। ଓପନର ଟମ୍ ବାଣ୍ଟନ ୪୬, ମୋଇନ ଅଲୀ ୬୧, ସାମ ବିଲିଙ୍ଗ୍ସ ୨୬, ଅଧିନାୟକ ଇଅନ ମୋର୍ଗାନ ୧୦, ଲୁଇସ୍ ଗ୍ରେଗୋରୀ ୧୨ ରନ ସଂଗ୍ରହ କରି ଆଉଟ ହୋଇଥିଲେ। ବୋଲିଂରେ ପାକିସ୍ତାନ ତରଫରୁ ଶାହିନ ଶାହ ଆଫ୍ରିଦି ଓ ୱାହାବ ରିୟାଜ ୨ଟି ଲେଖାଏ, ଇମାଦ ୱାସିମ ଓ ହାରିସ ରୌଫ ଗୋଟିଏ କରି ଉଇକେଟ ହାସଲ କରିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ତରଫରୁ ଓପନର ତଥା ବାବର ଆଜମ ୨୧ ରନ କରି ଆଉଟ ହୋଇଥିଲେ। ପ୍ରଥମେ ଫଖର ଜମାନ ୧ ରନ କରି ଆଉଟ ହୋଇଥିଲେ ଓ ପାକିସ୍ତାନ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ୧୯ ବର୍ଷୀୟ ନବାଗତ ହାଇଦର ଅଲୀ ୩୩ ବଲରୁ ୫ ଚୌକା ଓ ୨ ଛକା

**ତୃତୀୟ ଟି୨୦ରେ ପାକିସ୍ତାନ ୫ ରନ୍‌ରେ ବିଜୟୀ**

ସହ ୫୪ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ସେହିପରି ଅଭିଜ୍ଞତାରୁ ଫାଇଦା ଉଠାଇ ହାଫିଜ୍ ୮୬ ରନର ଉପଯୋଗୀ ପାଳି ଖେଳି ଅପରାଜିତ ରହିବା ସହ ପାକସ୍ତାନକୁ ଚ୍ୟାଲେଞ୍ଜିଂ ସ୍କୋର ପ୍ରଦାନ କରିଥିଲେ। ତୃତୀୟ ଉଇକେଟରେ ହାଫିଜ୍ ଓ ହାଇଦର ୬୧ ବଲରୁ ୧୦୦ ରନ ସଂଗ୍ରହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଦାବ ଖାନ ୧୫ ରନ କରି ଆଉଟ ହୋଇଥିବା ବେଳେ ଇମାଦ ୱାସିମ ୬ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଇଂଲଣ୍ଡ ତରଫରୁ କ୍ରିସ୍ ଜୋର୍ଡାନ ୨, ମୋଇନ ଅଲି ଓ ଟମ୍ କୁରାନ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ। ପ୍ରଥମ ଟି୨୦ରେ ବର୍ଷା କାରଣରୁ ଫଳାଫଳ ମିଳି ନ ଥିଲା। ତେବେ ଦ୍ୱିତୀୟ ଟି୨୦ରେ ଇଂଲଣ୍ଡ ୫ ଉଇକେଟରେ ବିଜୟ ହାସଲ କରିଥିଲା।

# ଓଡ଼ିଶା ଏଫସିରେ ମାର୍ସେଲିନୋ

**ଭୁବନେଶ୍ୱର, ୨।୯(କ୍ରୀଡ଼ା ପ୍ରତିନିଧି)**

ଅଭିଜ୍ଞ ବ୍ରାଜିଲିଆନ ଫରୱାର୍ଡ ମାର୍ସେଲିନୋ (ମାର୍ସେଲୋ ଲେଇଟେ ପେରେରା)ଙ୍କ ସହିତ ଚୁକ୍ତି କରିଛି ଓଡ଼ିଶା ଏଫସି। ତେଣୁ ଏହି ତାରକା ଖେଳାଳି ଆଗାମୀ ଇଣ୍ଡିଆନ ସୁପରଲିଗ୍ (ଆଇଏସଏଲ) ସିଜନରେ ଭୁବନେଶ୍ୱର ଭିତ୍ତିକ ଫ୍ରାଞ୍ଚାଇଜ୍ ପକ୍ଷରୁ ପ୍ରତିନିଧିତ୍ୱ କରିବା ସ୍ପଷ୍ଟ ହୋଇଛି। ବୁଧବାର ମାର୍ସେଲିନୋଙ୍କ ସହ ଏକ ବର୍ଷିଆ ଚୁକ୍ତି କରିଛି ଓଡ଼ିଶା ଏଫସି।

ଜଣେ ଷ୍ଟ୍ରାଇକର, ୱିଙ୍ଗର ଏବଂ ଆକ୍ରମଣାତ୍ମକ ମିଡ୍‌ଫିଲ୍ଡରଭାବେ ପରିଚିତ ମାର୍ସେଲିନୋ ପୂର୍ବରୁ ଆଇଏସଏଲ ସହିତ ଅନେକ ନାମୀ ଲିଗ୍‌ରେ ଖେଳିବାର ଅଭିଜ୍ଞତା ରଖିଛନ୍ତି। ୨୦୧୬ ସିଜନରେ ସେ ଦିଲ୍ଲୀ ଡାଇନାମସ ପକ୍ଷରୁ ଖେଳି ୧୫ ମ୍ୟାଚରୁ ୧୦ ଗୋଲ ଦେଇ ଗୋଲ୍ଡେନ ବୁଟ୍ ବିଜେତା ହୋଇଥିଲେ। ତାଙ୍କ ଆକର୍ଷଣୀୟ ପ୍ରଦର୍ଶନ ବଳରେ ଡାଇନାମସ ଦଳ ପ୍ଲେ-ଅଫ୍ ଖେଳିଥିଲା। ଏହାପରେ ସେ ଏଫସି ପୁଣେ ସିଟି ଏବଂ ହାଇଦ୍ରାବାଦ ଏଫସି ପକ୍ଷରୁ କ୍ରମାଗତ ୩ ସିଜନ ଖେଳିଥିଲେ। ଏପର୍ଯ୍ୟନ୍ତ ସେ ଆଇଏସଏଲରେ ୬୩ଟି ମ୍ୟାଚ ଖେଳି ୩୧ଟି ଗୋଲ ଦେଇଥିବାବେଳେ ୧୮ ଗୋଲ ଦେବାରେ ସାହାଯ୍ୟ କରିଛନ୍ତି। ଆଟଲେଟିକୋ ମାଡ୍ରିଡ୍ 'ବି' ପକ୍ଷରୁ ଖେଳି ପେସାଦାର କ୍ୟାରିୟର ଆରମ୍ଭ କରିଥିବା ଏହି ରିଓ ଡି ଜେନିରୋ ଜନ୍ମିତ ପ୍ଲେମେକର ଆମେରିକା, ଗ୍ରୀସ୍, ସ୍ପେନ, ଇଟାଲୀ ଓ ବ୍ରାଜିଲର ଏକାଧିକ ଦଳ ପକ୍ଷରୁ କ୍ଲବ ଫୁଟବଲ ଖେଳିଛନ୍ତି।

ମାର୍ସେଲିନୋଙ୍କୁ କ୍ଲବକୁ ସ୍ୱାଗତ କରିଛନ୍ତି ଓଡ଼ିଶା ଏଫସି ସଭାପତି ରୋହନ ଶର୍ମା। "ଜୀବନ ସତରେ ଅଦ୍ଭୁତ ଓ ସୁନ୍ଦର। ଦୀର୍ଘଦିନ ପରେ ମାର୍ସେଲିନୋ ଆମ ନିକଟକୁ ଫେରିଆସିବା ଖୁସିର କଥା। ଏବେ ସେ ଆଇଏସଏଲ୍‌ର ତୃତୀୟ ସର୍ବାଧିକ ଗୋଲ ସ୍କୋରର। ଆଗାମୀ ସିଜନରେ ତାଙ୍କ ନିକଟରୁ ଆଉ କିଛି ଚମତ୍କାରିତା ଦେଖିବାକୁ ମିଳିବା ଆଶା ରହିଛି। ଆଗାମୀ ସିଜନ ପାଇଁ ତାଙ୍କର ଅନେକ ଯୋଜନା ଅଛି। ଆମେ ଏଥର ଓଡ଼ିଶାକୁ ଟ୍ରଫି ଆଣିବାକୁ ଚାହୁଁଛୁ" ବୋଲି ରୋହନ ପ୍ରକାଶ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଦିଲ୍ଲୀ ଡାଇନାମସ ଦଳ ଭୁବନେଶ୍ୱର ଭିତ୍ତିକ ଫ୍ରାଞ୍ଚାଇଜ୍ ହେବାପରେ ଓଡ଼ିଶା ଏଫସିରେ ପରିଣତ ହୋଇଛି। ମୁଖ୍ୟ କୋଚ୍ ଷ୍ଟୁଆର୍ଟ ବକ୍ସଟର କହିଛନ୍ତି ଯେ, ଭାରତୀୟ ଫୁଟବଲରେ ଖେଳିବାର ଅଭିଜ୍ଞତା ରଖିଥିବାରୁ ମାର୍ସେଲିନୋଙ୍କ ଉପସ୍ଥିତି ଆମପାଇଁ ଉପାଦେୟ ହେବ।



ମାର୍ସେଲିନୋ


# ଉବର କପ୍‌ରୁ ଓହରିଲେ ସିନ୍ଧୁ

**ନୂଆଦିଲ୍ଲୀ,୨।୯(ପି.ଟି.):** ବିଶ୍ୱ ଚାମ୍ପିୟନ ତଥା ଅଲିମ୍ପିକ୍ସ ରୌପ୍ୟପଦକ ବିଜୟିନୀ ପି.ଭି. ସିନ୍ଧୁ ଆସନ୍ତାମାସରେ ଆୟୋଜନ ହେବାକୁ ଥିବା ଉବର କପ୍ ଫାଇନାଲ୍ସରୁ ଓହରିଯାଇଛନ୍ତି। ବ୍ୟକ୍ତିଗତ କାରଣରୁ ଏହି ଗୁରୁତ୍ୱପୂର୍ଣ୍ଣ ଟୁର୍ନାମେଣ୍ଟରୁ ସେ ଓହରିଯାଇଛନ୍ତି। ସେ ମଧ ଡେନ୍‌ମାର୍କରେ ଖେଳାଯିବାକୁ ଥିବା ଆଗମୀ ସୁପର ୭୫୦ ନ ଖେଳିବା ସମ୍ଭାବନା ସୃଷ୍ଟି ହୋଇଛି। ଡେନ୍‌ମାର୍କର ଅରହୁସ୍‌ରେ ଅକ୍ଟୋବର ୩ରୁ ୧୧ ତାରିଖ ମଧ୍ୟରେ ଥାମାସ ଓ ଉବର କପ୍ ଫାଇନାଲ୍ସ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି। ପରିବର୍ତ୍ତିତ କ୍ୟାଲେଣ୍ଡରରେ ପ୍ରଥମଥର ପାଇଁ ଡେନ୍‌ମାର୍କରେ ଏହି ହାଇପ୍ରୋଫାଇଲ ଟୁର୍ନାମେଣ୍ଟ ଖେଳାଯିବ। ଥୋମାସ ଓ ଉବର କପ୍ ଫାଇନାଲ୍ସରେ ସିନ୍ଧୁ ଅଂଶଗ୍ରହଣ କରିବେ ନାହିଁ ବୋଲି ତାଙ୍କ ପିତା ପି.ଭି. ରମନ୍ନା କହିଛନ୍ତି। ତାଙ୍କର କିଛି ବ୍ୟକ୍ତିଗତ କାର୍ଯ୍ୟ ରହିଛି। ତେଣୁ ଦୁର୍ଭାଗ୍ୟଜନକ ଭାବେ ସେ ଏହି ଟୁର୍ନାମେଣ୍ଟରେ ଯୋଗ ଦେଇପାରିବେ ନାହିଁ ବୋଲି ରମନ୍ନା କହିଛନ୍ତି। ବ୍ୟାଡମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆ (ବିଏଆଇ)କୁ ଏ ନେଇ ସୂଚନା ଦେଇଛୁ ବୋଲି ସେ କହିଛନ୍ତି। ଥୋମାସ ଓ ଉବର କପ୍ ଫାଇନାଲ୍ସ ପରେ ଡେନ୍‌ମାର୍କ ଓପନ ୧ ଅକ୍ଟୋବର ୧୩ରୁ ୧୮ ତାରିଖ ମଧ୍ୟରେ ଆୟୋଜନ ହେବ। ସେହିପରି ଡେନମାର୍କ ମାଷ୍ଟର୍ସ ଏହି ମାସ ୨୦ରୁ ୨୫ ତାରିଖ ମଧ୍ୟରେ ଆୟୋଜନ ହେବ।

# ସେରେନା ଜିତିଲେ, ଭେନସ ହାରିଲେ

**ନ୍ୟୁୟର୍କ, ୨।୯(ଏପି)**

ଚଳିତ ୟୁଏସ ଓପନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସର ପ୍ରଥମ ରାଉଣ୍ଡରେ ସେରେନା ୱିଲିୟମ୍ସ ବିଜୟୀ ହୋଇଥିବାବେଳେ ତାଙ୍କ ବଡ଼ ଭଉଣୀ ଭେନସ ପରାଜିତ ହୋଇଛନ୍ତି। ଚଳିତ ମାସରେ ୩୯ ବର୍ଷରେ ପଦାର୍ପଣ କରିବାକୁ ଯାଉଥିବା ସେରେନା ପ୍ରଥମ ରାଉଣ୍ଡରେ କ୍ରିଷ୍ଟି ଆହନ୍‌ଙ୍କୁ ୭-୫, ୬-୩ ସେଟ୍‌ରେ ପରାସ୍ତ କରିଛନ୍ତି। ୟୁଏସ ଓପନରେ ଏହାଥିଲା ତାଙ୍କର ୧୦୨ତମ ବିଜୟ। ଏଥିସହ ପେସାଦାର ଯୁଗରେ ସେ ସର୍ବାଧିକ ମ୍ୟାଚ ବିଜୟରେ କ୍ରିସ୍ ଏଭର୍ଟଙ୍କ ରେକର୍ଡ ଭଙ୍ଗ କରିଛନ୍ତି। ଅନ୍ୟପକ୍ଷରେ ୪୦ ବର୍ଷୀୟା ଭେନସ ନିଜର ୨୨ଥର ପଦାର୍ପଣରେ ପ୍ରଥମଥର ପାଇଁ ପ୍ରଥମ ରାଉଣ୍ଡରେ କାରୋଲିନା ମୁଚୋଭାଙ୍କଠାରୁ ୩-୬, ୫-୭ ସେଟ୍‌ରେ ହାରି ଯାଇଛନ୍ତି। ଗତ ୫ଟି ଗ୍ରାଣ୍ଡସ୍ଲାମରୁ ୪ର୍ଥ ଥରପାଇଁ ଭେନସ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ସେହିପରି ଦୀର୍ଘ ୮ ବର୍ଷ ପରେ ଟେନିସ କୋର୍ଟକୁ ପ୍ରତ୍ୟାବର୍ତ୍ତନ କରିଥିବା କିମ୍ କ୍ଲାଇଷ୍ଟର୍ସ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ସେ ଏକ୍‌ଟେରିନା ଆଲେକ୍ସାଣ୍ଡ୍ରୋଭାଙ୍କଠାରୁ ୬-୩, ୫-୭, ୧-୬ ସେଟ୍‌ରେ ପରାଜିତ ହୋଇଛନ୍ତି। ପୂର୍ବତନ ଚାମ୍ପିୟନ ଆମେରିକାର ସ୍ଲୋଆନେ ଷ୍ଟିଫେନ୍ସ କିନ୍ତୁ ନିଜର ପ୍ରଥମ ରାଉଣ୍ଡ ମ୍ୟାଚରେ ରୋମାନିଆର ମିହାଲା ବୁଜାର୍ନେସ୍କୁଙ୍କୁ ୬-୩, ୬-୩ ସେଟ୍‌ରେ ହରାଇ ଆଗକୁ ବଢ଼ିଛନ୍ତି। ୨୦୧୭ରେ ସ୍ଲୋଆନେ ଏଠାରେ ଟାଇଟଲ ହାସଲ କରିଥିଲେ।



ସେରେନା ୱିଲିୟମ୍ସ

### ମୁରେଙ୍କ କଷ୍ଟସାଧ ବିଜୟ

ବ୍ରିଟେନର ଆଣ୍ଡି ମୁରେ କଷ୍ଟସାଧ ବିଜୟ ସହ ୟୁଏସ ଓପନ ଗ୍ରାଣ୍ଡସ୍ଲାମ ପୁରୁଷ ସିଙ୍ଗଲ୍ସ ପ୍ରଥମ ରାଉଣ୍ଡ ଅତିକ୍ରମ କରିଛନ୍ତି। ପାଖାପାଖି ୨୦ ମାସପରେ ପ୍ରଥମ ଗ୍ରାଣ୍ଡସ୍ଲାମ ଖେଳୁଥିବା ମୁରେ ପ୍ରଥମ ୨ ସେଟ୍‌ରେ ପରାଜିତ ହୋଇଥିଲେ ହେଁ ଲଢୁଆ ପ୍ରତ୍ୟାବର୍ତ୍ତନ କରି ମ୍ୟାଚ ଜିତିଥିଲେ। ଆର୍ଥର ଆଶ୍ ଷ୍ଟାଡିୟମରେ ୪ ଘଣ୍ଟା ୩୯ ମିନିଟଧରି ଚାଲିଥିବା ମ୍ୟାଚରେ ଜାପାନର ୟୋଶିହିତୋ ନିଶିଓକାଙ୍କଠାରୁ କଡ଼ା ଚ୍ୟାଲେଞ୍ଜ ପାଇବାପରେ ସେ ୪-୬, ୪-୬, ୭-୬(୫), ୭-୬(୪), ୬-୪ ସେଟ୍‌ରେ ବିଜୟ ହାସଲ କରିଥିଲେ। ମ୍ୟାଚ ପରେ ମୁରେ ଆଇସ୍ ବାଥ୍ କରିଥିଲେ। ଗତବର୍ଷ ଏହି ପ୍ରତିଯୋଗିତାରେ ନିଜର ପ୍ରଥମ ଗ୍ରାଣ୍ଡସ୍ଲାମ ଫାଇନାଲରେ ପ୍ରବେଶ କରିଥିବା ଡାନିଲ ମେଡଭେଡେଭ ଏଥର ପ୍ରଥମ ରାଉଣ୍ଡରେ ଫେଡରିକୋ ଡେଲବୋନିସଙ୍କୁ ୬-୧, ୬-୨, ୬-୪ ସେଟ୍‌ରେ ହରାଇ ଅଭିଯାନ ଆରମ୍ଭ କରିଛନ୍ତି।

# ପ୍ରତ୍ୟାବର୍ତ୍ତନ ଆଶାରେ ରାଇନା

**ନୂଆଦିଲ୍ଲୀ,୨।୯(ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରୁ ଓହରିବା ପରେ ଭାରତୀୟ ପୂର୍ବତନ କ୍ରିକେଟର ସୁରେଶ ରାଇନା ମୁହଁ ଖୋଲିଛନ୍ତି। ନିଜ ପରିବାର ପାଇଁ ଭାରତ ପ୍ରତ୍ୟାବର୍ତ୍ତନ କରିଥିଲି। ତେବେ ପୁଣି ଥରେ ଦୁବାଇ ଯାଇ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଦଳରେ ଯୋଗ ଦେଇ ପାରେ ବୋଲି ସେ କହିଛନ୍ତି। ଆଇପିଏଲ୍ ଆସନ୍ତା ୧୯ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ଅଗଷ୍ଟ ୧୫ ତାରିଖରେ ରାଇନା ତାଙ୍କ ପ୍ରିୟ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କ ପଦାନୁସରଣ କରି ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଥିଲେ। ଦୀର୍ଘଦିନର ଫ୍ରାଞ୍ଚାଇଜ୍ ସହିତ ତାଙ୍କର ମତପାର୍ଥକ୍ୟ ହୋଇଥିବା ନେଇ ଆଲୋଚନାକୁ ସେ ଖଣ୍ଡନ କରିଛନ୍ତି। ଚେନ୍ନାଇ ସୁପର କିଙ୍ଗ୍ସ ଦଳରେ ୧୩ଟି କୋଭିଡ୍-୧୯ କେସ୍ ଦେଖିବାକୁ ମିଳିଛି। ଏଥିରେ ଦୁଇ ଖେଳାଳି ସାମିଲ ରହିଛନ୍ତି। ଏହି କାରଣରୁ ରାଇନା ଆଇପିଏଲ୍‌ରୁ ଓହରିଯିବାକୁ ନିଷ୍ପତ୍ତି ନେଇଥିଲେ ବୋଲି ଆଲୋଚନା ହେଉଛି।

**ଆଇପିଏଲ୍ ୨୦୨୦**

ଓହରିବା ନିଷ୍ପତ୍ତି ସମ୍ପୂର୍ଣ୍ଣ ଭାବେ ବ୍ୟକ୍ତିଗତ ଥିଲା। ପରିବାର ପାଇଁ ମୋତେ ଫେରିବାକୁ ପଡିଥିଲା। ସିଏସ୍‌କେ ମଧ ମୋ ପାଇଁ ଏକ ପରିବାର ଭଳି। ସେହିପରି ମାହି ଭାଇ (ମହେନ୍ଦ୍ର ସିଂ ଧୋନୀ) ମୋ ପାଇଁ ବେଶ୍ ଗୁରୁତ୍ୱ ବହନ କରନ୍ତି। ସିଏସ୍‌କେ ଓ ମୋ ମଧ୍ୟରେ କୌଣସି ମତପାର୍ଥକ୍ୟ ନାହିଁ। ବିନା କାରଣରେ ଏ ଭଳି ସ୍ଥିତିରେ ଓହରିବାକୁ ନିଷ୍ପତ୍ତି ନେଇନାହିଁ। ଆହୁରି ୪-୫ ବର୍ଷ ଆଇପିଏଲ୍ ଖେଳିପାରିବି। ଦୁବାଇରେ ସିଏସ୍‌କେ ଦଳ ସହ ଯୋଗ ଦେବି ବୋଲି ରାଇନା ସୂଚନା ଦେଇଛନ୍ତି। କ୍ୱାରାଣ୍ଟାଇନ୍‌ରେ ମଧ ଅଭ୍ୟାସ କରୁଥିଲି। ତେଣୁ ପୁଣି ଥରେ ସିଏସ୍‌କେ ଶିବିରରେ ଯୋଗ ଦେଇପାରେ ବୋଲି ରାଇନା କହିଛନ୍ତି।



ସୁରେଶ ରାଇନା

# 'ଟିମ୍ ମ୍ୟାନେଜମେଣ୍ଟ ନିଷ୍ପତ୍ତି ନେବ'

**ନୂଆଦିଲ୍ଲୀ, ୨।୯(ପି.ଟି.):** ସୁରେଶ ରାଇନା ମୋ ପୁଅ ଭଳି। ତେବେ ମୁଁ ତାଙ୍କ ମାଲିକ ନୁହେଁ। ଏକଥା କହିଛନ୍ତି ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ମାଲିକ ଏନ୍ ଶ୍ରୀନିବାସନ। ରାଇନା ହଠାତ୍ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରୁ ଓହରିବା ପରେ ତାଙ୍କ ପ୍ରତ୍ୟାବର୍ତ୍ତନ ନେଇ ଚର୍ଚ୍ଚା ହେଉଛି। ଏ ନେଇ ଶ୍ରୀନିବାସନ ନିଜର ମତ ରଖିଛନ୍ତି। ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କ ଅଧକ୍ଷତାରେ ଟିମ୍ ମ୍ୟାନେଜମେଣ୍ଟ ରାଇନାଙ୍କ ପ୍ରତ୍ୟାବର୍ତ୍ତନ ନେଇ ନିଷ୍ପତ୍ତି ନେବ ବୋଲି ଶ୍ରୀନିବାସନ ସ୍ପଷ୍ଟ କରିଛନ୍ତି।

ଗତ ସପ୍ତାହରେ ଦୀପକ ଜହରଙ୍କ ସମେତ ସିଏସ୍‌କେ ଦଳରେ ୧୩ଟି କୋଭିଡ୍-୧୯ କେସ୍ ଦେଖିବାକୁ ମିଳିଥିଲା। ତେବେ ଜୈବ ସୁରକ୍ଷିତ ପରିବେଶ ବା ବାୟୋ ବବଲର ଉଲ୍ଲଂଘନ ନେଇ ବିବାଦ ସୃଷ୍ଟି ହୋଇଥିଲା। ଖେଳାଳିମାନେ ଏହାକୁ ଖଣ୍ଡନ କରିଥିଲେ। ରାଇନା ଓହରିଯିବା ପରେ ପୂର୍ବତନ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସଭାପତି ଶ୍ରୀନିବାସନ ଅସନ୍ତୋଷ ଜାହିର କରିଥିଲେ। ତେବେ ପରେ ସେ ନରମ ସ୍ୱଭାବ ପ୍ରଦର୍ଶନ କରିଥିଲେ।

ରାଇନାଙ୍କୁ ପୁଅ ଭଳି ଦେଖେ। କ୍ରିକେଟ ମାମଲାରେ ଫ୍ରାଞ୍ଚାଇଜ୍ କେବେ ମୁଣ୍ଡ ପୂରାଏନି। ୬୦ ଦଶକରୁ ଇଣ୍ଡିଆ ସିମେଣ୍ଟ କ୍ରିକେଟ ପରିଚାଳନା କରୁଛି। ଏହି ଆଭିମୁଖ୍ୟକୁ ଆମେ ଆଗକୁ ମଧ ବଜାୟ ରଖିବୁ। ତେବେ ରାଇନାଙ୍କ ପ୍ରତ୍ୟାବର୍ତ୍ତନ ସମ୍ପର୍କରେ ମୋର କିଛି କରିବାର ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଏ ନେଇ ନିଷ୍ପତ୍ତି ନେବାର ଅଧିକାର ମଧ ମୋର ନାହିଁ। ଆମେ ଟିମ୍ ତଥା ଫ୍ରାଞ୍ଚାଇଜ୍‌ର ମାଲିକ। କିନ୍ତୁ ଖେଳାଳିଙ୍କର ନୁହେଁ। ରାଇନାଙ୍କ ସମେତ କୌଣସି ଖେଳାଳିଙ୍କର ମାଲିକ ମୁଁ ନୁହେଁ। ଏ ସମ୍ପର୍କରେ ଟିମ୍ ମ୍ୟାନେଜମେଣ୍ଟ ନିଷ୍ପତ୍ତି ନେବ। ଅଧିନାୟକ ଧୋନୀ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ କେ.ଏସ୍. ବିଶ୍ୱନାଥଙ୍କ ଉପରେ ସବୁ କିଛି ନିର୍ଭର କରେ। ମୁଁ କ୍ରିକେଟ ଅଧିନାୟକ ନୁହେଁ। ଦଳରେ କିଏ ଖେଳିବ ଓ ନ ଖେଳିବ ସେ ନେଇ କେବେ ନିଜର ମତ ଦେଇନାହିଁ। କ୍ରିକେଟ ବ୍ୟାପାରରେ ମୁଣ୍ଡ କେବେ ଖେଳାଇନାହିଁ ବୋଲି ସେ କହିଛନ୍ତି।



ଏନ୍ ଶ୍ରୀନିବାସନ



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ